୬୦ତମ ବର୍ଷ 	୨୧ ଫେବ୍ରୁଆରୀ ୨୦୧୭ 	ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ 	ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୭]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| କର୍ମଯୋଗ | ... | ଶ୍ରୀଅରବିନ୍ଦ | ... | ୯ |
| ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ | ... | ଶ୍ରୀମା | ... | ୧୦ |
| ଦିବ୍ୟକର୍ମୀର ପଞ୍ଚମ ଲକ୍ଷଣ | ... | ଶ୍ରୀଅରବିନ୍ଦ | ... | ୧୨ |
| କର୍ମର ଆନନ୍ଦ | ... | ଶ୍ରୀଅରବିନ୍ଦ | ... | ୧୪ |
| ବିଗତ ଜନ୍ମସବୁର ସ୍ମୃତି | ... | ଶ୍ରୀମା | ... | ୧୭ |
| ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ | ... | ଶ୍ରୀମା | ... | ୨୧ |
| ମା'ଙ୍କର ଏକ ବାର୍ତ୍ତା | ... | ... | ... | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୫ |
| ଦେବଜନ୍ମ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୮ |
| ସୂର୍ଯ୍ୟ ସବିତା – ସ୍ରଷ୍ଟା ଓ ପୋଷକ (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧) | ... | ଶ୍ରୀଅରବିନ୍ଦ | ... | ୩୧ |
| ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୩୫ |
| ଅଜ୍ଞାନ ଏବଂ ଅହଂ-ଉତ୍ସାରିତ ବିଡ଼ମ୍ବନା | ... | ଶ୍ରୀ ମନୋଜ ଦାସ | ... | ୩୮ |
| ଚେତନାର ବିକାଶ ଓ ବୃଦ୍ଧିହିଁ ସମାଧାନର ଏକମାତ୍ର ପନ୍ଥା | ... | ଶ୍ରୀ ପ୍ରପତ୍ତି | ... | ୪୨ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର | ... | ... | ... | ୪୪ |
| ମାନବସମାଜର ବିଭିନ୍ନ ଧର୍ମ ଖ୍ରୀଷ୍ଟଧର୍ମ (୧) | ... | ଶ୍ରୀପତି ଦାସ | ... | ୪୭ |
| 'ତୁମେ ସାହାଯ୍ୟ କରିବ କି ?' | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୫୦ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ (୨) | ... | ... | ... | ୫୨ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ବାରଟି ଇନ୍ଦ୍ରିୟ | ... | ଶ୍ରୀମା | ... | ୫୬ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| କାମଟିରେ ପୂରା ମନଦେବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୯ |


❖

Find the Guide secret within you or housed in an earthly body, hearken to his voice and follow always the way that he points. At the end is the Light that fails not, the Truth that deceives not, the Power that neither strays nor stumbles, the wide freedom, the ineffable Beatitude.

*Essays Divine and Human*, P. 353 – Sri Aurobindo

ଦିବ୍ୟଗୁରୁଙ୍କୁ ଖୋଜି ନିଅ, ସେ ରହିଛନ୍ତି ତୁମ ଭିତରେ ଗୋପନରେ ବା ଏକ ପାର୍ଥିବ ଶରୀରର ଆଧାର ନେଇ; ତାଙ୍କର ସ୍ୱର ଶୁଣ ଏବଂ ସର୍ବଦା ସେ ନିର୍ଦ୍ଦେଶ କରୁଥିବା ପଥର ଅନୁସରଣ କର । ଶେଷରେ ରହିଛି ସେହି ଦିବ୍ୟ-ଆଲୋକ ଯାହା କେବେହେଲେ ହତାଶ କରେ ନାହିଁ, ସେହି ଦିବ୍ୟସତ୍ୟ ଯାହା କେବେହେଲେ ପ୍ରବଞ୍ଚିତ କରେ ନାହିଁ, ସେହି ଦିବ୍ୟଶକ୍ତି ଯାହା କେବେହେଲେ ଭୁଲ୍ ବାଟରେ ଯାଏ ନାହିଁ ବା ଝୁଣ୍ଟି ପଡ଼େ ନାହିଁ, ରହିଛି ସେହି ବିପୁଳ ମୁକ୍ତି ଓ ଅନିର୍ବଚନୀୟ ଦିବ୍ୟ-ସୌନ୍ଦର୍ଯ୍ୟ ।

– ଶ୍ରୀଅରବିନ୍ଦ



Here, for each work given, the full strength and Grace are always given at the same time to do the work as it has to be done. If you do not feel the strength and the Grace it proves that there is some mistake in your attitude. The faith is lacking or you have fallen back on old tracks and old creeds and thus you lose all receptivity.

1 October 1952

(MCW, Vol. 17, P. 207) – The Mother

ଏଠାରେ, ପ୍ରତ୍ୟେକ କାର୍ଯ୍ୟ ଦିଆଗଲା ବେଳେ, କାର୍ଯ୍ୟଟିକୁ ସମୁଚିତ ଭାବରେ କରିବା ନିମନ୍ତେ ଯୁଗପତ୍ ଭାବରେ ଆବଶ୍ୟକ ପୂର୍ଣ୍ଣ ଶକ୍ତି ତଥା କରୁଣା ମଧ୍ୟ ପ୍ରଦତ୍ତ ହୋଇଥାଏ । ଯଦି ତୁମେ ସେହି ଶକ୍ତି ଏବଂ କରୁଣାକୁ ଅନୁଭବ କରି ପାରୁ ନାହଁ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ତୁମର ଦୃଷ୍ଟିକୋଣରେ କିଛି ଭୁଲ୍ ରହିଯାଇଛି । ହୁଏତ ବିଶ୍ୱାସର ଅଭାବ ରହିଛି ଅଥବା ତୁମେ ପୁନର୍ବାର ସେହି ପୂର୍ବ ପଥ ତଥା ପୂର୍ବ ବିଶ୍ୱାସଗୁଡ଼ିକ ଉପରେ ଯାଇ ନିପତିତ ହୋଇଛ ଏବଂ ତେଣୁ ସମସ୍ତ ଗ୍ରହଣଶୀଳତାକୁ ହରାଇ ବସିଛ ।

*୧ ଅକ୍ଟୋବର ୧୯୫୨* – ଶ୍ରୀମା



# କର୍ମଯୋଗ

## ଶ୍ରୀଅରବିନ୍ଦ

ଆମ ଭିତରେ ଥିବା ଭଗବାନଙ୍କ ସହ, ଆମ ଚତୁଃପାର୍ଶ୍ୱରେ ରହିଥିବା ବିଶ୍ୱମୟଙ୍କ ସହ ଓ ଆମର ଉର୍ଦ୍ଧ୍ୱରେ ରହିଥିବା ବିଶ୍ୱାତୀତଙ୍କ ସହ ଏକ ନିବିଡ଼ ଐକ୍ୟ ଓ ଗଭୀର ସଂଯୋଗ ସ୍ଥାପନ କରି କର୍ମ କରିବା ଏବଂ ପୃଥକତାର ଭାବ ଆଣି ଦେଉଥିବା ମାନୁଷୀ ମନର ବନ୍ଦିଗୃହରେ ଆଉ ଆବଦ୍ଧ ହୋଇ ନ ରହିବା ଏବଂ ସେହି ମନର ଅଜ୍ଞାନ ଆଦେଶ ଓ ସଂକୀର୍ଣ୍ଣ ପ୍ରସ୍ତାବନାସବୁର ଆଜ୍ଞାବହ କ୍ରୀତଦାସ ହୋଇ ନ ରହିବା – ଏହାହିଁ କର୍ମଯୋଗ ।

ଏକ ଭାଗବତ ଆଦେଶ, ଏକ ଶାଶ୍ୱତ ସଂକଳ୍ପ, ବିଶ୍ୱାତୀତ ପ୍ରେରଣାରେ ଦୀକ୍ଷିତ ଏକ ବିଶ୍ୱଗତ ପ୍ରବୃତ୍ତିର ଏକାନ୍ତ ଅନୁଗତ ହୋଇ କର୍ମ କରିବା, ନିଜର ଅହଂ, ଚାହିଦା, ଆବେଗ ଓ କାମନା ବାସନାର ଚାବୁକ ଆଘାତରେ ଇତସ୍ତତଃ ଧାବିତ ନ ହେବା, ମାନସିକ, ପ୍ରାଣିକ ଓ ଦୈହିକ ନାନା ପସନ୍ଦ ଅପସନ୍ଦର ଅଙ୍କୁଶ ତାଡ଼ନାରେ ଶାସିତ ନ ହୋଇ କେବଳ ଭଗବାନଙ୍କ ଦ୍ୱାରା ଓ କେବଳ ସର୍ବୋଚ୍ଚ ସତ୍ୟ ଦ୍ୱାରାହିଁ ଚାଳିତ ହେବା – ଏହାହିଁ କର୍ମଯୋଗ ।

ମାନୁଷୀ ଅଜ୍ଞାନତା ଭିତରେ ଆଉ ନୁହେଁ, ଭଗବତ୍ ଦିବ୍ୟଜ୍ଞାନ ଭିତରେହିଁ ବାସ କରିବା ଓ କର୍ମ କରିବା, ବ୍ୟକ୍ତି-ପ୍ରକୃତି ଓ ବିଶ୍ୱ ଶକ୍ତି ସଂପର୍କରେ ଜ୍ଞାନଲାଭ ପୂର୍ବକ ସଚେତ ରହି ବିଶ୍ୱାତୀତଙ୍କ ଶାସନ ଓ ଚାଳନା ପ୍ରତି ଗ୍ରହଣଶୀଳ ଓ ଉତ୍ତରକ୍ଷମ ହେବା – ଏହାହିଁ କର୍ମଯୋଗ ।

ଏକ ଦିବ୍ୟ, ଅନନ୍ତ ଓ ଜ୍ୟୋତିର୍ମୟ ବିଶ୍ୱଚେତନାରେ ବାସ କରିବା ଓ କର୍ମ କରିବା ଏବଂ ଯାହା ବିଶ୍ୱଗତ ସତ୍ୟଠାରୁ ଆହୁରି ଅଧିକ, ସେଥିପ୍ରତି ନିଜକୁ ଖୋଲି ଦେବା ଏବଂ ପୁରୁଣା ସଂକୀର୍ଣ୍ଣତା ଓ ଅନ୍ଧକାର ମଧ୍ୟରେ ଆଉ ଅଣ୍ଡାଳି ହୋଇ ଝୁଣ୍ଟି ନ ପଡ଼ିବା – ଏହାହିଁ କର୍ମଯୋଗ ।

ତିଷ୍ଠି ରହିଥିବା କ୍ଷୁଦ୍ର ସଂକୀର୍ଣ୍ଣତାକୁ ଦେଖି ଯେ ବିଚଳିତ ଓ କ୍ଳାନ୍ତ ହୋଇପଡ଼ନ୍ତି, ଭବିଷ୍ୟତର ବିପୁଳ ସମ୍ଭାବନା ଦେଖି ଯେ ମୁଗ୍ଧ-ଚକିତ ହୋଇ ଉଠନ୍ତି, ଯେ ମୁହୂର୍ତ୍ତକ ପାଇଁ ମଧ୍ୟ ନିଜ ଭିତରେ ବା ଚତୁଃପାର୍ଶ୍ୱରେ ବା ଉର୍ଦ୍ଧ୍ୱରେ ବିରାଜମାନ ଦିବ୍ୟପରମଙ୍କ ଦର୍ଶନ ଲାଭ କରିଛନ୍ତି, ସେ ଏହି ଆହ୍ୱାନ ଶୁଣନ୍ତୁ, ସେ ଏହି ପଥର ଅନୁସରଣ କରନ୍ତୁ । ଏହି ପଥ ନିଶ୍ଚୟ ଦୁର୍ଗମ, ଆୟାସସାଧ୍ୟ ଓ ଶ୍ରମସାପେକ୍ଷ, ଦୁରୂହ ଓ ଦୀର୍ଘ, କିନ୍ତୁ ଏହାର ପୁରସ୍କାର ହେଉଛି ଏକ ଅକଳ୍ପନୀୟ ଗୌରବରେ, ଏକ ଅତଳ ଆନନ୍ଦ, ପରମ ତୃପ୍ତି ଓ ଅନ୍ତହୀନ ବ୍ୟାପ୍ତିରେ ବାସ କରିବା ।

ସନ୍ଧାନ କର ତୁମ ନିଜ ଭିତରେ ଗୋପନ ହୋଇ ରହିଥିବା ବା ଏକ ପାର୍ଥିବ ଶରୀର ଗ୍ରହଣ କରିଥିବା ସେହି ଦିବ୍ୟଗୁରୁ ଓ ପଥପ୍ରଦର୍ଶକଙ୍କର, ତାଙ୍କର କଣ୍ଠ-ନିଃସୃତ ବାଣୀ ଶ୍ରବଣ କର, ଏବଂ ନିତ୍ୟ-ନିରନ୍ତର ସେ ନିର୍ଦ୍ଦେଶ କରୁଥିବା ପଥର ଅନୁସରଣ କର । ପଥ ଶେଷରେ ରହିଛି ସେହି ଦିବ୍ୟ-ଆଲୋକ ଯାହା କେବେ ବି ବ୍ୟର୍ଥ ହୁଏ ନାହିଁ, ସେହି ଦିବ୍ୟ-ସତ୍ୟ ଯାହା କେବେ ବି ବଞ୍ଚନା କରେ ନାହିଁ, ସେହି ଦିବ୍ୟ-ଶକ୍ତି ଯାହା କେବେ ବି ଇତସ୍ତତଃ ହୁଏ ନାହିଁ ବା ଝୁଣ୍ଟି ପଡ଼େ ନାହିଁ, ପଥ ଶେଷରେ ରହିଛି ମୁକ୍ତିର ସେହି ବିପୁଳ ପ୍ରସାର ଓ ଅନିର୍ବଚନୀୟ ଅପରୂପ ପରମ ସୌନ୍ଦର୍ଯ୍ୟ, ପରମ ଆନନ୍ଦ ।

ଉର୍ଦ୍ଧ୍ୱରେ ରହିଥିବା ଦିବ୍ୟ-ଆଲୋକସବୁ ଅତୀବ ମହାନ୍ ଓ ବିସ୍ମୟକର କିନ୍ତୁ ତୁମ ଭିତରେ ରହିଥିବା ଦିବ୍ୟ-ଆଲୋକଗୁଡ଼ିକ ଆହୁରି ଅଧିକ ମହାନ୍ ଏବଂ ଆହୁରି ଅଧିକ ବିସ୍ମୟକର । ଦିବ୍ୟକର୍ମୀ ପାଇଁ ଏହି ନନ୍ଦନକାନନହିଁ ଅପେକ୍ଷା କରି ରହିଛି । (Bulletin, April. 2007, p. 38) ✤

# ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ

## ଶ୍ରୀମା

*ପ୍ରଶ୍ନ : ମା' ଅନେକ ସମୟରେ ଆନ୍ତର ଚେତନାର ପ୍ରଚେଷ୍ଟାସବୁ ବାହ୍ୟ କର୍ମ ଭିତରେ ନଷ୍ଟ ଓ ଇତସ୍ତତଃ ବିକ୍ଷିପ୍ତ ହୋଇପଡ଼େ ।*

ଶ୍ରୀମା : ବାହ୍ୟ କର୍ମରେ ସକ୍ରିୟ ଭାଗ ନେଲାବେଳେ ଭିତରର ଏକାଗ୍ରତାକୁ କିପରି ରକ୍ଷାକରିବ ?... ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ପ୍ରକୃତରେ ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ମୋ ପାଇଁ ଯାହା କଷ୍ଟକର ମନେହୁଏ ତା' ହେଉଛି ଏହି ଆନ୍ତର ଚେତନାର ଗଭୀର ଏକାଗ୍ରତାକୁ ରଖି ନ ପାରିବା, ଏହାଠାରୁ ନିଜକୁ ପୃଥକ୍ କରି ନେଇପାରିବା, ଏହା ବରଂ ମୋତେ ଅସମ୍ଭବ କିଛି ବୋଲି ମନେହୁଏ । ତୁମେ ନିଜ ଭିତରେ ଯେତେବେଳେ ଏହି ଜିନିଷଟିକୁ ଧରିନେଇ ପାରିଛ, ନିଜକୁ ତା'ଠାରୁ ପୃଥକ୍ କରି ନେଇପାରିବ କିପରି ? ତୁମର ଯଦି ଥରେ ଏହି ଅନୁଭୂତି ହୋଇଥିବ, ତୁମ ପାଇଁ ଏହା ଯଦି ଏକ ବାସ୍ତବ ସତ୍ୟ ହୋଇଥିବ; ଏହି ଚେତନା, ଚୈତ୍ୟସତ୍ତା ସଙ୍ଗେ ଏହି ଆନ୍ତର ମିଳନ, ଏହି ଚେତନା ଓ ଅଭୀପ୍ସାର ଏହି ନିବିଡ଼ତା, ନିରନ୍ତର ଦେଦୀପ୍ୟମାନ ଏହି ଜ୍ୟୋତିଃଶିଖାର ଅନୁଭୂତି ଯଦି ପାଇଥିବ ତେବେ ତୁମେ ଯେକୌଣସି କାମ କରନା କାହିଁକି, ଏହା କେବେହେଲେ ନିର୍ବାପିତ ହେବ ନାହିଁ, ଏହା ସବୁବେଳେ ସେହିପରି ଦେଦୀପ୍ୟମାନ ହୋଇ ରହିଥିବ ।

ମୋର ମନେହୁଏ ଥରେ ଏହାର ଅନୁଭୂତି ପାଇଲେ ଏହାଠାରୁ ନିଜକୁ ଅଲଗା କରିବା ପାଇଁ ତୁମକୁ ଏକ ଦ୍ୱାର ବନ୍ଦ କରିବାକୁ ପଡ଼ିବ, ଏହା ଉପରେ ଇଚ୍ଛାକୃତ ଭାବରେ ତୁମର ଚେତନାର ଦରଜାକୁ ବନ୍ଦକରିଦେଇ କହିବାକୁ ପଡ଼ିବ, ''ଏ ସମ୍ପର୍କରେ ମୋର ଆଉ କୌଣସି ଆଗ୍ରହ ନାହିଁ ।'' କିନ୍ତୁ ଯଦି ପ୍ରକୃତରେ ଏହା ସହିତ ସଂଯୋଗ ରଖି ଚାଲିବା ପାଇଁ ତୁମର ସଂକଳ୍ପ ରହିଥାଏ ତେବେ ମୁଁ ମନେକରୁ ନାହିଁ ଏହା ଅତ୍ୟନ୍ତ କଷ୍ଟକର କିଛି । ମୋତେ ଲାଗେ ବରଂ ଏହାକୁ ଦୂରେଇ ନେବାକୁ ହେଲେ ତୁମକୁ ଏହା ଆଡ଼କୁ ପୂରା ପଛକରି, ପିଠି ବୁଲାଇ ଚାଲି ଆସିବା ପାଇଁ ରୀତିମତ ସଂକଳ୍ପ କରିବାକୁ ହେବ; ତା' ନ ହେଲେ ଏହା ସବୁବେଳେ ରହିଛି, ସବୁକିଛିର ପଶ୍ଚାତରେ ନିରନ୍ତର ନିତ୍ୟ ବିରାଜମାନ ହୋଇ ରହିଛି । ବରଂ ଅନ୍ୟପକ୍ଷରେ ତୁମେ ଯଦି ଏପରି ଅଭ୍ୟାସ କରିଥାଅ ଯେ କୌଣସି କାମ କରିବାବେଳେ, କୌଣସି କଥା କହିବାବେଳେ, କୌଣସି ଗତିବୃତ୍ତି ଆରମ୍ଭ କରିବାବେଳେ ଯଦି ବରାବର ଏହି ଆନ୍ତର ଚେତନାକୁ ତୁମେ ଜଣାଉଥିବ ଏବଂ ତାହାର ଅନୁମୋଦନ ଓ ସମର୍ଥନ ବିନା କୌଣସି କାମ କରିବାକୁ ସକ୍ଷମ ହେବ ନାହିଁ, ତେବେ ଏହି ଚେତନା ବରାବର ପଛରେ ରହି ତୁମକୁ କହିଦେଉ ଥିବ ଯେ ''ହଁ, ଏହି ଭାବରେ କାମଟି କରିବା ଉଚିତ ସେ ଭାବରେ ନୁହେଁ, ଅମୁକ କାମଟି କରିବା ଉଚିତ ଅନ୍ୟଟି ନୁହେଁ ।'' ତା'ଠାରୁ ଏହିପରି ନିର୍ଦ୍ଦିଷ୍ଟ ସୂଚନା ନ ପାଇଲେ ତୁମେ ଯଦି କୌଣସି କାମ କରିବାକୁ ଅକ୍ଷମ ହେବାର ଅଭ୍ୟାସ କରିଥାଅ ତା'ହେଲେ ତୁମେ ଏହି ଚେତନାକୁ ଛାଡ଼ିଦେଇ କେବେହେଲେ ରହିପାରିବ ନାହିଁ, ଏହା ବିନା ତୁମର ଜୀବନଧାରଣ ମଧ୍ୟ କଷ୍ଟକର ହେବ ।

କେତେକ ଲୋକ, ଯେହେତୁ ଏହି ଚେତନା ସେମାନଙ୍କୁ ହଇରାଣ କରୁଛି ବୋଲି ଭାବନ୍ତି, ସେମାନଙ୍କର ନାନାବିଧ ପ୍ରବୃତ୍ତି ଉପରେ ଏହା ସଂଯମ ଆଣି ଦେଉଛି ବୋଲି ମନେକରନ୍ତି ଏବଂ ଏହା ହାତରୁ ଅବ୍ୟାହତି ପାଇ ନିଜ ଆଚରଣରେ ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନ ହେବାକୁ (ସେମାନେ ଯାହାକୁ କହନ୍ତି ସ୍ୱାଧୀନତା) ପସନ୍ଦ କରନ୍ତି, ସେମାନେ ଜାଣିଶୁଣି ଇଚ୍ଛାକୃତ ଭାବରେ ଏହାର ମୁଖ ବନ୍ଦ କରିଦେବା ପାଇଁ ଏହା ଉପରେ ଦରଜାର କବାଟ ସଜୋରେ ବନ୍ଦ କରି ଦିଅନ୍ତି । ତେଣୁ ଏହା ସ୍ୱାଭାବିକ ଯେ ଥରେ ଏହି ଚେତନାର ଦ୍ୱାର ବନ୍ଦ କରିଦେଲେ, ତାହା ବନ୍ଦ ହୋଇ ରୁହେ ଓ ତୁମେ ନିତାନ୍ତ ଦୁର୍ବଳ, ଉପରଠାଉରିଆ, ସଂକୀର୍ଣ୍ଣ, ଅଜ୍ଞ ଓ ନିର୍ବୋଧ ହୋଇପଡ଼ । ଏହିଭଳି ହୋଇ ରହିବା ପାଇଁ ସହ୍ୟ କରିବ କିପରି ? ମୋର ମନେହୁଏ, ଏପରି କ୍ଷେତ୍ରରେ ସଙ୍ଗେ ସଙ୍ଗେ ତୁମର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେବା ଉଚିତ ପାଦେ ପଛକୁ ଫେରିଯାଇ ତୁରନ୍ତ ସେହି ଦରଜାକୁ ଖୋଲିଦେବା ଏବଂ ପୁଣିଥରେ ସେହି ଆନ୍ତର ଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରି କହିବା, ''ନା, ନା, ମୁଁ ଏପରି ଅବସ୍ଥା ଚାହେଁ ନାହିଁ, ଅଜ୍ଞତାର ଏହି ଭୟଙ୍କର ଅବସ୍ଥା

ମୋ' ପାଇଁ ଅସହ୍ୟ''– କାରଣ ଅନ୍ତଶ୍ଚେତନାରୁ ବିଚ୍ଛିନ୍ନ ସେପରି ଅବସ୍ଥାରେ ତୁମେ ଏପରିକି ଜାଣିପାରିବ ନାହିଁ ତୁମର କ'ଣ କହିବା ଉଚିତ, କ'ଣ ନ କହିବା ଉଚିତ, କେଉଁଠାକୁ ଯିବା ଉଚିତ, କେଉଁଠାକୁ ନ ଯିବା ଉଚିତ, କୌଣସି କିଛି ସଂପର୍କରେ ତୁମର କୌଣସି ଉଚିତ ଅନୁଚିତ ଜ୍ଞାନ ରହେ ନାହିଁ, ତୁମେ ରହିଥାଅ ଏକ ଅଜ୍ଞ ଖାପଛଡ଼ା ଅବସ୍ଥାରେ । ଏହା ଏକ ଭୟଙ୍କର ଅବସ୍ଥା । କିନ୍ତୁ ଯେତେବେଳେ ଦରଜାଟି ଖୋଲିଯାଏ ସେତେବେଳେ ତୁମେ ତୁମ ପଛରେ ସେହି ଚେତନାର ଉପସ୍ଥିତି ଅନୁଭବ କର । ସେତେବେଳେ ପ୍ରତିଟି ମୁହୂର୍ତ୍ତ ଆରାମପ୍ରଦ ଓ ତୃପ୍ତିକର ହୁଏ, ମନେହୁଏ ସତେଯେପରି ତୁମର ପୃଷ୍ଠ ଭରା ଦେଇଛି ଏକ ବିପୁଳ ଆଲୋକ, ଏକ ବିପୁଳ ଚେତନା ଉପରେ । ଲାଗେ, ''ଆଃ ବର୍ତ୍ତମାନ ଆମେ ଠିକ୍ ଜାଗାରେ ଅଛୁ, ଆମେ ନିଶ୍ଚିତ ଭାବରେ ଜାଣିପାରୁଛୁ ଅମୁକ କାମଟି କରିବା ଉଚିତ, ଅମୁକ କଥାଟି କହିବା ଉଚିତ, ଅମୁକ ଗତିବୃତ୍ତିଟି ଆରମ୍ଭ କରିବା ଉଚିତ... ... ଇତ୍ୟାଦି ।'' ସେତେବେଳେ ତୁମେ ଆରାମ ଓ ତୃପ୍ତି ଅନୁଭବ କର , ଶାନ୍ତ ହୋଇଯାଅ, ଆଉ କୌଣସି ବେଦନା, ସମସ୍ୟା ଓ ଅସ୍ଥିର ଉଦ୍‌ବେଗ ନ ଥାଏ । ଯାହା କରିବାକୁ ଚାହଁ ତାହା ସମ୍ପନ୍ନ କର, ଲୋକମାନେ ତାହା ଠିକ୍ ଭାବରେ ଗ୍ରହଣ କଲେ କି ନାହିଁ ସେଇଟା ତାଙ୍କର ସମସ୍ୟା, କିନ୍ତୁ ତୁମ ନିଜ ପାଇଁ ତାହା ବେଶ୍ ଏକ ତୃପ୍ତିକର, ଆରାମପ୍ରଦ ଅବସ୍ଥା ।

ଏବଂ ଏକଥା ମନେରଖ ଯେ ମୁଁ ତୁମକୁ ଏସବୁ କଥା କହୁଛି କାରଣ ତୁମର ସେହି ଦରଜାର ଦ୍ୱାର ଖୋଲିଦେବା ପାଇଁ ମୁଁ ସବୁଠୁ ବେଶୀ ଯତ୍ନ ନେଉଛି, ତୁମ ସମସ୍ତଙ୍କ ଭିତରେ ଏହା ଖୋଲିଦେବା ପାଇଁ ମୋର ଗଭୀର ପ୍ରଯତ୍ନ ରହିଛି, ତୁମ ତରଫରୁ କେବଳ ଏଥିପାଇଁ ଟିକେ ସହଯୋଗ ଲୋଡ଼ା, ତୁମ ନିଜ ଭିତରେ ଏଥିପାଇଁ ସାମାନ୍ୟ ଟିକେ ଏକାଗ୍ର ହେବା ବାଞ୍ଛନୀୟ । ତା'ହେଲେ ତୁମକୁ ଆଉ ସେହି ବନ୍ଦ ଦରଜାର ରୁଦ୍ଧ ଦ୍ୱାର ଆଗରେ ଦୀର୍ଘକାଳ ବିତାଇବାକୁ ପଡ଼ିବ ନାହିଁ, ଯେଉଁ ଦ୍ୱାର ଖୋଲୁ ନାହିଁ ଓ ଯାହାକୁ ଖୋଲିବାର ଚାବି ତୁମ ପାଖରେ ନାହିଁ ଏବଂ ତାହା କିପରି ଖୋଲିବାକୁ ହୁଏ ତାହା ତୁମେ ଜାଣି ନାହଁ । ଅନେକ ସମୟରେ ସେହି ରୁଦ୍ଧ ଦ୍ୱାର ଆଗରେ ଅପେକ୍ଷା କରି ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ ବା ବର୍ଷ ବର୍ଷ ବିତିଯାଏ, ଏବଂ ତୁମେ ଜାଣ ନାହିଁ କ'ଣ କରିବାକୁ ହେବ ।

ତୁମମାନଙ୍କ ପାଇଁ ଅବସ୍ଥାଟା ସେପରି ନୁହେଁ ।

ଦ୍ୱାର ଖୋଲା ରହିଛି, କେବଳ ସେ ଦିଗରେ ତୁମର ଦୃଷ୍ଟି ଫେରାଇବାକୁ ପଡ଼ିବ । ଯେପରି ସେଥିପ୍ରତି ପୃଷ୍ଠ ପ୍ରଦର୍ଶନ ନକର ।

ବାସ୍, ସେତିକି !

(M.C.W. Vol. 7, pp. 68 - 69)

ଯଦି ତୁମେ ଦିବ୍ୟକର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା ।

(The Mother, Ch. V) — ଶ୍ରୀଅରବିନ୍ଦ

# ଦିବ୍ୟକର୍ମୀର ପଞ୍ଚମ ଲକ୍ଷଣ

## ଶ୍ରୀଅରବିନ୍ଦ

ଦିବ୍ୟକର୍ମୀର ଆଉ ଏକ (ପଞ୍ଚମ) ଲକ୍ଷଣ ଯାହାକି ଦିବ୍ୟଚେତନାର ଏକ ମୂଳ ଗୁଣ, ତା' ହେଉଛି ପୂର୍ଣ୍ଣ ଆନ୍ତର ପ୍ରଶାନ୍ତି ଓ ଆନନ୍ଦ ଯାହାର ଉତ୍ପତ୍ତି ଓ ସ୍ଥାୟିତ୍ୱ ପୃଥିବୀର ଅନ୍ୟ କୌଣସି ବିଷୟ ଉପରେ ନିର୍ଭର କରେ ନାହିଁ । ଏହି ଆନନ୍ଦ ଓ ପ୍ରଶାନ୍ତି ଦିବ୍ୟକର୍ମର ସହଜାତ ଆତ୍ମାର ଚୈତନ୍ୟର ମୂଳ ଉପାଦାନ, ଦିବ୍ୟସତ୍ତାର ଏହାହିଁ ପ୍ରକୃତ ସ୍ୱରୂପ । ସାଧାରଣ ଲୋକ ତା'ର ଆନନ୍ଦ ପାଇଁ ବାହ୍ୟ ବିଷୟ ଉପରେ ନିର୍ଭର କରେ, ତେଣୁ ତା'ର କାମନା ରହିଛି, ତେଣୁ ତା'ର କ୍ରୋଧ ଓ ଆବେଗ, ସୁଖ ଓ ଦୁଃଖ, ହର୍ଷ ଓ ଶୋକ ରହିଛି, ତେଣୁ ସେ ସମସ୍ତ ଜିନିଷକୁ ସୌଭାଗ୍ୟ ଓ ଦୁର୍ଭାଗ୍ୟର ମାନଦଣ୍ଡରେ ବିଚାର କରେ । କିନ୍ତୁ ଏଥି ଭିତରୁ କୌଣସିଟା ବି ଦିବ୍ୟ-ଆତ୍ମାକୁ ପ୍ରଭାବିତ କରେ ନାହିଁ, ଏହା କୌଣସି କିଛି ଉପରେ ନିର୍ଭର ନକରି ସର୍ବଦା ପରିତୃପ୍ତ ହୋଇ ରହିଥାଏ, ନିତ୍ୟତୃପ୍ତ ନିରାଶୟ, କାରଣ ଏହାର ଆନନ୍ଦ, ଏହାର ଦିବ୍ୟସ୍ୱସ୍ତି, ଏହାର ସୁଖ ଓ ପ୍ରସନ୍ନ ଜ୍ୟୋତିଃ ସବୁକିଛି ଅନ୍ତରରେ ନିତ୍ୟ ବିରାଜମାନ, ତାହାର ନିଜର ଅଙ୍ଗୀଭୂତ, 'ଆତ୍ମରତିଃ ଅନ୍ତଃ ସୁଖୋହନ୍ତରା ରାମସ୍ତଥାନ୍ତ ଜ୍ୟୋତିରେବ ଯଃ' । ସେ ବାହାର ବସ୍ତୁସବୁରେ ଯେଉଁ ଆନନ୍ଦ ପାଏ ତାହା ସେହି ବସ୍ତୁ ଯୋଗୁଁ ନୁହେଁ ବା ଏପରି କୌଣସି ଜିନିଷ ପାଇଁ ନୁହେଁ, ଯାହାକି ସେ ଏହିସବୁ ବସ୍ତୁରୁ ପାଇଛି ଅଥଚ ଯାହାକୁ ସେ ମଧ୍ୟ ହରାଇ ପାରିଥା'ନ୍ତା, ସେ ଆନନ୍ଦ ପାଏ ଏହି ବସ୍ତୁସବୁରେ ବିଦ୍ୟମାନ ଥିବା ଆତ୍ମା ଯୋଗୁଁ, ସେଗୁଡ଼ିକ ଭଗବାନଙ୍କୁ ପ୍ରକାଶ କରିଥିବା ଯୋଗୁଁ ଏବଂ ଏହିସବୁ ଜିନିଷ ଭିତରେ ଯାହା ନିତ୍ୟ ଓ ଯାହାକୁ କେବେ ବି ହରାଇ ହେବ ନାହିଁ ସେଇଥିରୁ ସେ ଆନନ୍ଦ ପାଏ । ଏସବୁର ବାହ୍ୟ ସ୍ପର୍ଶ ପ୍ରତି ତା'ର କୌଣସି ଆସକ୍ତି ନାହିଁ, ସେ ନିଜ ଭିତରୁ ଯେଉଁ ଆନନ୍ଦ ପାଏ ସେହି ଆନନ୍ଦହିଁ ସମସ୍ତ ବସ୍ତୁରୁ ପାଏ, କାରଣ ଏହାର ଆତ୍ମା ଓ ସେସବୁର ଆତ୍ମା ଏକ ଓ ଅଭିନ୍ନ, ସେ ସର୍ବଭୂତର ଆତ୍ମା ସହିତ ଏକାତ୍ମ ହୋଇଯାଇଛି, ବସ୍ତୁସବୁର ସମସ୍ତ ଭେଦ ମଧ୍ୟରେ ଯେଉଁ ଏକ ଓ ସମବ୍ରହ୍ମ ରହିଛି ସେ ତାହା ସହିତ ଯୁକ୍ତ ହୋଇଛି, ବ୍ରହ୍ମଯୋଗଯୁକ୍ତାତ୍ମା, ସର୍ବଭୂତାତ୍ମା-ଭୂତାତ୍ମା । ସେ ପ୍ରୀତିକର ବସ୍ତୁର ସ୍ପର୍ଶରେ ଆନନ୍ଦିତ ହୁଏ ନାହିଁ ବା ଅପ୍ରୀତିକର ବସ୍ତୁର ସ୍ପର୍ଶରେ ଦୁଃଖିତ ହୁଏ ନାହିଁ, କୌଣସି ବସ୍ତୁର ବେଦନା, କୌଣସି ବନ୍ଧୁର କ୍ଷତ ବା କୌଣସି ଶତ୍ରୁର ବ୍ୟଥା ତାହାର ବାହ୍ୟ ପ୍ରସାରିତ ଦୃଷ୍ଟି ବା ଗ୍ରହଣଶୀଳ ହୃଦୟର ସ୍ଥୈର୍ଯ୍ୟକୁ ନଷ୍ଟ କରେ ନାହିଁ । ଏହି ଆତ୍ମା ଉପନିଷଦ୍ ଭାଷାରେ ଅବ୍ରଣମ୍, କ୍ଷତଶୂନ୍ୟ ବା ବ୍ୟଥାଶୂନ୍ୟ । ସକଳ ବସ୍ତୁରେ ତା'ର ସେହି ଏକ ଅକ୍ଷୟ ଆନନ୍ଦ ବିଦ୍ୟମାନ, 'ସୁଖମ୍ ଅକ୍ଷୟମ୍ ଅଶ୍ନୁତେ' ।

ଏଇ ସମତା, ନୈର୍ବ୍ୟକ୍ତିକତା, ଶାନ୍ତି, ଆନନ୍ଦ ଓ ମୁକ୍ତି କର୍ମ କରିବା ଓ ନକରିବା ପରି ବାହ୍ୟ ଜିନିଷ ଉପରେ ନିର୍ଭର କରେ ନାହିଁ । ଗୀତା ବାରଂବାର ଆଭ୍ୟନ୍ତରୀଣ ଓ ବାହ୍ୟ ତ୍ୟାଗର ପ୍ରଭେଦ ଉପରେ ଜୋର୍ ଦେଇଛି, ଗୋଟିଏ ହେଉଛି ତ୍ୟାଗ ଓ ଅନ୍ୟଟି ସନ୍ନ୍ୟାସ । ଗୀତା ମତରେ ପ୍ରଥମଟି ବିନା ଦ୍ୱିତୀୟଟି ମୂଲ୍ୟହୀନ, ଏପରିକି ଆଭ୍ୟନ୍ତରୀଣ ତ୍ୟାଗ ବିନା ଯଥାର୍ଥ ସନ୍ନ୍ୟାସ ପ୍ରାୟ ଅସମ୍ଭବ ଏବଂ ଯେଉଁଠାରେ ଏହି ଆଭ୍ୟନ୍ତରୀଣ ମୁକ୍ତି ଅଛି ସେଠାରେ ଏହି ବାହ୍ୟ ସନ୍ନ୍ୟାସର କୌଣସି ପ୍ରୟୋଜନ ନାହିଁ । ପ୍ରକୃତରେ ତ୍ୟାଗହିଁ ଯଥାର୍ଥ ଓ ଯଥୋଚିତ ସନ୍ନ୍ୟାସ । ''ଯେ ଦ୍ୱେଷ କରନ୍ତି ନାହିଁ ବା ଆକାଂକ୍ଷା କରନ୍ତି ନାହିଁ, ତାହାକୁହିଁ ନିତ୍ୟ ସନ୍ନ୍ୟାସୀ ବୋଲି ଜାଣିବାକୁ ହେବ । ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ଏହି ବ୍ୟକ୍ତି ଅନାୟାସରେ ଓ ଆନନ୍ଦରେ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୁଅନ୍ତି ।'' (ଗୀତା, ୫।୩)

ବାହ୍ୟ ସନ୍ନ୍ୟାସର କଷ୍ଟଦାୟକ (ଦୁଃଖମାପ୍ତୁମ୍) ମାର୍ଗ ଅବଲମ୍ବନ କରିବା ସଂପୂର୍ଣ୍ଣ ନିଷ୍ପ୍ରୟୋଜନ । ସମସ୍ତ କର୍ମ ତଥା କର୍ମଫଳକୁ ଯେ ତ୍ୟାଗ କରିବାକୁ ହେବ ଏହା ନିଃସନ୍ଦେହ କିନ୍ତୁ ବାହ୍ୟ ନୁହେଁ, ଏହା ହେବ ଅନ୍ତର୍ତ୍ୟାଗ, ପ୍ରକୃତିର ତାମସିକତା ନିକଟରେ ନୁହେଁ, ଯଜ୍ଞର ଅଧୀଶ୍ୱରଙ୍କୁ ଏହା ଅର୍ପଣ କରିବାକୁ ହେବ; ନୈର୍ବ୍ୟକ୍ତିକ ପରମ, ଯାହାଙ୍କ ଭିତରୁ ସମସ୍ତ କର୍ମ ଉତ୍ସାରିତ ହେଉଥିଲେ ମଧ୍ୟ ଯାହାଙ୍କର ଶାନ୍ତି ଅବିଚଳିତ ଥାଏ । ତାଙ୍କର ବିରାଟ ଶାନ୍ତି ଓ ଆନନ୍ଦ ଭିତରକୁ ଏହାକୁ ଅର୍ପଣ କରିବାକୁ ହେବ । ସମସ୍ତ କର୍ମକୁ ବ୍ରହ୍ମଙ୍କ ନିକଟରେ ସମର୍ପଣ କରିବାହିଁ ପ୍ରକୃତ କର୍ମ-ସନ୍ନ୍ୟାସ । ''ଯେ ଆସକ୍ତି ପରିତ୍ୟାଗ କରି ସମସ୍ତ କର୍ମ ବ୍ରହ୍ମରେ ପ୍ରତିଷ୍ଠିତ କରି ବା ବ୍ରହ୍ମଙ୍କୁ ଭିତ୍ତି କରି

କରନ୍ତି 'ବ୍ରହ୍ମଣ୍ୟାଧାୟ କର୍ମାଣି', ଜଳରେ ପଦ୍ମପତ୍ର ପରି କୌଣସି ପାପ ତାଙ୍କୁ ସ୍ପର୍ଶ କରେ ନାହିଁ।'' (ଗୀତା, ୫।୧୦) ତେଣୁ ଯୋଗୀମାନେ ପ୍ରଥମେ ଶରୀର, ମନ ଓ ବୁଦ୍ଧି ଦ୍ୱାରା ଏପରିକି କେବଳ କର୍ମେନ୍ଦ୍ରିୟ ଦ୍ୱାରା ସମସ୍ତ ଆସକ୍ତି ପରିତ୍ୟାଗ କରି ଆତ୍ମଶୁଦ୍ଧି ପାଇଁ କର୍ମ କରନ୍ତି, ''ସଂଗଂତ୍ୟକ୍ତ୍ୱାତ୍ମଶୁଦ୍ଧୟେ।'' କର୍ମଫଳ ପ୍ରତି ଆସକ୍ତି ପରିତ୍ୟାଗ କରିବା ଦ୍ୱାରା ବ୍ରହ୍ମ ସହିତ ଯୁକ୍ତ ହୋଇ ବ୍ୟକ୍ତି ବ୍ରହ୍ମନିଷ୍ଠାର ପରମ ଶାନ୍ତି ଲାଭ କରନ୍ତି; କିନ୍ତୁ ଯେଉଁ ବ୍ୟକ୍ତି ଏହିପରି ବ୍ରହ୍ମଯୁକ୍ତ ନୁହନ୍ତି ସେ କର୍ମଫଳରେ ଆସକ୍ତ ହୋଇ ବାସନାଜଡ଼ିତ କର୍ମରେ ଆବଦ୍ଧ ହୁଅନ୍ତି। (ଗୀତା, ୫।୧୧।୧୨) ଏହି ପ୍ରତିଷ୍ଠା, ଶୁଦ୍ଧି ଓ ଶାନ୍ତି ଥରେ ଲାଭ କରିପାରିଲେ ଦେହୀ ଆତ୍ମା ତାହାର ପ୍ରକୃତିକୁ ସଂପୂର୍ଣ୍ଣରୂପେ ବଶୀଭୂତ କରି ଏବଂ ସମସ୍ତ କର୍ମକୁ ବାହ୍ୟ ଭାବରେ ନୁହେଁ, ଆନ୍ତର୍ଭାବରେ ମନ ଦ୍ୱାରା ପରିତ୍ୟାଗ କରି ନବଦ୍ୱାର ବିଶିଷ୍ଟ ଶରୀର ରୂପକ ପୁରରେ ଅବସ୍ଥାନ କରେ, ସେ କୌଣସି କର୍ମ କରେ ନାହିଁ ବା କୌଣସି କର୍ମର କାରଣ ହୁଏ ନାହିଁ। (ଗୀତା, ୫।୧୩) କାରଣ ଏହି ଆତ୍ମାହିଁ ସମସ୍ତଙ୍କ ଭିତରେ ସେହି ଏକ ନୈର୍ବ୍ୟକ୍ତିକ ଆତ୍ମା, ସର୍ବବ୍ୟାପୀ ପରମେଶ୍ୱର, 'ପ୍ରଭୁ', 'ବିଭୁ', ଯେ ନୈର୍ବ୍ୟକ୍ତିକ ରୂପରେ ସଂସାରର କୌଣସି କର୍ମ କିଂବା ମନର କର୍ତ୍ତାଭାବକୁ ସୃଷ୍ଟି କରନ୍ତି ନାହିଁ, 'ନ କର୍ତ୍ତୃତ୍ୱଂ ନ କର୍ମାଣି', କିଂବା କର୍ମ ସହିତ କର୍ମଫଳର ସଂଯୋଗ ଅର୍ଥାତ୍ କାର୍ଯ୍ୟକାରଣ ଶୃଙ୍ଖଳ ମଧ୍ୟ ସେ ସୃଷ୍ଟି କରନ୍ତି ନାହିଁ। ମନୁଷ୍ୟ ଭିତରେ ଯେଉଁ ପ୍ରକୃତି ରହିଛି, ଯାହା ତାହାର ଆତ୍ମବିକାଶର ମୂଳଶକ୍ତି ସେହି ସ୍ୱଭାବହିଁ ସବୁ କରେ। (ଗୀତା, ୫।୧୪)

(ଗୀତା ନିବନ୍ଧମାଳା)

## କର୍ମ ସମ୍ପର୍କରେ କେତେକ ମନ୍ତବ୍ୟ

ଯେତେବେଳେ କାମଟି କରାଯାଉଥାଏ, କେବଳ ସେତିକିବେଳେ ସେବିଷୟରେ ଚିନ୍ତାକର, ତା' ପୂର୍ବରୁ ନୁହେଁ କି ପରେ ନୁହେଁ।

କାମଟିଏ ଶେଷ ହୋଇଗଲା ପରେ ତୁମ ମନକୁ ଆଉ ସେଥିପ୍ରତି ଫେରାଅ ନାହିଁ। ଏହା ଅତୀତର ବିଷୟ ହୋଇଯାଏ ଏବଂ ପୁଣି ଥରେ ତାହାକୁ ନିଜ ବିଚାର ବା ଆଚରଣର ବିଷୟ କରିବା ହେଉଛି ଶକ୍ତିର ଅପଚୟ।

ଆଗକୁ କରିବାକୁ ଥିବା କୌଣସି କାମ ବିଷୟରେ ମଧ୍ୟ ତୁମ ମନକୁ ବ୍ୟସ୍ତ-ଶ୍ରାନ୍ତ କର ନାହିଁ। ତୁମ ଭିତରେ ଯେଉଁ ଶକ୍ତି କାମ କରୁଛି ତାହାହିଁ ତା'ର ନିଜର ଯଥା ସମୟରେ ସେବିଷୟ ପ୍ରତି ଦୃଷ୍ଟିଦେବ।

ମନର ଏହି ଦୁଇ ଧରଣର ଅଭ୍ୟାସ ହେଉଛି ଏକ ଅତୀତର ଜିନିଷ ଯାହାକୁ ଦୂର କରିଦେବା ପାଇଁ ରୂପାନ୍ତରକାରୀ ଶକ୍ତି ଚାପ ଦେଉଛି ଏବଂ ଦୈହିକ ମନ ସେହି ଅତୀତ ଜିନିଷରେ ଲାଗି ରହିବାହିଁ ହେଉଛି ତୁମ ଶ୍ରାନ୍ତି ଓ କ୍ଳାନ୍ତିର କାରଣ। ତୁମେ ଯଦି ଏହା ମନେ ରଖିପାରିବ ଯେ ତୁମ ମନକୁ କେବଳ ସେତିକିବେଳେ କାମ କରିବା ପାଇଁ ଛାଡ଼ିଦେବ ଯେତେବେଳେ ଏହାର କ୍ରିୟାର ଆବଶ୍ୟକତା ରହିଥାଏ, ସେତେବେଳେ ଏହି ଚାପଜନିତ କ୍ଳାନ୍ତି କମିଯିବ ଓ ଦୂର ହୋଇଯିବ। ଅବଶ୍ୟ ଏହା ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ ଗତିବୃତ୍ତି ଏବଂ ଦୈହିକ ମନକୁ ଅତିମାନସ ଅଧିକାର କରି ତା' ଭିତରକୁ ଦିବ୍ୟ-ଆଲୋକର ସ୍ୱତଃସ୍ଫୂର୍ତ୍ତ କ୍ରିୟା ଆଣିବା ପୂର୍ବରୁ ଏହିପରି ଘଟିଥାଏ।

(ବୁଲେଟିନ୍, ନଭେମ୍ବର - ୨୦୦୮, ପୃ. ୪୯) — ଶ୍ରୀଅରବିନ୍ଦ

# କର୍ମର ଆନନ୍ଦ

## ଶ୍ରୀଅରବିନ୍ଦ

ତୁମ କର୍ମରେ ସବୁବେଳେ ଏହି ତିନୋଟି ବିଷୟ ରହିଥାଏ : ପ୍ରଭୁ, କର୍ମୀ ଓ ଯନ୍ତ୍ର । ନିଜ ଭିତରେ ଏଗୁଡ଼ିକର ଯଥାର୍ଥ ସଂଜ୍ଞା ନିର୍ଣ୍ଣୟ କରିବା ଏବଂ ସେଗୁଡ଼ିକୁ ଠିକ୍ ଭାବରେ ଅଧିଗତ କରିବା ହେଉଛି କର୍ମ ତଥା କର୍ମର ଆନନ୍ଦର ଗୋପନ ରହସ୍ୟ ।

ପ୍ରଥମେ ତୁମକୁ ଶିଖିବାକୁ ହେବ ଭଗବାନଙ୍କର ଯନ୍ତ୍ର ହେବା ପାଇଁ ଏବଂ ତୁମ ପ୍ରଭୁଙ୍କୁ ଗ୍ରହଣ କରିନେବା ପାଇଁ । ତୁମେ ଯାହାକୁ ତୁମେ ନିଜେ ବୋଲି କୁହ ସେହି ବାହ୍ୟ ଜିନିଷଟି ହେଉଛି ଯନ୍ତ୍ର, ଏହା ହେଉଛି ମନର ଏକ ଢାଞ୍ଚା, ପ୍ରାଣମୟ ଏକ ଶକ୍ତି-ପ୍ରବେଗ, ଆକାର ଥିବା ଏକ ଯନ୍ତ୍ରପାତି, ସ୍ପ୍ରିଙ୍ଗ୍, ପେଚ, ଚକଦାନ୍ତୀ ଆଦି ନାନା କଳକବ୍ଜା ଓ କାରିଗରୀ କୌଶଳରେ ପୂର୍ଣ୍ଣ ଏକ ବସ୍ତୁ । ଏହାକୁ ଦିବ୍ୟକର୍ମୀ ବା ପ୍ରଭୁ ବୋଲି କୁହ ନାହିଁ, ଏହା କେବେହେଲେ ଦିବ୍ୟକର୍ମୀ ବା ପ୍ରଭୁ ହୋଇପାରିବ ନାହିଁ । ନିଜକୁ ବିନୀତ ଭାବରେ ଭଗବାନଙ୍କର ଏକ ଯନ୍ତ୍ର ବୋଲି ମାନିନିଅ, ବିନୀତ ଭାବରେ ତଥାପି ସ୍ୱାଭିମାନ ସହ, ଉତ୍ସର୍ଗ ଓ ଆନୁଗତ୍ୟର ଭାବ ସହ ଏବଂ ଆନନ୍ଦ ମନରେ ନିଜକୁ ତାଙ୍କର ଏକ ଯନ୍ତ୍ର ବୋଲି ଗ୍ରହଣ କର ।

ପ୍ରଭୁଙ୍କର ଏକ ନିଖୁଣ ଯନ୍ତ୍ର ହୋଇ ଉଠିବାଠାରୁ ଆଉ ଅଧିକ ଗର୍ବ ଓ ଗୌରବର କଥା କିଛି ନାହିଁ ।

ପ୍ରଥମେ ଶିଖିବାକୁ ହେବ କିପରି ସର୍ବଦା ପୂରାପୂରି ଆଜ୍ଞାପାଳନ କରିବାକୁ ହୁଏ । ତରବାରି ବାଛେ ନାହିଁ ତାହା କେଉଁଠି ଆଘାତ କରିବ, ତୀର ପଚାରେ ନାହିଁ ତାହା କେଉଁ ଲକ୍ଷ୍ୟ ଦିଗରେ ଚାଳିତ ହେବ, ଯନ୍ତ୍ରର ସ୍ପ୍ରିଙ୍ଗଗୁଡ଼ିକ ଜିଦ୍ କରନ୍ତି ନାହିଁ ସେମାନଙ୍କ କ୍ରିୟା ଫଳରେ କେଉଁ ଧରଣର ବସ୍ତୁର ଉତ୍ପାଦନ ହେବ । ବିଶ୍ୱପ୍ରକୃତିର ଅଭିପ୍ରାୟ ଓ କ୍ରିୟା ଦ୍ୱାରାହିଁ ତାହା ସ୍ଥିରୀକୃତ ହୋଇଥାଏ । ସଚେତ ଯନ୍ତ୍ରଟି ନିଜ ପ୍ରକୃତିର ଶୁଦ୍ଧ ଓ ମୂଳ ସ୍ୱଧର୍ମକୁ ଯେତେ ଅଧିକ ଅନୁଭବ କରିବା ପାଇଁ ଓ ମାନି ଚଳିବା ପାଇଁ ଶିଖିବ, ସେତେ ଅଧିକ ଶୀଘ୍ରହିଁ ତା ଦ୍ୱାରା ସଂପନ୍ନ ହେଉଥିବା କର୍ମ ଆହୁରି ପୂର୍ଣ୍ଣ, ନିଖୁଣ ଓ ତ୍ରୁଟିହୀନ ହୋଇ ଉଠିବ । ସ୍ନାୟବିକ ପ୍ରବୃତ୍ତି-ପ୍ରଣୋଦିତ ପ୍ରାଣଶକ୍ତି ଯଦି ନିଜ ପସନ୍ଦ ଓ ଖିଆଲ ଖୁସି ଅନୁଯାୟୀ କର୍ମ ନିର୍ବାଚନ କରେ, ଯଦି ଶାରୀରିକ ଓ ମାନସିକ ଯନ୍ତ୍ର ବିଦ୍ରୋହ କରେ ତେବେ ତାହାଦ୍ୱାରା ସମସ୍ତ କର୍ମ ନଷ୍ଟଭ୍ରଷ୍ଟ ହୋଇଯିବାହିଁ ସାର ହେବ ।

ତୁମେ ନିଜକୁ ଭଗବାନଙ୍କ ଶ୍ୱାସ-ପ୍ରଶ୍ୱାସରେ ବହିଯିବାକୁ ଛାଡ଼ିଦିଅ ଏବଂ ଝଡ଼ରେ ଉଡୁଥିବା ଏକ ପତ୍ର ପରି ହୋଇଯାଅ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ ଏବଂ ଆଘାତ କରିବା ପାଇଁ ଉଦ୍ୟତ ଏକ ଖଡ୍‌ଗ ପରି ଓ ନିଜ ଲକ୍ଷ୍ୟଭେଦ ପାଇଁ ଛୁଟି ଚାଲୁଥିବା ଏକ ତୀର ପରି ହୋଇଉଠ । ତୁମର ମନ ଯନ୍ତ୍ରପାତିର ଏକ ସ୍ପ୍ରିଂ ପରି ହେଉ ଏବଂ ତୁମର ଶକ୍ତି ଏକ ପିଷ୍ଟନ୍ ପରି କ୍ରିୟା କରୁ; ତୁମର କର୍ମ ହୋଇଉଠୁ ସେହିପରି ଇସ୍ପାତଦୃଢ଼ ଯାହା କୌଣସି ଜିନିଷକୁ ଚୂରିପେଷି ନୂତନ ଆକୃତି ଦେବା ପାଇଁ ତାହା ଉପରେ ବାରବାର କ୍ରିୟା କରିଥାଏ । ତୁମର ବାଣୀ ହୋଇଉଠୁ ନେହି ଉପରେ ହାତୁଡ଼ି-ଆଘାତର ଶବ୍ଦ ପରି ଏବଂ ଇଞ୍ଜିନର ଶ୍ରମାର୍ତ୍ତ କ୍ରନ୍ଦନ ପରି ଓ ରଣଭେରୀର ସେହି ତୂର୍ଯ୍ୟ-ନିନାଦ ପରି ଯାହା ସମଗ୍ର ଅଞ୍ଚଳରେ ଭାଗବତ ଶକ୍ତିର ବିଜୟ ଘୋଷଣା କରୁଥାଏ । ଯେକୌଣସି ବାଟରେ ହେଉ ନା କାହିଁକି ଏକ ଯନ୍ତ୍ର ଭଳି ସେହି କର୍ମ କରିଚାଲ ଯାହା ତୁମ ପାଇଁ ସ୍ୱାଭାବିକ ଓ ଯେଉଁ କର୍ମ ପାଇଁ ତୁମେ ନିଯୁକ୍ତ ହୋଇଛ ।

ରଣଭୂମିର ଲୀଳାରେ ହିଁ ତରବାରିର ଆନନ୍ଦ, ତୀରର ଉଲ୍ଲାସ ସାଇଁ ସାଇଁ ଶବ୍ଦ କରି ଛୁଟି ଚାଲିବାରେ, ମହାଶୂନ୍ୟରେ ଚକାଭଉଁରି କାଟି ଘୂରି ବୁଲିବାରେହିଁ ପୃଥିବୀର ଆନନ୍ଦ, ନିଜର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟ, ଦୀପ୍ତି ଓ ଚିରନ୍ତନ ଗତିରୁହିଁ ସୂର୍ଯ୍ୟ ତା'ର ସମ୍ରାଟସୁଲଭ ଆନନ୍ଦର ଉପଭୋଗ କରିଥାଏ । ହେ ଭଗବାନଙ୍କର ଆତ୍ମସଚେତନ ଯନ୍ତ୍ର ! ତୁମେ ନିଜେ ମଧ ନିୟୋଜିତ ହୋଇଥିବା କର୍ମରୁ ଆନନ୍ଦର ରସ ଆସ୍ୱାଦନ କର ।

ତରବାରି ନିଜେ ଗଢ଼ାହେବା ପାଇଁ ଆବେଦନ ଜଣାଇ ନ ଥିଲା କିଂବା ନିଜ ପ୍ରୟୋଗକାରୀକୁ ଏହା ପ୍ରତିରୋଧ କରେ ନାହିଁ ଅଥବା ଯେତେବେଳେ ଏହା ଭାଙ୍ଗି ତୁଟିଯାଏ ସେଥିପାଇଁ ଏହା ବିଳାପ କରେ ନାହିଁ । ଗଢ଼ିହେବାରେ ଏକ ଆନନ୍ଦ ଅଛି, ବ୍ୟବହୃତ ହେବାରେ ଏକ ଆନନ୍ଦ ଅଛି, ଆଡ଼େଇ ରଖା ହେବାରେ ଏକ ଆନନ୍ଦ ଅଛି ଏବଂ ଭାଙ୍ଗି ଯିବାରେ ମଧ ଏକ ଆନନ୍ଦ ଅଛି । ସମତାର ସେହି ଆନନ୍ଦକୁ ଆବିଷ୍କାର କର ।

ଯେହେତୁ ତୁମେ ଯନ୍ତ୍ରଟିକୁ କର୍ମୀ ଓ ପ୍ରଭୁ ବୋଲି ଭୁଲ୍ କରିଛ ଏବଂ ଯେହେତୁ ନିଜ କାମନାବାସନାର ଅଜ୍ଞାନତାର ବଶବର୍ତ୍ତୀ ହୋଇ, ତୁମ ନିଜର ପସନ୍ଦ ଅନୁଯାୟୀ ଅବସ୍ଥା, ନିଜର ଲାଭାଲାଭ ଓ ଉପଯୋଗିତାକୁ ବାଛି ସ୍ଥିର କରିବାକୁ ବାହାରି ପଡ଼ିଛ, ତେଣୁ ତୁମକୁ ନାନା ଦୁଃଖ, କ୍ଳେଶ ଓ ଯାତନା ଭୋଗ କରିବାକୁ ପଡୁଛି ଏବଂ ବାରବାର ତୁମକୁ ରକ୍ତବର୍ଣ୍ଣ ଉତ୍ତପ୍ତ ନରକର ଅଗ୍ନିକୁଣ୍ଡ ଭିତରେ ପଡ଼ିବାକୁ ହେଉଛି, ବାରବାର ତୁମକୁ ନୂତନ ଜନ୍ମ ନେଇ ନୂତନ ଆକାର ଓ ସ୍ୱଭାବ ଗ୍ରହଣ କରିବାକୁ ପଡୁଛି ଯେପର୍ଯ୍ୟନ୍ତ ତୁମେ ତୁମର ମାନୁଷୀ ଶିକ୍ଷାଲାଭକୁ ପୂରା କରି ନାହଁ । ଏବଂ ଏହା ଏହିପରି ହୋଇ-ଚାଲିଛି କାରଣ ଏହା ତୁମର ଅପରିପକ୍ୱ, ଅସଂପୂର୍ଣ୍ଣ ପ୍ରକୃତି ଭିତରେହିଁ ବିଦ୍ୟମାନ ରହିଛି । ଯେହେତୁ ବିଶ୍ୱ-ପ୍ରକୃତିହିଁ କର୍ମକର୍ତ୍ତ୍ରୀ, ସେ କେଉଁ ଲକ୍ଷ୍ୟ ନେଇ ଏହିପରି କରିଚାଲିଛି ? ତାହାର ସ୍ଥୂଳ ମନ, ପ୍ରାଣ ଓ ଜଡ଼ ଭିତରୁ ଏକ ପୂର୍ଣ୍ଣ ସଚେତ ସତ୍ତାର ଗଠନ ଓ ବିକାଶକୁ ରୂପାୟିତ କରିବାହିଁ ତାହାର ଉଦ୍ଦେଶ୍ୟ ।

*

ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜକୁ ଦିବ୍ୟକର୍ମୀ ବୋଲି ଜାଣ । ତୁମର ପ୍ରକୃତିକୁ କର୍ମୀ ବୋଲି ବୁଝ ଏବଂ ନିଜର ପ୍ରକୃତିକୁ ତଥା ସମଗ୍ର ବିଶ୍ୱପ୍ରକୃତିକୁ ନିଜର ସ୍ୱରୂପ ବୋଲି ଜାଣ ।

ଏହି ପ୍ରକୃତି-ସ୍ୱରୂପ(nature-self) କିଛି ବିଶେଷ ଭାବରେ ତୁମର ନୁହଁ ବା ତାହା ଆଦୌ ସୀମିତ ନୁହେଁ । ତୁମରି ପ୍ରକୃତିହିଁ ଏହି ସୂର୍ଯ୍ୟକୁ, ସମସ୍ତ ସୌର ଜଗତକୁ, ପୃଥିବୀକୁ, ତା'ର ପ୍ରାଣୀମାନଙ୍କୁ, ତୁମକୁ, ତୁମର ସବୁକିଛିକୁ, ତୁମେ ଯାହା ହୋଇଛ ଓ ଯାହାସବୁକୁ ପ୍ରତ୍ୟକ୍ଷ କରୁଛ – ସେସମସ୍ତ କିଛିକୁ ରୂପଦେଇ ଗଢ଼ିଛି । ଏହି ପ୍ରକୃତିହିଁ ତୁମର ମିତ୍ର, ତୁମର ଶତ୍ରୁ, ତୁମର ଜନନୀ ଓ ତୁମର ଭକ୍ଷଣକାରୀ, ତୁମର ପ୍ରେମାସ୍ପଦ ଓ ତୁମର ଉତ୍ପୀଡ଼ନକାରୀ, ତୁମ ଆତ୍ମାର ଭଗିନୀ ଓ ସମ୍ପୂର୍ଣ୍ଣ ପର, ଅପରିଚିତ, ବିଦେଶୀ; ଏହାହିଁ ତୁମର ଆନନ୍ଦ ଓ ତୁମର ଦୁଃଖ-ବେଦନା, ତୁମର ପାପ ଓ ତୁମର ପୁଣ୍ୟ, ତୁମର ସାମର୍ଥ୍ୟ ଓ ତୁମର ଦୁର୍ବଳତା, ତୁମର ଜ୍ଞାନ ଓ ତୁମର ଅଜ୍ଞାନ । ଏବଂ ତଥାପି ଏଥିଭିତରୁ କିଛି ବି ନୁହେଁ; ଏହା ଏପରି କିଛି ଯାହାର ଏଗୁଡ଼ିକ ହେଉଛି ପ୍ରଚେଷ୍ଟା ଓ ଅପୂର୍ଣ୍ଣ ଭାବମୂର୍ତ୍ତି । କାରଣ ଏସବୁର ଊର୍ଦ୍ଧ୍ୱରେ, ଏଗୁଡ଼ିକୁ ଅତିକ୍ରମ କରି ଏକ ମୂଳ ଆତ୍ମଜ୍ଞାନ ରହିଛି ଏବଂ ରହିଛି ଏକ ଅନନ୍ତ ଶକ୍ତି ଏବଂ ଅସଂଖ୍ୟ ଅଗଣିତ ଗୁଣରୂପ ।

କିନ୍ତୁ ତୁମ ଭିତରେ ରୂପାୟିତ ହୋଇଛି ତାହାର ଏକ ବିଶେଷ ଗତିବୃତ୍ତି, ଏକ ଯଥୋପଯୋଗୀ ପ୍ରକୃତି ଏବଂ ବ୍ୟକ୍ତିଗତ ଶକ୍ତି । ଏକ ପ୍ରସାରମୟୀ ନଦୀ ପରି ତାହାର ଅନୁସରଣ କର ଯେତେବେଳେ କି ଏହା ଶେଷରେ ତୁମକୁ ପହଞ୍ଚାଇ ଦେବ ତାହାର ଅନନ୍ତ ଆଦିସ୍ରୋତ ଓ ମୂଳ ସ୍ୱରୂପରେ ।

ତେଣୁ ତୁମ ନିଜ ଶରୀରକୁ ଜଡ଼ର ଏକ ଗ୍ରନ୍ଥି ବୋଲି ଓ ତୁମର ମନକୁ ବିଶ୍ୱମନର ଏକ ଘୂର୍ଣ୍ଣି ବୋଲି ଏବଂ ତୁମ ଜୀବନକୁ ଚିରନ୍ତନ ପ୍ରାଣ-ସମୁଦ୍ରର ଏକ ଆବର୍ତ୍ତ ବୋଲି ଜାଣ । ତୁମର ଶକ୍ତିକୁ ଅନ୍ୟ ସମସ୍ତ ସତ୍ତାଙ୍କ ଶକ୍ତି ବୋଲି ଜାଣ, ଏବଂ ତୁମର ଜ୍ଞାନକୁ ସେହି ଆଲୋକର ଏକ ଦ୍ୟୁତି ଓ ଝଲକ ବୋଲି ଜାଣ ଯାହା କୌଣସି ମନୁଷ୍ୟର ଅଧିକାରଭୁକ୍ତ ନୁହେଁ, ଏବଂ ତୁମର କର୍ମକୁ ତୁମ ନିଜ ପାଇଁ ଉଦ୍ଦିଷ୍ଟ ହୋଇଥିବା କର୍ମ ବୋଲି ଜାଣ ତେବେ ନିଜକୁ ଏକ ସ୍ୱତନ୍ତ୍ର ପୃଥକ୍ ବ୍ୟକ୍ତିସତ୍ତା ବୋଲି ମନେ କରିବାର ଭ୍ରାନ୍ତିରୁ ମୁକ୍ତ ହୁଅ ।

ଯେତେବେଳେ ତାହା ସଂପନ୍ନ ହୋଇଯିବ ସେତେବେଳେ ତୁମେ ତୁମ ବ୍ୟକ୍ତିସତ୍ତାର ସତ୍ୟରେ, ତୁମର ସାମର୍ଥ୍ୟରେ, ତୁମର ମହିମାରେ, ତୁମର ସୌନ୍ଦର୍ଯ୍ୟରେ ଓ ତୁମର ଜ୍ଞାନରେ ଏକ ମୁକ୍ତ ଆନନ୍ଦ ଅନୁଭବ କରିବ ଏବଂ ଯଦି ଏଗୁଡ଼ିକରୁ ତୁମେ ବଞ୍ଚିତ ହୁଅ, ତେବେ ମଧ୍ୟ ତହିଁରେ ଆନନ୍ଦ ଅନୁଭବ କରିବ । କାରଣ ଏ ସବୁଗୁଡ଼ିକ ହେଉଛି ସେହି ଦିବ୍ୟପୁରୁଷଙ୍କର ନାଟକୀୟ ମୁଖା ଓ ବେଶଭୂଷା ଏବଂ ସେହି ଆତ୍ମଶିଳ୍ପୀଙ୍କର ଆତ୍ମ ଭାବମୂର୍ତ୍ତି ।

ତୁମେ ନିଜକୁ କାହିଁକି ସୀମିତ କରିବ ? ତୁମକୁ ଆଘାତ କରୁଥିବା ଖଡ୍ଗ ଭିତରେ ତଥା ଆଲିଙ୍ଗନ କରୁଥିବା ବାହୁ ଭିତରେ ନିଜକୁ ଅନୁଭବ କର, ସୂର୍ଯ୍ୟଙ୍କର ଜାଜ୍ୱଲ୍ୟମାନ ଦୀପ୍ତି ଭିତରେ ଓ ପୃଥିବୀର ଲାସ୍ୟ ଭିତରେ, ଈଗଲର ଉଡ଼ିବା ଭିତରେ ଓ ନାଇଟିଙ୍ଗେଲ୍‌ର ଗାନ ଭିତରେ ନିଜକୁ ଅନୁଭବ କର । ଯାହାକିଛି ଅତୀତ ହୋଇଯାଇଛି ଓ ଯାହାକିଛି ବର୍ତ୍ତମାନ ବିଦ୍ୟମାନ ହୋଇ ରହିଛି ଓ ଯାହାକିଛି ଭବିଷ୍ୟତରେ ରୂପ ନେବାକୁ ଯାଉଛି ସେସବୁ ଭିତରେ ନିଜକୁ ଅନୁଭବ କର । କାରଣ ତୁମେ ହେଉଛ ଅସୀମ ଏବଂ ଏ ସମସ୍ତ ଆନନ୍ଦ ତୁମ ପାଇଁ ସମ୍ଭବପର ।

ଦିବ୍ୟକର୍ମକର୍ତ୍ତ୍ରୀଙ୍କର ନିଜ କର୍ମର ଆନନ୍ଦ ଥାଏ ଏବଂ ଯାହାଙ୍କ ପାଇଁ ସେ କର୍ମ କରୁ ଥାଆନ୍ତି ତାଙ୍କର ସେହି ପରମ

ପ୍ରେମିକଙ୍କ ଆନନ୍ଦ ହୋଇଉଠେ ତାଙ୍କ ନିଜର ଆନନ୍ଦ । ସେହି ଦେବୀ ନିଜକୁ ଜାଣନ୍ତି ସେହି ପରମ ପୁରୁଷଙ୍କ ଚେତନା ଓ ଶକ୍ତି ରୂପେ, ତାଙ୍କର ଜ୍ଞାନ ଓ ଜ୍ଞାନର ସଂଯମ ରୂପେ, ତାଙ୍କର ଐକ୍ୟ ଓ ତାଙ୍କର ଆତ୍ମ-ବିଭାଜନ ରୂପେ, ତାଙ୍କ ସତ୍ତାର ଅସୀମତା ଓ ସସୀମତା ରୂପେ । ତୁମେ ନିଜକୁ ଏ ସମସ୍ତ କିଛି ବୋଲି ଜାଣ; ତୁମେ ମଧ୍ୟ ତୁମ ଦିବ୍ୟପ୍ରେମିକଙ୍କ ଆନନ୍ଦକୁ ଉପଭୋଗ କର ।

ଅନେକେ ଅଛନ୍ତି ଯେଉଁମାନେ ନିଜକୁ ଏକ କର୍ମଶାଳା ବୋଲି ବା ଏକ ଯନ୍ତ୍ର ବୋଲି ବା ତହିଁରେ ତିଆରି ହୋଇଥିବା ଏକ ବସ୍ତୁ ବୋଲି ଜାଣନ୍ତି । କିନ୍ତୁ ସେମାନେ କର୍ମକର୍ତ୍ତାଙ୍କୁ ଭୁଲ୍ କରନ୍ତି ପ୍ରଭୁ ବୋଲି, ଏହା ମଧ୍ୟ ଏକ ଭୁଲ୍ । ଯେଉଁମାନେ ଏହି ଭୁଲ୍‌ରେ ପଡ଼ନ୍ତି ସେମାନେ ପ୍ରକୃତିର ସେହି ସମୁଚ୍ଚ, ଶୁଦ୍ଧ ଓ ନିଖୁଣ କର୍ମଧାରାକୁ କ୍ୱଚିତ୍ ବୁଝିଥାଆନ୍ତି ।

ଯନ୍ତ୍ର ହେଉଛି ବ୍ୟକ୍ତିରୂପ ନେଇଥିବା ଏକ ସୀମିତ ବସ୍ତୁ, କର୍ମୀ ହେଉଛି ବ୍ୟକ୍ତିଭାବସଂପନ୍ନ ଏକ ବିଶ୍ୱଗତ ସତ୍ୟ, କିନ୍ତୁ ଏଥିଭିତରୁ କେହି ମଧ୍ୟ ପ୍ରଭୁ ନୁହନ୍ତି, କାରଣ କେହି ମଧ୍ୟ ସେହି ଯଥାର୍ଥ ଦିବ୍ୟପୁରୁଷ ନୁହନ୍ତି ।

*

ଶେଷରେ ନିଜକୁ ଜାଣ ସେହି ପ୍ରଭୁଙ୍କ ସ୍ୱରୂପ ବୋଲି, କିନ୍ତୁ ନିଜର ସେହି ଦିବ୍ୟ-ଆତ୍ମାକୁ କୌଣସି ଆକୃତି ପ୍ରଦାନ କର ନାହିଁ ଏବଂ ତାହା ପାଇଁ ଗୁଣର କୌଣସି ସଂଜ୍ଞାର ସଂଧାନ କର ନାହିଁ । ସେହି ଦିବ୍ୟତତ୍ତ୍ୱଙ୍କ ସଙ୍ଗେ ତୁମ ନିଜ ସତ୍ତାରେ ଏକ ହୋଇଯାଅ, ତୁମ ନିଜ ଚେତନାରେ ତାଙ୍କ ସଙ୍ଗେ ସଂପର୍କଯୁକ୍ତ ହୋଇଯାଅ, ତୁମ ନିଜର ସମସ୍ତ ଶକ୍ତି ଦେଇ ତାଙ୍କର ଆଜ୍ଞା ପାଳନ କର, ତୁମ ନିଜର ଆନନ୍ଦରେ ତାଙ୍କର ଅଧୀନ ଓ ବଶୀଭୂତ ହୋଇଯାଅ ଏବଂ ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୁଅ— ନିଜ ଜୀବନରେ, ଶରୀରରେ ଓ ମନରେ ତାଙ୍କୁହିଁ ସାର୍ଥକ ଓ ପରିପୂର୍ଣ୍ଣ କର । ସେତେବେଳେ ଯାଇ ତୁମ ଅନ୍ତରର ଏକ ଉନ୍ମୀଳିତ ଦୃଷ୍ଟି ଆଗରେ ସେହି ଏକମାତ୍ର ଯଥାର୍ଥ ଦିବ୍ୟପୁରୁଷ ଆବିର୍ଭୂତ ହେବେ, ଯେକି ସ୍ୱୟଂ ତୁମେ, ପୁଣି ତୁମେ ନୁହଁ, ଯେକି ବାକି ଅନ୍ୟ ସମସ୍ତ ପୁଣି ଅନ୍ୟ ସମସ୍ତଙ୍କଠାରୁ ଅଧିକ, ଯେକି ତୁମ ସମସ୍ତ କର୍ମର ନିୟନ୍ତା, ନିର୍ଦ୍ଦେଶକ ଓ ତା'ର ଉପଭୋକ୍ତା, ସମସ୍ତ କର୍ମୀ ଓ ଯନ୍ତ୍ରମାନଙ୍କର ପ୍ରଭୁ; ଏହି ବିଶ୍ୱଲୀଳାର ତାଣ୍ଡବ ନୃତ୍ୟରେ କ୍ଷିପ୍ର ପଦସଞ୍ଚାଳନ କରି ତା'ର ଆନନ୍ଦ-ଉଚ୍ଛ୍ୱାସରେ ସେ ମତ୍ତ ରହିଥିଲେ ମଧ୍ୟ ତଥାପି ତୁମ ଆତ୍ମାର ନିଭୃତ ଆନ୍ତର ପ୍ରକୋଷ୍ଠରେ ତୁମ ସଙ୍ଗେ ନୀରବ, ନିଶ୍ଚୁପ ଓ ଏକଲା ହୋଇ ରହିଛନ୍ତି ।

ସେହି ଦିବ୍ୟପ୍ରଭୁଙ୍କ ଆନନ୍ଦର ଅଧିକାର ଲାଭ କରିବା ପରେ ତୁମ ପାଇଁ ଆଉ ଜୟ କରିବାର କିଛି ନାହିଁ । କାରଣ ସେ ତୁମ ହାତରେ ଦେଇଦେବେ ସ୍ୱୟଂ ନିଜକୁ ତଥା ବସ୍ତୁସକଳକୁ ଏବଂ ସମସ୍ତ ପ୍ରାଣିକୁଳର ଯାହା କିଛି ପାଇବାର, ରଖିବାର, କାର୍ଯ୍ୟକରିବାର ବା ଭୋଗ କରିବାର ରହିଛି; ତହିଁରେ ତୁମର ନିଜର ଯେତିକି ଯଥାର୍ଥ ଅଂଶ ଓ ଭାଗ ରହିଛି ତାହା ସେ ତୁମକୁ ଦେଇଦେବା ସଙ୍ଗେ ସଙ୍ଗେ ଯାହାକୁ ଭାଗ କରାଯାଇ ପାରିବ ନାହିଁ ତାହା ମଧ୍ୟ ତୁମକୁ ଦେଇଦେବେ । ତୁମେ ତୁମ ସତ୍ତାରେ ଧାରଣ ଓ ଅନ୍ତର୍ଗତ କରି ରଖିବ ନିଜକୁ ଓ ବାକି ଅନ୍ୟ ସକଳଙ୍କୁ ଏବଂ ତୁମେ ଯାହା ହୋଇଉଠିବ ତାହା କେବଳ ତୁମେ ନୁହଁ ବା ଅନ୍ୟ ସକଳ ନୁହନ୍ତି । କର୍ମର ଏହାହିଁ ହେଉଛି ପରମ ପୂର୍ଣ୍ଣତାଲାଭ ଓ ଚୂଡ଼ାନ୍ତ ପରାକାଷ୍ଠା । ✜

ଠିକ୍ ବାଟଟି ହେଉଛି ଏହା ଅନୁଭବ କରିବା ଯେ କାମଟି ମା'ଙ୍କର — କେବଳ ତୁମ କାମ ନୁହେଁ; ଅନ୍ୟମାନଙ୍କର କାମ ମଧ୍ୟ — ଏବଂ ତାହାକୁ ଏପରି ଏକ ଭାବ ବା ଉତ୍ସାହ ନେଇକରି ଚାଲିବା ଯାହା ଏକ ସାର୍ବିକ ସୁସଂଗତି ଓ ସୁସମଞ୍ଜସତା ଆଣିଦେବ ।

— ଶ୍ରୀଅରବିନ୍ଦ

# ବିଗତ ଜନ୍ମସବୁର ସ୍ମୃତି

## ଶ୍ରୀମା

[ଥରେ ପ୍ୟାରିସରେ ୧୯୦୬ରେ ମା' ତାଙ୍କର ଜଣେ ସାଥୀ 'ଏନ୍'ଙ୍କ ପ୍ରକୋଷ୍ଠକୁ କିଛି ଆଙ୍କିବା ପାଇଁ ଯାଇଥିଲେ । ସେହି ସାଥୀ ଜଣଙ୍କ କଥା ପ୍ରସଙ୍ଗରେ 'କସ୍ମିକ୍' ଗୋଷ୍ଠୀର ସଭ୍ୟ ଓ ଆଲ୍‌ଜିରିଆର ଥିଓନ୍ ତେଓଁଙ୍କ ଶିଷ୍ୟ ତାଙ୍କ ଭାଇଙ୍କ ବିଷୟରେ କହୁ କହୁ ଗୁହ୍ୟ ବିଦ୍ୟା ସମ୍ପର୍କରେ କହିଥିଲେ । ଆକସ୍ମିକ ଭାବରେ ଏହି କଥା ଶୁଣିବା ସଙ୍ଗେ ସଙ୍ଗେ ବିଶ୍ୱ-ଚେତନା ସଙ୍ଗରେ ମା'ଙ୍କର ସମ୍ପର୍କ ଓ ଯୋଗସୂତ୍ର ସ୍ଥାପିତ ହୋଇ ଯାଇଥିଲା ଓ ମା' ନିଜ ସତ୍ତାର ସତ୍ୟ ସ୍ୱରୂପ ଉପଲବ୍ଧି କରିଥିଲେ । ତାଙ୍କର ସମସ୍ତ ପୂର୍ବଜନ୍ମ ବୃତ୍ତାନ୍ତ ଜାଣି ପାରିବା ସଙ୍ଗେ ସଙ୍ଗେ ସେ ଜାଣି ପାରିଲେ ଯେ ଏହି ପୃଥିବୀ ଉପରକୁ ଏକ ଊର୍ଦ୍ଧ୍ୱତର ଆଲୋକ ଉତାରି ଆଣିବା ହେଉଛି ଏଥରକ ତାଙ୍କର ପୃଥିବୀ ଉପରେ ଜନ୍ମଗ୍ରହଣ କରିବାର ଉଦ୍ଦେଶ୍ୟ । ଉଚ୍ଚତର ଜଗତର ଅସଂଖ୍ୟ ସତ୍ତାମାନଙ୍କ ସହ ମା'ଙ୍କର ସମ୍ପର୍କ ଓ ଯୋଗାଯୋଗ ସ୍ଥାପିତ ହୋଇଥିଲା, ସେ ପରମଙ୍କ ପରିଚୟ ପାଇଥିଲେ ଓ ଅନୁଭବ କରିଥିଲେ ଭାରତରେହିଁ ସେହି ପରମଙ୍କର ଉପସ୍ଥିତି । ଅବଶ୍ୟ ଭାରତକୁ ଆସି ଶ୍ରୀଅରବିନ୍ଦଙ୍କୁ ନଦେଖିବା ପର୍ଯ୍ୟନ୍ତ ସେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସ୍ଥିର ନିଶ୍ଚିତ ହୋଇପାରି ନଥିଲେ ।]

### ଏକ ପାର୍ଥିବ ସ୍ୱର୍ଗ :

ଐତିହାସିକ ଦୃଷ୍ଟିକୋଣରୁ – ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ନୁହେଁ, ମୁଁ ଐତିହାସିକ ଦୃଷ୍ଟିକୋଣରୁ କହୁଛି – ମୁଁ ଯଦି ମୋର ସ୍ମୃତି ଉପରେ ଭିତ୍ତି କରେ – ଅବଶ୍ୟ ମୁଁ ଏହା ପ୍ରମାଣ କରି ପାରିବି ନାହିଁ, କୌଣସି ବିଷୟ ବି ପ୍ରମାଣିତ ହୋଇ ପାରିବ ନାହିଁ, ଏବଂ ମୁଁ ଭାବୁ ନାହିଁ ଯେ ଯଥାର୍ଥରେ ସତ୍ୟର ଏପରି କୌଣସି ଐତିହାସିକ ପ୍ରମାଣ ରହିଛି, ଏପରି କିଛି ପ୍ରମାଣ ସୁରକ୍ଷିତ ରହିଛି; ଅନ୍ତତଃ ଏପର୍ଯ୍ୟନ୍ତ ଏପରି କିଛି ଆବିଷ୍କୃତ ହୋଇ ନାହିଁ; – କିନ୍ତୁ ମୋର ଯେତେଦୂର ମନେପଡ଼େ, ପୃଥିବୀର ଇତିହାସରେ ନିଶ୍ଚୟ ଏପରି ଏକ ସମୟ ଥିଲା ଯେତେବେଳେ ପାର୍ଥିବ ସ୍ୱର୍ଗ ଧରଣର କିଛି ରହିଥିଲା ଏହି ଅର୍ଥରେ ଯେ ଏହା ଥିଲା ପୂର୍ଣ୍ଣ ଭାବରେ ସୁଷମ, ସୁସଂଗତିପୂର୍ଣ୍ଣ ଏକ ସ୍ୱାଭାବିକ ଜୀବନ । ଅର୍ଥାତ୍ ପ୍ରକୃତିର ଊର୍ଦ୍ଧ୍ୱମୁଖୀ ଅଭିଯାନ ସହ ମନର ଅଭିବ୍ୟକ୍ତି ସାମଞ୍ଜସ୍ୟ ରକ୍ଷା କରି ଚାଲିଥିଲା; ସେପର୍ଯ୍ୟନ୍ତ ଏହା ଥିଲା ସମ୍ପୂର୍ଣ୍ଣ ସଂଗତିପୂର୍ଣ୍ଣ, ସାମଗ୍ରିକ ଭାବରେ ସୁଷମ ଓ ସୁସଂଗତ କୌଣସି ବିକୃତି ଓ ବିକଳତା ନଥିଲା । ଜଡ଼ ରୂପ ଓ ଆକୃତି ଭିତରେ ମନର ଅଭିବ୍ୟକ୍ତିରହିଁ ଏହା ଥିଲା ପ୍ରଥମ ସ୍ତର ।

ଏହା କେତେଦିନ ସ୍ଥାୟୀ ରହିଥିଲା କହିବା କଷ୍ଟକର । କିନ୍ତୁ ମାନବ ପାଇଁ ଏହା ଥିଲା ଏପରି ଏକ ଜୀବନ ଯାହାକୁକି ପଶୁ ଜୀବନର ଏକ ପ୍ରକାର ପ୍ରସ୍ଫୁଟନ ବୋଲି କୁହାଯାଇ ପାରେ । ମୋର ଏପରି ଏକ ଜୀବନର ସ୍ମୃତି ଅଛି ଯେଉଁଥିରେ ଶରୀର ତା'ର ପ୍ରାକୃତିକ ପରିବେଶ ସହିତ ପୂର୍ଣ୍ଣ ଭାବରେ ସଂଗତି ରଖି ପାରୁଥିଲା ଏବଂ ଜଳବାୟୁ ଓ ବାତାବରଣ ଗଢ଼ି ଉଠୁଥିଲା ଶରୀରର ପ୍ରୟୋଜନୀୟତାର ଉପଯୋଗୀ ଓ ଅନୁକୂଳ ହୋଇ ଏବଂ ଶରୀର ମଧ୍ୟ ଗଢ଼ି ଉଠୁଥିଲା ଜଳବାୟୁ ଓ ବାତାବରଣର ପ୍ରୟୋଜନୀୟତା ସହ ଖାପ ଖୁଆଇ । ଜୀବନ ଥିଲା ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ, ଠିକ୍ ଏକ ଅଧିକତର ଆଲୋକିତ ଓ ସଚେତ ପଶୁଜୀବନ ଯେପରି ହୋଇ ଥାଆନ୍ତା, କିନ୍ତୁ ବିକାଶର ଧାରାରେ ପରବର୍ତ୍ତୀ କାଳରେ ମନ ଯେଉଁସବୁ ଜଟିଳତା ଓ ବିକୃତିସବୁ ଆଣିଲା ସେସବୁର କୌଣସି ଅସ୍ତିତ୍ୱ ନଥିଲା । ମୋର ସେହି ଜୀବନର ସ୍ମୃତି ରହିଛି – ରହିଥିଲା, ମୁଁ ସେହି ଜୀବନ ଯାପନ କରିଥିଲି, ସମଗ୍ର ପୃଥିବୀର ଜୀବନ ସମ୍ପର୍କରେ ମୁଁ ଯେତେବେଳେ ସଚେତ ହେଲି, ସେତେବେଳେ ପୁଣି ଥରେ ସେହି ଜୀବନର ଅନୁଭୂତି ଆସିଥିଲା । କିନ୍ତୁ ମୁଁ କହି ପାରିବି ନାହିଁ ସେହି ଜୀବନ କେତେକାଳ ସ୍ଥାୟୀ ହୋଇଥିଲା ବା କେଉଁ ଅଞ୍ଚଳରେ ଏହା ରୂପ ନେଇଥିଲା । ମୁଁ ଜାଣେ ନାହିଁ । ମୁଁ କେବଳ ସେହି ଅବସ୍ଥା, ସେହି ପରିସ୍ଥିତିକୁ ମନେ ରଖିପାରିଛି, ମୋର କେବଳ ମନେ ଅଛି ସେତେବେଳେ ଜଡ଼ ପ୍ରକୃତି କି ପ୍ରକାରର ଥିଲା, ସେହି ସମୟରେ ମଣିଷର ଆକୃତି ଓ ଚେତନା କେଉଁ ପ୍ରକାରର ଥିଲା ଏବଂ ପୃଥିବୀର ଅନ୍ୟାନ୍ୟ ଉପାଦାନ

ସହିତ ଏହା କିପରି ସୁସଂଗତି ଓ ସୌଷମ୍ୟ ରଖି ପାରୁଥିଲା – ପଶୁଜୀବନ ସହ ସୁସଂଗତି, ଉଦ୍ଭିଦଜୀବନ ସହ ଏତେ ବିପୁଳ ସୁସଂଗତି । ସେତେବେଳେ ରହିଥିଲା ଏକ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ କିପରି ଭାବରେ ପ୍ରକୃତିର ଜିନିଷସବୁକୁ ଠିକ୍ ଭାବରେ ଉପଯୋଗୀ କରାଯାଇ ପାରିବ । ବୃକ୍ଷ ଓ ଫଳସବୁର ଗୁଣଧର୍ମକୁ, ଉଦ୍ଭିଦଜଗତ୍ ଯାହାକିଛି ଦେଇ ପାରିବ ସେସବୁକୁ, ଠିକ୍ ଭାବରେ କାମରେ ଲଗାଇବା ପାଇଁ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ଥିଲା । ଆକ୍ରମଣର ମନୋଭାବ ନଥିଲା, ଭୟ ନଥିଲା, କୌଣସି ଦ୍ୱନ୍ଦ୍ୱ, କୌଣସି ସଂଘର୍ଷ ନଥିଲା, ଆଦୌ କୌଣସି ବିକୃତି ନଥିଲା – ମନ ଥିଲା ଶୁଦ୍ଧ, ସରଳ ଓ ଆଲୋକିତ; କୌଣସି ଜଟିଳତା ତାହାକୁ ସ୍ପର୍ଶ କରି ନଥିଲା ।

କେବଳ କ୍ରମବିକାଶର ଅଗ୍ରଗତି ସହିତ, ବିବର୍ତ୍ତନର ଅଭିଯାନ ସହିତ ଯେତେବେଳେ ମନ ତା'ର ନିଜ ଭିତରେ, ତା'ର ନିଜ ସକାଶେ, ବିକଶିତ ହେବାକୁ ଆରମ୍ଭ କଲା, ସେତେବେଳେ ଆରମ୍ଭ ହେଲା ସମସ୍ତ ପ୍ରକାର ଜଟିଳତା ଓ ବିକୃତି । ତେଣୁ ପୃଥିବୀର ଓ ମନୁଷ୍ୟର ଉତ୍ପତ୍ତି ସମ୍ପର୍କରେ ବାଇବେଲ ଗଳ୍ପ ଯେତେ ପିଲାଳିଆ ମନେହେଲେ ବି, ତହିଁରେ କିଛିଟା ସତ୍ୟତା ଅଛି । ସେହି ଗଳ୍ପ ପରି ପ୍ରାଚୀନ ପରମ୍ପରାରେ ପ୍ରତ୍ୟେକଟି ଅକ୍ଷର (ହିବ୍ରୁ ଭାଷାର) ଏକ ନିର୍ଦ୍ଦିଷ୍ଟ ଜ୍ଞାନର ପ୍ରତିନିଧିତ୍ୱ କରନ୍ତି । ସେହି ସମୟର ପାରମ୍ପରିକ ଜ୍ଞାନର ଏହା ଏକ ରେଖାଙ୍କିତ ସଂକ୍ଷିପ୍ତୀକରଣ । କିନ୍ତୁ ତାହା ଛଡ଼ା ମଧ୍ୟ ଏପରିକି ସେହି ପ୍ରତୀକ ଗଳ୍ପର ଏକ ବାସ୍ତବତା ରହିଥିଲା, ଏହି ଅର୍ଥରେ ଯେ ପୃଥିବୀ ଜୀବନରେ ପ୍ରକୃତରେ ଏପରି ଏକ ସମୟ ଥିଲା – ମଣିଷର ଆକୃତି ଭିତରେ ମାନସୀଭୂତ ଜଡ଼ର ପ୍ରଥମ ଅଭିବ୍ୟକ୍ତି କାଳରେ – ଯେତେବେଳେ କି ତା' ପୂର୍ବରୁ ଅଭିବ୍ୟକ୍ତ ହୋଇଥିବା ସବୁକିଛି ସହିତ ତାହାର ସଂଗତି ଓ ସୌଷମ୍ୟ ଅକ୍ଷୁଣ୍ଣ ଥିଲା । କେବଳ ପରବର୍ତ୍ତୀ ସମୟରେ ...

ଏବଂ ଜ୍ଞାନ ବୃକ୍ଷର ପ୍ରତୀକରେ ଏପରି ଏକ ଜ୍ଞାନକୁ ସୂଚିତ କରାଯାଇଛି ଯାହାକି ଆଉ ଦିବ୍ୟ ହୋଇ ରହି ନାହିଁ, ତାହା ହେଉଛି ଭୌତିକ ଜ୍ଞାନ ଯାହାକି ବିଭାଜନର ବୋଧରୁହିଁ ଆସିଥିଲା ଏବଂ ଯାହା ସବୁକିଛିକୁ ନଷ୍ଟ କରିଦେବାକୁ ଆରମ୍ଭ କରିଦେଲା । ଏହି ସମୟ କେତେକାଳ ପର୍ଯ୍ୟନ୍ତ ରହିଥିଲା ? କାରଣ ମୋ ସ୍ମୃତିରେ ମଧ୍ୟ ଏହା ଥିଲା । ପାଖାପାଖି ଏକ ଅମର ଜୀବନର ସ୍ମୃତି । ମୋର ମନେ ହୁଏ ଅଗ୍ରଗତି କରିବାକୁ ହେଲେ ରୂପସବୁକୁ ବର୍ତ୍ତମାନ ଯେଉଁ ବିନଷ୍ଟିର ପ୍ରକ୍ରିୟା ଭିତରଦେଇ ଯିବାକୁ ହେଉଛି – ଏହି ଆବଶ୍ୟକତା ବିବର୍ତ୍ତନର ଏକ ଆକସ୍ମିକ ଦୁର୍ଘଟଣା । ତେଣୁ ମୁଁ କହିପାରିବି ନାହିଁ, ଏହା କେତେଦିନ ଧରି ସ୍ଥାୟୀ ରହିଥିଲା । ଏବଂ ଏହା କେଉଁଠି ଘଟିଥିଲା ? କେତେକ ଧାରଣା ଅନୁସାରେ – ଏଗୁଡ଼ିକ କିନ୍ତୁ ଧାରଣା ବା ମନର ଛାପ ମାତ୍ର – ମନେହୁଏ ଏହା ଘଟିଥିଲା ସେହିସବୁ ଅଞ୍ଚଳରେ ... ମୁଁ ଠିକ୍ ଜାଣେ ନାହିଁ ଏହା ସିଂହଳ ଓ ଭାରତର ଏପଟ ଦିଗରେ ନା ଆରପଟ ଦିଗରେ (ମା' ଭାରତ ମହାସାଗର ଦିଗରେ ସଙ୍କେତ କଲେ, ପ୍ରଥମେ ସିଂହଳ ଓ ଭାରତର ପଶ୍ଚିମ ଦିଗକୁ ଏବଂ ତା'ପରେ ପୂର୍ବ ଦିଗକୁ ଅର୍ଥାତ୍ ସିଂହଳ ଓ ଜାଭା ଭିତରେ ଥିବା ଅଞ୍ଚଳକୁ) କିନ୍ତୁ ନିଶ୍ଚିତ ରୂପେ ଏହି ସ୍ଥାନର ଅସ୍ତିତ୍ୱ ଆଉ ନାହିଁ, ବୋଧହୁଏ ଏହା ସମୁଦ୍ର ଗର୍ଭରେ ବିଲୀନ ହୋଇଯାଇଛି । ଏହି ସ୍ଥାନ ସମ୍ପର୍କରେ ମୋର ଏକ ଅତି ସ୍ପଷ୍ଟ ସୂକ୍ଷ୍ମ ଦର୍ଶନ ହୋଇଛି ଏବଂ ସେଠାକାର ଜୀବନ ଓ ରୂପସବୁରେ ସମ୍ପର୍କ ଖୁବ୍ ସ୍ପଷ୍ଟ ଜ୍ଞାନ ରହିଛି କିନ୍ତୁ ତାହାର ଏକ ଟିକିନିଖି ଭୌତିକ ବିବରଣୀ ଦେବା ସମ୍ଭବ ନୁହେଁ । ସତ କହିବାକୁ ଗଲେ ମୁଁ ଯେତେବେଳେ ସେହିସବୁ ସମୟ ଭିତରେ ଆଉ ଥରେ ବାସ କରିଥିଲି, ସେତେବେଳେ ତାହାର ଟିକିନିଖି ସମ୍ପର୍କରେ ମୋର କୌତୂହଳ ନଥିଲା । ସେତେବେଳେ ମନର ଅନ୍ୟ ଏକ ଅବସ୍ଥାରେ ବାସ କରିବାକୁ ହୋଇଥାଏ ଆଉ ଏହିସବୁ ଭୌତିକ ଟିକିନିଖି ବିଷୟରେ କୌଣସି କୌତୂହଳ ରୁହେ ନାହିଁ । ସବୁକିଛି ପରିବର୍ତ୍ତିତ ହୋଇଯାଏ ଅନ୍ତଶ୍ଚେତନାର ବିଷୟ ରୂପେ । ଏବଂ ଏହା ଥିଲା ... ଏହା ଥିଲା ଏତେ ସହଜ, ଏତେ ଆଲୋକିତ, ଏତେ ସୁସମଞ୍ଜସ, ଯାହାକି ଆମର ସବୁ ପ୍ରକାର ବିଚାର ଭାବନାର ଅତୀତ,– ବିଶେଷକରି ଆମେ ସ୍ଥାନ ଓ କାଳ ସମ୍ପର୍କରେ ଯେଉଁ ବିଚାର ଓ ଭାବନାସବୁରେ ଜଡ଼ିତ ହେଉ, ସେସବୁର ଅତୀତ ।

ଏହା ଥିଲା ଏକ ସ୍ୱତଃସ୍ଫୂର୍ତ୍ତ, ଅତ୍ୟନ୍ତ ସୁନ୍ଦର ଜୀବନ, ପ୍ରକୃତି ସହ ଏତେ ଘନିଷ୍ଠ ଓ ଅନ୍ତରଙ୍ଗ, ପ୍ରାଣିଜୀବନର ଏକ ସହଜ ଓ ସ୍ୱାଭାବିକ ପ୍ରସ୍ଫୁଟନ ପରି ଏହା ଥିଲା । କୌଣସି ବିରୋଧ, କୌଣସି ଦ୍ୱନ୍ଦ୍ୱ ବା ସେପରି କିଛିର କୌଣସି ସ୍ଥାନ ନଥିଲା । ସର୍ବୋତ୍ତମ ଯାହା ଘଟିବା ସମ୍ଭବ, ତାହାହିଁ ଘଟୁଥିଲା ।

ଭିନ୍ନ ପରିବେଶରେ ଅନେକଥର ବାରଂବାର ମୋର ସେହି ଏକା ସ୍ମୃତିର ପୁନରାବୃତ୍ତି ଘଟିଛି । ଠିକ୍ ଅବିକଳ ସେହିସବୁ ଦୃଶ୍ୟ ବା ସେହିସବୁ ଚିତ୍ରକଳ୍ପ ନୁହେଁ, କାରଣ ଏହା ମୁଁ ଦେଖିପାରୁଥିବା କୌଣସି ଦୃଶ୍ୟ ନଥିଲା, ଏହା ଥିଲା ମୁଁ ବାସ

କରିଥିବା ଏକ ଜୀବନ । କେତେକ ସମୟରେ ଦିନରେ ବା ରାତିରେ ଗୋଟାଏ ପ୍ରକାର ସମାଧିର ଅବସ୍ଥାରେ ମୁଁ ଏପରି ଏକ ଜୀବନକୁ ଫେରି ଯାଉଥିଲି ଯେଉଁଥିରେ ମୁଁ ଏକଦା ବାସ କରିଥିଲି, ଏବଂ ପୂର୍ଣ୍ଣ ଭାବରେ ସଚେତ ଥିଲି ଯେ ପୃଥିବୀ ଉପରେ ମାନବୀୟ ରୂପ ଓ ଆକୃତିର ଥିଲା ଏହା ଏକ ପ୍ରସ୍ଫୁଟନ – ପ୍ରଥମ ମାନବୀୟ ରୂପ ଯାହାକି ଭଗବତ୍ ସତ୍ତାକୁ ମୂର୍ତ୍ତ କରିବା ପାଇଁ ସମର୍ଥ । ଏହା ଥିଲା ତାହାହିଁ । ଏକ ପାର୍ଥିବ ଆକାରରେ ମୁଁ ପ୍ରଥମ ଥର ପାଇଁ ଅଭିବ୍ୟକ୍ତ ହୋଇ ପାରିଥିଲି, ଏକ ନିର୍ଦ୍ଦିଷ୍ଟ ଆକାର ନେଇ, ଏକ ବ୍ୟକ୍ତି ରୂପ ନେଇ – ଏକ 'ସାଧାରଣ ଜୀବନ' ନୁହେଁ କିନ୍ତୁ ଏକ ବ୍ୟକ୍ତି ରୂପ ଭିତରେ । ଅର୍ଥାତ୍ ପ୍ରଥମ ଥର ପାଇଁ ଊର୍ଦ୍ଧ୍ୱରେ ଥିବା ଦିବ୍ୟସତ୍ତା ଓ ନିମ୍ନରେ ଥିବା ସତ୍ତା ପରସ୍ପର ସହ ଯୁକ୍ତ ହୋଇଥିଲେ, ଏହି ଜଡ଼ ଉପାଦାନର ମାନସୀକରଣ ଭିତରେ । ମୁଁ ଅନେକ ଥର ଏହି ଜୀବନ ଧାରଣ କରିଛି, କିନ୍ତୁ ବରାବର ସେହି ସମାନ ପରିବେଶରେ, ବରାବର ସେହି ସମାନ ପରିଚିତ ଅନୁଭୂତି ନେଇ, ଯାହାଥିଲା ଆନନ୍ଦପୂର୍ଣ୍ଣ ସରଳତାରେ ଏକ ଅନୁଭୂତି । ସେଥିରେ କୌଣସି ଜଟିଳତା ନ ଥିଲା, କୌଣସି ସମସ୍ୟା ନଥିଲା, ଏହିସବୁ ପ୍ରଶ୍ନ ନଥିଲା, ଏହି ଧରଣର ଆଦୌ କିଛି ନଥିଲା । ଏକ ବିଶ୍ୱଗତ ପ୍ରେମ ଓ ସୌଷମ୍ୟ ଭିତରେ ଏହା ଥିଲା ଜୀବନର ଆନନ୍ଦର ଏକ ଅପୂର୍ବ ପ୍ରସ୍ଫୁଟନ – ଗଛଲତା, ପଶୁପକ୍ଷୀ, ଫୁଲଫଳ, ପଥର, ଧାତୁ ଆଦି ସବୁକିଛି ଭିତରେ ଥିଲା ଏକ ଗଭୀର ସୌଷମ୍ୟ ଓ ସମନ୍ୱୟ ।

ଏହାର ଅନେକ ପରେ – କିନ୍ତୁ ଏହା ଏକ ବ୍ୟକ୍ତିଗତ ଧାରଣା – ବହୁ ଦୀର୍ଘକାଳ ଗତ ହୋଇଗଲା ପରେ ଏହି ସୌଷମ୍ୟ ନଷ୍ଟ ହୋଇଗଲା । ସମ୍ଭବତଃ ଏହାର କାରଣ ହେଉଛି ମନର କିଛିଟା ଦାନା ବାନ୍ଧିବା ଦରକାର ଥିଲା, ସାଧାରଣ ବିବର୍ତ୍ତନ ବା କ୍ରମପରିଣାମ ପାଇଁ ଏହା ଅନିବାର୍ଯ୍ୟ ଥିଲା, ଯାହାଫଳରେ କି ମନକୁ ପ୍ରସ୍ତୁତ କରାଯିବ, ନିଜଠାରୁ ଭିନ୍ନ ଆଉକିଛି ଦିଗରେ ଆଗେଇ ଯିବା ପାଇଁ । ଏହିଠାରେହିଁ ଘଟିଲା ... ଗୋଟିଏ ଗର୍ତ୍ତ ଭିତରକୁ, କୌଣସି କୁହା ଭିତରକୁ, ଅଜ୍ଞାନ ଭିତରକୁ ପତିତ ହେଲେ ଯେପରି ହୋଇଥାଏ, ତାହାହିଁ ହେଲା, ପରେ ସବୁକିଛି ଏପରି ଅନ୍ଧକାରମୟ, ଏପରି କୁତ୍ସିତ, ଏପରି କଷ୍ଟକର, ଏପରି ଯନ୍ତ୍ରଣାମୟ ହୋଇଗଲା – ପ୍ରକୃତରେ ଏକ ପତନର ଅନୁଭୂତି ପରିହିଁ ଏହା ମନେ ହୋଇଥିଲା ।

ମୁଁ ଜଣେ ଗୁହ୍ୟବିଦ୍ୟାବିତ୍‌ଙ୍କୁ ଜାଣିଥିଲି ଯେ କହୁଥିଲେ କିପରି ଭାବରେ ଏହା ବ୍ୟକ୍ତ କରିବି – ଏପରି ଘଟିବା ଅନିବାର୍ଯ୍ୟ ନଥିଲା । ଅଭିବ୍ୟକ୍ତିର ପୂର୍ଣ୍ଣ ଓ ସାମଗ୍ରିକ ସ୍ୱାଧୀନତାରେ ଦିବ୍ୟ-ଉତ୍ସଠାରୁ ଇଚ୍ଛାକୃତ ବିଚ୍ଛେଦହିଁ ସମସ୍ତ ବିଶୃଙ୍ଖଳାର କାରଣ । କିନ୍ତୁ ଏହାକୁ ବ୍ୟାଖ୍ୟା କରିହେବ କିପରି ? ଆମର ଶବ୍ଦର ଦାରିଦ୍ର୍ୟ ଏତେ ବେଶୀ ଯେ ଏହିସବୁ ବିଷୟକୁ ଠିକ୍ ଭାବରେ ବୁଝାଇ ହେବ ନାହିଁ । ଆମେ କହିପାରୁ ଯେହେତୁ ଏହା ଘଟିଲା ତେଣୁ ଏହା ଅନିବାର୍ଯ୍ୟ ଥିଲା, କିନ୍ତୁ ଆମେ ଯଦି ସୃଷ୍ଟିର ବାହାରକୁ ଚାହିଁବା ତେବେ ଆମେ ଏପରି ଏକ ସୃଷ୍ଟିର ଧାରଣା କରିପାରିବା ବା ଧାରଣା କରି ପାରିଥାଆନ୍ତୁ, ଯେଉଁଥିରେ ଏହି ଧରଣର ବିଶୃଙ୍ଖଳାର ସ୍ଥାନ ନଥା'ନ୍ତା । ଶ୍ରୀଅରବିନ୍ଦ ମଧ୍ୟ ବସ୍ତୁତଃ ସେହି କଥାହିଁ କହିଛନ୍ତି, ଯେତେବେଳେ ସେ କହିଛନ୍ତି ଏହା ଗୋଟାଏ ପ୍ରକାର ଆକସ୍ମିକ ଦୁର୍ଘଟଣା ଥିଲା, ତୁମେ ଏପରି କହିପାର, କିନ୍ତୁ ଏହା ଏପରି ଏକ ଦୁର୍ଘଟଣା ଥିଲା ଯାହାକି ସୃଷ୍ଟିର ଅଭିବ୍ୟକ୍ତିକୁ ଏପରି ମହତ୍ତର ଓ ଏପରି ଅଧିକତର ଏକ ପୂର୍ଣ୍ଣତା ଦେଇପାରିବ ଯାହାକି କେବେହେଲେ ସମ୍ଭବ ହୋଇ ନଥା'ନ୍ତା ଯଦି ଆଦୌ ଏହି 'ଦୁର୍ଘଟଣା' ଘଟି ନଥା'ନ୍ତା । କିନ୍ତୁ ତଥାପି ଏହା ଅନୁମାନର ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ଏବଂ ଏହି ସବୁ ଅନୁମାନ ଅତି କମ୍‌ରେ କହିଲେ ନିତାନ୍ତ ଅର୍ଥହୀନ । ସେ ଯାହା ହେଉ ଅଭିଜ୍ଞତାଟି ବା ଅନୁଭୂତିଟି ଥିଲା ଏକ... (ମା' ଏକ ଆକସ୍ମିକ ପତନକୁ ଇଙ୍ଗିତ କଲେ)... ଓଃ ! ହଠାତ୍ ଏକ ପତନ ।

ସମ୍ଭବତଃ ପୃଥିବୀ ପାଇଁ ଏହା ଏହିପରି ଭାବରେ ଘଟିଥିଲା, କେଉଁଠି କିଛି ନଥାଇ; ହଠାତ୍ ଏକ ପ୍ରକାର ଊର୍ଦ୍ଧ୍ୱାରୋହଣ, ତା'ପରେ ଏକ ପତନ । କିନ୍ତୁ ପୃଥିବୀ ତ ଅଭିନିବେଶର ଏକ ଅତି ଛୋଟ ବିନ୍ଦୁ । ବିଶ୍ୱକ୍ଷେତ୍ରରେ ଏହା ଭିନ୍ନ ପ୍ରକାରର ।

ତେଣୁ ସେହି ସମୟର ସ୍ମୃତି ପୃଥିବୀର ସ୍ମୃତିପଟରେ କେଉଁଠି ସଂରକ୍ଷିତ ହୋଇ ରହିଛି, ସେହି ଇଲାକାରେ ଯେଉଁଠି ପୃଥିବୀର ସମସ୍ତ ସ୍ମୃତି ଗଚ୍ଛିତ ହୋଇ ରହିଥାଏ ଏବଂ ଯେଉଁମାନେ ସେହି ସ୍ମୃତି ଭଣ୍ଡାର ସହ ଯୋଗାଯୋଗ ସ୍ଥାପନ କରିବା ପାଇଁ ସକ୍ଷମ ସେମାନେ କହି ପାରିବେ ଏହି ପାର୍ଥିବ ସ୍ୱର୍ଗ ତଥାପି କେଉଁଠି ରହିଛି, କିନ୍ତୁ ମୁଁ ସେସମ୍ପର୍କରେ କିଛି ଜାଣେନା, ମୁଁ ଦେଖିପାରୁ ନାହିଁ ।

*ପ୍ରଶ୍ନ : ସର୍ପର ସେହି ଗଳ୍ପଟି ବିଷୟରେ କ'ଣ*

*କୁହାଯିବ ? ସର୍ପଟି ସମ୍ପର୍କରେ ଏତେ କୁଖ୍ୟାତି କାହିଁକି ?*

ଶ୍ରୀମା : ଖ୍ରୀଷ୍ଟିଆନମାନେ କୁହନ୍ତି ଏହା ହେଉଛି ମନ୍ଦର ଆତ୍ମା । କିନ୍ତୁ ଏସବୁ ବୁଝିବାରେ ଏକ ଭୁଲ୍ । ମୁଁ ଯେଉଁ ଗୁହ୍ୟ ବିଦ୍ୟାବିତ୍‌ଙ୍କ ବିଷୟରେ କହୁଛି, ସେ କହୁଥିଲେ ଯେ ସ୍ୱର୍ଗ ଓ ସର୍ପ ସମ୍ପର୍କରେ ବାଇବେଲ ଗଳ୍ପର ଯଥାର୍ଥ ବ୍ୟାଖ୍ୟା ହେଉଛି – ମଣିଷ ଚାହିଁଥିଲା ପ୍ରାଣିଜଗତରେ ଥିବା ପଶୁସୁଲଭ ଦିବ୍ୟତ୍ୱରୁ ଉଠିଯାଇ ମନର ବିକାଶ ମାଧ୍ୟମରେ ଏକ ସଚେତ ଦିବ୍ୟତ୍ୱର ସ୍ତରରେ ପହଞ୍ଚିବା ପାଇଁ । ଏବଂ ସେହି ପ୍ରତୀକଟିର ଯଥାର୍ଥ ଅର୍ଥ ହେଉଛି ଏଇୟା, ଯେତେବେଳେ କୁହାଯାଇଥାଏ ଯେ ସେମାନେ ଜ୍ଞାନ ବୃକ୍ଷର ଫଳକୁ ଭୋଜନ କରୁଥିଲେ । ଏବଂ ସେହି ସର୍ପଟି ସମ୍ପର୍କରେ ସେ ବରାବର କହୁଥିଲେ ଯେ ଏହା ବିଚିତ୍ର ବର୍ଣ୍ଣ ବିଭବ ନେଇ ଉଜ୍ଜ୍ୱଳ ଦୀପ୍ତିମନ୍ତ ଥିଲା – ଇନ୍ଦ୍ରଧନୁର ସମସ୍ତ ରଙ୍ଗ ଥିଲା ତା'ଠାରେ – ଏହା ଆଦୌ ମନ୍ଦ ଆତ୍ମା ନଥିଲା, ଏହା ଥିଲା ବିବର୍ତ୍ତନମୂଳକ ଶକ୍ତି, ବିବର୍ତ୍ତନର ଶକ୍ତି ଓ ସାମର୍ଥ୍ୟ । ଅବଶ୍ୟ ବିବର୍ତ୍ତନର ଶକ୍ତିହିଁ ସେମାନଙ୍କୁ ଜ୍ଞାନବୃକ୍ଷର ଫଳକୁ ଆହାର କରାଇଥିଲା ।

ତେଣୁ ତାଙ୍କ ମତରେ ଜେହୋଭା ହେଉଛନ୍ତି ଅସୁରଙ୍କ ମଧ୍ୟରେ ପ୍ରଧାନ, ପରମ ଅସୁର, ଅହଂକାରୀ ଦେବତା ଯେ କି ସବୁକିଛି ଉପରେ ନିଜର କର୍ତ୍ତୃତ୍ୱ-ବିସ୍ତାର ଚାହିଁଥିଲେ, ସବୁକିଛିକୁ ନିଜର ପଦାନତ କରି ରଖିବାକୁ ଚାହିଁଥିଲେ । ଏବଂ ଥରେ ପୃଥିବୀପୃଷ୍ଠର ସିଦ୍ଧି ସମ୍ପର୍କରେ ସେ ପରମ ପ୍ରଭୁତ୍ୱର ଆସନ ନେଇଥିଲେ; ଅବଶ୍ୟ ସେ ଏଥିରେ ଖୁସି ହୋଇ ନଥିଲେ ଯେ ମଣିଷର ଏହି ମାନସିକ ଅଗ୍ରଗତି ହେଉ, କାରଣ ତା'ହେଲେ ସେ ଏପରି ଏକ ଜ୍ଞାନ ପାଇଯିବ ଯାହା ଫଳରେ ସେ କାହାର ଆଉ ବଶତା ସ୍ୱୀକାର କରିବ ନାହିଁ, କାହାକୁ ଆଉ ମାନିବ ନାହିଁ । ଏଥିରେ ସେ ଭୟାନକ ରାଗି ଯାଇଥିଲେ । କାରଣ ଏହା ଫଳରେ ଚେତନାର ବିବର୍ତ୍ତନମୂଳକ ଶକ୍ତି ଦ୍ୱାରା ମଣିଷ ଦେବତାରେ ପରିଣତ ହେବାକୁ ସମର୍ଥ ହେବ । ତେଣୁ ସେମାନଙ୍କୁ ସ୍ୱର୍ଗରୁ ବହିଷ୍କାର କରି ଦିଆଗଲା ।

ଏହି କଥାରେ ଅନେକ ସତ୍ୟତା ରହିଛି, ଅନେକ ।

ଶ୍ରୀଅରବିନ୍ଦ ଏଥିସହ ପୂର୍ଣ୍ଣ ଏକମତ ହୋଇଥିଲେ । ସେ ମଧ୍ୟ ଠିକ୍ ସେଇ କଥା କହିଛନ୍ତି । ବିବର୍ତ୍ତନର କ୍ଷମତା – ମନର କ୍ଷମତାହିଁ ମନୁଷ୍ୟକୁ ଜ୍ଞାନ ଆଡ଼କୁ, ଏକ ଭେଦଗତ ଜ୍ଞାନ ଆଡ଼କୁ ନେଇଯାଇଛି । ଏବଂ ଏହା ମଧ୍ୟ ସତ୍ୟ ଯେ ଭଲ ଓ ମନ୍ଦର ବୋଧ ସହିତହିଁ ମନୁଷ୍ୟ ନିଜ ସମ୍ପର୍କରେ ସଚେତ ହୋଇଛି । କିନ୍ତୁ, ଅବଶ୍ୟ ତାହାହିଁ ସବୁକିଛିକୁ ନଷ୍ଟ କରିଦେଲା, ଏବଂ ସେ ଆଉ ସେହି ସ୍ୱର୍ଗରେ ରହି ପାରିଲା ନାହିଁ । ସେ ନିଜର ଚେତନା ଦ୍ୱାରାହିଁ ସେହି ସ୍ୱର୍ଗରୁ ବହିଷ୍କୃତ ହେଲା । ସେ ଆଉ ସେଠାରେ ରହିପାରିଲା ନାହିଁ... ।

ସେହି ଅବସ୍ଥା ଥିଲା ଅତି ସରଳ, ଅତ୍ୟନ୍ତ ସୌଷମ୍ୟପୂର୍ଣ୍ଣ, ଖୁବ୍ ଆଲୋକିତ, କିନ୍ତୁ ଯଥେଷ୍ଟ ଜଟିଳତା ସେଠି ନଥିଲା । ଏବଂ ଏହି ଜଟିଳତାହିଁ ଆସି ସବୁକିଛିକୁ ନଷ୍ଟ କରିଦେଲା, କିନ୍ତୁ ଏହାହିଁ ଆଣିବ ଏପରି ଏକ ସିଦ୍ଧି ଯାହାକି ଅନନ୍ତ ଗୁଣରେ ଅଧିକ ସଚେତ – ଅନନ୍ତ ଗୁଣରେ । ପୁଣି ଯେତେବେଳେ ପୃଥିବୀ ସେପରି ସୌଷମ୍ୟପୂର୍ଣ୍ଣ, ସରଳ, ଆଲୋକମୟ, ଶୁଦ୍ଧ ହୋଇଉଠିବ – ସରଳ, ପବିତ୍ର ଓ ବିଶୁଦ୍ଧ ଭାବରେ ଦିବ୍ୟ ହୋଇଉଠିବ – ଏବଂ ଏହି ଜଟିଳତାସବୁକୁ ନେଇ ସେତେବେଳେ ଆମେ ଯଥାର୍ଥରେ କିଛି କରିପାରିବା ।

(*ମା' ଉଠିବାକୁ ଗଲାବେଳେ ଏକ ଚମତ୍କାର ଲାଲ ରଙ୍ଗର କାନ୍ନା ଫୁଲ ଦେଖିଲେ ।*)

ପାର୍ଥିବ ସ୍ୱର୍ଗର ସେହି ଅଞ୍ଚଳରେ ଠିକ୍ ଏହିପରି କେତେ ଯେ ଫୁଲ ଥିଲା, ଲାଲ, ଏତେ ସୁନ୍ଦର ! ❖

ତୁମ ସହ ଓ ଯେଉଁ ସକଳ ବ୍ୟକ୍ତି ଶ୍ରୀଅରବିନ୍ଦ ଓ ମୋ ଆଦର୍ଶ ପ୍ରତି ଉନ୍ମୁକ୍ତ ସେମାନଙ୍କ ସହ ମୋର ରହିଛି ଏକ ସ୍ୱତନ୍ତ୍ର ବ୍ୟକ୍ତିଗତ ସମ୍ପର୍କ,– ଏକଥା ଅନସ୍ୱୀକାର୍ଯ୍ୟ ଓ ଏ-କ୍ଷେତ୍ରରେ ଦୂରତାର କିଛି ମୂଲ୍ୟ ନାହିଁ । ତୁମେ ଫ୍ରାନ୍‌ସରେ, ପୃଥିବୀର ଅନ୍ୟ ପ୍ରାନ୍ତରେ ଅଥବା ପଣ୍ଡିଚେରୀରେ, ଯେଉଁଠି ଥାଅ ନା କାହିଁକି ଏହି ସମ୍ପର୍କର ସୂତ୍ର ସବୁବେଳେ ବାସ୍ତବ ଓ ଜୀବନ୍ତ ।

– ଶ୍ରୀମା

# ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ

## ଶ୍ରୀମା

... ଗୋଟିଏ ଦୃଷ୍ଟିରୁ ପ୍ରାଚୀନ ଦୀକ୍ଷା ପଦ୍ଧତିର ଏକ ଉତ୍ତମ ଦିଗ ଥିଲା, ତା'ହେଉଛି ଗୁରୁ କେବଳ ସେଇମାନଙ୍କ ଆଗରେ ଆଧ୍ୟାତ୍ମିକ ଜ୍ଞାନର ପ୍ରକାଶ କରୁଥିଲେ ଯେଉଁମାନେ ଏପରି ଏକ ଅବସ୍ଥାରେ ପହଞ୍ଚି ସାରିଛନ୍ତି ଯେଉଁଠି କୌଣସି କଥା ଓ ଶବ୍ଦର ସାହାଯ୍ୟ ବିନା ସିଧା ସଳଖ ସେହି ଜ୍ଞାନକୁ ଗ୍ରହଣ କରିପାରିବେ । ମୋର ମନେହୁଏ ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା ରହିଛି,– ଏପରିକି ଯାହାଙ୍କର ଅତିମାନସ ଜ୍ଞାନ ରହିଛି ସେ ମଧ୍ୟ ନିଜର ବକ୍ତବ୍ୟକୁ କେବେହେଲେ ଅନ୍ୟମାନଙ୍କୁ ବୁଝାଇ ଦେଇ ପାରିବେ ନାହିଁ, ଯଦି ସେହି ଲୋକମାନେ ନିଜେ ସେଇ ଜ୍ଞାନରେ ପ୍ରବେଶ କରିବାକୁ ସମର୍ଥ ନ ହୁଅନ୍ତି । ତେଣୁ ଯୁକ୍ତିସମ୍ମତ ଭାବରେ ଏହାର ଫଳ ହୋଇଥାଏ, ଲୋକମାନେ କହିବେ, ଯାହା କୁହାଯିବାର ମୁଁ ଶୁଣିଛି, ଯେ ''ଓଃ, ସାଧାରଣ ଜୀବନରେ ଯାହା ହୋଇଥାଏ, ଏଠାରେ ସବୁକିଛି ତ ସେଇଭଳି ମାମୁଲି ।'' ପ୍ରକୃତରେ ଯାହାକିଛି ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ, ସେଗୁଡ଼ିକ ଆମ ଦୃଷ୍ଟି ବା ପ୍ରତ୍ୟକ୍ଷରେ ଧରା ପଡ଼େ ନାହିଁ । ତାହାକୁ କୌଣସି କଥା ବା ଶବ୍ଦ ଦ୍ୱାରା ମଧ୍ୟ ବୁଝାଇ ଦେଇ ହେବ ନାହିଁ ।

ଆମର ଏହି ସ୍ଥାନଟିର କଥା ଧରାଯାଉ । କେତେକ ବିଶେଷ ଶକ୍ତି ଓ ବିଶେଷ ସ୍ପନ୍ଦନର ସଞ୍ଚାରରେ ଏହା ପୂରି ରହିଛି । ଏହି ସ୍ପନ୍ଦନଗୁଡ଼ିକ ଦୃଶ୍ୟମାନ ହୁଅନ୍ତି ନାହିଁ ବା ଇନ୍ଦ୍ରିୟାନୁଭୂତିର ବୋଧଗମ୍ୟ ହୋଇ ସ୍ଥୂଳ ଭାବରେ ନିଜକୁ ପ୍ରକଟ କରନ୍ତି ନାହିଁ । ସେଗୁଡ଼ିକ ନାନା ପରିବର୍ତ୍ତନ ସୃଷ୍ଟି କରିପାରନ୍ତି କିନ୍ତୁ ସେହି ପରିବର୍ତ୍ତନ ସବୁ ଅନ୍ୟାନ୍ୟ ସ୍ଥୂଳ ପରିବର୍ତ୍ତନ ପରି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଭିତରେହିଁ ହୋଇଥାଏ । ତେଣୁ ଗୋଟିଏ ଅବସ୍ଥାରୁ ପ୍ରାୟ ଯୁକ୍ତିଯୁକ୍ତ ପରିଣାମ ରୂପେ ତୁମେ ଅନ୍ୟ ଏକ ଅବସ୍ଥାରେ ପ୍ରବେଶ କର, ଅବସ୍ଥାର ଏହି ପରିବର୍ତ୍ତନ ପଛରେ ଏକ ଯୁକ୍ତି ରହିଥାଏ, ଏବଂ ସେହି ଯୁକ୍ତିହିଁ ତୁମକୁ ଏହା ଦେଖିବାରେ ବାଧାସୃଷ୍ଟି କରେ ଯେ ଏଠାରେ ଏପରି କିଛି ଜିନିଷ ରହିଛି ଯାହା ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ । ଯେଉଁମାନେ ସାଧାରଣ ମନର ପ୍ରତ୍ୟକ୍ଷ ଛଡ଼ା ଆଉ କିଛି ଜାଣନ୍ତି ନାହିଁ, ଯେଉଁମାନେ ସାଧାରଣ ଜୀବନରେ ଘଟଣାଗୁଡ଼ିକ ଯେପରି ଘଟିଥାଏ ସବୁକିଛିକୁ କେବଳ ସେହି ଭାବରେହିଁ ଦେଖିବାରେ ଅଭ୍ୟସ୍ତ, ସେମାନେ ତୁମକୁ କହିବେ, ''ଓଃ, ସେହି ଘଟଣା, ତାହା ସେପରି ଘଟିବା ତ ସ୍ୱାଭାବିକ ।'' ସେମାନଙ୍କ ଭିତରେ ଯଦି ସ୍ଥୂଳ ପ୍ରତ୍ୟକ୍ଷ ଛଡ଼ା ଦେଖିବାର ଅନ୍ୟ କିଛି ସାମର୍ଥ୍ୟ ନଥାଏ, କୌଣସି ସୂକ୍ଷ୍ମ ସ୍ପନ୍ଦନର ଗୁଣଧର୍ମକୁ ଅନୁଭବ କରିବାର ଶକ୍ତି ଯଦି ନଥାଏ, (କେତେକ ଝାପ୍‌ସା ଭାବରେ ଏହା ଅନୁଭବ କରନ୍ତି, କିନ୍ତୁ ଏପରିକି ସେତିକିଟି ଅନୁଭବ କରିବାର କ୍ଷମତା ଯଦି ସେମାନଙ୍କର ନଥାଏ, ସେହି ସ୍ପନ୍ଦନ ସହ ମେଳଥିବା କିଛି ମଧ୍ୟ ଯଦି ସେମାନଙ୍କ ଭିତରେ ନଥାଏ ବା ଥିଲେ ମଧ୍ୟ ଯଦି ତାହା ଜାଗ୍ରତ୍ ହୋଇ ନଥାଏ) ତା'ହେଲେ ସେମାନେ ଆମର ଏଠିକାର ଜୀବନ ଦେଖି ତୁମକୁ କହିବେ, ''ଅନ୍ୟାନ୍ୟ ସାଧାରଣ ଜୀବନ ସହିତ ଏହା ପୂରାପୂରି ସମାନ, କୌଣସି ପାର୍ଥକ୍ୟ ନାହିଁ – ହୁଏତ ତୁମର ନିଜସ୍ୱ ଚିନ୍ତାଧାରା କିଛି ରହିଛି, କିନ୍ତୁ ଅନ୍ୟାନ୍ୟ ଅନେକଙ୍କର ମଧ୍ୟ ସେହିଭଳି ନିଜସ୍ୱ ଚିନ୍ତାଧାରା ରହିଛି, ତୁମେମାନେ ହୁଏତ କାର୍ଯ୍ୟଗୁଡ଼ିକୁ ଏକ ବିଶେଷ ଢଙ୍ଗରେ କରୁଛ କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଶେଷ ଢଙ୍ଗରେ କାର୍ଯ୍ୟ କରିଥାଆନ୍ତି । ଶେଷରେ ଦେଖାଯାଉଛି ଆମେ ବାହାରେ ଯେଉଁ ଜୀବନ ଯାପନ କରୁଛୁ ଏଠାରେ ମଧ୍ୟ ଠିକ୍ ସେହିଭଳି । କୌଣସି ପାର୍ଥକ୍ୟ ନାହିଁ...'' ତେଣୁ ଏପରି ମଧ୍ୟ ବେଶ୍ ଘଟିପାରେ ଯେ ଏକ ନିର୍ଦ୍ଦିଷ୍ଟ ସମୟରେ ଅତିମାନସ ଶକ୍ତି ପ୍ରକଟିତ ହେଲା, ଏଠାରେ ତାହା ସଚେତ ହେଲା ଓ ଜଡ଼ ଉପରେ କ୍ରିୟା କଲା, କିନ୍ତୁ ଯେଉଁମାନେ ସଚେତ ଭାବରେ ଏହାର ସ୍ପନ୍ଦନରେ ଅଂଶ ଗ୍ରହଣ କରନ୍ତି ନାହିଁ, ସେମାନେ ତାହା ପ୍ରତ୍ୟକ୍ଷ କରିବାକୁ ଅସମର୍ଥ ହେବେ । ଲୋକମାନେ କୁହନ୍ତି ''ଯେତେବେଳେ ଅତିମାନସ ଶକ୍ତି ଅଭିବ୍ୟକ୍ତ ହେବ, ଆମେ ତାହା ବେଶ୍ ଭଲ ଭାବରେ ଜାଣି ପାରିବୁ, ଏହା ସ୍ପଷ୍ଟ ଭାବରେ ଦେଖିହେବ ।'' କିନ୍ତୁ ଏହା ନିଶ୍ଚିତ ଭାବରେ ଯେ ଏପରି ହେବ, ତା'ନୁହେଁ । ଖୁବ୍ କମ୍ ସମ୍ବେଦନଶୀଳତା ଥିବା ଯେଉଁ ଲୋକମାନେ ଆମର ଏହି ସ୍ଥାନ ଦେଇଯାଆନ୍ତି, ଏପରିକି ଏଠାରେ ବାସ ମଧ୍ୟ କରନ୍ତି, ସେମାନେ ଯେପରି ଅନ୍ୟାନ୍ୟ ସ୍ଥାନଠାରୁ ଏହାର ପାର୍ଥକ୍ୟ, ଏହାର ବିଶେଷତ୍ୱ ଅନୁଭବ କରିପାରନ୍ତି ନାହିଁ, ସେହିପରି ପୂର୍ବୋକ୍ତ ଲୋକମାନେ ମଧ୍ୟ

ଅତିମାନସ ଅଭିବ୍ୟକ୍ତିକୁ ଅନୁଭବ କରିପାରିବେ ନାହିଁ । ତୁମ ଭିତରୁ କେଇଜଣ ଆମ ଏହି ସ୍ଥାନର ମହିମା ଓ ବିଶେଷତ୍ୱକୁ ଏପରି ନିର୍ଦ୍ଦିଷ୍ଟଭାବେ ଅନୁଭବ କରିପାରୁଛ ଯେ ଦୃଢ଼ତାର ସହ କହିପାରିବ ଏହା ଅନ୍ୟାନ୍ୟ ସ୍ଥାନଠାରୁ ସ୍ୱତନ୍ତ୍ର ? ତୁମେ ହୁଏତ ତୁମ ଚିନ୍ତାରେ, ତୁମ ହୃଦୟରେ କିଛିଟା ଅନୁଭବ କରିପାରୁଥିବ ଯେ, ଏହି ସ୍ଥାନଟି ଅନ୍ୟାନ୍ୟ ସ୍ଥାନ ପରି ନୁହେଁ କିନ୍ତୁ ତାହାକୁ ବରଂ ଏକ ଅସ୍ପଷ୍ଟ ଅନୁଭୂତି ବୋଲି କୁହାଯିବ । ନୁହେଁ କି ? କିନ୍ତୁ ଏହି ସ୍ଥାନର ବିଶେଷତ୍ୱକୁ ନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟକ୍ଷ କରିବାକୁ ହେଲେ, ସେଥିପାଇଁ ସାମର୍ଥ୍ୟ ଥିବା ଆବଶ୍ୟକ । ଏ ସମ୍ପର୍କରେ ମୋର ନିଜର ଅନୁଭୂତିଟି ଶୁଣ । ମୁଁ ଜାପାନରୁ ଆସିବା ବେଳେ ଯାହା ପ୍ରତ୍ୟକ୍ଷ କରିଥିଲି । ମୁଁ ସମୁଦ୍ର ଭିତରେ ଏକ ବୋଟରେ ଥିଲି; କିଛି ଘଟିବ ବୋଲି ଆଶା କରୁ ନଥିଲି; ଅବଶ୍ୟ ମୁଁ ଆନ୍ତରଜୀବନ ନେଇ ବ୍ୟାପୃତ ଥିଲି କିନ୍ତୁ ସ୍ଥୂଳ ଦୈହିକ ଭାବରେ ବୋଟ ଉପରେହିଁ ରହିଥିଲି । ଯେତେବେଳେ ଆମ ବୋଟଟି ପଣ୍ଡିଚେରୀର ଦୁଇ ମାଇଲ ନିକଟବର୍ତ୍ତୀ ହୋଇଗଲା, ହଠାତ୍ ଅଚାନକ ଭାବରେ ସମଗ୍ର ବାତାବରଣ ଏପରିକି ପବନ ଆଦିର ସ୍ଥୂଳ ସ୍ପର୍ଶ ଓ ଗୁଣଧର୍ମ ମଧ ଏପରି ପରିବର୍ତ୍ତିତ ହୋଇଯିବାର ମୁଁ ଅନୁଭବ କଲି ଯେ ମୁଁ ଜାଣିଲି ଆମେ ଶ୍ରୀଅରବିନ୍ଦଙ୍କ ପ୍ରଭା ଭିତରେ ପ୍ରବେଶ କରୁଛୁ । ଏହା ଥିଲା ପୂରା ଏକ ଦୈହିକ ଅନୁଭୂତି । ଏବଂ ମୁଁ ସମସ୍ତ ନିର୍ଭରତା ଦେଇ କହିପାରେ ଯେ ଯାହା ଭିତରେ ଚେତନା ଯଥେଷ୍ଟ ଜାଗ୍ରତ୍ ହୋଇଥିବ ସେ ମଧ ସେଇ ସମାନ ଅନୁଭୂତି ପାଇପାରିବ ।

ଠିକ୍ ଏହାର ବିପରୀତ ଅନୁଭୂତି ମଧ ମୋର ହୋଇଛି, ଯେତେବେଳେ ଏଠାରେ ବହୁବର୍ଷ କଟାଇବା ପରେ ପ୍ରଥମ ଥର ପାଇଁ କାର୍‌ଯୋଗେ ବାହାରକୁ ଯାଇଥିଲି । ଯେତେବେଳେ ଲେକ୍‌କୁ ଅତିକ୍ରମ କରି ଟିକେ ଆଗକୁ ଗଲି, ହଠାତ୍ ଅନୁଭବ କଲି ବାତାବରଣ ପରିବର୍ତ୍ତିତ ହୋଇଯାଉଛି, ବାତାବରଣରେ ଯେଉଁ ପ୍ରାଚୁର୍ଯ୍ୟ, ଶକ୍ତି, ଆଲୋକ ଓ ସାମର୍ଥ୍ୟ ରହିଥିଲା ତାହା ଯେପରି ହ୍ରାସ ପାଇବାକୁ ଲାଗିଲା ଏବଂ ଶେଷରେ ଆଉ କିଛି ବି ରହିଲା ନାହିଁ । ମୁଁ ସେତେବେଳେ ମନ ବା ପ୍ରାଣର ଚେତନାରେ ନଥିଲି, ରହିଥିଲି ପୂରା ଦୈହିକ ଚେତନାରେ । ଯେଉଁମାନେ ନିଜର ଦୈହିକ ଚେତନାରେ ସମ୍ବେଦନଶୀଳ ଥିବେ ସେମାନେ ଏହା ଖୁବ୍ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଅନୁଭବ କରି ପାରିବେ । ଏବଂ ମୁଁ ତୁମକୁ ଏହି ନିଶ୍ଚିତତା ଦେଇ କହିପାରେ ଯେ ଯେଉଁ ସ୍ଥାନ ବା ଅଞ୍ଚଳଟିକୁ ଆମେ 'ଆଶ୍ରମ' ବୋଲି କହୁଛେ ତହିଁରେ ଶକ୍ତି ଏପରି ଜମାଟ ଓ ଘନୀଭୂତ ହୋଇ ରହିଛି ଯେ ସହରରେ ତାହା ଆଦୌ ସେଭଳି ହୋଇ ରହି ନାହିଁ ଏବଂ ଗ୍ରାମାଞ୍ଚଳରେ ତାହା ଆହୁରି କମ୍ ।

ତେଣୁ, ମୁଁ ତୁମକୁ ପଚାରୁଛି ଶକ୍ତିର ଏହି ଘନୀଭୂତ ରୂପ, ଯାହାକି ଚେତନାର ଏକ ବିଶେଷ ସ୍ପନ୍ଦନ ଆଣିଦିଏ, ସେସମ୍ପର୍କରେ ତୁମ ଭିତରୁ ପ୍ରକୃତରେ କିଏ ସଚେତ ? ତୁମ ଭିତରୁ ଅନେକେ ଏହା ଅସ୍ପଷ୍ଟ ଓ ଝାପ୍‌ସା ଭାବରେ ଅନୁଭବ କର, ମୁଁ ତାହା ଜାଣେ, ଏପରିକି ବାହାରୁ ଆସୁଥିବା ଲୋକମାନେ ମଧ ଝାପ୍‌ସା ଭାବରେ ତାହା ଅନୁଭବ କରନ୍ତି, ସେମାନଙ୍କ ମନରେ ଏକ ଛାପ ରହିଯାଏ, ସେମାନେ ଏ ସମ୍ପର୍କରେ କୁହନ୍ତି ମଧ; କିନ୍ତୁ ଏସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଚେତନା, ଏକ ବୈଜ୍ଞାନିକ ଚେତନା ଯାହାକି ଏହାର ଏକ ନିର୍ଭୁଲ ପରିମାପ ଦେଇପାରିବ, ସେହି ଚେତନା କାହାର ଅଛି ? ମୁଁ ନିର୍ଦ୍ଦିଷ୍ଟ ଭାବରେ କାହାକୁ ଇଙ୍ଗିତ କରୁ ନାହିଁ, ପ୍ରତ୍ୟେକେ ନିଜ ନିଜ ଭିତରକୁ ଦେଖିପାର । ଏବଂ ଏଠାରେ ଶକ୍ତିର ଏହି ଯେଉଁ ଘନୀଭୂତକରଣ ହୋଇଛି ତାହା ଅତିମାନସ ଶକ୍ତିର ଏକ ସୁଦୂର ପ୍ରତିବିମ୍ବ ମାତ୍ର । ତେଣୁ ଯେତେବେଳେ ସେହି ଅତିମାନସ ଶକ୍ତି ଏଠାରେ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠିତ ହେବ ସେତେବେଳେ ଏହା ଯେ ଏଠାରେ ବିଦ୍ୟମାନ ରହିଛି ତାହା ପ୍ରତ୍ୟକ୍ଷ କରିବା ପାଇଁ ଲୋକମାନଙ୍କୁ କେତେ ଦିନ ଲାଗିବ ? ଏବଂ ଏହା ସବୁକିଛି ପରିବର୍ତ୍ତନ କରିଦିଏ, ବୁଝିପାରୁଛ ତ ? ଏବଂ ମୁଁ ଯେତେବେଳେ କୁହେ ମନ କେବେହେଲେ ବିଚାର କରିବା ପାଇଁ ସମର୍ଥ ନୁହେଁ, ମୁଁ ଏହି ଧରଣର ବିଷୟଗୁଡ଼ିକ ଉପରେହିଁ ଭିତ୍ତି କରି ତାହା କୁହେ; ମନ କେବେହେଲେ ଜ୍ଞାନର ପ୍ରକୃତ ଯନ୍ତ୍ର ହୋଇ ପାରିବ ନାହିଁ, ଏହା କୌଣସି ବିଷୟ ସମ୍ପୂର୍ଣ୍ଣ ଠିକ୍ ଭାବରେ ଜାଣି ପାରିବ ନାହିଁ । ଜଣେ ବୈଜ୍ଞାନିକ କୌଣସି ନିର୍ଦ୍ଦିଷ୍ଟ ବାତାବରଣକୁ ବିଶ୍ଳେଷଣ କରି, ତାହା କେଉଁସବୁ ଭିନ୍ନ ଭିନ୍ନ ଉପାଦାନ ଓ ଅନୁପାତ ନେଇ ଗଠିତ ତାହା କହି ଦେଇପାରିବ । କିନ୍ତୁ ଏଠାରେ ଏହି ବାତାବରଣର ସମ୍ପୂର୍ଣ୍ଣ ଠିକ୍ ଅନୁପାତ କିଏ ଦେଇପାରିବ । କିଏ କହିପାରିବ ଏଠାରେ ଏହିପରି ଏକ ସ୍ପନ୍ଦନ ରହିଛି, ଅମକ ସ୍ପନ୍ଦନର ଏହି ଅନୁପାତ ରହିଛି ଓ ସମକ ସ୍ପନ୍ଦନର ଏହି ଅନୁପାତ ରହିଛି, ଅତିମାନସର ଏତିକି ମାତ୍ରା ଓ ଏତିକି ଅନୁପାତ ରହିଛି ?... ମୁଁ ତୁମକୁ ଏହି ପ୍ରଶ୍ନ ପଚାରୁଛି ଯାହା ଉପରେ ତୁମେ ଚିନ୍ତା କରିପାର ।

(ମାଙ୍କୁ ଜଣେ ପ୍ରଶ୍ନ କଲେ ଯେ ଏହି ଅନୁଭୂତି ପାଇଁ, କହିବାକୁ ଗଲେ ସେ ଏକ 'ଅନୁକୂଳ' ଅବସ୍ଥାରେ ରହି ନଥିଲେ

କି ? ତା'ର ଉତ୍ତରରେ ମା' ନିମ୍ନୋକ୍ତ ବ୍ୟାଖ୍ୟାଟି ଦେଇଥିଲେ ।)

କେତେକ ଲୋକ ଅଛନ୍ତି ଯେଉଁମାନେ ବରାବର ଏକ ଉଚ୍ଚତର ଚେତନାରେ ବାସ କରନ୍ତି, ଯେତେବେଳେ ଅନ୍ୟମାନଙ୍କୁ ସେହି ଚେତନାରେ ପ୍ରବେଶ କରିବା ପାଇଁ ପ୍ରୟାସ କରିବାକୁ ପଡ଼େ । କିନ୍ତୁ ଏଠାରେ ବିଷୟଟି ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମୁଁ ଯେଉଁ ଅନୁଭୂତିଟି କଥା କହୁଥିଲି, ତାହାର ସମସ୍ତ ମୂଲ୍ୟ ହେଉଛି ଏଇଥିପାଇଁ ଯେ ମୁଁ ସେହିପରି କିଛି ଅନଭୂତି ପାଇଁ ଆଦୌ ଆଶା କରି ନଥିଲି, ଆଦୌ ନୁହେଁ । ଯଦିଓ ମୁଁ ଏହା କହିପାରେ ଯେ ଶ୍ରୀଅରବିନ୍ଦଙ୍କ ବାତାବରଣ ବିଷୟ ମୁଁ ଖୁବ୍ ଭଲ ଭାବରେ ଜାଣିଥିଲି, ଏବଂ ଦୀର୍ଘଦିନ ଧରି କ୍ରମାଗତ ଭାବରେ ତାହା ସହିତ ଆଧ୍ୟାତ୍ମିକ ଯୋଗାଯୋଗ ଓ ସମ୍ପର୍କ ରଖୁଥିଲି, କିନ୍ତୁ ମୁଁ କେବେହେଲେ ଆଶା କରି ନଥିଲି ଯେ ସ୍ଥୂଳ ପବନ ମଧ୍ୟ ବଦଳି ଯିବ ଏବଂ ସାମାନ୍ୟତମ ଭାବରେ ମଧ୍ୟ ମୁଁ ତାହା ଆଶା କରି ନଥିଲି ଏବଂ ଏହାହିଁ ଅନୁଭୂତିଟିକୁ ସମଗ୍ର ମୂଲ୍ୟ ଦେଇଥିଲା । ହଠାତ୍ ଅଚାନକ ଭାବରେ ଏହା ଆସିଲା, ଠିକ୍ ଯେପରି ତୁମେ ଏକ ଭିନ୍ନ ତାପ ବା ଭିନ୍ନ ଉଚ୍ଚତାର ବାତାବରଣରେ ପ୍ରବେଶ କରିଛ ଠିକ୍ ସେହିପରି ଲାଗିଲା । ମୁଁ ଜାଣେନା ତୁମେ ଏହା ଲକ୍ଷ୍ୟ କରିଛ କି ନାହିଁ ଯେ ତୁମେ ଶ୍ୱାସ-ପ୍ରଶ୍ୱାସରେ ଯେଉଁ ବାୟୁ ଗ୍ରହଣ କର ତାହା ସବୁବେଳେ ସମାନ ନୁହେଁ, ଗୋଟିଏ ଦେଶର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ଦେଶର ବାୟୁର ସ୍ପନ୍ଦନରେ, ଗୋଟିଏ ସ୍ଥାନର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ସ୍ଥାନର ବାୟୁର ସ୍ପନ୍ଦନରେ ଅନେକ ଭିନ୍ନତା ରହିଛି । ତୁମେ ଯଦି ଏହି ସୂକ୍ଷ୍ମ ଭୌତିକ ପ୍ରତ୍ୟକ୍ଷ ସଙ୍ଗେ ପରିଚିତ ଥିବ ତେବେ ସଙ୍ଗେ ସଙ୍ଗେ କହି ଦେଇପାରିବ ଯେ ''ଆଃ ଏହା ହେଉଛି ଫ୍ରାନ୍ସର ପବନ'', ''ଏହା ହେଉଛି ଜାପାନର ପବନ ।'' ଗନ୍ଧ ବା ସ୍ୱାଦ ପରି ଏହାର ମଧ୍ୟ ସଂଜ୍ଞା ନିର୍ଣ୍ଣୟ କରାଯାଇପାରିବ ନାହିଁ । କିନ୍ତୁ ମୋର ସେହି ଅନୁଭୂତିଟି ଆଦୌ ଏପରି ନଥିଲା, ଏହା ଥିଲା ଅନ୍ୟ ଏକ ଇନ୍ଦ୍ରିୟାନୁଭୂତିର ପ୍ରତ୍ୟକ୍ଷ । ଏହା ଥିଲା ଏକ ଦୈହିକ ବୋଧ, ପ୍ରାଣିକ ବା ମାନସିକ ବୋଧ ନୁହେଁ; ଏହା ଥିଲା ଦୈହିକ ଜଗତରହିଁ ଏକ ଅନୁଭୂତି । କିନ୍ତୁ ସାଧାରଣତଃ ଆମର ଯେଉଁ ପଞ୍ଚଇନ୍ଦ୍ରିୟର ଅନୁଭୂତି ଥାଏ ତା'ଛଡ଼ା ମଧ୍ୟ ଅନେକ ବୋଧ ଓ ଅନୁଭୂତି ରହିଛି ।

ପ୍ରକୃତରେ ଦୈହିକ ସତ୍ତାର ପୂର୍ଣ୍ଣ ବିକାଶ ପାଇଁ — ମନେରଖ ମୁଁ ଦୈହିକ ସତ୍ତା କଥା କହୁଛି —ବାରଟି ବୋଧ ବା ଇନ୍ଦ୍ରିୟାନୁଭୂତି ଦରକାର । ଏଥି ଭିତରୁ ଗୋଟିଏ ବୋଧହିଁ ମୋତେ ପୂର୍ବୋକ୍ତ ପ୍ରତ୍ୟକ୍ଷ ଆଣି ଦେଇଥିଲା । ତୁମେ କହିପାରିବ ନାହିଁ ଯେ ଏହା ଥିଲା ଏକ ସ୍ୱାଦ, ଶବ୍ଦ ବା ଶ୍ରବଣ ଇତ୍ୟାଦି କିନ୍ତୁ ଏହା ଏପରି ଧରଣର ଏକ ଅନୁଭୂତି ଥିଲା ଯାହାକି ଅତି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଗୁଣ ଧର୍ମର ପାର୍ଥକ୍ୟକୁ ବୁଝାଇ ଦେଉଥିଲା । ଏହା ଥିଲା ଅତି ସୁନିର୍ଦ୍ଦିଷ୍ଟ, କଳା ଓ ଧଳାର ପାର୍ଥକ୍ୟ ବୁଝିପାରିଲା ଭଳି ସ୍ପଷ୍ଟ, ଯଥାର୍ଥରେ ଏହା ଥିଲା ଏକ ଇନ୍ଦ୍ରିୟାନୁଭୂତି ।

ସାଧାରଣତଃ ତୁମେ ଯେତେବେଳେ କୌଣସି ଗୁହ୍ୟବିଦ୍ୟା ଅଧ୍ୟୟନ କରିବାକୁ ଚାହଁ, ତୁମର ଗୁରୁ ଯେଉଁ କାମଟି ପ୍ରଥମ କରନ୍ତି ତୁମକୁ ଏବିଷୟରେ ଆଦୌ କିଛି କହିବେ ନାହିଁ, ଆଦୌ କିଛି ବ୍ୟାଖ୍ୟା କରିବେ ନାହିଁ । ଏହାର କାରଣ ହେଉଛି ମନର ଭାବିବାର ଯେଉଁ ଏକ ହାସ୍ୟାସ୍ପଦ ସ୍ୱଭାବ ରହିଛି ତାହା ସଙ୍ଗେ ସଙ୍ଗେ ଏବିଷୟରେ ଭାବିବାକୁ ଆରମ୍ଭ କରେ ଏବଂ ସେହି ଭାବନା ଦ୍ୱାରା ତୁମ ପାଇଁ ଏପରିସବୁ ଅନୁଭୂତି ଆଣିଦିଏ ଯାହାର କି କୌଣସି ମୂଲ୍ୟ ନାହିଁ । ସେଗୁଡ଼ିକ କେବଳ ମନର ଗଠନ ମାତ୍ର ଏବଂ ତୁମକୁ ନେଇ ସେଗୁଡ଼ିକ ଖେଳା ଆରମ୍ଭ କରିଦିଅନ୍ତି । ବାସ୍, କେବଳ ତାହାହିଁ, ସେଗୁଡ଼ିକର କୌଣସି ବାସ୍ତବତା ନଥାଏ ।

ତୁମକୁ ଅନୁଭୂତିର ଜଗତରେ ପ୍ରବେଶ କରିବାକୁ ହେଲେ ମନକୁ ପୂରାପୂରି ସନ୍ଦେହ କରିବାକୁ ହେବ । ମନକୁ ଟିକିଏ କେବଳ ହଲଚଲ କରି ଉଠାଇ ଦେବାକୁ ହେବ ଯେତେବେଳେ ସେ ଦେଖିବାକୁ ଚାହିଁବ, 'ଆଃ, କ'ଣ ସବୁ ଘଟୁଛି ।' ତା'ପରେ ନାନା ଅନୁଭୂତି ଘଟିବାକୁ ଆରମ୍ଭ କରିପାରେ କିନ୍ତୁ ପ୍ରକୃତରେ ସେଗୁଡ଼ିକ ଯଥାର୍ଥ ଅନୁଭୂତି ନୁହେଁ, ମନର କଳ୍ପନା ମାତ୍ର ।

ପ୍ରଥମ ସର୍ତ୍ତ ହେଉଛି ତୁମକୁ ଜାଣିବାକୁ ହେବ କିପରି ନିରବତା ରକ୍ଷା କରାଯାଏ । କେବଳ କଥାବାର୍ତ୍ତା ବନ୍ଦ କରି ଜିଭକୁ ଚୁପ୍ ରଖିବା ଯଥେଷ୍ଟ ନୁହେଁ, ତୁମର ମନକୁ ନିରବ କରିବାକୁ ହେବ, ମସ୍ତିଷ୍କକୁ ନିରବ କରିବାକୁ ହେବ । ତୁମେ ଯଦି ଯଥାର୍ଥ ଓ ଆନ୍ତରିକ କିଛି ଅନୁଭୂତି ପାଇବାକୁ ଚାହୁଁଥାଅ, ଯାହା ଉପରେ ଯଥାର୍ଥ କିଛି ନିର୍ମାଣ କରିପାରିବ, ତେବେ ତୁମକୁ ଜାଣିବାକୁ ହେବ କିପରି ନିରବ ହେବାକୁ ହୁଏ । ତା' ନହେଲେ କେବଳ ତୁମେ ନିଜେ ଯାହା କଳ୍ପନା କରି ଚାଲୁଥିବ ତା'ଛଡ଼ା ତୁମର ଆଉ କିଛି ରହିବ ନାହିଁ, ଯାହାର ଆଦୌ କୌଣସି ମୂଲ୍ୟ ନାହିଁ । ସେତେବେଳେ କେବଳ ଏତିକି କୁହାଯାଇ ପାରେ ''ହାୟ, ଭଗବାନ୍, ମୋ ମନର କେତେ ନୂଆ ନୂଆ କଳ୍ପନାର ଶକ୍ତି ରହିଛି ।''

(CWM Vol 4, pp. 222-24, 228-31) ✤

# ମା'ଙ୍କର ଏକ ବାର୍ତ୍ତା

ମଣିଷଜୀବନରେ ସମସ୍ତ ବାଧାବିଘ୍ନ, ସମସ୍ତ କଳହ-ବିବାଦ, ସମସ୍ତ ନୈତିକ ଦୁର୍ଭୋଗର ମୂଳ କାରଣ ହେଲା ପ୍ରତ୍ୟେକଙ୍କ ଭିତରେ ନିଜର କାମନା-ବାସନା ଓ ପସନ୍ଦ-ଅପସନ୍ଦ ନେଇ ଯେଉଁ ଅହଂଟି ରହିଥାଏ । ଏପରିକି ଏକ ନିଃସ୍ୱାର୍ଥପର କର୍ମର କ୍ଷେତ୍ରରେ, ଯେଉଁଠି ଅନ୍ୟମାନଙ୍କୁ ସାହାଯ୍ୟ କରିବାହିଁ ପ୍ରଧାନ କଥା, ସେ କ୍ଷେତ୍ରରେ ମଧ୍ୟ ଯେପର୍ଯ୍ୟନ୍ତ ତୁମେ ନିଜର ଅହଂ ଓ ତା'ର ଦାବିସବୁକୁ ଅତିକ୍ରମ କରିବାକୁ ନ ଶିଖିଛ, ତାହାକୁ ଗୋଟିଏ କୋଣକୁ ଠେଲି ଦେଇ ନୀରବ ଓ ଚୁପ୍‌ଚାପ୍ ରହିବାକୁ ବାଧ୍ୟ ନକରିଛ, ସେପର୍ଯ୍ୟନ୍ତ ସେହି ଅହଂ ତାକୁ ଭଲ ନ ଲାଗୁଥିବା ପ୍ରତ୍ୟେକଟି ବିଷୟ ଉପରେ ପ୍ରତିକ୍ରିୟା ଆରମ୍ଭ କରିବ ଏବଂ ଭିତରେ ଏକ ତୁମୂଳ ଝଡ଼ ସୃଷ୍ଟି କରିବ ଯାହା ସମ୍ମୁଖ ଭାଗକୁ ଉଠିଆସି ସମସ୍ତ କାମଟିକୁ ନଷ୍ଟ କରିଦେବ ।

ଅହଂ ଉପରେ ବିଜୟ ହାସଲ କରିବାର ଏହି କାମଟି ଦୀର୍ଘ, ମନ୍ଥର ଓ କଷ୍ଟ ସାପେକ୍ଷ, ଏଥିପାଇଁ ଆବଶ୍ୟକ ହେଉଛି ନିରନ୍ତର ସଜାଗ ରହିବା ଏବଂ କ୍ରମାଗତ ଭାବେ ନିଜ ପ୍ରଚେଷ୍ଟାରେ ଲାଗି ରହିବା । କେତେକଙ୍କ କ୍ଷେତ୍ରରେ ଏହି ପ୍ରଚେଷ୍ଟା ସହଜ ଓ ଆଉ କେତେକଙ୍କ କ୍ଷେତ୍ରରେ କଷ୍ଟସାଧ୍ୟ ହୋଇଥାଏ ।

ଶ୍ରୀଅରବିନ୍ଦଙ୍କ ଜ୍ଞାନ ଓ ଶକ୍ତିର ସାହାଯ୍ୟ ନେଇ ଏକତ୍ର ଏହି କାମଟି କରିବା ପାଇଁ ଆମେମାନେ ଆଶ୍ରମରେ ରହିଛୁ । ଆମର ପ୍ରୟାସ ହେଲା ଏପରି ଏକ ସମଷ୍ଟିଗତ ଜୀବନ ଗଢ଼ି ତୋଳିବା ଯାହାକି ଏକ ଅଧିକ ସୁସମଞ୍ଜସ, ଅଧିକ ଏକୀଭୂତ, ଏବଂ ପରିଣାମରେ ଜୀବନରେ ଅନେକ ଅଧିକ ଫଳପ୍ରଦ ।

ମୁଁ ଯେପର୍ଯ୍ୟନ୍ତ ଶାରୀରିକ ଭାବରେ ତୁମ ସମସ୍ତଙ୍କ ସଙ୍ଗେ ଏକତ୍ର ରହି କାମ କରୁଥିଲି, ମୋର ସେହି ଉପସ୍ଥିତିହିଁ ତୁମକୁ ସାହାଯ୍ୟ କରୁଥିଲା ଅହଂ ଉପରେ ଏହି କର୍ତ୍ତୃତ୍ୱ ଲାଭ କରିବା ପାଇଁ, ତେଣୁ ମୋ ପାଇଁ ତୁମକୁ ଏବିଷୟରେ ବ୍ୟକ୍ତିଗତ ଭାବରେ ବାରଂବାର କହିବାର କୌଣସି ଆବଶ୍ୟକତା ନଥିଲା ।

କିନ୍ତୁ ବର୍ତ୍ତମାନ ଏହି ଦିଗରେ ପ୍ରଚେଷ୍ଟା ପ୍ରତ୍ୟେକ ସାଧକଙ୍କ ପାଇଁ ସାଧନା-ଜୀବନର ମୂଳ ଭିତ୍ତି ହେବା ଉଚିତ, ବିଶେଷ କରି ଯେଉଁମାନଙ୍କୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଭାର ଓ ଅନ୍ୟମାନଙ୍କର ଯତ୍ନ ନେବାକୁ ପଡ଼ୁଛି । ନେତାମାନଙ୍କୁ ସବୁବେଳେ ଆଦର୍ଶ ଦୃଷ୍ଟାନ୍ତ ରଖିବାକୁ ହେବ, ସେମାନଙ୍କ ତତ୍ତ୍ୱାବଧାନରେ ଥିବା କର୍ମୀମାନଙ୍କଠାରୁ ସେମାନେ ଯାହା ଦାବି କରନ୍ତି ନିଜର ଆଚରଣରେ ତାହା ଦେଖାଇବାକୁ ହେବ । ସେମାନଙ୍କୁ ସମଝଦାର, ଧୈର୍ଯ୍ୟଶୀଳ, ସହିଷ୍ଣୁ ହେବାକୁ ହେବ ଓ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ଓ ବନ୍ଧୁତ୍ୱପୂର୍ଣ୍ଣ ଗଭୀର ସଦିଚ୍ଛାର ଭାବ ପୋଷଣ କରିବାକୁ ହେବ ଏବଂ ଅହଂଭାବରେ ଚାଳିତ ହୋଇ ନିଜ ପାଇଁ ବନ୍ଧୁ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ନୁହେଁ, ଅନ୍ୟମାନଙ୍କୁ ଯଥାର୍ଥରେ ବୁଝିବା ଓ ସାହାଯ୍ୟ କରିବାର ଏକ ଉଦାର ମନୋଭାବରୁହିଁ ଏହା କରିବାକୁ ହେବ ।

ଯଥାର୍ଥ ନେତା ହେବାକୁ ହେଲେ ନିଜକୁ ଭୁଲିଯିବା, ନିଜର ପସନ୍ଦ, ଅପସନ୍ଦକୁ ଭୁଲିଯିବା ପୂରା ଅପରିହାର୍ଯ୍ୟ ।

ଏହାହିଁ ମୁଁ ବର୍ତ୍ତମାନ ତୁମଠାରୁ ଆଶା କରୁଛି, ଯାହା ଫଳରେ ତୁମ ନିଜର ଦାୟିତ୍ୱ ସବୁର ଠିକ୍ ଭାବରେ ସମ୍ମୁଖୀନ ହୋଇପାରିବ । ସେତେବେଳେ ଦେଖିବ ଯେଉଁଠାରେ ତୁମେ ବିଶୃଙ୍ଖଳା ଓ ଅନୈକ୍ୟ ଦେଖୁଥିଲ, ସେ ସବୁ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛି ଏବଂ ତା' ସ୍ଥାନରେ ଦେଖାଦେଇଛି ସୌଷମ୍ୟ, ଶାନ୍ତି ଓ ଆନନ୍ଦ ।

ତୁମେ ଜାଣ ମୁଁ ତୁମମାନଙ୍କୁ କିପରି ଭଲପାଏ ଏବଂ ଏହା ମଧ୍ୟ ଜାଣ ଯେ ମୁଁ ସବୁବେଳେ ତୁମ ସଙ୍ଗରେ ରହିଛି ତୁମକୁ ଲାଳନ ଓ ପୁଷ୍ଟ କରିବାକୁ, ସାହାଯ୍ୟ କରିବାକୁ ଏବଂ ପଥ ପ୍ରଦର୍ଶନ କରି ଆଗେଇ ନେବାକୁ ।

୨୬ ଅଗଷ୍ଟ, ୧୯୬୯ (MCW Vol. 13, page 164 - 65)

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ସୁରାଟରେ ଫିରୋଜସାହ

ନରମପନ୍ଥୀ ଗୋଷ୍ଠୀର ସ୍ୱେଚ୍ଛାଚାରୀ ବ୍ୟକ୍ତିମାନେ ଯେମିତି ଅସାଧାରଣ ସେମାନଙ୍କ ପନ୍ଥାଗୁଡ଼ିକ ମଧ୍ୟ ସେମିତି ଉପଦେଶରେ ଭରା । ସୁରାଟ ସମ୍ମିଳନୀରେ ଫିରୋଜସାହ ମେହେଟାଙ୍କ କାର୍ଯ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ଯେଉଁ ବିବରଣୀକୁ ଗତକାଲି ପତ୍ରିକାର ଉଦ୍ଦିଷ୍ଟ ସ୍ତମ୍ଭମାନଙ୍କରେ ଆମେ ପ୍ରକାଶ କରିଥିଲୁ ତା'ର ଏକ ବଳିଷ୍ଠ ସମଜାତୀୟ ମେଳ ରହିଛି ସେଇସବୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସହିତ, ପ୍ରାଦେଶିକ କଂଗ୍ରେସର ନିରଙ୍କୁଶ କ୍ଷମତା ସମ୍ପନ୍ନ ବ୍ୟକ୍ତିମାନେ ଯାହାକୁ ଅନୁସରଣ କରି ଚାଲିଛନ୍ତି ସାରା ଭାରତବର୍ଷରେ । ତୋଷାମଦକାରୀ ଅଧ୍ୟକ୍ଷଙ୍କର ଏଇ ମନୋନୟନ କଥା, ଯିଏ ନିଲାମ ଡାକିଲା ପରି ପ୍ରଭୁତ୍ୱବ୍ୟଞ୍ଜକ କଣ୍ଠରେ ଗୋରା, କଳା ବୋଲି ଡାକୁଥିବେ, ଜନମତ ପ୍ରତି ଖୋଲାଖୋଲି ବିଦ୍ରୂପ କରୁଥିବେ, ଅବଜ୍ଞା କରୁଥିବେ ନ୍ୟାୟ ବିଚାର ପ୍ରତି, ପକ୍ଷପାତ ରହିତ ଆଚରଣ ପ୍ରତି; ବେଖାତିର ଭାବ ତାଙ୍କର ପ୍ରକାଶ ପାଉଥିବ ସାମ୍ବିଧାନିକ କାର୍ଯ୍ୟ ଓ ପଦ୍ଧତିଗୁଡ଼ିକ ସକାଶେ; ମାନ୍ୟତା ପ୍ରାପ୍ତ ଆଇନ-କାନୁନ ଦୃଷ୍ଟିରେ ସମସ୍ତେ ଯେ ସମାନ ଏଇ ଚିନ୍ତାଧାରାକୁ, ଏକ ସ୍ୱୟଂଶାସିତ ଅନୁଷ୍ଠାନ ନିମନ୍ତେ ଅପରିହାର୍ଯ୍ୟ ହୋଇ ପଡ଼ିଥିବା ଅନ୍ୟ ରୀତିନୀତିଗୁଡ଼ିକୁ ହେୟ ମନେ କରୁଥିବେ; ଅତୀତର ''ସେବାକାର୍ଯ୍ୟ'' ଉପଲକ୍ଷେ ବ୍ୟକ୍ତିଗତ ଇଚ୍ଛା ଓ ମତାମତକୁ, ସୁଖ-ସୁବିଧାଗୁଡ଼ିକୁ ଲୋକ ପ୍ରତିନିଧିମାନଙ୍କର ଇଚ୍ଛା, ମତାମତ, ସୁଖ-ସୁବିଧା ତୁଳନାରେ ଶ୍ରେଷ୍ଠ ବୋଲି ଜାହିର କରିବାର ଔଦ୍ଧତ୍ୟପୂର୍ଣ୍ଣ ଦାବିକୁ ଉଦ୍ଦେଶ୍ୟମୂଳକ ଭାବେ ଉପସ୍ଥାପିତ କରିବା, ଏସବୁ ହେଲା ଆମ ସ୍ୱେଚ୍ଛାଚାରୀ ଗଣତାନ୍ତ୍ରିକ ନେତାମାନଙ୍କର କାର୍ଯ୍ୟକ୍ରମ ଭିତରେ ନିହାତି ସାଧାରଣ ଓ ସାର୍ବଜନୀନ ବିଶେଷତ୍ୱ । ପାର୍ଥକ୍ୟ ରହିଛି ଖାଲି ବ୍ୟକ୍ତିଗତ ମତିଗତି ଆଉ କଥା କହିବାର ଭଙ୍ଗୀରେ । ''ରାଷ୍ଟ୍ର, ମୁଁ ଯେ ରାଷ୍ଟ୍ର'', ଚିତ୍କାର କରି ଉଠିଥିଲେ ଚତୁର୍ଦ୍ଦଶ ଲୁଇ । ''ଦେଶ ! ମୁଁ ତ ଦେଶ !'' ବିଳିବିଳେଇ ଉଠିଛନ୍ତି ଫିରୋଜସାହ ମେହେଟା ମହାଶୟ କିଂବା ପଣ୍ଡିତ ମଦନ ମୋହନ ମାଲବ୍ୟ ବା କୃଷ୍ଣସ୍ୱାମୀ ଆୟାର, ଯାହାଙ୍କ କ୍ଷେତ୍ରରେ ହେଉ ନା କାହିଁକି । କେବଳ ଫିରୋଜସାହ ମେହେଟା ମହାଶୟଙ୍କର ବ୍ୟକ୍ତିତ୍ୱ ଯେପରି ଟାଣ ସେମିତି ଏକାଙ୍ଗ ଚକ୍ରବର୍ତ୍ତୀ ତୁଲ୍ୟ ଔଦ୍ଧତ୍ୟ ତାଙ୍କର ତତୋଽଧିକ, ସର୍ବସାଧାରଣଙ୍କ ସମ୍ମୁଖରେ ଖୋଲାଖୋଲି, ଘୃଣା ପରିପୂର୍ଣ୍ଣ ଏପରିକି କମ୍ ଅନୁକମ୍ପା ଲାଭ କରିଥିବା ପ୍ରଦେଶମାନଙ୍କରେ ତାଙ୍କ ସହକର୍ମିଗଣଙ୍କ ଔଦ୍ଧତ୍ୟ ତୁଳନାରେ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଦି କିଛି ପ୍ରଗତି ହାସଲ କରିବାକୁ ଥାଏ, ଯଦି ଆମେ ଦାବି କରି ଆସୁଥିବା ସ୍ୱାୟତ୍ତଶାସନ ପାଇଁ ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବାକୁ ପଡୁଥାଏ; ତା'ହେଲେ ଏଇ ବାହୁବଳେନ୍ଦ୍ର ଏକଚ୍ଛତ୍ରବାଦକୁ ପରାଭୂତ କରିବାକୁ ହେବ ଆମକୁ ଅନୁରୂପ ଶକ୍ତିସାମର୍ଥ୍ୟ ଭରା ବାହୁବଳର ପ୍ରୟୋଗରେ ।

ସମ୍ମିଳନୀର ଅଧ୍ୟକ୍ଷ ସତେ ଯେମିତି ତାଙ୍କର ଏକ ପୋଷା ବିରାଡ଼ି ଥିଲେ । ଭାଲ୍‌ଚନ୍ଦ୍ର (Bhalchandra) ମହାଶୟଙ୍କ ପ୍ରତି ଏତାଦୃଶ ଆଚରଣ ଫିରୋଜସାହଙ୍କର ଅଦ୍ଭୁତ ଖିଆଲଗୁଡ଼ିକ ମଧ୍ୟରେ ସବୁଠୁ ଯେ ଅସାଧାରଣ ଥିଲା ତା' ନୁହେଁ – ଅନ୍ୟ କେଉଁ କାରଣ ପାଇଁ ଜଣେ ଛତ୍ରଧାରୀ ନାଇଟ୍ (Knight of the Umbrella)ଙ୍କୁ ଏପରି ଏକ ପାହ୍ୟାକୁ ଉନ୍ନୀତ କରାଯାଇଥିଲା, ଯାହାଙ୍କ ପ୍ରତି ତାଙ୍କର କୌଣସି ପ୍ରକାରର ଦାବିର ଯଥାର୍ଥତା କିଛି ନଥିଲା । ସମ୍ମିଳନୀ ଜରିଆରେ ସହାନୁଭୂତିଶୀଳ ବିଚାରରୁ ଆଉନ୍ଧ (Aundh) କମିଶନକୁ ସେ ବାଦ୍ କରି ଦେବାଟା ମଧ୍ୟ ତାଙ୍କର ସେଭଳି ଆଚରଣର ଅନ୍ତର୍ଭୁକ୍ତ ନଥିଲା । ନିଜ ସହାନୁଭୂତି ସମ୍ପନ୍ନ ବିଚାରର ପରିସରରୁ ରାଜକୁମାର ଓ ଦଳପତିମାନଙ୍କୁ ବଞ୍ଚିତ କରିବା, ସତେ ଯେପରି ସେମାନେ ଜାତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହନ୍ତି ଆଉ ସେମାନଙ୍କୁ କୌଣସି ସହାନୁଭୂତି ପ୍ରଦର୍ଶନ ନକରି କିଂବା ସମର୍ଥନ ନଦେଇ ବିଦେଶୀ କାର୍ଯ୍ୟାଳୟର ନରମ ଅନୁକମ୍ପା ପାଖରେ ଛାଡ଼ିଦେବା, ଏହା ହେଉଛି ରକ୍ଷଣଶୀଳ ''କଂଗ୍ରେସ'' ଭିତରେ ଥିବା ଜାତୀୟତାବାଦର ଅଙ୍ଗ ବିଶେଷ । ବମ୍ବେ କର୍ମଚାରୀଙ୍କ ବିରୋଧରେ ତାଙ୍କ ବ୍ୟକ୍ତିଗତ ଅସୁବିଧାଗୁଡ଼ିକ ପ୍ରକାଶ କରିବା ପାଇଁ ସମ୍ମିଳନୀକୁ ସେ ଏକ ମାଧ୍ୟମରେ ପରିଣତ କରିବାକୁ ବସି ନଥିଲେ । ସେ ଯେଉଁ କାଣ୍ଡଟି କଲେ ତାହା ଥିଲା ଜାତୀୟ ଶିକ୍ଷା (National Education)ର ପ୍ରଶ୍ନ ସଂକ୍ରାନ୍ତରେ ।

ସମ୍ମିଳନୀର ବିଚାର ବିମର୍ଶ ଭିତରୁ ସବୁ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଏଇ ପ୍ରସ୍ତାବଟିକୁ ସେ ଯେଉଁସବୁ ବାହାନା ଦେଖେଇ ବାଦ୍ କରି ଦେବାକୁ ସମର୍ଥ ହୋଇଥିଲେ ସେଗୁଡ଼ିକ ଗୋଟି ଗୋଟି କରି ବର୍ତ୍ତମାନ ବିଚାରକୁ ନେବା । ଆମ ନେତୃବର୍ଗଙ୍କର ଅଦ୍ଭୁତ ମାନସିକ ଗଠନ ଶୈଳୀ ଯେ କ'ଣ ଥିଲା ଆଉ ଯେଉଁ ରାଜନୀତିର ପ୍ରଚାର ସେମାନେ କରନ୍ତି ସେ ସମ୍ପର୍କରେ ଧାରଣା ସେମାନଙ୍କର ଯେ କିଭଳି ଅପରିପକ୍ୱ ଥିଲା ତା'ର ପ୍ରମାଣ ସେଇଥିରୁହିଁ ମିଳିଯିବ । ତାଙ୍କର ପ୍ରଥମ ଯୁକ୍ତି ଥିଲା କଂଗ୍ରେସର ପ୍ରସ୍ତାବକୁ ଗ୍ରହଣ କରିନେବା ସମ୍ମିଳନୀ ପାଇଁ ବାଧତାମୂଳକ ନୁହେଁ । ତା'ହେଲେ କଂଗ୍ରେସର ପ୍ରୟୋଜନ କେଉଁଥିପାଇଁ ? ଆମେ ଯାହା ବୁଝିଛୁ, କଂଗ୍ରେସର ପ୍ରସ୍ତାବଗୁଡ଼ିକ ଭାରତର ଐକ୍ୟବଦ୍ଧ ଜନସାଧାରଣଙ୍କର ମତାମତ ଆଉ ଆଶା ଆକାଙ୍‌କ୍ଷାର ବାସ୍ତବ ରୂପାୟନ । ସେଇ ସକଳ ପ୍ରସ୍ତାବ ଜରିଆରେ ସର୍ବନିମ୍ନ ସଂସ୍କାରମାନ ଆଗତ କରାଯାଇଥାଏ ଯାହାକୁ ସରକାରଙ୍କ ପାଖରୁ ଦାବି କରିବା ପାଇଁ କିଂବା ନିଜ ଉଦ୍ଦେଶ୍ୟରେ ସେଗୁଡ଼ିକୁ ସାର୍ଥକ କରି ତୋଳିବା ପାଇଁ ଜନସାଧାରଣ ଏକମତ ହୋଇଛନ୍ତି । ଯଦି କୌଣସି ପ୍ରଦେଶର ପରିସ୍ଥିତି କିଂବା ସାଧାରଣ ଜନମତ ଏଥିପାଇଁ ଦାବି କରୁଥାଏ, ତା'ହେଲେ ଗୋଟିଏ ପ୍ରାଦେଶିକ ସମ୍ମିଳନୀ ଏହି ସର୍ବନିମ୍ନ ସଂସ୍କାରଗୁଡ଼ିକୁ ଅତିକ୍ରମ କରି ଆହୁରି ଆଗେଇ ଯିବା ଉଚିତ । ଜାତି ଦ୍ୱାରା ଅନୁମୋଦିତ ହୋଇଥିବା କାର୍ଯ୍ୟକ୍ରମରୁ ନିଜକୁ ବିଚ୍ଛିନ୍ନ ନକରି ଆଉ ଏକ ଐକ୍ୟବଦ୍ଧ ଅଗ୍ରଗତି ପାଇଁ ଥିବା ସକଳ ସୁଯୋଗକୁ ନଷ୍ଟ, ଭ୍ରଷ୍ଟ ନକରି ଏହା କେବେହେଲେ ସେଇ ସଂସ୍କାରଗୁଡ଼ିକ ହ୍ରାସ କରିପାରିବନି, ଉପେକ୍ଷା କରିପାରିବନି କିଂବା ସେଥିରୁ ପଛେଇ ଯାଇ ପାରିବନି । ଯଦି ଏହି ପ୍ରସଙ୍ଗଗୁଡ଼ିକ ସହିତ କଂଗ୍ରେସର ଏବଂ ସମ୍ମିଳନୀର କିଛି ସମ୍ପର୍କ ନାହିଁ ତା'ହେଲେ ଫିରୋଜସାହ ମହାଶୟ ଆମକୁ ସୂଚନା ଦେବେ କି ଅସଲ ସମ୍ପର୍କଗୁଡ଼ିକ କ'ଣ ହୋଇପାରେ ? ଗୋଟିଏ ପ୍ରଦେଶ ନିଜ ଲକ୍ଷ୍ୟଗୁଡ଼ିକର ପୂରଣ ପାଇଁ ଆବଶ୍ୟକ କରୁଥିବା ଅତିରିକ୍ତ କାର୍ଯ୍ୟକ୍ରମ ସହିତ ଜାତୀୟ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଯଦି ସମ୍ମିଳନୀଟି ନରହିଛି, ତା'ହେଲେ ଏହା କ'ଣ ତିଷ୍ଠି ରହିଛି କେବଳ ଅଳ୍ପ କିଛି ପ୍ରାଦେଶିକ ନେତାମାନଙ୍କର ସିଦ୍ଧାନ୍ତ ଓ ମନ୍ତବ୍ୟଗୁଡ଼ିକୁ ବସି ଖାଲି ଟିପିବା ପାଇଁ ?

ଦ୍ୱିତୀୟ ଜବାବ ହେଲା, ଫିରୋଜସାହ ମେହେଟା ମହାଶୟ ଜାତୀୟ ଶିକ୍ଷାର ଅର୍ଥକୁ ବୁଝିପାରିଲେ ନାହିଁ । ଆମର ମନେ ପଡୁଛି, ଅହମଦାବାଦରେ ପ୍ରଜା ସମିତି (subjects committee)ରେ ସ୍ୱଦେଶୀ ପ୍ରସ୍ତାବ (Swadeshi Resolution) କାଟ ଖାଇଗଲା କାରଣ ଫିରୋଜସାହ ମେହେଟା ମହାଶୟ ଜାଣି ପାରିଲେନି ଯେ ଯଦି ଏହି ପ୍ରସ୍ତାବଟି ଗୃହୀତ ହୋଇଯାଏ ତା'ହେଲେ ତାଙ୍କର ସୂକ୍ଷ୍ମ ପଶମ ବସ୍ତ୍ର (Broad cloth) ସେ ଆଉ କେଉଁଠୁ ପାଇବେ ? ଏ ଜାତି ତା'ର ବାଣିଜ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳତାକୁ ଆଗେଇ ନେବାରେ ସାହାଯ୍ୟ କରିବା ପାଇଁ ଆଉ କୃତ ସଂକଳ୍ପକୁ ବଜାୟ ରଖି ପାରିଲା ନାହିଁ କାରଣ ଫିରୋଜସାହ ମେହେଟା ଅନ୍ୟ ଯେକୌଣସି ପରିଧେୟ ଅପେକ୍ଷା ସୂକ୍ଷ୍ମ ପଶମ ବସ୍ତ୍ରକୁ ବେଶୀ ପସନ୍ଦ କରୁଥିଲେ । ଆଉ ବର୍ତ୍ତମାନ ବୟେର ଜନତା ଜାତୀୟ ସ୍ରୋତ ଭିତରେ ସାମିଲ ହୋଇ ନିଜକୁ ଶିକ୍ଷା ଦେବା ଅବସ୍ଥାରେ ନାହାନ୍ତି କାରଣ ଫିରୋଜ ସାହ ମେହେଟା ଜାଣନ୍ତିନି ଯେ ଗୋଟିଏ ଜାତି କିଂବା ଜାତୀୟତାବାଦ କହିଲେ କ'ଣ ବୁଝାଯାଏ କିଂବା ସ୍ୱୟଂ ଫିରୋଜସାହ ମେହେଟା ଯାହା ବୁଝିଛନ୍ତି ତାକୁ ଛାଡ଼ିଦେଲେ ପ୍ରକୃତରେ ଆଉ ବା କ'ଣ ତା'ର ଅର୍ଥ ହୋଇପାରେ ସେ କଥା ମଧ୍ୟ ସେ ଜାଣନ୍ତି ନାହିଁ ।

ଯେତେବେଳେ ପ୍ରଜା ସମିତି (Subjects committee)ର ଗୋଟିଏ ଭୋଟ ଉପରେ ପ୍ରସ୍ତାବଟି କାଟ ଖାଇଗଲା ବୋଲି ସଭାପତି ଘୋଷଣା କଲେ ସେତେବେଳେ ପ୍ରତିନିଧି ମଣ୍ଡଳୀର ଅଧିକାଂଶ ସଦସ୍ୟ (Large body of the delegates) ଏହା ଏକ ଭୁଲ୍ ଘୋଷଣା ଥିଲା ବୋଲି ମନ୍ତବ୍ୟ ଦେଇଥିବାର ମନେ ହେଉଛି । ଏଭଳି ପରିସ୍ଥିତି ଭିତରେ ପ୍ରତି ଗୋଷ୍ଠୀ ପକ୍ଷରୁ ଯେଉଁ ଗଣନାକାରୀ ସଭ୍ୟମାନେ ଉପସ୍ଥିତ ଥିଲେ ସେମାନଙ୍କ ମାଧ୍ୟମରେ ଭୋଟ ଗଣତି କରେଇ ଦେବାଟା ସହଜ କାର୍ଯ୍ୟପନ୍ଥା ହୋଇଥାଆନ୍ତା । କିନ୍ତୁ ଅଧକ୍ଷଙ୍କର ସତ୍ୟନିଷ୍ଠା ସମ୍ପର୍କରେ କାଳେ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିବ ସେଥିପାଇଁ ଫିରୋଜସାହ ମେହେଟା ତାଙ୍କ ତୃତୀୟ ଜବାବଟି ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ରାଜନୀତି ଯେ ଭଦ୍ରତା ଖାତିରରେ ସୌଜନ୍ୟମୂଳକ ଭାବ ଆଦାନପ୍ରଦାନର ଏକ ସାମାଜିକ ବୈଠକ ଖାନା ନୁହେଁ ଏକଥା ତ ଆମେ ଏତେ ଜୋର୍ ଦେଇ କହିପାରିବୁ ନାହିଁ । ଯେଉଁଠି ସାମ୍ବିଧାନିକ ଅଧିକାରର ପ୍ରଶ୍ନ ଉଠେ ସେଇଠି ଏ ଧରଣର ବ୍ୟକ୍ତିଗତ ତର୍କ ବିତର୍କକୁ ଆଣି ପ୍ରଶ୍ରୟଦେବା ଦ୍ୱାରା ପ୍ରମାଣିତ ହୁଏ ଯେ ଗଣତାନ୍ତ୍ରିକ ରାଜନୀତିର ମୌଳିକ ନିୟମଗୁଡ଼ିକୁ ଆପଣମାନେ ବୁଝିନାହାନ୍ତି । ଏ ସମସ୍ତ ନିୟମ

ଭିତରୁ ନିହାତି ପ୍ରଥମ ନିୟମ ହେଲା ଆଇନ ଶାସନ କରେ କିନ୍ତୁ ବ୍ୟକ୍ତି ବିଶେଷ ଶାସନ କରନ୍ତିନି – ବ୍ୟକ୍ତି ଆଇନର ଯନ୍ତ୍ର ମାତ୍ର । ଗୋଟିଏ ସଂଗଠନର ସଭାପତି କିଂବା ଅଧ୍ୟକ୍ଷ କେବଳ ସେଠି ବସିଥା'ନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଉ ଆଇନ କାନୁନ ପାଳନ କରାଯାଉଛି ବୋଲି ଦେଖିବାକୁ । ସେ ଖାଲି ବସି ରହନ୍ତି ନାହିଁ ତାଙ୍କ ନିଜ ଇଚ୍ଛାକୁ କୌଣସି ଆଇନର ରୂପ ଦେବା ପାଇଁ । ଯଦି ଭୁଲ୍ ଗଣତିର କିଛି ପ୍ରଶ୍ନ ସେଠାରେ ଉଠୁଥାଏ ତା'ହେଲେ ତୁରନ୍ତ ପଦକ୍ଷେପ ସ୍ୱରୂପ ସମ୍ପୂର୍ଣ୍ଣ ଠିକ୍ ଗଣନା କରି ଉଭୟ ପକ୍ଷଙ୍କୁ ସନ୍ତୁଷ୍ଟ କରିବା କର୍ତ୍ତବ୍ୟ ତା' ନିମନ୍ତେ ବାଧ୍ୟତାମୂଳକ ହୋଇଯାଏ ଏବଂ ଏପ୍ରକାର ଗଣନା ପାଇଁ ଦାବି କରିବା ତ ସଭ୍ୟମାନଙ୍କର ସ୍ୱଭାବସିଦ୍ଧ ଅଧିକାର । ଜଣେ ଅଧ୍ୟକ୍ଷଙ୍କ ଆତ୍ମ-ପ୍ରୀତିରୁ ଉତ୍ପନ୍ନ ଲାଜକୁଳୀ ଲତାଟି ଝାଉଁଳିଲା ପରି ସଙ୍କୋଚର ମାନ ରକ୍ଷାର୍ଥେ ସେଇ ଅଧିକାରକୁ କାଢ଼ିନେବାଟା ଆଦୌ ଉଚିତ ନୁହେଁ କିଂବା ତାଙ୍କ ସତ୍ୟନିଷ୍ଠା ପ୍ରତି ଯେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି କିଂବା ସେ ଅପମାନିତ ବୋଧ କରୁଛନ୍ତି ବୋଲି ସେଥିପାଇଁ ନିର୍ବୋଧ ଆଲୋଚନା କରିବାର ଅଧିକାର ତାଙ୍କର କି ତାଙ୍କ ବନ୍ଧୁମାନଙ୍କର ନାହିଁ । ତୁଣ୍ଡରେ ଏ ପ୍ରକାର କଥାଗୁଡ଼ିକ ଆଣିବା ଦ୍ୱାରା ହୁଏତ ଏକ ଅପରାଧଜନିତ ବୋଧର ପ୍ରମାଣ ଯାହା କି ସର୍ବସାଧାରଣଙ୍କ ଜେରାର ସମ୍ମୁଖୀନ ହୋଇପାରିବ ନାହିଁ କିଂବା ତାହା କୌଣସି ସାମ୍ବିଧାନିକ କାର୍ଯ୍ୟପଦ୍ଧତିଗୁଡ଼ିକରେ ନେତୃତ୍ୱ ପାଇଁ ଏକ ସମ୍ପୂର୍ଣ୍ଣ ନୈତିକ ଅଯୋଗ୍ୟତାକୁ ପ୍ରତିପାଦିତ କରୁଛି ।

ଆମେ କ୍ଷୋଭ ପ୍ରକାଶ କରୁଛୁ ଯେ ସୁରାଟଠାରେ ପ୍ରତିନିଧିଗଣ ସେମାନଙ୍କ ଅଧିକାର ପାଇଁ ଜିଦ୍ କରି ନଥିଲେ । ଫିରୋଜସାହ ମେହେଟା ମହାଶୟ କଲିକତା ଆସିଲେ, କଂଗ୍ରେସ ଭିତରେ ଯାହା ନିର୍ଦ୍ଧାରିତଭାବେ କରିବା ପାଇଁ ପ୍ରସ୍ତୁତ ହୋଇଥିଲା ସେ ବର୍ତ୍ତମାନ ସମ୍ମିଳନୀରେ ତାହା କରି ଚାଲିଛନ୍ତି । କିନ୍ତୁ ବଙ୍ଗଳାରେ ଏପରି ଏକ ଜାଗରଣର ଉଚ୍ଛ୍ୱାସ ସେ ଦେଖିବାକୁ ପାଇଲେ ଯାହା ସମ୍ମୁଖରେ ଶହେ ଜଣ ଫିରୋଜସାହଙ୍କ ଅବସ୍ଥା ହେଉଛି ଠିକ୍ ବତାସ ମୁହଁରେ ଚଷୁ ପରି । ଏହା ଏପରି ଏକ ଉଚ୍ଛ୍ୱାସ ଯାହା ରାଷ୍ଟ୍ର ବ୍ୟତୀତ କିଂବା ରାଷ୍ଟ୍ର ନିଜ ଉପରେ ନ୍ୟସ୍ତ କରିଥିବା ଆଇନଗୁଡ଼ିକ ବ୍ୟତୀତ ଆଉ କାହାରି ନିର୍ଦ୍ଦେଶକୁ ବରଦାସ୍ତ କରିବ ନାହିଁ । ସମଗ୍ର ଭାରତବର୍ଷ ବ୍ୟାପୀ ସେଇ ଜାଗରଣର ଉଚ୍ଛ୍ୱାସ ଉପରେ ନିର୍ଭର କରୁଛି ଜାତୀୟ ସ୍ୱାର୍ଥର ପ୍ରଗତି । କେବଳ ଜଣେ ମାତ୍ର ନିରଙ୍କୁଶ ଶାସକ ରହୁ – ସେ ହେଲେ ଜନସାଧାରଣ ।

(ବନ୍ଦେ ମାତରମ୍, ଏପ୍ରିଲ ୧୦, ୧୯୦୭)

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ତୁମର ଅତୀତ ଯାହା ହେଉ ନା କାହିଁକି, ଯେତେ ଦୋଷତ୍ରୁଟି ତୁମେ କରି ଥାଅ ନା କାହିଁକି, ଯେତେ ଅଜ୍ଞାନତା ଭିତରେ ତୁମେ ବାସ କରିଥାଅ ନା କାହିଁକି, ତୁମେ ତୁମ ଗଭୀର ଅନ୍ତରରେ ପରମ ଶୁଦ୍ଧତାକୁ ବହନ କରି ଚାଲିଛ ଯାହାକି ନିଜକୁ ଏକ ଅନୁପମ ଉପଲବ୍ଧିରେ ପରିଣତ କରିପାରିବ ।

ସମଗ୍ର କଥାଟି ହେଉଛି କେବଳ ସେଇକଥା ଚିନ୍ତା କରିବା, ତାହାରି ଉପରେ ଏକାଗ୍ର ହେବା, ନିଜର ଅସୁବିଧା, ବାଧା ବିପତ୍ତି, ପ୍ରତିବନ୍ଧକଗୁଡ଼ିକୁ ନେଇ ବିଶେଷ ବିବ୍ରତ ନ ହେବା ।

ଯାହା ତୁମେ ହେବାକୁ ଚାହୁଁଛ ତା' ଉପରେ ଏକାନ୍ତ ଭାବରେ ଏକାଗ୍ର ହୁଅ, ଯାହା ତୁମେ ହେବାକୁ ଚାହୁଁନା ତାକୁ ଯେତେ ଦୂର ସମ୍ଭବ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଅ ।

– ଶ୍ରୀମା

# ଦେବଜନ୍ମ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଇହଲୋକରେ ଏଇ ସ୍ଥୂଳ ଜଗତରେ ଆମେ ରହିବୁ । ଯାହାକିଛି ଉପଲବ୍ଧି କରିବାର, ଯାହାକିଛି ପ୍ରତିଷ୍ଠିତ କରିବାର ଅଛି, ସେଗୁଡ଼ିକ ଜୀବନର ଭିତର ଦେଇହିଁ ଉପଲବ୍ଧି କରିବୁ, ଜୀବନର ଭିତରେହିଁ ପ୍ରତିଷ୍ଠିତ କରିବୁ, ଜୀବନର ଅତୀତ ହୋଇ କରିବୁ ନାହିଁ । ବୈଦିକ ଋଷିଗଣ ସେମାନଙ୍କର ସମସ୍ତ ଆକାଙ୍କ୍ଷା, ସମସ୍ତ ପ୍ରୟାସ ଉତ୍ସର୍ଗ କରିଥିଲେ – 'ଦେବାୟ ଜନ୍ମନେ' । ଏଇ ଦେବଜନ୍ମ ଲାଭ କରିବାହିଁ ଆମର ଲକ୍ଷ୍ୟ; ଦେବତାର ସତ୍ତା ଦେଇ ଆମ ସତ୍ତାର ପ୍ରତି ସ୍ତରକୁ ସମ୍ପୂର୍ଣ୍ଣ କରିବାକୁ ହେବ, ଦେବତାର ଜୀବନ ଦେଇ ମାନୁଷୀ ଜୀବନର ପ୍ରତି ଅଙ୍ଗକୁ ଅମୃତମୟ କରିବାକୁ ପଡ଼ିବ ।

ଭଗବାନଙ୍କୁ ନ ଚାହେଁ କିଏ ? କିନ୍ତୁ ସିଏହିଁ ଭଗବାନଙ୍କୁ ଚାହାନ୍ତି, ଯିଏ କେବଳ ଭାଗବତ । ଅନ୍ତର ମଧ୍ୟରେ ଏକ ଅନନ୍ତ ଅନିର୍ଦ୍ଦେଶ୍ୟର ବୋଧକୁହିଁ ସାଧାରଣ ଲୋକେ ଭଗବତ୍ ଉପଲବ୍ଧି ବୋଲି ଜାଣନ୍ତି । ସନ୍ନ୍ୟାସୀର ଆଖିରେ ଜୀବନ ଓ ଜଗତ୍ ଯେମିତି ସ୍ୱପ୍ନ ଭଳି । ଜରା-ମରଣ, ସୁଖ-ଦୁଃଖ, ଜ୍ଞାନ-ଅଜ୍ଞାନ, ଶକ୍ତି-ଅଶକ୍ତି ସବୁକିଛି ସମାନ – କାହାର କିଛି ବିଶେଷ ମୂଲ୍ୟ ନାହିଁ; ହୁଏତ ସିଏ ଦେଖନ୍ତି ସବୁକିଛି, କିଂବା ଦେଖି ମଧ୍ୟ ଅଦେଖା କରିଦିଅନ୍ତି । ସେ ଏକ ସମରସାତ୍ମକ, ବିପୁଳ ବୈରାଗ୍ୟରେ ବାସ କରନ୍ତି, ଜଗତର ଖେଳରେ ତାଙ୍କର କିଛି କହିବାର ନାହିଁ । ଯାହା ଅଛି, ତାହାକୁହିଁ ଭଗବାନଙ୍କର ପରମା ସୃଷ୍ଟି ଅନିର୍ବଚନୀୟ ଲୀଳା ବୋଲି ସ୍ୱୀକାର କରି ନେଇଥା'ନ୍ତି । ସେଇଥିରେହିଁ ମୁଗ୍ଧ ହୋଇ ସେମାନେ ଭାସି ଚାଲନ୍ତି । କୁହେଳି-ଘେରା ପ୍ରକୃତିର ଦୃଶ୍ୟ ଯେଭଳି ପାଖରେ ଥାଇ ମଧ୍ୟ ଅସ୍ପଷ୍ଟ ଦୂରାଗତ ସାଧୁର ଚିତ୍ତରେ ଏଇ ଜଗତ୍ ବି ସେଇଭଳି ସମ୍ବନ୍ଧହୀନ ସୁଦୂର ପ୍ରବାସ-ସ୍ଥଳ ।

ଆମେ କିନ୍ତୁ ଭଗବାନଙ୍କୁ କେବଳ ଭାଗବତ କରି ରଖିବାକୁ ଚାହୁଁ ନା, ଆମେ ତାହାଙ୍କୁ ବସ୍ତୁଗତ କରି ଦେଖିବୁ, ଜଗତର ଲୀଳା-ଖେଳରେ ତାହାଙ୍କୁ ଜାଗ୍ରତ୍, ମୂର୍ତ୍ତିମାନ କରି ଧରିବୁ । ଭଗବାନ୍ କ'ଣ ଖାଲି ଅନନ୍ତ ? ସେ ସାନ୍ତ ମଧ୍ୟ । ସେ କ'ଣ କେବଳ ଅନିର୍ଦ୍ଦେଶ୍ୟ ? ସେ ନିର୍ଦ୍ଦେଶ୍ୟ ମଧ୍ୟ । ଭଗବାନ୍ କ'ଣ କେବଳ ଏକ ? ସେ ବହୁ ମଧ୍ୟ । ସେ କେବଳ ଚୈତନ୍ୟ ମାତ୍ର ନୁହନ୍ତି, ସେ ଶକ୍ତି ମଧ୍ୟ । ସେ କେବଳ ଶାନ୍ତ-ଶିବ ନୁହନ୍ତି, ସେ ପୁଣି ରୁଦ୍ର ମଧ୍ୟ । ନିଖିଳ ସୃଷ୍ଟିର ପଶ୍ଚାତରେ ଭଗବାନ୍ କେବଳ ନିଥର ସତ୍ତା ମାତ୍ର ନୁହନ୍ତି, ସେ ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଜୀବ, ପ୍ରତ୍ୟେକ ଘଟଣା ଭିତରେ ଏକ ରତପୂର୍ଣ୍ଣ ପ୍ରେରଣା ରୂପେ କାର୍ଯ୍ୟ କରି ଚାଲିଛନ୍ତି । ଭଗବାନ୍ କେବଳ କବି-ରଚୟିତା ନୁହନ୍ତି, ସେ କର୍ମୀ ମଧ୍ୟ – ଜଗତକୁ, ଜୀବକୁ ଏକ ବିଶେଷ ଉଦ୍ଦେଶ୍ୟ ଦିଗରେ ଚଳାଇ ନେଉଛନ୍ତି, ପ୍ରତି ମୁହୂର୍ତ୍ତରେ ସେଗୁଡ଼ିକୁ ବିଶେଷ କିଛି ରୂପ ଦେବା ଲାଗି ଗଢ଼ି ଉଠିବାରେ ଉଦ୍‌ଯୁକ୍ତ କରୁଛନ୍ତି ସିଏ ।

ଆମ୍ଭମାନଙ୍କୁ ଏକ ବିଶେଷ ମୂର୍ତ୍ତି ନେଇ ଗଢ଼ି ଉଠିବାକୁ ହେବ; ଭଗବାନ୍ ଯେଉଁ ଭାବରେ ଚଳାଇବେ, ଆମେ ଅନ୍ଧ ଭଳି ସେଇ ଭାବରେ ଚାଲିବୁ – ଏଇ ପ୍ରକାର ଏକ ଆଳସ୍ୟପୂର୍ଣ୍ଣ ନିର୍ଭରତାହିଁ ସାଧନାର ଚରମ କଥା ନୁହେଁ । ଆମେ ଯେ ଭଗବାନଙ୍କର ହାତରେ ଏକ ଯନ୍ତ୍ର ମାତ୍ର – ଏକଥା ସତ୍ୟ; ତେବେ, ଆମକୁ ଜାଣିବାକୁ ପଡ଼ିବ ଯେ ତାଙ୍କର କେଉଁ ଇଚ୍ଛାଟି, କେଉଁ ଉଦ୍ଦେଶ୍ୟଟି ଆମ ଦ୍ୱାରା ଫଳବତୀ ହେବାକୁ ଚାହୁଁଛି, କି ଉପାୟରେ ତାଙ୍କର ଏହି ଇଚ୍ଛାଟି ପୂରଣ ହୋଇପାରିବ । ଜୀବନର ପ୍ରତି କ୍ଷେତ୍ରରେ ଭଗବାନଙ୍କର ସେଇ ବିଶେଷ ଇଚ୍ଛାଟିକୁ ଚିହ୍ନି ନେବାକୁ ପଡ଼ିବ, ସ୍ଥୂଳ ମଧ୍ୟରେ, ତାହାକୁ ଆମକୁ ଶରୀରୀ କରିବାକୁ ହେବ । ଅସ୍ପଷ୍ଟ ଭାବକୁ ଜ୍ଞାନ ଦ୍ୱାରା ଚକ୍ଷୁଷ୍ମାନ୍ କରିବାକୁ ହେବ; ଶକ୍ତି ଦ୍ୱାରା ଏହାକୁ ବାସ୍ତବ କରି ତୋଳିବାକୁ ହେବ । ସାଧାରଣ ଭାବରେ କିଛି ପାଇବା ବା ହୋଇ ଉଠିବା ସାଧାରଣ କଥା, ବିଶେଷ ଭାବରେ କିଛି ପାଇବା ଅବା ହୋଇଉଠିବାହିଁ ସିଦ୍ଧି ।

ମନୁଷ୍ୟର ସାଧାରଣ ଜୀବନ ଯେପରି ସ୍ପଷ୍ଟ, ଜାଗ୍ରତ୍, ଲକ୍ଷ୍ୟଯୁକ୍ତ ଏବଂ ଦୈନନ୍ଦିନ କର୍ମମୟ ଜୀବନକୁ ମନୁଷ୍ୟ ଯେପରି ସଂହତ, ସୁବିନ୍ୟସ୍ତ, ଫଳପ୍ରସୂ କରି ଏକ ସାମଞ୍ଜସ୍ୟ ମଧ୍ୟରେ ସ୍ଥାପିତ କରିଛି, ଆମକୁ, ଦିବ୍ୟଜୀବନରେ ଆଗ୍ରହୀ, ଆମେ ଆମ ଜୀବନକୁ ବି ସେଇ ପ୍ରକାରେହିଁ କରିବାକୁ ଚାହୁଁ – ତେବେ ଆହୁରି ପୂର୍ଣ୍ଣତର, ଦୃଢ଼ତର, ଶୁଦ୍ଧତର ଭାବେ । ସାଧାରଣ ମଣିଷ, ତାହାର ଜୀବନ ନିୟନ୍ତ୍ରିତ କରେ ତା'ର

ମାନୁଷୀ ଦୃଷ୍ଟିରେ, ଆମେ ଆମର ଜୀବନ ନିୟନ୍ତ୍ରିତ କରିବୁ ଦେବତାର ଦୃଷ୍ଟିଦେଇ ।

*

ମଣିଷ-ଜୀବନର କେନ୍ଦ୍ର ହେଉଛି ବୁଦ୍ଧି । ବୁଦ୍ଧି ଦ୍ୱାରାହିଁ ଜୀବନକୁ ଶୃଙ୍ଖଳିତ କରିବାକୁ ପ୍ରୟାସ କରିଆସିଛି ସେ । କ'ଣ ଭଲ, କ'ଣ ମନ୍ଦ, କ'ଣ ସମ୍ଭବ, କ'ଣ ଅସମ୍ଭବ – ବିଚାର ଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛି, ସେଇ ବିଚାର-ସିଦ୍ଧାନ୍ତ ଅନୁସାରେ ନିଜର ପ୍ରେରଣାକୁ ଚାଳିତ କରିବାକୁ ଶିଖିଛି । ତର୍କ ବଳରେ ସେ ସତ୍ୟକୁ ନିର୍ଣ୍ଣୀତ କରୁଛି । କିନ୍ତୁ ବିଚାର-ବିତର୍କ ଖାଲି ଅଂଶ ବିଶେଷରେ ଆଭାସ ବା ଛାୟା ଦେଇଥାଏ, ତା' ଦ୍ୱାରା ସତ୍ୟବସ୍ତୁ କେବେ ବି ଲବ୍ଧ ହୁଏ ନାହିଁ । ବୁଦ୍ଧିର ସଂକୀର୍ଣ୍ଣ ଗୋଧୂଳି ଆଲୋକ ସାହାଯ୍ୟରେ ଆମେ ଏତିକି କେବଳ ଜାଣୁ ଯେ କ'ଣ କେତିକି ସମ୍ଭବ, କ'ଣ ହେଲେ ବି ହୋଇପାରେ । ସମ୍ଭାବନୀୟତାର ଏକ ଆଶ୍ରୟ ଉପରେ ନିର୍ଭର କରି ଆମେ ଜୀବନକୁ ପ୍ରତିଷ୍ଠିତ କରିଅଛୁ । ତେଣୁ ଜଗତରେ ଦେଖୁ ଶୃଙ୍ଖଳା ଆଣିବାକୁ ବସି ବିଶୃଙ୍ଖଳାହିଁ ଅଧିକ ମାତ୍ରାରେ ଫୁଟି ଉଠେ । ଆମେ ଚାହୁଁ ସତ୍ୟ । ସୁତରାଂ ଯାହା ଯଥାର୍ଥ, ବସ୍ତୁ ମଧ୍ୟରେ ଯାହା ତା'ର ଅନ୍ତରତମ ପ୍ରକୃତି, ଯେଉଁ ଗୁହ୍ୟତମ ଧର୍ମ ଯାବତୀୟ ପରିଣତିର ଅନ୍ତରାଳରେ, ସେଇ ସତ୍ୟ ଉପରେହିଁ ଆପଣାକୁ ତଥା ମନୁଷ୍ୟଜାତିକୁ ଗଢ଼ି ତୋଳିବା – କେବଳ ଗୋଟିଏ ସମ୍ଭାବନା ମାତ୍ରକୁ ଭିତ୍ତି କରି ଜୀବନ କଟାଇ ଦିଆଯାଇ ପାରିବ ନାହିଁ । ଆମେ ବହନ କରି ଆଣିବୁ ଋତକୁ ଏଇ ମର୍ତ୍ତ୍ୟ ଭୁବନକୁ । ତେଣୁ ମାନସିକ ପ୍ରତ୍ୟୟର କ୍ଷେତ୍ରରେ ଆମକୁ ଆଣିବାକୁ ପଡ଼ିବ ଦିବ୍ୟ-ଦୃଷ୍ଟି । ସସୀମ ଖଣ୍ଡତା, ଇନ୍ଦ୍ରିୟ-ଦତ୍ତ ପୃଥକ୍‌ତ୍ୱକୁ ଡେଇଁ ଯାଇ ଆତ୍ମାରେ, ବୃହତ୍‌ରେ ପହଞ୍ଚିବାକୁ ଚାହୁଁ ଆମେ । ବିବେକକୁ ପ୍ରତିଷ୍ଠିତ କରିବାକୁ ହେବ ବିଚାର ସ୍ଥାନରେ, ବୁଦ୍ଧିକୁ ପରିଣତ କରିବାକୁ ହେବ ବୋଧି ରୂପେ । ଏଇ ନବଜନ୍ମର ଆରମ୍ଭରେ ଆମ ମଧ୍ୟରେ କବିଦୃଷ୍ଟି ନେଇଆସିବାକୁ ହେବ, ତାକୁହିଁ କରିବାକୁ ହେବ ଜୀବନର କେନ୍ଦ୍ର । ଜୀବନକୁ ବୃହତ୍ ଓ ପୂର୍ଣ୍ଣ କରିବାକୁ ହେଲେ ଜୀବନରେ ଯେଉଁ ଦେବ-ଶୃଙ୍ଖଳା ଓ ସାମଞ୍ଜସ୍ୟ ଆଦି ପ୍ରୟୋଜନ, ସେଗୁଡ଼ିକୁ ସ୍ଥାପିତ କରିବାକୁ ହେବ ଆନ୍ତର-ଜୀବନରେ । ମଣିଷର ଚାହିଦା କ'ଣ, ମଣିଷର ଜାଣିବା କେତେ ଦୂର ଅବଧି ସେ ବିଷୟରେ ଅବା ତା'ର ସୁବିଧା କ'ଣ, ତା'ର ଅସୁବିଧାଟି କେଉଁଠି ସେସବୁ ଦିଗରେ ଦୃଷ୍ଟି ନ ଦେଇ ଭଗବାନଙ୍କ ଦୃଷ୍ଟି ନେଇ, ଭଗବାନଙ୍କର ଜ୍ଞାନ ଦେଇ ଆମେ ଦେଖିବୁ – ସେ କ'ଣ ଚାହାନ୍ତି, ଆମ ଭିତରେ ତାଙ୍କର କେଉଁ ଉଦ୍ଦେଶ୍ୟ ଫଳବତୀ କରିବାକୁ ସେ ଚାହାନ୍ତି । ତା' ଫଳରେ ଆମେ ଏ ଜଗତକୁ ଆମ ପରିବେଶକୁ ତାଙ୍କ ଉପଯୋଗୀ କରି ନୂଆ କରି ନିର୍ମାଣ କରିବାକୁ ଚେଷ୍ଟା କରିବୁ ସତ୍ୟର ଋତମୟ ପ୍ରେରଣା ଦେଇ ।

ସତ୍ୟଦୃଷ୍ଟି ନିମନ୍ତେ, ଜ୍ଞାନ ନିମନ୍ତେ ଆମ ଅନ୍ତରରେ ସ୍ୱୟଂ ଆବିର୍ଭୂତ ହେବେ ସେଇ ବୈଦିକ ସୂର୍ଯ୍ୟଦେବ । ଆଉ ଆମେ ଆବାହନ କରିବୁ ମିତ୍ରଦେବଙ୍କୁ ବିଶୁଦ୍ଧ ପ୍ରେମ ପାଇଁ ଯାହା ଆମକୁ ପରିଚାଳିତ କରିବ । ଆଜି ଯାଏଁ ସୁଖଦୁଃଖହିଁ ମଣିଷ ହୃଦୟ ରାଜ୍ୟରେ ଯୁଗଳ ସମ୍ରାଟ୍ – ପ୍ରିୟବସ୍ତୁ ଲାଭରେ ବିପୁଳ ହର୍ଷ, ଅପ୍ରିୟ ବସ୍ତୁରେ ତତୋଽଧିକ ବିଷାଦ । ମିଳନ-ବିରହ, ଆଲୋକ-ଅନ୍ଧକାର – ଏଇ ଦ୍ୱିବିଧ ତତ୍ତ୍ୱକୁ ନେଇ ଆମ ପ୍ରେମର ଯାବତୀୟ ଲୀଳା-ଖେଳା, କିନ୍ତୁ ଦେବ-ଜନ୍ମ ପାଇବାକୁ ହେଲେ ଆମକୁ ପ୍ରିୟ ଓ ଅପ୍ରିୟକୁ ସମାନ ଭାବରେ ହୃଦୟରେ ଗ୍ରହଣ କରିବାକୁ ହେବ; ଖାଲି ସେତିକି ନୁହେଁ – ଅପ୍ରିୟ ବୋଲି କିଛି ରଖିବୁ ନାହିଁ, ଅପ୍ରିୟକୁ ପରିଣତ କରିବୁ ପ୍ରିୟରେ । ଦୁଃଖ ଓ ସୁଖକୁ ଏକାନ୍ତ ଆପଣାର ଭାବରେ ବହନ ନ କରି ତା' ଉପରେ ଥିବା ଆନନ୍ଦର ସ୍ରୋତକୁ ଜୀବନ ମଧ୍ୟକୁ ବହିଆସିବାକୁ ଆହ୍ୱାନ କରିବୁ । ମିଳନ-ବିରହର ଦ୍ୱନ୍ଦ୍ୱରେ ପ୍ରେମକୁ ଆବଦ୍ଧ ନ କରି ଏକାତ୍ମାନୁଭୂତିର ଭିତରେ ପ୍ରେମକୁ ସଦା ତୁଷ୍ଟ କରି ରଖିବୁ । ଆନନ୍ଦରୁ ବାହାରି ଆନନ୍ଦର ଭିତର ଦେଇ ଘୂରିଫେରି ବାରଂବାର ପହଞ୍ଚିବୁ ସେହି ଆନନ୍ଦଠାରେ, ପୁଣି ଅଗ୍ରସର ହେବୁ ସେହି ଆନନ୍ଦ ଦିଗରେ, ଆନନ୍ଦର କ୍ଷୟ ନାହିଁ, ସୀମା ନାହିଁ, ମଳିନତା ନାହିଁ, ତାହା ସଦା ଉଜ୍ଜ୍ୱଳ, ସଦାହିଁ ଉଚ୍ଛ୍ୱସିତ; ଭୂମାନନ୍ଦ ସାଗରର ଢେଉର ତାଳେ ତାଳେ ହୃଦୟ-ସ୍ପନ୍ଦନକୁ ଉଠିବା-ପଡ଼ିବାର ଶୃଙ୍ଖଳା ଶିଖାଇବୁ । ପୃଥିବୀର ଯାବତୀୟ ଭୋଗ୍ୟବସ୍ତୁହିଁ ଆମ ପାଇଁ ଆନନ୍ଦ-ରସ କ୍ଷରଣ କରିବ, ଆମେ କେଉଁଠି ବି ବୀତଶ୍ରଦ୍ଧ ବା ସ୍ୱଳ୍ପଭୋଗୀ ହେବୁ ନାହିଁ ।

ବାସନା ସବୁପ୍ରକାର ଦୁଃଖର ମୂଳ-କାରଣ, ଆମର ଶକ୍ତିକୁ, ସାମର୍ଥ୍ୟକୁ ବାସନାହିଁ ଖର୍ବ କରିଦିଏ, ଆମକୁ ବଞ୍ଚିତ କରି ରଖେ; କିନ୍ତୁ ବାସନା ଭିତରେ ଯେଉଁ ସତ୍ୟ-ଏଷଣା ଅଛି, ସେଇ ଇଚ୍ଛାଟି ଭଗବତ୍ ଇଚ୍ଛା, ତାହାକୁହିଁ ସେ କାର୍ଯ୍ୟକାରୀ କରିବାକୁ ଚାହିଁଛନ୍ତି ଆମରି ଭିତର ଦେଇ । ସେଇଟିକୁ ବିକୃତ ହେବାରୁ ଆମେ ବଞ୍ଚାଇ ରଖିବୁ ଓ ଶୁଦ୍ଧ କରିନେବୁ ଏବଂ ସେଇ

ଅନୁଯାୟୀ ଚଳିବୁ । ଆମେ ଆମ ନିଜର ବ୍ୟକ୍ତିଗତ ଇଚ୍ଛାକୁ ଭଗବାନଙ୍କର ଇଚ୍ଛାଶକ୍ତିର ମଧ୍ୟରେହିଁ ଢାଳିଦେବୁ ଯାହା ଫଳରେ ଭଗବତ୍ ଶକ୍ତିର ଅବାଧଗତି ମୁକ୍ତ କରିଦେବୁ । ପ୍ରାଣର ଯେଉଁ ବିଭିନ୍ନମୁଖୀ ଉନ୍ମାର୍ଗଗାମୀ ଅନ୍ଧ ଚେଷ୍ଟାରାଜି, ସେଥିରେ ଚିତ୍‌ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ସାର୍ଥକତା ଆମେ ଲାଭ କରିବୁ । ସେତେବେଳେ ଆଉ ଆମର ଇଚ୍ଛା, ଆମର ପ୍ରେରଣା ବୋଲି ଅଲଗା କିଛି ରହିବ ନାହିଁ । ଭଗବାନଙ୍କର ଅଦମ୍ୟ ପ୍ରେରଣାହିଁ ଆମ ବୀର-ଜୀବନର କର୍ମ ପରିଚାଳକ ହେବ । ଅଗ୍ନିଦେବଙ୍କର ଜ୍ଞାନଦୀପ୍ତ ଯେଉଁ ତପଃଶକ୍ତିରୁ ଏ ଜଗତର ସୃଷ୍ଟି, ତାଙ୍କଠାରୁ ପ୍ରତିନିୟତ ଯେଉଁ ଜଗତମାନ ସୃଷ୍ଟି ହେଉଛି, ସେଇ ଆଦ୍ୟାଶକ୍ତିର ଆଧାର ଆମ୍ଭେମାନେ, ସୁତରାଂ ଆମର କୌଣସି ପ୍ରୟାସ ବିଫଳ ହେବ କି ? କୌଣସି ଲକ୍ଷ୍ୟ ଅଲଭ୍ୟ ରହିବ କି ?

ଏଇ ଶରୀର ହେଉଛି ସମସ୍ତ ଲୀଳାର ପ୍ରତିଷ୍ଠା ଭୂମି, ସେଇ ଶରୀରଟିକୁ ଆମେ ଗଠନ କରିବୁ ସଦ୍‌ବସ୍ତୁ ଦେଇ । ଯେଉଁ ସତ୍‌ପଦାର୍ଥ ସମୁଦାୟ ସୃଷ୍ଟିକୁ ସଂହତ କରି ରଖିଛି, ଯାହାକୁ ନେଇ ଏହାର ଅସ୍ତିତ୍ୱ, ତାହାରି ଦ୍ୱାରା ଆମର ଏଇ ସ୍ଥୂଳଦେହ ବି ଗଠିତ, ବିଧୃତ । ରୋଗ-ଦୌର୍ବଲ୍ୟ, ଜରା-ମରଣ-ଆଦିକୁ ଅତିକ୍ରମ କରି ଏଇ ଭଗବତ୍ ସତ୍ତା ଭିତରେ ଶରୀରକୁ ପ୍ରତିଷ୍ଠିତ କରିବୁ; ସେଇ ଅନ୍ଧ-ସଂସ୍କାର ଓ ମାୟା, ଯାହାର ବଶରେ ରହିବା ହେତୁ ଶରୀର ନିଜକୁ ମନେକରେ କ୍ଷଣ-ବିଧ୍ୱଂସୀ, ରୋଗବୀଜ-ପୂର୍ଣ୍ଣ ଜଡ଼ ମାତ୍ର, ସେଇ ମାୟା ଓ ସେଇ ଅନ୍ଧ-ସଂସ୍କାରକୁ ଆମକୁ ଦୂର କରିବାକୁ ହେବ । ଶରୀରକୁ ସଂଜୀବିତ କରିବାକୁ ହେବ ଅମୃତତ୍ୱ ଦେଇ — କାରଣ ଅମୃତତ୍ୱହିଁ ଶରୀରର ଆଦି ଉପକରଣ । ସ୍ୱାସ୍ଥ୍ୟରେ, ସୌନ୍ଦର୍ଯ୍ୟରେ, ବୀର୍ଯ୍ୟରେ ଶରୀରକୁ ପୂର୍ଣ୍ଣ କରି ଭରି ତୋଳିବୁ । ବିଶ୍ୱଲୀଳାର ଯେଉଁ ବିପୁଳତରଙ୍ଗା ଗଙ୍ଗା, ତାହାକୁ ଧାରଣ କରିବ ଏଇ ଶରୀର । ଏଇ ଶରୀରକୁ ଭିତ୍ତିଭୂମି କରି ଦେବ-ଜନ୍ମର ସେଇ ସ୍ୱର୍ଗସ୍ପର୍ଶୀ ସୌଧ ନିର୍ମାଣ କରିବାର ବ୍ରତ ଆମକୁ ନେବାକୁ ପଡ଼ିବ ।

ମଣିଷର ଜୀବନ ଚାରୋଟି ଲୋକରେ ବିଭକ୍ତ — ଚାରୋଟି ଉପକରଣରେ ଗଠିତ । ଦେହ-ପ୍ରାଣ-ଚିତ୍ତ ଓ ମନ ଅର୍ଥାତ୍ ମଣିଷ ରହିଛି, ମଣିଷ କର୍ମ କରୁଛି, ମଣିଷ ଭୋଗ କରୁଛି ଏବଂ ମଣିଷ ଜାଣୁଛି — ମନୁଷ୍ୟର ସମସ୍ତ କିଛି ଏହାରି ଭିତରେ । ମାତ୍ର ଏଇ ଯେ ପ୍ରତିଷ୍ଠାନ ଚତୁଷ୍ଟୟ, ଏଗୁଡ଼ିକ ଅପରା-ପ୍ରକୃତି ଅର୍ଥାତ୍ ମାନବ-ପ୍ରକୃତି । ଏଗୁଡ଼ିକ ରୂପ ମାତ୍ର — ବହିର୍ମୁଖ ଚେହେରା ବୋଲି କହିଲେ ଚଳେ; ଏଗୁଡ଼ିକର ପଶ୍ଚାତରେ, ପ୍ରତ୍ୟେକ ଉପକରଣର ଅନ୍ତରାଳରେ ଯେଉଁ ସତ୍ୟରୂପ ରହିଛି, ସେଗୁଡ଼ିକୁ ନେଇହିଁ ପରାପ୍ରକୃତି ଅଥବା ଦେବ-ପ୍ରକୃତି । ଏସବୁ ଉପକରଣ ବା ସଂସ୍ଥାନକୁ ଦୃଷ୍ଟିଦେଲେ ଜାଣିବା ଏଗୁଡ଼ିକର ଉପରେ ଯଥାକ୍ରମେ ସତ୍, ଚିତ୍, ଆନନ୍ଦ ଓ ବିଜ୍ଞାନହିଁ ରହିଛି । ସତ୍‌ର ଛାୟା ଦେହ, ଚିତ୍‌ର ଛାୟା ପ୍ରାଣ, ଆନନ୍ଦର ଛାୟା ଚିତ୍ତ ଏବଂ ବିଜ୍ଞାନର ଛାୟା ମନ । ଯାହାକୁ ଆମେ ମାନବ-ପ୍ରକୃତି ବା ଇହଲୋକ ବୋଲି ଜାଣୁ, ତାହା ଦେବ ପ୍ରକୃତି ବା ପରଲୋକର ବିପରୀତ ଦିଗ — ସେଇଟି ମୂଳ ଜିନିଷର ବିକାର ବା ଖଣ୍ଡମୂର୍ତ୍ତି ମାତ୍ର । ଯାହା କୁଟିଳ, ତାହାକୁ ଋଜୁ କରିବା, ଯାହା ବିକୃତ, ତାହାକୁ ସ୍ୱାଭାବିକ କରିବା, ଯାହା ଖଣ୍ଡ ତାହାକୁ ପୂର୍ଣ୍ଣ କରିବା — ଏହାହିଁ ଆମର ବର୍ତ୍ତମାନ କରଣୀୟ । ତେଣୁ ଅନୁମାନ ପରିବର୍ତ୍ତେ ଦରକାର ସାକ୍ଷାତ୍-ଜ୍ଞାନ, ସୁଖ ପରିବର୍ତ୍ତେ ଦରକାର ଆନନ୍ଦ; ଚେଷ୍ଟା ଜାଗାରେ ଦରକାର ଭଗବତ୍-ଶକ୍ତି ଉପରେ ନିର୍ଭରତା ଏବଂ ଏସବୁର ଲୀଳା-କ୍ଷେତ୍ରର ସ୍ୱରୂପ ଆବଶ୍ୟକ ଅମୃତମୟ ଶରୀର । ଦେବଜନ୍ମ ବିଷୟଟି ବୁଝିବାକୁ ହେଲେ, କୃତଯୁଗର ଧର୍ମରାଜ୍ୟ ବୁଝିବାକୁ ହେଲେ ଆମକୁ ଏସବୁ ଜିନିଷକୁ ସଙ୍ଗରେ ନେଇ ଜାଣିବାକୁ ହେବ ତାହାର ମର୍ମକଥା ।

(ରଚନାବଳି ୮ମ ଖଣ୍ଡର '**ଦେବଜନ୍ମ**'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ

ସବୁ ସମୟରେ ଭିତରର ଅଭୀପ୍ସା ଉପରେ ଜୋର୍ ଦିଅ; ତାହାହିଁ ହୃଦୟରେ ଗଭୀରତା ଓ ଦୃଢ଼ତା ଲାଭ କରୁ; ହୃଦୟର ପ୍ରେମ ଓ ଅଭୀପ୍ସାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମନ ଓ ପ୍ରାଣର ବାହ୍ୟ ବାଧାବିଘ୍ନସବୁ ଆପେ ଆପେ ଅପସରି ଯିବ ।

— ଶ୍ରୀଅରବିନ୍ଦ

# ସୂର୍ଯ୍ୟ ସବିତା – ସ୍ରଷ୍ଟା ଓ ପୋଷକ

## (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧)

## ଶ୍ରୀଅରବିନ୍ଦ

**ୟୁଞ୍ଜତେ ମନ ଉତ ୟୁଞ୍ଜତେ ଧିୟୋ**
**ବିପ୍ରା ବିପ୍ରସ୍ୟ ବୃହତୋ ବିପଶ୍ଚିତଃ ।**
**ବି ହୋତ୍ରା ଦଧେ ବୟୁନାବିଦେକ**
**ଇନ୍ମହି ଦେବସ୍ୟ ସବିତୁଃ ପରିଷ୍ଟୁତିଃ ॥୧॥**

୧. ଜ୍ଞାନଦୀପ୍ତ ମନୁଷ୍ୟମାନେ [ବିପ୍ରାଃ] ସେମାନଙ୍କ ମନକୁ ଯୋଗଯୁକ୍ତ କରନ୍ତୁ [ମନଃ ୟୁଞ୍ଜତେ] ଏବଂ ସେମାନେ ନିଜର ଧୀଗୁଡ଼ିକୁ [ଉତଧିୟଃ] ତାଙ୍କ ସହ ଯୁକ୍ତ କରନ୍ତୁ [ୟୁଞ୍ଜତେ] ଯିଏ ଜ୍ଞାନଦୀପ୍ତ [ବିପ୍ରସ୍ୟ], ବୃହତ୍ ତଥା ସ୍ପଷ୍ଟ ଦ୍ରଷ୍ଟା ଅଟନ୍ତି [ବୃହତଃ ବିପଶ୍ଚିତଃ] । ସର୍ବ ଘଟଣାର ଜ୍ଞାତା [ବୟୁନବିତ୍] ସେ ଏକକ ରୂପେ [ଏକଃ ଇତ୍] ଯଜ୍ଞର ବଳକୁ [ହୋତ୍ରା] ସୁବ୍ୟବସ୍ଥିତ କରୁଛନ୍ତି [ବି ଦଧେ] । ଦିବ୍ୟ ସ୍ରଷ୍ଟୃସ୍ୱରୂପ ସେହି ସବିତାଙ୍କର [ଦେବସ୍ୟ ସବିତୁଃ] ସର୍ବ ବସ୍ତୁରେ ବ୍ୟାପ୍ତ ସ୍ତୁତି [ପରିଷ୍ଟୁତିଃ] ମହାନ୍ ଅଟେ [ମହୀ] ।

**ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ କବିଃ**
**ପ୍ରାସାବିଦ୍ ଭଦ୍ରଂ ଦ୍ୱିପଦେ ଚତୁଷ୍ପଦେ ।**
**ବି ନାକମକ୍ଷତ୍ ସବିତା ବରେଣ୍ୟୋଽନୁ**
**ପ୍ରୟାଣମୁଷସୋ ବି ରାଜତି ॥୨॥**

୨. ସେହି ଦ୍ରଷ୍ଟା [କବିଃ] ସକଳ ରୂପକୁ ଧାରଣ କରନ୍ତି [ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ] ଏବଂ ସେଥି ମଧ୍ୟରୁ ସେ ଦ୍ୱିପଦ ଓ ଚତୁଷ୍ପଦ ସତ୍ତା ନିମନ୍ତେ [ଦ୍ୱିପଦେ ଚତୁଷ୍ପଦେ] ଶୁଭ ସୃଜନ କରନ୍ତି [ଭଦ୍ରଂ ପ୍ରାସାବୀତ୍] । ସେ ସ୍ରଷ୍ଟା [ସବିତା], ସେ ପରମ ଶୁଭ [ବରେଣ୍ୟଃ], ସେ ସ୍ୱର୍ଗକୁ ପୂର୍ଣ୍ଣରୂପେ ବ୍ୟକ୍ତ କରିଥା'ନ୍ତି [ନାକଂ ବି ଅକ୍ଷତ୍] ଏବଂ ଉଷାର ଯାତ୍ରାପଥକୁ ଅନୁସରଣ କରୁ କରୁ [ଉଷସଃ ପ୍ରୟାଣମ୍ ଅନୁ] ତାଙ୍କ ଜ୍ୟୋତିଃ ସର୍ବଭୂତକୁ ବିସ୍ତାରିତ ହୋଇଯାଉଛି [ବିରାଜତି] ।

**ୟସ୍ୟ ପ୍ରୟାଣମନ୍ୱନ୍ୟ ଇଦ୍ୟୟୁର୍ଦେବା**
**ଦେବସ୍ୟ ମହିମାନମୋଜସା ।**
**ୟଃ ପାର୍ଥିବାନି ବିମମେ ସ ଏତଶୋ**
**ରଜାଂସି ଦେବଃ ସବିତା ମହିତ୍ୱନା ॥୩॥**

୩. ଯାହାଙ୍କ ଯାତ୍ରା ପଥକୁ ଅନୁସରଣ ପୂର୍ବକ [ୟସ୍ୟ ପ୍ରୟାଣମ୍ ଅନୁ] ଅନ୍ୟ ଦେବଗଣ ମଧ୍ୟ [ଅନ୍ୟେ ଦେବାଃ ଇତ୍] ତାଙ୍କରି ଓଜଃ ଦ୍ୱାରା [ଓଜସା] ଦିବ୍ୟତାର ମହତ୍ତ୍ୱକୁ [ଦେବସ୍ୟ ମହିମାନମ୍] ପ୍ରାପ୍ତ ହୋଇଥା'ନ୍ତି [ୟୟୁଃ] । ଯେ ଜ୍ୟୋତିର୍ମୟ [ଏତଶଃ], ଦିବ୍ୟ ସ୍ରଷ୍ଟା [ଦେବଃ ସବିତା] ସେ ନିଜ ମହତ୍ତ୍ୱ ଦ୍ୱାରା [ମହିତ୍ୱନା] ପାର୍ଥିବ ଆଲୋକର ଲୋକଗୁଡ଼ିକୁ [ପାର୍ଥିବାନି ରଜାଂସି] ପରିମାପନ କରିଥା'ନ୍ତି [ବିମମେ] ।

**ଉତ ୟାସି ସବିତସ୍ତ୍ରୀଣି ରୋଚନୋତ**
**ସୂର୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି ।**
**ଉତ ରାତ୍ରୀମୁଭୟତଃ ପରୀୟସ**
**ଉତ ମିତ୍ରୋ ଭବସି ଦେବ ଧର୍ମଭିଃ ॥୪॥**

୪. ହେ ସବିତର୍ [ସବିତଃ] ! ଆହୁରି ମଧ୍ୟ [ଉତ] ତୁମେ ଜ୍ୟୋତିର୍ମୟ ତ୍ରିଭୁବନକୁ ଯାତ୍ରା କରୁଛ [ତ୍ରୀଣି ରୋଚନା ୟାସି]; ଏବଂ [ଉତ] ତୁମେ 'ସୂର୍ଯ୍ୟ'ଙ୍କ ରଶ୍ମି ଦ୍ୱାରା ସମ୍ୟକ୍ (ପୂର୍ଣ୍ଣ ରୂପେ) ବ୍ୟକ୍ତ ହୋଇଥାଅ [ସୂର୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି]; ଏବଂ ତୁମେ 'ରାତ୍ରି'କୁ ଉଭୟ ଦିଗରୁ ପରିବୃତ ହୋଇ ରହିଛ [ଉତ ରାତ୍ରୀମ୍ ଉଭୟତଃ ପରୀୟସେ]; ଏବଂ [ଉତ] ହେ ଦେବ [ଦେବ], ତୁମ କର୍ମର ଧର୍ମଗୁଡ଼ିକ ଦ୍ୱାରା [ଧର୍ମଭିଃ] ତୁମେ ପ୍ରେମର ଦେବତା 'ମିତ୍ର' ହୋଇଛ [ମିତ୍ରଃ ଭବସି] ।

**ଉତେଶିଷେ ପ୍ରସବସ୍ୟ ତ୍ୱମେକ ଇଦ୍**
**ଉତ ପୂଷା ଭବସି ଦେବ ୟାମଭିଃ ।**
**ଉତେଦଂ ବିଶ୍ୱଂ ଭୁବନଂ ବି ରାଜସି**
**ଶ୍ୟାବାଶ୍ୱସ୍ତେସବିତଃ ସ୍ତୋମମାନଶେ ॥୫॥**

୫. ଆହୁରି ମଧ୍ୟ [ଉତ] ତୁମେ ଏକାକୀହିଁ [ତ୍ୱମ୍ ଏକଃ ଇତ୍] ପ୍ରତ୍ୟେକ ସୃଷ୍ଟି ନିମନ୍ତେ [ପ୍ରସବସ୍ୟ] ପ୍ରଭାବଶାଳୀ ଅଟ

[ଈଶିଷେ]; ପୁନଶ୍ଚ [ଉତ] ହେ ଦେବ [ଦେବ] ! ତୁମର ଗତିରାଜି ଦ୍ୱାରା [ୟାମଭିଃ] ତୁମେ 'ପୋଷକ' ଦେବରେ ପରିଣତ ହୋଇଛ [ପୂଷା ଭବସି]; ପୁନଶ୍ଚ [ଉତ] ଏହି ସକଳ ବିଶ୍ୱ ଭୁବନକୁ [ଇଦଂ ବିଶ୍ୱଂ ଭୁବନମ୍] ତୁମେ ପୂର୍ଣ୍ଣରୂପେ ଜ୍ୟୋତିର୍ମୟ କରୁଛ [ବି ରାଜସି] । ହେ ସବିତର୍ [ସବିତଃ] ! 'ଶ୍ୟାବାଶ୍ୱ' ତୁମର ସ୍ତୁତିକୁ ଲାଭ କରିଛନ୍ତି [ଶ୍ୟାବାଶ୍ୱଃ ତେ ସ୍ତୋମମ୍ ଆନଶେ] ।[୧]

## ଶ୍ରୀଅରବିନ୍ଦଙ୍କ ଭାଷ୍ୟ :

ବୈଦିକ ପଦ୍ଧତିରେ ସ୍ଥାନଲାଭ କରିଥିବା ଦୁଇ ବିଶିଷ୍ଟ ଦେବତା ହେଲେ ଦୀପ୍ତିରେ ଚକମକ ମରୁଦ୍‌ଗଣଙ୍କ ସହ 'ଇନ୍ଦ୍ର' ଏବଂ ଆର୍ଯ୍ୟଙ୍କ ଯଜ୍ଞର ସିଦ୍ଧିଦାତା 'ଅଗ୍ନି' । ଅଗ୍ନି ହେଉଛନ୍ତି ଆଦ୍ୟ ଏବଂ ସେ ମଧ୍ୟ ଅନ୍ତ । 'ସଂକଳ୍ପ' ଅର୍ଥାତ୍ ଜ୍ଞାନ ସ୍ୱରୂପ ଏହି ଦେବ ହେଉଛନ୍ତି ଅମୃତତ୍ୱ ଦିଗରେ ଆରୋହଣର ପ୍ରୟାସ କରୁଥିବା ମର୍ତ୍ତ୍ୟଜନର ପ୍ରଥମ ପ୍ରେରଣାଦାତା । ଆମେ ଏହି ଦିବ୍ୟଚେତନାଙ୍କୁ ଅର୍ଥାତ୍ ଯିଏ ଦିବ୍ୟଶକ୍ତି ସହ ଏକାତ୍ମ ଅଟନ୍ତି, ଅମୃତ ଜୀବନର ଆଧାର ବା ମୂଳ ଭିତ୍ତି ସ୍ୱରୂପ ତାଙ୍କ (ଅଗ୍ନିଙ୍କ) ଭୁବନରେ ଆମେ ଉପସ୍ଥିତ ହେଉ । 'ଇନ୍ଦ୍ର', ଯେ କି 'ସ୍ୱର୍'ର ରାଜା, ଜ୍ଞାନଜ୍ୟୋତିର୍ମୟ ବୁଦ୍ଧି ସ୍ୱରୂପ, ଏହାଙ୍କ ମଧ୍ୟକୁ ଆମର ଏହି ତମସାଚ୍ଛନ୍ନ ଭୌତିକ ମାନସିକ ଚେତନାକୁ ବଦଳାଇ ନେବାକୁ ହେବ । ଯାହା ଫଳରେ ଏହା ଦିବ୍ୟଚେତନାକୁ ଧାରଣ କରିବାକୁ ସମର୍ଥ ହେବ ଯାହା ହେଉଛି ଆମର ପ୍ରଧାନ ସହାୟକ । 'ଇନ୍ଦ୍ର' ଓ 'ମରୁଦ୍‌ଗଣ'ଙ୍କ ସାହାଯ୍ୟରେ ଏହି ଧର୍ମାନ୍ତରଣ ସଫଳ ହୋଇଥାଏ । 'ମରୁଦ୍‌ଗଣ'ଙ୍କ କାର୍ଯ୍ୟ ହେଲା ଆମର ସ୍ନାୟୁଜାତ ମାନସିକତାରୁ ସୃଷ୍ଟ ଏହି ସକଳ ଉଦ୍ଦୀପନାକୁ ନେଇ ଗଠିତ ପାଶବିକ ଚେତନାକୁ ନେବା, ନିଜର ଜ୍ୟୋତିର୍ମଣ୍ଡଳ ଦ୍ୱାରା ତାହାକୁ ଆତ୍ମଗତ କରିବା ଏବଂ ସେଗୁଡ଼ିକୁ ସତ୍ତାଶୈଳର ସେହି ଶିଖର ଦିଗରେ ଚଳେଇ ନେବା ଯାହାକୁ 'ସ୍ୱର୍ଲୋକ' ତଥା 'ଇନ୍ଦ୍ର'ଙ୍କ ସତ୍ୟରାଜିର ଲୋକ ବୋଲି କୁହାଯାଇଛି । ଏହି ''ପଶୁଯୂଥ''ଠାରୁ ଆମର ମାନସିକ କ୍ରମବିକାଶର ଆରମ୍ଭ ହୋଇଥାଏ; ଆମର ଉତ୍ତରଣର ପ୍ରଗତି ଅନୁସାରେ ସେମାନେ 'ସୂର୍ଯ୍ୟ'ଙ୍କର ଜ୍ୟୋତିର୍ମୟ ଗୋଯୂଥ (ଗାବଃ)ରେ, ରଶ୍ମିଜାଳରେ ପରିଣତ ହୁଅନ୍ତି – ଏମାନେ ବେଦର ଦିବ୍ୟଗାବଃ (ଗୋଗଣ) । ବୈଦିକ ପ୍ରତୀକର ମନସ୍ତାତ୍ତ୍ୱିକ ତତ୍ତ୍ୱ ଏହିପରି ।

କିନ୍ତୁ ତା'ହେଲେ 'ସୂର୍ଯ୍ୟ' କିଏ, ଏହି ଗୋରୂପୀ ରଶ୍ମିରାଜି କାହାଠାରୁ ଆଗକୁ ଯାତ୍ରା କରନ୍ତି ? ସେହିଁ ହେଉଛନ୍ତି 'ସତ୍ୟ'ର ସ୍ୱାମୀ, ସେ 'ସୂର୍ଯ୍ୟ' ଯେ ଜ୍ଞାନଜ୍ୟୋତିଃରେ ଉଦ୍ଭାସିତ କରନ୍ତି, ସୃଷ୍ଟି ରଚନା କରୁଥିବା ସେ 'ସବିତା', ସେ ପୂଷନ୍ ଯେ ପୋଷଣ ବା ବିକଶିତ କରନ୍ତି । ତାଙ୍କର ରଶ୍ମିମାଳା ନିଜ ସ୍ୱଭାବରେ ହେଉଛନ୍ତି ସତ୍ୟପ୍ରକଟନ, ଆତ୍ମପ୍ରେରଣା, ସଂବୋଧି, ଜ୍ଞାନୋଦ୍ଭାସିତ ବିବେକ ପ୍ରଭୃତି ମାନସୋତ୍ତର କ୍ରିୟାରାଜି, ଏବଂ ଏଗୁଡ଼ିକ ମାନସୋତ୍ତର ସେହି ବିଧାନର କ୍ରିୟା ଗଠନ କରନ୍ତି ଯାହାକୁ ବେଦାନ୍ତ କହେ 'ବିଜ୍ଞାନ' ଏବଂ ବେଦ କହେ 'ଋତମ୍', ଅର୍ଥାତ୍ ସେହି ନାମରେ ବିଦିତ 'ସତ୍ୟ' । କିନ୍ତୁ ଏହି ରଶ୍ମିଜାଳ ମଧ୍ୟ ମନୁଷ୍ୟର ମାନସିକତା ମଧ୍ୟକୁ ଅବତରଣ କରନ୍ତି ଏବଂ ଏହାର ଶିଖର ପ୍ରଦେଶରେ 'ସ୍ୱର୍', ଅର୍ଥାତ୍ ଜ୍ଞାନୋଦ୍ଭାସିତ ବୁଦ୍ଧିର ଜଗତ୍ ରଚନା କରନ୍ତି ଯାହାର ପ୍ରଭୁ ହେଉଛନ୍ତି 'ଇନ୍ଦ୍ର' ।

କାରଣ ଏହି 'ବିଜ୍ଞାନ' ଏକ ଦିବ୍ୟଗୁଣ, ମାନବୀୟ ପ୍ରତିଭା ନୁହେଁ । ସ୍ୱୟଂ ଉଦ୍ଭାସିତ ସତ୍ୟରେ ଗଠିତ ଦିବ୍ୟମନ ଭଳି ମାନବର ମନ ଗଠିତ ନୁହେଁ; ଏହା ଏକ ଇନ୍ଦ୍ରିୟଲବ୍ଧ ଜ୍ଞାନଯୁକ୍ତ 'ମନସ୍' ଯାହା 'ସତ୍ୟ'କୁ ଗ୍ରହଣ କରିବା ସହ ବୁଝି ମଧ୍ୟ ପାରେ,[୨] କିନ୍ତୁ ଏହା ତାହାର ସମଧର୍ମୀ ନୁହେଁ । ମାନବୀୟ ବୁଦ୍ଧିବିଚାର ଉପରେ ଜ୍ଞାନାଲୋକ ସେହିପରି କୋହଳ ହୋଇ ନିଜକୁ ଉପସ୍ଥାପନ କରିବାକୁ ହେବ ଯେପରିକି ଦୈହିକ ଚେତନାର ସାମର୍ଥ୍ୟ ଓ ସୀମିତତାଗୁଡ଼ିକର ଧରଣ ସହିତ ଏହା ଗ୍ରହଣସମର୍ଥ ହୋଇପାରୁଥିବ । ଏହା ନିଜର ପ୍ରକୃତିକୁ ପ୍ରଗତିଶୀଳ ଭାବେ ଏପରି ଆଗେଇ ନେବ ଯାହା ଦ୍ୱାରା ଆମ ମାନସିକ ବିକାଶ ନିମନ୍ତେ କ୍ରମୋତ୍ତର ବିବର୍ତ୍ତନର ଅବସ୍ଥାଗୁଡ଼ିକୁ ଯେପରି ଏହା ଅଭିବ୍ୟକ୍ତ କରିପାରୁଥିବ । ସେହି କାରଣରୁ, ସୂର୍ଯ୍ୟରଶ୍ମିଗଣ

---

୧. ପ୍ରଚଳିତ ରୂଢ଼ପଦଯୁକ୍ତ ତଥା ସାହିତ୍ୟିକ ମୂଲ୍ୟଯୁକ୍ତ ଏକ ଭଲ ଅନୁବାଦ କରିବାକୁ ହେଲେ, ମୂଳ ରଚନାଟିର ଭାବ ଓ ଲୟକୁ ଅନୁସରଣ କରିବାକୁ ହେଲେ, ସଂସ୍କୃତ ଶବ୍ଦମାନଙ୍କର କିଛି ପରିବର୍ତ୍ତନ ନିମନ୍ତେ ଏକ ସ୍ୱାତନ୍ତ୍ର୍ୟର ପ୍ରୟୋଜନ ରହିଛି । ସେଥିପାଇଁ ମନ୍ତ୍ରଭାଷ୍ୟ ରଚନା ମଧ୍ୟରେ ଏହି ସୂକ୍ତାଂଶଗୁଡ଼ିକର ଅର୍ଥକୁ ମୁଁ ଅଧିକ ଶାବ୍ଦିକ ଭାବରେ ଦେଇଛି ।

୨. ବୁଝିବା ଅର୍ଥରେ ବୈଦିକ ଶବ୍ଦ ହେଉଛି 'ଧୀ', ଯାହା ଗ୍ରହଣ କରି ଯଥା ସ୍ଥାନରେ ଧରିରଖେ ।

ଆମ ମାନସିକ ଜୀବନକୁ ଗଠନ କରିବାକୁ ପ୍ରୟାସ କରୁଥିବା ବେଳେ କ୍ରମୋତ୍ତର ତିନି ମାନସିକ ଲୋକ ସୃଷ୍ଟି କରନ୍ତି – ସେଥିରେ ଗୋଟିଏ ଅନ୍ୟକୁ ବଢ଼ିକରି ବିଦ୍ୟମାନ, – ପ୍ରଥମଟି ହେଉଛି ଇନ୍ଦ୍ରିୟଧର୍ମୀ, ସୌନ୍ଦର୍ଯ୍ୟାତ୍ମକ ଓ ସମ୍ବେଦନଶୀଳ ମନ, ଦ୍ୱିତୀୟଟି ହେଲା ବିଶୁଦ୍ଧ ବୁଦ୍ଧି, ତୃତୀୟଟି ହେଲା ଦିବ୍ୟପ୍ରଜ୍ଞା । ମାନସିକ ତ୍ରିଭୁବନର ପୂର୍ଣ୍ଣତା ଓ ସିଦ୍ଧି ସତ୍ତାର କେବଳ ଶୁଦ୍ଧ ମାନସିକ ସ୍ତରକୁ ଆଶ୍ରୟ କରିଛି[୩], ଏମାନେ ସେହି ତ୍ରିସ୍ୱର୍ଗର – ''ତିସ୍ରୋ ଦିବଃ''– ଊର୍ଦ୍ଧ୍ୱରେ, ଯାହାକୁ ସେମାନଙ୍କର ତ୍ରିଭାସ୍ୱରତା– ''ତ୍ରୀଣି ରୋଚନାନି''– ବୋଲି କୁହାଯାଇଛି । କିନ୍ତୁ ସେମାନଙ୍କ ଜ୍ୟୋତିଃ ଦୈହିକ ଚେତନା ଉପରେ ଅବତରଣ କରେ ଏବଂ ଏହାର ଭୌତିକ କ୍ଷେତ୍ରଗୁଡ଼ିକରେ ତଦନୁରୂପ ରଚନାଗୁଡ଼ିକୁ ସମ୍ପାଦନ କରେ, ବୈଦିକ ଭାଷାରେ ଏହା ହେଉଛି ''ପାର୍ଥିବାନି ରଜାଂସି''– ଆଲୋକର ପାର୍ଥିବ ମଣ୍ଡଳରାଜି । ସେମାନଙ୍କ ସଂଖ୍ୟା ମଧ୍ୟ ତିନି – ''ତିସ୍ରଃ ପୃଥିବୀଃ'' । ଏବଂ ସୂର୍ଯ୍ୟ ସବିତା ହେଉଛନ୍ତି ଏହି ସମସ୍ତ ଲୋକର ସ୍ରଷ୍ଟା ।

ଏହି ବିବିଧ ମନସ୍ତାତ୍ତ୍ୱିକ ସ୍ତରଗୁଡ଼ିକର ଅଭିରୂପ, ପ୍ରତ୍ୟେକ ସ୍ତରକୁ ଯେପରି ଏକ ଲୋକ ବୋଲି ଗଣନା କରାଯାଏ, ଏହାରି ମଧ୍ୟରେ ବୈଦିକ ଋଷିମାନଙ୍କ ଭାବଗତ ଅବଧାରଣାର କୁଞ୍ଚି ଆମେ ପାଇପାରୁଛୁ । ଜଣେ ମାନବ ବ୍ୟକ୍ତି ହେଉଛି ଏଭଳି ଏକ ସୁନିୟୋଜିତ ଏକକ ଯାହା ମଧ୍ୟରେ ବ୍ରହ୍ମାଣ୍ଡର ସଂରଚନା ପ୍ରତିଫଳିତ ହେଉଛି । ଏହା ନିଜ ମଧ୍ୟରେ ସେହି ବିଭିନ୍ନ ସ୍ତରର ସେହି ସମାନ ବ୍ୟବସ୍ଥାକୁ ଏବଂ ଶକ୍ତିଗଣଙ୍କର ଖେଳକୁ ପୁନରାବୃତ୍ତ କରୁଥାଏ । ମଣିଷ ଅନ୍ତର୍ଗତଭାବରେ ସମଗ୍ର ବ୍ରହ୍ମାଣ୍ଡକୁ ସ୍ୱୟଂ ବହନ କରୁଥାଏ, ତାହାର ଆଧାର ହୋଇଥାଏ, ବାହ୍ୟ ସ୍ୱରୂପରେ ସେ ଏକ ଆଧେୟ ରୂପେ ସମଗ୍ର ଜଗତ୍ ମଧ୍ୟରେ ରହିଥାଏ । ଋଷିଗଣ ଅମୂର୍ତ୍ତ ଅପେକ୍ଷା ମୂର୍ତ୍ତ ଭାଷା ବ୍ୟବହାରକୁ ପସନ୍ଦ କରୁଥିବାରୁ ଭୌତିକ ଚେତନାକୁ 'ଭୂଃ' ତଥା ଭୌତିକ ଜଗତ୍ ବୋଲି କହନ୍ତି ଅର୍ଥାତ୍ ପୃଥିବୀ । ଶୁଦ୍ଧ ମାନସିକ ଚେତନାକୁ ସେମାନେ 'ଦ୍ୟୌଃ', ସ୍ୱର୍ଗ କହନ୍ତି, ଯାହା ହେଉଛି 'ସ୍ୱର୍' ବା ପ୍ରଭାସ୍ୱର ମନର ଲୋକ, ଶିଖର ସ୍ତର । ଏ ଉଭୟର ମଧ୍ୟବର୍ତ୍ତୀ ସ୍ତର ହେଲା ଗତି ତଥା କର୍ମଶୀଳ ଜଗତ୍, ପ୍ରାଣିକ ବା ସ୍ନାୟୁତାନ୍ତ୍ରିକ ଚେତନା – ଏହାକୁ ସେମାନେ ବୋଧହୁଏ ନାମ ଦେଇଛନ୍ତି 'ଅନ୍ତରୀକ୍ଷ' ଅର୍ଥାତ୍ ମାଧ୍ୟଦୃଷ୍ଟି ଅଥବା 'ଭୁବଃ', ଏହା ବହୁମୁଖୀ କ୍ରିୟାତ୍ମକ ଲୋକସମୂହ ଯାହା ଭୂଲୋକର ରଚୟିତା ।

କାରଣ ଋଷିମାନଙ୍କ ତାତ୍ତ୍ୱିକ ବିଚାର ଅନୁଯାୟୀ କୌଣସି ଲୋକ ହେଉଛି ପ୍ରଥମତଃ ଚେତନାର ଏକ ସଂରଚନା, ବସ୍ତୁଗୁଡ଼ିକର ଭୌତିକ ସଂରଚନା ହେଉଛି ଅପ୍ରଧାନ ବା ଗୌଣ । ଜଗତ୍ କହିଲେ ତାହା ଏକ ଲୋକ ଯାହା ମଧ୍ୟରେ ଏକ ସଚେତନ ସତ୍ତା ନିଜକୁ ସରୂପ କରିଥାଏ । କାରଣାତ୍ମକ ଏକ 'ସତ୍ୟ' ରହିଛି, 'ସୂର୍ଯ୍ୟ ସବିତା' ରୂପକ ବ୍ୟକ୍ତିସ୍ୱରୂପ ମଧ୍ୟରେ ତାହା ବିରାଜମାନ, ତାହାହିଁ ସକଳ ରୂପ ବା ତନୁର ରଚୟିତା ବା ସବିତା । କାରଣ ଏହା ହେଉଛି ଅନନ୍ତ ସତ୍ତା ମଧ୍ୟରେ କାରଣସ୍ୱରୂପ 'ପ୍ରଜ୍ଞା', – ଏହି ପ୍ରଜ୍ଞା କୌଣସି କଳ୍ପନାର ବିଷୟ ନୁହେଁ ବରଂ ତାହା ବାସ୍ତବ ତଥା କର୍ମଗତିମାନ୍, – ତାହାହିଁ 'ବିଧି'ର ଉତ୍ସ, ଶକ୍ତିଗୁଡ଼ିକର ଉତ୍ସ, ବସ୍ତୁଗୁଡ଼ିକର ରୂପରାଜିର ଉତ୍ସ, ଯେଉଁ କାର୍ଯ୍ୟ ସେହି ବସ୍ତୁଗୁଡ଼ିକର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ମାଧ୍ୟମରେ ନିର୍ଦ୍ଦିଷ୍ଟ ରୂପକୁ ଆଶ୍ରୟ କରି ହେଉଛି ତାହାର ଉତ୍ସ ମଧ୍ୟ । କାରଣ, କାରଣସ୍ୱରୂପ 'ପ୍ରଜ୍ଞା' ହେଉଛି ସତ୍ତାର ପ୍ରକୃତ ଶକ୍ତି, ଏହାକୁ 'ସତ୍ୟମ୍' ବୋଲି କୁହାଯାଇଛି ଅର୍ଥାତ୍ ସତ୍ତା ମଧ୍ୟରେ ଯାହା 'ସତ୍'; ସେହି ପ୍ରଜ୍ଞା ଯେହେତୁ ସକଳ ଗତିବୃତ୍ତି ତଥା ସଂରଚନାକୁ ନିର୍ଦ୍ଧାରଣ କରୁଛି ତେଣୁ ତାହାକୁ କୁହାଯାଏ 'ଋତମ୍' ଅର୍ଥାତ୍ ଯାହା ଗତିକ୍ରିୟାଗତ 'ସତ୍ୟ'; ସେହି ପ୍ରଜ୍ଞା ନିଜର ଆତ୍ମଦୃଷ୍ଟିରେ, ନିଜର କର୍ମ ପରିସରରେ ଏବଂ ନିଜର କ୍ରିୟାବିଧିରେ ଯେହେତୁ ବ୍ୟାପକ ତଥା ଅସୀମ ତେଣୁ ତାହାକୁ କୁହାଯାଏ 'ବୃହତ୍', 'ବିରାଟ୍' ବା 'ମହତ୍' ।

**ସବିତା :** 'ସତ୍ୟ' ଦ୍ୱାରା ସୃଷ୍ଟି କରୁଥିବା 'ସ୍ରଷ୍ଟା', ଏହାର ଅର୍ଥ ଏପରି ନୁହେଁ ଯେ ତାଙ୍କ ସୃଷ୍ଟି ହେଉଛି କୌଣସି କୃତ୍ରିମ ସାଦୃଶ୍ୟ ରଚନା କରିବା ଅଥବା ବସ୍ତୁଗୁଡ଼ିକୁ ଯାନ୍ତ୍ରିକ ନ୍ୟାୟରେ ଗଢ଼ିବା । ସବିତା ଶବ୍ଦରେ ଯେଉଁ ଧାତୁ ରହିଛି ତାହାର ଅର୍ଥ ଏକ ପ୍ରବୃତ୍ତି, – ଆଗକୁ ନିକ୍ଷେପ କରିବା ଅଥବା ବାହାରକୁ ପ୍ରେରଣ କରିବା, – ସୃଜନ ଅର୍ଥରେ ବ୍ୟବହୃତ ସାଧାରଣ ଶବ୍ଦ ''ସୃଷ୍ଟି''ର ଅର୍ଥ ଏଥିରେ ରହିଛି, ଏଣୁ ଜନ୍ମ ଦେବା ଅର୍ଥ ଆସୁଛି । କାରଣ-ସ୍ୱରୂପ 'ପ୍ରଜ୍ଞା'ର କ୍ରିୟା କୌଣସି କୃତ୍ରିମ ପ୍ରରୂପ ସୃଷ୍ଟି

[୩] ଆମ ସତ୍ତାର ପ୍ରାକୃତିକ ସ୍ତରଟି ଦୈହିକ ହେବା ସ୍ୱାଭାବିକ, କିନ୍ତୁ ଅନ୍ୟ ସ୍ତରଗୁଡ଼ିକ ଆମ ପାଇଁ ଉନ୍ମୀଳିତ ଥାଆନ୍ତି, କାରଣ ଆମ ସତ୍ତାର ଅଂଶ ସେହି ପ୍ରତ୍ୟେକଟି ମଧ୍ୟରେ ବଞ୍ଚି ରହିଥାଏ ।

କରେ ନାହିଁ, ବରଂ 'ତପସ୍' ମଧ୍ୟରୁ ଅର୍ଥାତ୍ ନିଜ ସତ୍ତା ଉପରେ ଚେତନାର ଚାପ ଦ୍ୱାରା ସେ ତାହାକୁ ସୃଷ୍ଟି କରେ ଯାହା ନିଜ ମଧ୍ୟରେ ଗୁପ୍ତ ଭାବେ ରହିଥିଲା, ଯାହା ସମ୍ଭାବ୍ୟ ରୂପେ ଅପ୍ରତ୍ୟକ୍ଷ ଥିଲା ତଥା 'ପରାତ୍ପର'ଙ୍କ ମଧ୍ୟରେ ପୂର୍ବରୁ ଥିବା ସତ୍ୟରୂପେ ବିଦ୍ୟମାନ ଥିଲା ।

ଏହାପରେ, ଭୌତିକ ଜଗତର ଶକ୍ତି ଓ ପ୍ରକ୍ରିୟାଗୁଡ଼ିକ ଏହି ଜଗତର ଜନକ ଅତିଭୌତିକ କ୍ରିୟାଧାରାର ସତ୍ୟରାଜିକୁ ପୁନରାବୃତ୍ତ କରିଚାଲେ ଠିକ୍ ଯେପରି କୌଣସି ପ୍ରତୀକ ମଧ୍ୟରେ ଘଟିଥାଏ । ଏବଂ ଭୌତିକ ତଥା ଅତିଭୌତିକ ସ୍ତରର ଶକ୍ତି ଓ ପ୍ରକ୍ରିୟାମାନ ଯେହେତୁ ସମାନ ଏବଂ ସେହି ସମସ୍ତ ଦ୍ୱାରା ଆମର ଆନ୍ତରଜୀବନ ଓ ତାହାର ଅଗ୍ରଗତି ସୁପରିଚାଳିତ ହେଉଥାଏ, ତେଣୁ ଋଷିଗଣ ଆନ୍ତରଜୀବନର କ୍ରିୟାବଳିକୁ ପ୍ରକାଶ କରିବା ପାଇଁ ଭୌତିକ 'ପ୍ରକୃତି'ର ପ୍ରଚଳିତ ଘଟନା ଓ କ୍ରିୟାବଳିକୁ ସାମାନ୍ୟତଃ ପ୍ରତୀକରୂପେ ଆପଣେଇ ନେଇଛନ୍ତି, ଯାହାକୁ କୌଣସି ପବିତ୍ର କବିତାର ମୂର୍ତ୍ତ ଭାଷାରେ ସୂଚିତ କରିବା ଥିଲା ଏକ କଠିନ କାର୍ଯ୍ୟ, ଯାହା ଏହି ଦୃଶ୍ୟମାନ ବିଶ୍ୱର ଶକ୍ତିଗଣ ଦେବଗଣଙ୍କ ବାହ୍ୟ ଆରାଧନାରେ ଯୁଗପଦ୍ ଉପଯୋଗୀ ହୋଇ ପାରୁଥିବ । ଏହି ସୌରଶକ୍ତି ହେଉଛି ଦିବ୍ୟଜ୍ୟୋତିଃ ଓ ସତ୍ୟର ଦେବ 'ସୂର୍ଯ୍ୟ'ଙ୍କର ଭୌତିକ ରୂପ, ଏହି 'ସତ୍ୟ' ମଧ୍ୟଦେଇ ଆମେ 'ଅମରତ୍ୱ'କୁ ପ୍ରାପ୍ତ ହେଉ ଯାହା ବୈଦିକ ସାଧନାର ଅନ୍ତିମ ଲକ୍ଷ୍ୟ । ସେହି କାରଣରୁ ସୂର୍ଯ୍ୟ ଓ ତାହାର କିରଣମାଳା, ଉଷା ଓ ଦିବସ ଓ ରାତ୍ରି ପ୍ରଭୃତି ପ୍ରରୂପକୁ ଆଶ୍ରୟ କରି ମାନବର ଜୀବନ ଯେ ଆଲୋକ ଓ ଅନ୍ଧକାର ରୂପକ ଦୁଇ ମେରୁ ମଧ୍ୟରେ ରହିଛି ବୋଲି ଦର୍ଶାଇ ଆର୍ଯ୍ୟଋଷିଗଣ ପ୍ରତିପାଦନ କରିଛନ୍ତି ଯେ ମାନବାତ୍ମା ପ୍ରଗତିଶୀଳଭାବେ ପ୍ରଦୀପିତ ହୋଇ ଚାଲିଛି । ଏହି ଭାବେ ଅତ୍ରିବଂଶଜ ଶ୍ୟାବାଶ୍ୱ 'ପ୍ରକାଶକ' 'ସବିତା'ଙ୍କର ସ୍ତୁତି କରି କହିଛନ୍ତି ସିଏ 'ସ୍ରଷ୍ଟା', 'ପୋଷକ' ।

(*ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ*)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ : "*Surya Savitri, Creator and Increaser*" ର ଓଡ଼ିଆ ଅନୁବାଦ]

ଅନୁବାଦ : ମଧୁସୂଦନ ମହାପାତ୍ର

It is in work that one finds balance and joy.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀମା'ଙ୍କର ଏକ ବାର୍ତ୍ତା – "Heralding the birth of a new world, we invite all those who want to have a place in it to prepare themselves sincerely for it." (MCW-15, p. 97)

''ଏକ ନୂତନ ଜଗତ୍ ଜନ୍ମ ନେବାର ଅଗ୍ରିମ ବାର୍ତ୍ତା ଘୋଷଣା କରି ଆମେ ସେହି ସମସ୍ତଙ୍କୁ ଆମନ୍ତ୍ରଣ ଜଣାଉଛୁ ଯେଉଁମାନେ ଏଥିନିମନ୍ତେ ନିଜକୁ ଆନ୍ତରିକ ଭାବରେ ପ୍ରସ୍ତୁତ କରି ଏଥିରେ ଏକ ସ୍ଥାନ ଗ୍ରହଣ କରିବା ପାଇଁ ଚାହାନ୍ତି ।''

ଆମେ ନିଜକୁ କେତେ ଭାଗ୍ୟବାନ୍ ମନେ କରିବା କଥା ଯେ ସ୍ୱୟଂ ଭାଗବତୀ ଦିବ୍ୟଜନନୀ ଆମମାନଙ୍କୁ ସେ ଜନ୍ମ ଦେଇଥିବା ଏକ ନୂତନ ଜଗତରେ ବାସ କରିବା ପାଇଁ ଓ ସେଥିପାଇଁ ଆନ୍ତରିକ ଭାବରେ ପ୍ରସ୍ତୁତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି । ସୂକ୍ଷ୍ମ ଚେତନାର ସ୍ତରରେ ମନୁଷ୍ୟକୁ ଦିବ୍ୟ ହୋଇ ଉଠିବା ପାଇଁ ଭଗବାନଙ୍କ ତରଫରୁ ସବୁବେଳେ ଏକ ଆହ୍ୱାନ ଥାଏ, ସବୁବେଳେ ତାଙ୍କ ଶକ୍ତିର ଏକ ସୂକ୍ଷ୍ମ ଚାପଥାଏ । ନିଜ ଚେତନାର ଗ୍ରହଣଶୀଳତା ଅନୁଯାୟୀ ମନୁଷ୍ୟ ଧୀର ମନ୍ଥର ଗତିରେ ଜନ୍ମ ପରେ ଜନ୍ମ, ଜୀବନ ପରେ ଜୀବନ ଭିତର ଦେଇ ସେହି ଦିଗରେ ଆଗେଇ ଚାଲିଥାଏ । କିନ୍ତୁ ଏକ ମାନୁଷୀ ଶରୀର ଧାରଣ କରି ସ୍ୱୟଂ ଭାଗବତୀ ମହାଶକ୍ତି ଯେତେବେଳେ ଧରାପୃଷ୍ଠରେ ଅବତୀର୍ଣ୍ଣା ହୋଇ ବାହ୍ୟ ପ୍ରକଟିତ ଭାବରେ ଆମକୁ ତାଙ୍କ କାମରେ ଅଂଶ ଗ୍ରହଣ ପାଇଁ ଆମନ୍ତ୍ରଣ ଜଣାନ୍ତି ତା'ଠାରୁ ଆମ ପାଇଁ ଆଉ ବଡ଼ ସୁଯୋଗ କ'ଣ ହୋଇପାରେ ?

ସୂକ୍ଷ୍ମ ଚେତନାର ସ୍ତରରେ ଯେତେବେଳେ ଏକ ନୂତନ ଜଗତ୍ ଜନ୍ମ ନେଇ ସାରିଛି ବୋଲି ମା' ଘୋଷଣା କରିଛନ୍ତି, ସେହି ଜଗତ୍ ନିଶ୍ଚୟ ବାହ୍ୟ ସ୍ଥୂଳ ଭାବରେ ବାସ୍ତବ ରୂପ ନେଇ ଗଠିତ ହେବ । ଏହା ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ, କାରଣ ଏହା ପଛରେ ରହିଛି ଅପରାଜେୟ ଭାଗବତୀ ଶକ୍ତି । ଏହି ନୂତନ ଜଗତର ନିର୍ମାଣରେ ଆମକୁ ନିମିତ୍ତ ଓ ଯନ୍ତ୍ର ହେବାର ସୁଯୋଗ ଦେଇ ଆମର ଚେତନା ଓ ଜୀବନକୁ ଆହୁରି ଊର୍ଦ୍ଧ୍ୱକୁ ଉଠାଇ ନେବା ପାଇଁ, ଆହୁରି ସାର୍ଥକ କରିବା ପାଇଁ ମା'ଙ୍କର ଯେ ଏକ ଦିବ୍ୟଯୋଜନା ରହିଛି ତାହା ଆମକୁ ବୁଝିବାକୁ ହେବ । ଆମକୁ ଅନୁଭବ କରିବାକୁ ହେବ ଯେ ଆମେ ଯେଉଁମାନେ ନିଜକୁ ଶ୍ରୀଅରବିନ୍ଦ ଓ ମା'ଙ୍କ ସନ୍ତାନ ସନ୍ତତି, ଭକ୍ତ ଓ ଶିଷ୍ୟ ଶିଷ୍ୟା ବୋଲି ମନେ କରୁ ଆମ ସମସ୍ତଙ୍କ ଚେତନାରେ ନୂତନ ଜଗତ୍ ନିର୍ମାଣ ପାଇଁ ମା'ଙ୍କ ଆମନ୍ତ୍ରଣର ସ୍ପର୍ଶ ଲାଗିଛି । ଆମର ଗ୍ରହଣଶୀଳତା, ପ୍ରସ୍ତୁତି ଓ ସାମର୍ଥ୍ୟ ଅନୁଯାୟୀ, ତାହା ଯେତେ଼ ଅକିଞ୍ଚନ ଓ ସୀମିତ ହେଲେ ମଧ, ଆମକୁ ସେହି ଆମନ୍ତ୍ରଣର ଉତ୍ତର ଦେବା ପାଇଁ ଆଗେଇ ଆସିବାକୁ ହେବ । ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ପ୍ରକୃତରେ ଆମ ଭିତରେ ସେଥିପାଇଁ ଏକ ଅଭୀପ୍ସାର ଉଦୟ ହୋଇଛି । ଆମେ ଯେଉଁମାନେ ଶ୍ରୀଅରବିନ୍ଦ ଓ ମା'ଙ୍କୁ ନିଜର ଇଷ୍ଟ ରୂପେ ଗ୍ରହଣ କରି ଆମର ବ୍ୟକ୍ତି ଜୀବନରେ ତାଙ୍କର ଆରାଧନା ଓ ପୂଜା ପାଇଁ ପ୍ରାର୍ଥନା କରୁଛୁ, ଧ୍ୟାନ, ଧାରଣା, ନାମଜପ ଓ ସ୍ୱାଧ୍ୟାୟ ଆଦିରେ ରତ ରହୁଛୁ, ତାହା ଯେତେ ଅଳ୍ପ ସମୟ ପାଇଁ ହେଉ ପଛକେ; କିଂବା ସମୂହ ଜୀବନରେ ପାଠଚକ୍ର ଗଢ଼ୁଛୁ, ପାଠଚକ୍ର ସମ୍ମିଳନୀ କରୁଛୁ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବା ସମାଧି ମନ୍ଦିର ସ୍ଥାପନ ଆଦିରେ ଉତ୍ସାହର ସହ ଭାଗ ନେଉଛୁ । ସଭା, ସମିତି, ସେମିନାର, ଆଲୋଚନା ଚକ୍ର ସଙ୍ଗଠିତ କରି ଅନ୍ୟମାନଙ୍କ ନିକଟରେ ମା' ଶ୍ରୀଅରବିନ୍ଦଙ୍କ ବାଣୀ ପହଞ୍ଚାଉଛୁ – ଏହି ସମସ୍ତହିଁ ସୂଚିତ କରେ ଯେ ଆମ ଚେତନାର ଏକ ଅଂଶରେ ଆମେ ନୂତନ ଜଗତ୍ ନିର୍ମାଣରେ ଭାଗ ନେବା ପାଇଁ ମା'ଙ୍କ ଆମନ୍ତ୍ରଣ ପାଇଛୁ ଓ ତାହା ଗ୍ରହଣ କରି ସାଧ୍ୟମତେ ତାହାର ଉତ୍ତର ଦେବା ପାଇଁ ଅଭୀପ୍ସା ଓ ପ୍ରଚେଷ୍ଟା କରୁଛୁ ଓ ସେହି ପ୍ରଚେଷ୍ଟା ପୂର୍ବୋକ୍ତ ବିଭିନ୍ନ କାମରେ ରୂପାୟିତ ହେଉଛି ।

କିନ୍ତୁ ଏଇଠି ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ଏହି ଯେଉଁ ସମସ୍ତ କାମରେ ଭାଗ ନେଉଛୁ ଆମେ କ'ଣ ପ୍ରକୃତରେ ତାହାକୁ ଠିକ୍ ରୂପରେ, ଠିକ୍ ଭାବରେ, ଠିକ୍ ବାଟରେ କରିବା ପାଇଁ ସମର୍ଥ ହୋଇ ପାରୁଛୁ ? ଏଥିରେ ନାନା ଭୁଲ୍ ଭ୍ରାନ୍ତି ମିଶିଯାଉ ନାହିଁକି ? ଆମର ଅଜ୍ଞାନମୟ ମନ ଓ ପ୍ରାଣର ବାହ୍ୟ ଚେତନା ତ ପ୍ରତ୍ୟକ୍ଷ ଭାବରେ ଜାଣି ପାରୁ ନାହିଁ ପ୍ରକୃତରେ ମା' କେଉଁ କାମଟି ଠିକ୍ କିପରିଭାବେ ହେଉ ବୋଲି ଚାହାନ୍ତି । ତା'ଛଡ଼ା ଆମ ଭିତରେ ପୁରାତନ ଜଗତର ନାନା ଅଭ୍ୟାସ, ସଂସ୍କାର, ନୀତି, ତତ୍ତ୍ୱ ଏପରି ବସାବାନ୍ଧି ରହିଛନ୍ତି

ଯେ ନୂତନ ଜଗତ୍ ନିର୍ମାଣ କରିବାକୁ ଯାଇ ଆମେ ଭ୍ରମରେ ପଡ଼ି ପୁଣି ସେଇ ପୁରୁଣା ଜଗତର ଆଉ ଏକ ନୂତନ ସଂସ୍କରଣ କରିବାକୁ ଯାଉ ନାହୁଁ ତ ? ବିଶେଷ କରି ଏକ ଅଭିଯୋଗ ବରାବର ଶୁଣିବାକୁ ପାଉ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସତ୍ୟ ଓ ଆଦର୍ଶର ପ୍ରସାର କରିବାକୁ ଯାଇ ଆମେ ଏକ ନୂତନ ଧର୍ମାଚାରର ପ୍ରବର୍ତ୍ତନ ଓ ପ୍ରଚଳନ କରିବାକୁ ଯାଉ ନାହୁଁ ତ ? ବାସ୍ତବରେ ଯେ ଏପରି ବିପଦ ନାହିଁ ତାହା କୁହାଯାଇ ନପାରେ । ନହେଲେ ମା' କାହିଁକି ବାରବାର ଶ୍ରୀଅରବିନ୍ଦଙ୍କ ନାମରେ ଏକ ଧର୍ମ, ଏକ ସଂକୀର୍ଣ୍ଣ ଗୋଷ୍ଠୀ ବା ସମ୍ପ୍ରଦାୟ ଗଠନର ବିପଦ କଥା କହି ଆମକୁ ସେଦିଗରେ ସତର୍କ କରାଇ ଦେଇ ଥାଆନ୍ତେ ।

ତା'ଛଡ଼ା ବର୍ତ୍ତମାନ ପୃଥିବୀର ଯାହା ଅବସ୍ଥା ତହିଁରେ ସତ୍ୟ ଓ ମିଥ୍ୟା, ଭୁଲ୍ ଓ ଠିକ୍ ଏପରି ମିଶାମିଶି ପରସ୍ପର ଜଡ଼ିତ ହୋଇ ରହିଛନ୍ତି ଯେ ଗୋଟିକୁ ଅନ୍ୟଟିଠାରୁ ବାଛି ନିର୍ଣ୍ଣୟ କରିବା ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ୍ୟ । ସ୍ୱୟଂ ଶ୍ରୀମା ବର୍ତ୍ତମାନର ବାସ୍ତବତା କଥା କହିବାକୁ ଯାଇ କହିଛନ୍ତି ଯେ ଏପରିକି ତଥାକଥିତ ''ଆଧ୍ୟାତ୍ମିକ ଜୀବନ''ରେ ମଧ୍ୟ ଏହି ମିଶ୍ରଣ ରହିଛି । ମା'ଙ୍କ କଥାରେ, ''So, in all things, Falsehood and Truth are mixed everywhere: in the so-called "spiritual life", in sannyasins, in swamis, in those who think they represent the life divine on earth, all that – there also, there is a mixture of Falsehood and Truth."

(MCW-12, p. 402)

– ''ପ୍ରତ୍ୟେକଟି ଜିନିଷ ଭିତରେ ସତ୍ୟ ଓ ମିଥ୍ୟା ମିଶ୍ରିତ ହୋଇ ରହିଛି, ସର୍ବତ୍ର ଏହା ରହିଛି, ତଥାକଥିତ ଆଧ୍ୟାତ୍ମିକ ଜୀବନରେ, ସନ୍ନ୍ୟାସୀମାନଙ୍କ ଭିତରେ, ସ୍ୱାମୀମାନଙ୍କ ଭିତରେ, ଯେଉଁମାନେ ପୃଥିବୀପୃଷ୍ଠରେ ଦିବ୍ୟଜୀବନର ପ୍ରତିନିଧିତ୍ୱ କରନ୍ତି ବୋଲି ଭାବନ୍ତି, ସେମାନଙ୍କ ଭିତରେ ମଧ୍ୟ ଏହା ରହିଛି । ସତ୍ୟ ଓ ମିଥ୍ୟାର ଏହି ମିଶ୍ରଣ ସମସ୍ତଙ୍କ ଭିତରେ ରହିଛି ।''

କିନ୍ତୁ ମିଥ୍ୟାର ଛୁଆଁ ଲାଗିଯିବ ବୋଲି ଭୟ କରି ସତ୍ୟର ଅନୁପ୍ରେରଣାରୁ ଆସୁଥିବା କର୍ମରେ ଭାଗ ନେବାରୁ ବିରତ ରହିଲେ ଆମେ ନୂତନ ଜଗତର ନିର୍ମାଣ ଦିଗରେ କେବେ ବି କିଛି କରିପାରିବୁ ନାହିଁ । ଏହା କେବେ ବି ସମ୍ଭବ ହେବ ନାହିଁ ଯେ ପାଣିରେ ନପଶି ସ୍ଥଳରେ ରହି ପହଁରା ଶିଖ୍ ନେଇ ତା'ପରେ ପାଣି ଭିତରକୁ ଆସିବା । ପହଁରା ଶିଖିବାକୁ ହେଲେ ପହଁରା ନଜାଣି ପାଣି ଭିତରକୁ ଆସିବାକୁ ପଡ଼ିବ, ଏବଂ ପାଣି ଭିତରେ ନିଜର ଅଙ୍ଗ ପ୍ରତ୍ୟଙ୍ଗର ଚାଳନା କରି ଶିଖିବାକୁ ହେବ ଓ ଜାଣିବାକୁ ହେବ କେଉଁ ଅଙ୍ଗ-ଚାଳନାଗୁଡ଼ିକ ଆମକୁ ତଳକୁ ବୁଡ଼ାଇ ଦେଉଛି ଓ କେଉଁଗୁଡ଼ିକ ଆମକୁ ଉପରେ ଭସାଇ ରଖୁଛି । ସେହିପରି କର୍ମ କରିହିଁ ନିଜ ଅଭିଜ୍ଞତାରୁ ଜାଣିବାକୁ ହେବ କେଉଁ ଗତିବୃତ୍ତିଗୁଡ଼ିକ ଆମ ଚେତନାକୁ ନିମ୍ନମୁଖୀ କରି ଆମକୁ ମିଥ୍ୟାଚାର ଆଡ଼କୁ ନେଇ ଯାଉଛି ଓ କେଉଁ ଗୁଡ଼ିକ ଆମର ଚେତନାକୁ ଊର୍ଦ୍ଧ୍ୱାୟିତ ଓ ଉନ୍ନତ କରି ସତ୍ୟ ଆଚରଣ ପଥରେ ନେଇ ଯାଉଛି । ନୂତନ ଜଗତର ନିର୍ମାଣରେ ଭାଗ ନେବାକୁ ଆଗେଇ ଆସିବାକୁ ହେଲେ ଆମକୁ ଏହି ମନୋଭାବହିଁ ରଖିବାକୁ ହେବ ।

ଆଉ ମଧ୍ୟ ଏହା ମନେ ରଖିବାକୁ ହେବ ଯେ ଏହି କାମରେ ଆମେ ମା'ଙ୍କ ଚାଳନା ହାତରେ ନିଜକୁ ଦେଇ ଦେବା ପାଇଁ ଅଭୀପ୍ସା ରଖିଛୁ; ଆମେ ଯେତେ ଅଧିକ ଆନ୍ତରିକ ହେବୁ, ମା'ଙ୍କ କୃପା ଓ ଶକ୍ତି ଉପରେ ଆମର ବିଶ୍ୱାସ ଯେତିକି ଅଧିକ ଦୃଢ଼ ହେବ, ଆମ ଚେତନାର ଯେଉଁ କ୍ଷୁଦ୍ର ଅଂଶଟି ନେଇ ଆମେ ଏହି ନୂତନ ଜଗତ୍ ନିର୍ମାଣରେ ଭାଗ ନେବା ପାଇଁ ଆସିଥିଲୁ ତାହା କ୍ରମଶଃ ସେତିକି ଅଧିକ ପ୍ରସାରିତ ହେବ ଓ ଆମେ ଆମ କାମରେ ଆହୁରି ଅଧିକ ସଚେତ ଓ ପ୍ରତ୍ୟକ୍ଷ ଭାବରେ ମା'ଙ୍କ ଶକ୍ତିର ସହାୟତାକୁ ଅନୁଭବ କରିବୁ ଓ ଦିନ ଆସିବ ଯେତେବେଳେ ଆମର ସମଗ୍ର ଜୀବନଟିକୁ ମା'ଙ୍କର ଏହି କାମରେ ଉତ୍ସର୍ଗ ଓ ସମର୍ପଣ କରିଦେବାର ଅଭୀପ୍ସା ଓ ସଂକଳ୍ପ ଆମ ପାଇଁ ସ୍ୱାଭାବିକ ହୋଇ ଉଠିବ । ସେତେବେଳେ କ୍ରମଶଃ ଅଧିକରୁ ଅଧିକ ଆମେ ଦେଖିବୁ ଯେ ମା'ଙ୍କ କାମରେ ଅଂଶ ଗ୍ରହଣ ଛଡ଼ା ଆମ ଜୀବନର ଆଉ ନିଜର ବୋଲି କିଛି ଲକ୍ଷ୍ୟ ନାହିଁ ଓ ଆମର ସମଗ୍ର ଚେତନା ଭିତର ଦେଇ, ଆମର ଦେହ, ମନ, ପ୍ରାଣ ଓ ଆତ୍ମା ସବୁ ଭିତର ଦେଇ ନୂତନ ଜଗତର ନିର୍ମାଣ ପାଇଁ ମା'ଙ୍କ ଶକ୍ତିହିଁ କ୍ରିୟା କରି ଚାଲିଛି ।

ତେବେ ଆମ ଚେତନା ପାଇଁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ ଆମକୁ ନାନା ଭୁଲ୍ ତ୍ରୁଟି, ନାନା ବାଧାବିଘ୍ନ ଭିତର ଦେଇ ଯିବାକୁ ପଡ଼ିବ । କାରଣ ପୁରୁଣା ଜଗତ୍ ଏବେ ବି ତା'ର ସମସ୍ତ ଶକ୍ତି ନେଇ ତିଷ୍ଠି ରହିଛି ଓ ନୂତନ ଜଗତ୍ ନିର୍ମାଣର ସମସ୍ତ କାମରେ ତାହା ପଦେ ପଦେ ବାଧାଦେବ । ସେହି ପୁରାତନ ଜଗତର ସମସ୍ତ ସତ୍ୟ, ତତ୍ତ୍ୱକୁ ତା'ର ସମସ୍ତ ରୀତି, ନୀତି, ଚଳଣ, ଆଚାରକୁ ଭାଙ୍ଗି ଦେବା ପାଇଁ ଆମେ

ଯେତେବେଳେ ଆଗେଇ ଆସୁଛୁ, ଭାଙ୍ଗିବାର ସେହି ପ୍ରକ୍ରିୟାରେ ଆମକୁ ତାହାର ସମସ୍ତ ଆଘାତ ଓ ଆକ୍ରମଣ ସହିବାକୁ ପଡ଼ିବ, ଏପରିକି, ତହିଁରେ କିଛିକାଳ ପାଇଁ ଆମେ କ୍ଷତବିକ୍ଷତ ହୋଇଯାଇ ପାରୁ, ତା'ର ସମସ୍ତ ଧୂଳିମଳି ହୁଏତ ଆମ ଅଭୀପ୍ସାର ଉଜ୍ଜ୍ୱଳତାକୁ ମଳିନ କରିଦେଇ ପାରେ, ତାହା ନାନା ପ୍ରଲୋଭନ ଦେଖାଇ ଆମକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିପାରେ; ତାହାର ପ୍ରରୋଚନାରେ ଆମେ ନାନା ଭୁଲ୍ ତ୍ରୁଟିକୁ ପ୍ରଶ୍ରୟ ଦେଇ ପାରୁ । କିନ୍ତୁ ଶେଷ ପର୍ଯ୍ୟନ୍ତ ତାହା ତିଷ୍ଠି ପାରିବ ନାହିଁ । କାରଣ ଆମେ ଛିଡ଼ା ହୋଇଛୁ ଭଗବାନଙ୍କ ଦିବ୍ୟଯୋଜନା ଓ ସଂକଳ୍ପର ପକ୍ଷ ସମର୍ଥନରେ । ଭୁଲ୍ ବାଟରୁ ରକ୍ଷା କରିବାପାଇଁ ଆମର ପ୍ରାର୍ଥନା ଆନ୍ତରିକ ହେଲେ ଆମ ଚେତନା ଆଗରେ ଭୁଲ୍‌ଗୁଡ଼ିକ ନିଶ୍ଚୟ ଧରା ପଡ଼ିଯିବ । ସେତେବେଳେ ଅବଶ୍ୟ ତାହାକୁ ସଂଶୋଧନ କରିବା ପାଇଁ ଆମ ଭିତରେ ଆଶାନୁରୂପ ଧୈର୍ଯ୍ୟ ଓ ସାହସ ରହିବା ଆବଶ୍ୟକ । ତା'ଛଡ଼ା ବେଳେବେଳେ ଏପରି ହୁଏ ଯେ ବାହ୍ୟ ପରିସ୍ଥିତି ଓ କୌଣସି କାମର ବ୍ୟାବହାରିକ ଦିଗର ଚାପରେ ପଡ଼ି ଆମକୁ ପୁରୁଣା ଜଗତର ଅନେକ ଜିନିଷ ସହ ନାନା ପ୍ରକାର ଆପୋସ ଓ ସନ୍ଧି କରିବାକୁ ପଡ଼ିଥାଏ । ସେକ୍ଷେତ୍ରରେ ମଧ୍ୟ ଆମକୁ ସେହିସବୁ ଆପୋସ ସମ୍ପର୍କରେ ସଚେତ ଓ ସଜାଗ ରହି ସୁଯୋଗ ପାଇବା ମାତ୍ରେ ତାହାର କବଳରୁ ବାହାରି ଆସିବା ପାଇଁ ଯତ୍ନବାନ୍ ହେବାକୁ ପଡ଼ିବ । ବାହ୍ୟ ସାଫଲ୍ୟର କୌଣସି ପ୍ରଲୋଭନ ଯେପରି ଆମକୁ ଆମ ପୂର୍ଣ୍ଣତାର ଲକ୍ଷ୍ୟରୁ ପଥଚ୍ୟୁତ ନକରେ । ମା'ଙ୍କ କଥାରେ "We are not aiming at success - our aim is perfection."

(MCW - 12, p. 268)

– ''ସଫଳତା ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି ପୂର୍ଣ୍ଣତା ।''

ଆମକୁ ବରାବର ମନେ ରଖିବାକୁ ହେବ ଯେ ଏକ ନୂତନ ଜଗତର ନିର୍ମାଣର ଲକ୍ଷ୍ୟରେ କୌଣସି କିଛିକୁ ବାଦ୍ ଦିଆଯାଏ ନାହିଁ; ଏକ ସର୍ବାଙ୍ଗୀଣ ପୂର୍ଣ୍ଣତା ଭିତରେ ଜୀବନ ଓ ସଂସାରର ସବୁକିଛିକୁ ଗ୍ରହଣ କରି ତାହାକୁ ଅଧିକ ସତ୍ୟମୟ, ଆଲୋକମୟ ଓ ଦିବ୍ୟ କରି ଗଢ଼ି ତୋଳିବାର ଲକ୍ଷ୍ୟକୁହିଁ ମା' ଆମ ଆଗରେ ରଖିଛନ୍ତି । ଯାହା ବାଦ୍ ଦେବାକୁ ହେବ ତାହା ହେଉଛି ଜଡ଼ତା ଓ ବିଭ୍ରାନ୍ତି, ମିଥ୍ୟାଚାର ଓ ବିକୃତି । ବର୍ତ୍ତମାନର ବାହ୍ୟରୂପ ଯାହା ହେଉନା କାହିଁକି ସବୁକିଛିର ମୂଳ ସ୍ୱରୂପ ଦିବ୍ୟ ଏବଂ ଶେଷରେ ସେହି ଦିବ୍ୟସ୍ୱରୂପରେ ତାହା ଉତ୍ତୀର୍ଣ୍ଣ ହେବହିଁ ହେବ । ସବୁକିଛି ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଭଗବତ୍ ଦିବ୍ୟସତ୍ୟକୁ ଫୁଟାଇ ତୋଳି ଧରିବାର ପ୍ରକ୍ରିୟା ଭିତରେହିଁ ଗଢ଼ି ଉଠିବ ମା' କହିଥିବା ସେହି ନୂତନ ଜଗତ୍ । ତେଣୁ ଏପରି ଏକ ଦିନ ନିଶ୍ଚୟ ଆସିବାକୁ ବାଧ୍ୟ ଯେତେବେଳେ ଆମକୁ ଜୀବନର ସମସ୍ତ ବିଭାବରେ, ରାଜନୀତିରେ, ଅର୍ଥନୀତି ଓ ସମାଜନୀତିରେ, କଳା, ସାହିତ୍ୟ, ବିଜ୍ଞାନ, କୃଷି, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଙ୍ଗୀତ, ସ୍ଥାପତ୍ୟ, କାରିଗରୀ କୌଶଳ, ଚିକିତ୍ସା ଆଦି ସବୁ କ୍ଷେତ୍ରରେ ମା'ଙ୍କ ଯନ୍ତ୍ର ରୂପେ ସଚେତ ଓ ସଙ୍ଗଠିତ ଭାବରେ କାମ କରିବାକୁ ପଡ଼ିବ । କୌଣସି ଉଗ୍ର, କଠୋରପନ୍ଥୀ ମନୋଭାବ ନୁହେଁ ଉଦାର, ସହିଷ୍ଣୁତା ଓ ନମନୀୟତାର ମନୋଭାବ ନେଇ, କୌଣସି ଦମ୍ଭ ନୁହେଁ ବରଂ ନମ୍ର, ବିନୟ ଓ କୋମଳତାର ଭାବ ରଖି, ସବୁ କ୍ଷେତ୍ରରେ ଶାନ୍ତି, ସମତା, ପ୍ରସନ୍ନ ଚିତ୍ତତା, ଆନନ୍ଦ ଓ ପ୍ରେମର ଭାବକୁ ବଜାୟ ରଖିବା ପାଇଁ ଯତ୍ନ କରି ଆମକୁ ଦିବ୍ୟପୂର୍ଣ୍ଣତାର ପଥରେ ଆଗେଇ ଯିବାକୁ ହେବ । ଆମର ଲକ୍ଷ୍ୟକୁ ଯେପରି ଆମେ ମୁହୂର୍ତ୍ତକ ପାଇଁ ଭୁଲି ନଯାଉ । ସେହି ଲକ୍ଷ୍ୟଟିର ସ୍ୱରୂପ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ କଥାଗୁଡ଼ିକ ଯେପରି ସବୁ ସମୟରେ ସ୍ମରଣ ରଖୁ, "A total perfection is the ultimate aim which we set before us, for our ideal is the Divine Life which we wish to create here, the life of the Spirit fulfilled on earth,... in the conditions of the material universe."

(MCW - 9, p. 85)

– ''ଏକ ସାମଗ୍ରିକ ପୂର୍ଣ୍ଣତାକୁହିଁ ଚରମ ଲକ୍ଷ୍ୟ ରୂପେ ଆମ ଆଗରେ ରଖିଛୁ, କାରଣ ଆମର ଆଦର୍ଶ ହେଉଛି ସେହି ଦିବ୍ୟଜୀବନ, ଯାହା ଆମେ ଏହିଠାରେହିଁ, ଏହି ସୃଷ୍ଟି କରିବାକୁ ଚାହୁଁ । ଏହି ଜଡ଼ ବିଶ୍ୱର ଚେତନାରେ, ଏହି ପୃଥିବୀ ଉପରେହିଁ ସିଦ୍ଧ ହେବ ଆତ୍ମାର ଜୀବନ ।'' ✤

# ଅଜ୍ଞାନ ଏବଂ ଅହଂ-ଉତ୍ସାରିତ ବିଡ଼ମ୍ବନା

## ଶ୍ରୀ ମନୋଜ ଦାସ

- ଅବଚେତନର ଭ୍ରାନ୍ତି
- ଆଧ୍ୟାତ୍ମିକତା ଓ ଆତ୍ମହତ୍ୟା

ଦୁଇ ବର୍ଷ ତଳେ ଇତିହାସରେ ପରିଣତ ହୋଇଥିବା ୨୦୧୪ ମସିହାର ଶେଷ ମାସ(୧୬ ଡିସେମ୍ବର)ରେ ଏବଂ ୨୦୧୫ ମସିହାର ପ୍ରଥମ ମାସ (୭ ଜାନୁଆରୀ)ରେ ସାରା ବିଶ୍ୱକୁ ସ୍ତବ୍ଧ ତଥା ବିକ୍ଷୁବ୍ଧ ଏବଂ କ୍ରୋଧାନ୍ୱିତ କରିବା ସଙ୍ଗେ ସଙ୍ଗେ ବାତାବରଣକୁ ଏକପ୍ରକାର ବିଷାଦମୟ ଅସହାୟତାରେ ମେଘାଚ୍ଛନ୍ନ କରି ରଖିବା ଭଳି ଗୋଟିଏ ଲେଖାଏଁ ମର୍ମନ୍ତୁଦ ଘଟଣା ଘଟିଗଲା ।

ପ୍ରଥମ ଘଟଣାରେ, ପେଶାୱାର ନଗରୀର ଗୋଟିଏ ବିଦ୍ୟାଳୟର ପ୍ରାଚୀର ଡେଇଁ ଭିତରେ ପଶି ''ଆଲ୍ଲାହୋ ଆକବର'' ନିନାଦରେ ସଭିଙ୍କୁ ଚମକାଇ ଦେବା ସଙ୍ଗେ ସଙ୍ଗେ ସନ୍ତ୍ରାସବାଦୀମାନେ ଗୋଟାଏ ପରେ ଗୋଟାଏ କୋଠରି ଭିତରେ ପଶି ପ୍ରାୟ ଦେଢ଼ ଶହ ବାଳକବାଳିକାଙ୍କୁ ହତ୍ୟା କଲେ; ଜଣେ ଶିକ୍ଷକ ଚୌକିରେ ବସିଥିବା ଅବସ୍ଥାରେ ତାଙ୍କ ଉପରେ ପେଟ୍ରୋଲ ଢାଳି ସେ ଜଳି ଯିବାର ଦୃଶ୍ୟଟି ତାଙ୍କ ଛାତ୍ରମାନଙ୍କୁ ଦେଖିବାକୁ ବାଧ୍ୟ କଲେ ।

କେତେଶହ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ଆହତ ହୋଇଛନ୍ତି, ତା'ର ସଂଖ୍ୟା ଜଣା ନାହିଁ ।

ସେ ସନ୍ତ୍ରାସବାଦୀମାନଙ୍କୁ 'ମୁସଲିମ' କହିବାର ଅର୍ଥ ନାହିଁ । ସେମାନେ ଯେଉଁମାନଙ୍କୁ ହତ୍ୟା କଲେ ସେମାନେ ମୁସଲିମ; ସେ ପିଲାମାନେ ସୈନ୍ୟବିଭାଗର କର୍ମଚାରୀମାନଙ୍କ ସନ୍ତାନ । ତାହାହିଁ ଥିଲା ସେ କୁନି ପିଲାମାନଙ୍କର ଅପରାଧ । ସେନାବାହିନୀ ସନ୍ତ୍ରାସବାଦୀମାନଙ୍କର ଶତ୍ରୁ; ଆପାତତଃ !

ଛଅଜଣଯାକ ସେଇ ମହାପାପୀ ସନ୍ତ୍ରାସବାଦୀ ତା' ପରେ ପରେ ମରିଛନ୍ତି । ସେମାନେ ନିଜ ନିଜ ପୋଷାକ ଭିତରେ ବିସ୍ଫୋରକ ରଖି ମରିବାକୁ ପ୍ରସ୍ତୁତ ହୋଇ ଆସିଥିଲେ । ଅନ୍ୟଥା ବି ସେମାନେ ମରିଥା'ନ୍ତେ । କାରଣ ସେମାନେ ସେ ହତ୍ୟାକାଣ୍ଡ ଘଟାଉଥିବା ବେଳେ ସେନାବାହିନୀ ଆସି ବିଦ୍ୟାଳୟ ବେଷ୍ଟନ କରି ସାରିଥିଲେ ।

ଦ୍ୱିତୀୟ ବିୟୋଗାନ୍ତକ ଘଟଣା, ପ୍ୟାରିସର ଏକ କାର୍ଟୁନ୍ ପତ୍ରିକାର ସମ୍ପାଦକ ଓ ଶିଳ୍ପୀମାନଙ୍କର ହତ୍ୟାକାରୀମାନେ ମରିବାକୁ ପ୍ରସ୍ତୁତ ହୋଇ ଆସିଥିଲେ ମଧ୍ୟ ଖସି ଯାଇପାରିଲେ । ତେବେ ସେମାନଙ୍କ ଭିତରୁ କେତେଜଣଙ୍କୁ ଠାବ କରି ପୁଲିସ ମାରି ସାରିଲାଣି ।

ଅଗଣନ ମନରେ ଉଠୁଛି ଗୋଟାଏ କୌତୂହଳ, ଗୋଟାଏ ପ୍ରଶ୍ନ : ଶହ ଶହ ହତବାକ୍ ବାଳକବାଳିକା ବଲବଲ ଅନାଇଥିବା ଅବସ୍ଥାରେ ଅଥବା ଭୟାର୍ତ୍ତ ଚିତ୍କାର ଛାଡୁଥିବା ବେଳେ ସେମାନଙ୍କ ଛାତିକୁ, ମୁଣ୍ଡକୁ ଅବିଚଳ ଗୁଳି ଚଳାଇ ଯାଉଥିବା ସେ ଘାତକମାନେ ଯେ କିଛି ଗୋଟାଏ ମହତ୍ କର୍ମ କରୁଛନ୍ତି – ଏକଥା କଦାଚ କଳ୍ପନା କରୁ ନଥିବେ । ଅଥଚ ଏଭଳି ନାରକୀୟ କର୍ମ ପାଇଁ ତଥା ନିଜେ ନିଜେ ପୁଣି ଆତ୍ମହତ୍ୟା କରିବାର ଉତ୍ସାହ ସେମାନେ ପାଉଛନ୍ତି କିପରି ?

ଏ ପ୍ରଶ୍ନର ସରଳ ଉତ୍ତର ହେଲା – ସେଭଳି ଉଦ୍‌ଭ୍ରାନ୍ତ ଉତ୍ସାହର ଉତ୍ସ ଉତ୍କଟ ଅଜ୍ଞତା ଏବଂ ବିକଟ ଅହଂ । ଯୁଗେ ଯୁଗେ ମଣିଷର ଉତ୍କଟ ଅଜ୍ଞାନର ସୁଯୋଗ ନେଇଛନ୍ତି ନ୍ୟସ୍ତ-ସ୍ୱାର୍ଥମାନେ । ତ୍ରୟୋଦଶ ଶତାବ୍ଦୀରେ ଚୀନର ସମ୍ରାଟ କୁବ୍‌ଲା ଖାଁଙ୍କ ଦରବାରରେ ଆସି ଉପନୀତ ହୋଇଥିବା ଇତାଲୀୟ ଯୁବକ ମାର୍କୋପୋଲୋଙ୍କ ବିଖ୍ୟାତ ଆତ୍ମକଥାରୁ ଜଣାଯାଏ, ଏକାଦଶ ଶତାବ୍ଦୀରେ ଜଣେ ଉଚ୍ଚାଭିଳାଷୀ ଦୁର୍ଦ୍ଧର୍ଷ ଯୋଦ୍ଧା ପାରମ୍ପରିକ ମୁସଲିମ ସମ୍ପ୍ରଦାୟରୁ ବାହାରି ଆସି ଇରାନର ଏକ ପାର୍ବତ୍ୟ ମୂଲକରେ, ଦୁର୍ଗମ ସ୍ଥାନଟିଏ ବାଛି ସେଠାରେ ବନାଇଥିଲେ ଏକ ଦୁର୍ଗ । ଅଭିନବ ଉପାୟରେ ସେ ନିଜର ଯୋଦ୍ଧୃବାହିନୀ ଗଠନ କରିଥିଲେ । ତାଙ୍କ ସହକାରୀମାନେ ଯାଇ ଆଖପାଖର ଯୁବକମାନଙ୍କୁ ନିମନ୍ତ୍ରଣ କରି ଦୁର୍ଗ ଭିତରକୁ ନେଇଆସିବେ । ଅତିଥିକୁ ପରଶି ଦିଆଯିବ ଏକ ପାନୀୟ । ତା' ପ୍ରଭାବରେ ସେ ଏକ ପ୍ରକାର ଅର୍ଦ୍ଧଚେତା, ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ରହିବ । ସେତିକିବେଳେ ତାକୁ ଦୁର୍ଗର ଏକ ରହସ୍ୟମୟ ଉଦ୍ୟାନ ଭିତରକୁ ନିଆଯିବ । ତହିଁ ତା'ର ସେବାରେ ମହଜୁଦ ଥିବେ ସୁନ୍ଦରୀମାନେ; ମଧୁର ପାନୀୟର ଝରଣା ବହମାନ ଥିବ, ଅପୂର୍ବ ସୁଖାଦ୍ୟସବୁର ପରିବେଷଣ ଅବ୍ୟାହତ ଥିବ । ସ୍ୱର୍ଗ ସମ୍ପର୍କରେ ଯୁବକର ଯେଉଁ ଧାରଣା

ଥାଏ, ସେହି ଆଚ୍ଛନ୍ନ ଅବସ୍ଥାରେ ସେ ପରିବେଶ ସେ ଧାରଣାରହିଁ ବାସ୍ତବ ରୂପ ବୋଲି ସେ ବିଶ୍ୱାସ କରେ । ତା'ପରେ ତାକୁ ପୁଣି ଉପସ୍ଥାପନ କରାଯାଏ 'ପାର୍ବତ୍ୟ ପ୍ରବୀଣ' (Old Man of the Mountain) ନାମରେ ଖ୍ୟାତ ଦୁର୍ଗର ପ୍ରତିଷ୍ଠାତାଙ୍କ ଆଗରେ । ଗୋଟାଏ ବିରାଟ ଚାବିକାଠି ଖେଳାଉ ଖେଳାଉ ଯୁବକଙ୍କୁ ପ୍ରଶ୍ନ କରନ୍ତି ସେ ପ୍ରବୀଣ, ''ସ୍ୱର୍ଗର ସ୍ୱାଦ ପାଇଲ ତ ? ଯଦି ମୃତ୍ୟୁ ପରେ ଚିରକାଳ ସେ ସ୍ୱାଦ ଉପଭୋଗ କରିବାକୁ ଚାହଁ, ତେବେ ଯଥା ସମୟରେ ତା'ର ଦ୍ୱାର ମୁଁ ଖୋଲିଦେବି । ହେଇଟି ଚାବିକାଠି ।''

ବିସ୍ମିତ ଓ ପୁଲକିତ ଯୁବକ ସେ ଚାବିକାଠି ଓ ତା'ର ମାଲିକଙ୍କୁ ଜୁହାର କରି ତତ୍‌କ୍ଷଣାତ୍ ପ୍ରବୀଣଙ୍କ ସେନାଭୁକ୍ତ ହୋଇଯାଏ । ତୀବ୍ରଗତି ଅଶ୍ୱଚାଳନା, ଲୁଣ୍ଠନ ଓ ଲଢ଼େଇ ପାଇଁ ତାକୁ ତାଲିମ ଦିଆଯାଏ । ସେ ମରୁ ଅଞ୍ଚଳରେ ଥରେ ଥରେ ପ୍ରଚଣ୍ଡ ବେଗରେ ପବନ ବହେ । ସେତେବେଳେ ସେହିଭଳି ଯୁବକମାନଙ୍କୁ ନେଇ ଗଠିତ 'ପାର୍ବତ୍ୟ ପ୍ରବୀଣ'ର ବାହିନୀ ସେହି ପବନ ସହ ତାଳ ରଖି କୌଣସି ଜନପଦ ଅଭିମୁଖେ ଅଶ୍ୱ ଛୁଟାଇ ଯିବାର ଦେଖି ଲୋକେ ଭାବନ୍ତି, ସେମାନେହିଁ ପବନକୁ ମଣ କରି ନିଜର ସହଯାତ୍ରୀ ବନାଇଛନ୍ତି ! ଭୟାର୍ତ୍ତ ଜନପଦ-ବାସୀମାନେ ସେ ଦସ୍ୟୁବାହିନୀର ପ୍ରତିରୋଧ କରିବାକୁ ସାହସ କରନ୍ତି ନାହିଁ !

ଅବଶେଷରେ ବିଖ୍ୟାତ ମଙ୍ଗୋଲ ଆକ୍ରମଣକାରୀ ହୁଲାଗୁ ଖାଁର ଅପେକ୍ଷାକୃତ ଅଧିକ ଦୁର୍ଦ୍ଧର୍ଷବାହିନୀ ଆସି ସେ ଦୁର୍ଗ ଏବଂ ସେ 'ସ୍ୱର୍ଗ'କୁ ଧ୍ୱଂସ କରି ଦେଇଥିଲେ !

ଯେଉଁ ପାନୀୟ ଦ୍ୱାରା 'ପାର୍ବତ୍ୟ ପ୍ରବୀଣ' ଯୁବକମାନଙ୍କୁ ନିର୍ବୋଧ ବନାଇ ବଶ କରୁଥିଲେ, ତାହା ହାସିସ୍‌ରୁ ପ୍ରସ୍ତୁତ । ସେ ଦସ୍ୟୁବାହିନୀ ହାସାସିନ୍ ନାମରେ କୁଖ୍ୟାତ । ସେହିଥିରୁ Assassin (ଘାତକ) ଶବ୍ଦର ଉତ୍ପତ୍ତି ।

## ଉଦ୍‌ଭ୍ରାନ୍ତ ଅନ୍ଧବିଶ୍ୱାସ

ପେଶାୱାର ବିଦ୍ୟାଳୟରେ ହତ୍ୟାକାଣ୍ଡ ଘଟାଇଥିବା ସନ୍ତ୍ରାସବାଦୀମାନଙ୍କୁ ଏହି ଧାରଣା ଦିଆଯାଇଥାଏ ଯେ ସେମାନେ ସେଭଳି କାଣ୍ଡ କଲେ ଭଗବାନଙ୍କ ପ୍ରିୟପାତ୍ର ବନିଯିବେ । ମୃତ୍ୟୁ ପରେ ରହିବେ ବିଳାସପୂର୍ଣ୍ଣ ସ୍ୱର୍ଗରେ – ଅନନ୍ତକାଳ ପର୍ଯ୍ୟନ୍ତ । ଅନ୍ୟ ଭାଷାରେ କହିଲେ, ସନ୍ତ୍ରାସବାଦୀଟିଏ ପୁଣ୍ୟାର୍ଜନ କରୁଛି ବୋଲି ଅନ୍ଧବିଶ୍ୱାସର କ୍ରୀତଦାସ ବନି ଯାଇଥାଏ ।

ଧର୍ମ ନାମରେ ହିଂସାରତ ବିଭିନ୍ନ କିସମର ସନ୍ତ୍ରାସବାଦୀମାନେ ଆଜି ମଧ୍ୟ ଏହି ନିୟମର ବଶୀଭୂତ ।

ମଣିଷ ବହୁ କାରଣରୁ ଆତ୍ମହତ୍ୟା କରେ । କାହା କାହା ପାଇଁ ଜୀବନ ହୁଏ ଦୁର୍ବିଷହ – ରୋଗବ୍ୟାଧି ଯୋଗୁଁ ହେଉ, ଦୈନ୍ୟ, ଦୁର୍ବିପାକ ବା ଅସହନୀୟ ଅଭିମାନ ବା କ୍ରୋଧ ଯୋଗୁଁ ହେଉ । ଉପନିଷଦର ଦର୍ଶନ ଉପରେ ଆଲୋକପାତ କରିବା ଅବସରରେ ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି, ଚିରନ୍ତନ ଆନନ୍ଦହିଁ ଜୀବନର ଭିତ୍ତି । ଆମେ ତାକୁ ଆମ ଅଧିକାର ବୋଲି ଧରି-ନେଉ । ଯେତେବେଳେ ବିପରୀତଧର୍ମୀ ଅଭିଜ୍ଞତା ତୀବ୍ର ହୁଏ ସେତେବେଳେ ଜଣେ ନିଜକୁ ସୀମାବଦ୍ଧ (କାରାରୁଦ୍ଧ ପ୍ରାୟ) ଅନୁଭବ କରେ । ସେହି ସୀମାବଦ୍ଧତା ବିରୋଧରେ ବିଦ୍ରୋହ ଆତ୍ମହତ୍ୟାର ରୂପ ନିଏ ।

ଅର୍ଥାତ୍ ଆତ୍ମହତ୍ୟା ତାକୁ ଜୀବନର ଯାବତୀୟ ଦୁଃଖ ଜଞ୍ଜାଳରୁ ମୁକ୍ତ କରିବ ବୋଲି ଆତ୍ମଘାତୀର ଧାରଣା ଥାଏ । କିନ୍ତୁ ସେ ଧାରଣା ଏକାନ୍ତ ଭ୍ରାନ୍ତ । ଏହା ଅଧ୍ୟାତ୍ମ ପ୍ରଜ୍ଞା ସ୍ପଷ୍ଟ କରିଦେଇଛି ଈଶୋପନିଷଦର ତୃତୀୟ ଶ୍ଳୋକରେ :

''ଅସୂର୍ଯ୍ୟା ନାମ ତେ ଲୋକା ଅନ୍ଧେନ ତମସାଗୁଣଃ ।
ତାଁ ସ୍ତେ ପ୍ରେତ୍ୟାଭିଗଚ୍ଛନ୍ତି ଯେ କେ ଚାତ୍ମହନୋ ଜନାଃ ॥''

ଅର୍ଥାତ୍, ସୂର୍ଯ୍ୟହୀନ ସେସବୁ ପୃଥିବୀ, ଅନ୍ଧ ତମସା ପରିବୃତ, ଯାହା ଭିତରକୁ ଆତ୍ମ-ହନନକାରୀମାନଙ୍କୁ ଯିବାକୁ ପଡ଼େ ।

କେହି ଜଣେ ଆତ୍ମହତ୍ୟା କରିବାକୁ ମନସ୍ଥ କରିଛି ବୋଲି ପତ୍ରପ୍ରେରକଟିଏ ଶ୍ରୀଅରବିନ୍ଦଙ୍କ ଗୋଚରକୁ ଆଣନ୍ତେ ସେ ଉତ୍ତରରେ ଲେଖିଥିଲେ :

''ଆତ୍ମହତ୍ୟା ଗୋଟାଏ ଉଦ୍ଭଟ ସମାଧାନ; ସେଥି ଦ୍ୱାରା ତାକୁ ଶାନ୍ତି ମିଳିବ ବୋଲି ତା'ର ଯେଉଁ ଧାରଣା, ତାହା ପୂରାପୂରି ଭୁଲ୍ । ସେ ନିଜ ସହ ନିଜ ସମସ୍ୟାସବୁକୁ ପରପାରିର ଆହୁରି ଅଧିକ ଦୟନୀୟ ପରିସ୍ଥିତି ଭିତରକୁ ନେଇଯିବ ଏବଂ ପୃଥିବୀରେ ନିଜ ପରବର୍ତ୍ତୀ ଜୀବନ ଭିତରକୁ ସେସବୁ ସମସ୍ୟାକୁ ଫେରାଇ ଆଣିବାହିଁ ସାର ହେବ । ଏଭଳି ବିକୃତ ଚିନ୍ତାକୁ ଝାଡ଼ିଫୋପାଡ଼ି ଦେଇ ଶାନ୍ତ ଓ ସକ୍ରିୟ ସାହସ ସହକାରେ କୌଣସି ନିର୍ଦ୍ଦିଷ୍ଟ କର୍ମ ସାଧନକୁ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କରି ଜୀବନକୁ ସାମନା କରିବାହିଁ ଏକମାତ୍ର ସମାଧାନ ।''

(*Letters on Yoga*; SABCL Vol. 24)

ଅନ୍ୟ ଏକ ପତ୍ରରେ ମଧ୍ୟ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଜଣେ ଯଦି ଇଚ୍ଛା କରି ଦେହକୁ ଫୋପାଡ଼ିଦିଏ, ସେ ଅନ୍ୟ ଜଗତରେ ବହୁତ କଷ୍ଟ ପାଏ ଏବଂ ଯେତେବେଳେ ସେ ପୁନର୍ବାର ଜନ୍ମ ନିଏ, ସେତେବେଳେ ସେ ଜନ୍ମ ନିଏ ଆହୁରି ଖରାପ ପରିସ୍ଥିତିରେ, ଭଲ ପରିସ୍ଥିତିରେ ନୁହେଁ ।'' (ତତ୍ରୈବ)

ଆତ୍ମହତ୍ୟା ସମ୍ପର୍କୀୟ ଏକାଧିକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମା ମଧ୍ୟ ବୁଝାଇଛନ୍ତି ଯେ ଆମ ଚୈତ୍ୟସତ୍ତା (ଆତ୍ମା ବୋଲି କୁହନ୍ତୁ) ଏ ଜୀବନରେ କେତେକ ଅଭିଜ୍ଞତା ଅର୍ଜନର ଲକ୍ଷ୍ୟ ନେଇ ମୂର୍ତ୍ତ ହୋଇଥାଏ – ଏ କଳେବର ଗ୍ରହଣ କରିଥାଏ । ''ସେ କାର୍ଯ୍ୟ ସମାଧା ହେବା ପୂର୍ବରୁହିଁ ଯଦି ତୁମେ ଚାଲିଯାଅ, ତେବେ ତୁମକୁ ପ୍ରତ୍ୟାବର୍ତ୍ତନ କରି ସେତକ ସମାଧା କରିବାକୁହିଁ ପଡ଼ିବ – ବହୁ ଅଧିକ ଅସୁବିଧାଜନକ ପରିସ୍ଥିତି ଭିତରେ । ଅର୍ଥାତ୍ ଗୋଟାଏ ଜୀବନରେ ତୁମେ ଯେତେ ଯାହା ଏଡ଼ାଇ ଯାଇଛ, ସେସବୁକୁ ତୁମେ ସାମନା କରିବ ପର ଜୀବନରେ; ସେସବୁ ହେବେ ଆହୁରି ଅଧିକ କଷ୍ଟସାଧ୍ୟ ।''

## ଅବଚେତନର ଅଳୀକ ଧାରଣା

ଗୋଟାଏ ମନସ୍ତାତ୍ତ୍ୱିକ ସତ୍ୟ ସମ୍ପର୍କରେ ଆତ୍ମହତ୍ୟାକାରୀମାନେ ସଚେତନ ନଥା'ନ୍ତି । ସେ ସତ୍ୟଟି ହେଲା, ନିଜ ନିଜ ଅବଚେତନରେ ସେମାନେ ଭାବୁଥା'ନ୍ତି ଯେ ସେମାନଙ୍କ ପଦକ୍ଷେପର ପ୍ରତିକ୍ରିୟା ଆତ୍ମହତ୍ୟା ପରେ ମଧ୍ୟ ସେମାନେ ଦେଖିବେ ବା ଅନୁଭବ କରିବେ; ଅର୍ଥାତ୍ ସେମାନଙ୍କର ସେଭଳି ପଦକ୍ଷେପର ଫଳ ସେମାନେ ଉପଭୋଗ କରିବେ । ଏ ଲେଖକର ମନେପଡ଼ୁଛି କଟକରେ ଘଟିଥିବା ବାବନ ବର୍ଷ ତଳର ଏକ ଘଟଣା । ଏକ ଅଣଓଡ଼ିଆ ଗରିବ ଲୋକର ଉଦ୍‌ବୃତ୍ତ କୋଠରିରେ ଜଣେ 'ଭଦ୍ରଲୋକ' ଭଡ଼ାରେ ରହୁଥା'ନ୍ତି । ସେ ଭଦ୍ରଲୋକ ଜଣେ ଚଇନ୍‌ଫିଟ୍ ଧୂର୍ତ୍ତ ମଣିଷ । ନାନା ଉପାୟରେ ଅନ୍ୟମାନଙ୍କୁ ଠକିବା ଥିଲା ତାଙ୍କ ଜୀବିକା । ଥରେ କୋଠରିଟି ଅଧିକାର କରିବା ପରେ ତା'ର ନିରିମାଖି, ପ୍ରବାସୀ ଏବଂ ପାତ୍ରମିତ୍ରହୀନ ମାଲିକଟିକୁ ଭଡ଼ା ଦେବାଭଳି ବୋକାମି ସେ ବା କାହିଁକି କରନ୍ତେ ?

ବର୍ଷାଧିକକାଳ ଅପେକ୍ଷା ଭିତରେ କାକୁତି ମିନତି, ଭୟପ୍ରଦର୍ଶନ ଇତ୍ୟାଦି କରି ଚଇନ୍‌ଫିଟ୍ 'ଅତିଥି' ଜଣକ ପାଖରୁ ଅଟ୍ଟହାସ୍ୟ ମାତ୍ର ପାଇବାହିଁ ସାର ହେଲା ସେ ଅସହାୟ ମାଲିକଟିର । କିଏ ତାକୁ ଧାରଣା ଦେଲା କେଜାଣି, ସେ ଯଦି ତା' ଆତ୍ମହତ୍ୟା ସକାଶେ 'ଅତିଥି' ଜଣକହିଁ ଦାୟୀ ବୋଲି ଲେଖିଦେଇ ମରିବ, ତେବେ 'ଅତିଥି'ର ଫାଶୀ ହୋଇଯିବ । ସେହି ମର୍ମରେ ସେ ଚିଠିଟିଏ ଲେଖି ନିଜ ଅଣ୍ଟିରେ ଗୁଞ୍ଜି ଆଉ ଖଣ୍ଡିଏ ଗୋପନ ଚିଠିରେ ତା'ର ପୁଅ ପାଖକୁ ଆତ୍ମହତ୍ୟାର ରହସ୍ୟ ବିବୃତ କରିଥାଏ । ଦ୍ୱିତୀୟ ଚିଠିରେ ସେ ଇଙ୍ଗିତ ଦେଇଥାଏ, ଆଜି ସିନା ସେ କାନ୍ଦୁଛି, ଆଗାମୀକାଲି ପୁଲିସ 'ଅତିଥି'କୁ ଘୋଷାରି ନେଇଯିବାବେଳେ ସେ ପରପାରିରେ ଥାଇ ହସିବ, ଠିକ୍ ପୁଅ ଯେମିତି ଏପାରିରେ ଥାଇ ହସିବ ! (ଅତିଥି ଜଣକ ଅବଶ୍ୟ ଭିନ୍ନ ଭାବରେ କର୍ମଫଳ ଭୋଗିଲେ; କିନ୍ତୁ ତାହା ଭିନ୍ନ ପ୍ରସଙ୍ଗ ।)

ସେ ଅସହାୟ ଲୋକଟି ଯେପରି ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ଥିଲା ସଚେତନଭାବରେ, ଅନ୍ୟ ଆତ୍ମଘାତୀମାନଙ୍କର ମଧ୍ୟ ଅନୁରୂପ ଧାରଣା ଥାଏ – ସଚେତନ ଭାବରେ ନହେଲେ ମଧ୍ୟ । ବ୍ୟକ୍ତିଟିଏ ବିରୋଧରେ ବା ଗୋଟାଏ ପ୍ରତିଷ୍ଠାନ ବିରୋଧରେ କ୍ଷୋଭ ପ୍ରକାଶ କରି ଜଣେ ଆତ୍ମହତ୍ୟାର ଉଦ୍ୟମ କଲାବେଳେ ତାକୁ ବଶୀଭୂତ କରି ରଖିଥାଏ ଅପ୍ରତିରୋଧ ପ୍ରତିଶୋଧ-ସ୍ପୃହା : ଉଦ୍ଦେଶ୍ୟ, ସଂପୃକ୍ତ ବ୍ୟକ୍ତି ବା ପ୍ରତିଷ୍ଠାନ ଲାଞ୍ଛିତ ହେଉ ! ସେ ତାକୁ ଉପଭୋଗ କରିବ – ଅବଚେତନାରେ ଥାଏ ଏହି ଦୁର୍ଦ୍ଦମନୀୟ ଆକାଂକ୍ଷା ।

## ମହାଚେତନାର ଚେତାବନୀ

କିନ୍ତୁ ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ଆମର କେତେ ବା ଜ୍ଞାନ ! ଅବସ୍ଥା ସେପରି ହୁଏ ନାହିଁ । କଳେବରଟି ଜୋର୍ କରି ଛାଡ଼ିଦେବା ମାତ୍ରେ ଆତ୍ମଘାତୀର ପ୍ରାଣ ସତ୍ତାକୁ ଘେରି ଯାଆନ୍ତି ସେ ଜଗତର ବିବେକ-ବିହୀନ, ଚପଳ, ଅନ୍ଧଶକ୍ତିମାନେ । ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଥିବା ଅଧ୍ୟାତ୍ମ-ବିଜ୍ଞାନୀ, ଉପନିଷଦର ରଚୟିତା ବା ତତ୍ତୁଲ୍ୟ ବିରଳ ଋଷିମାନଙ୍କ କଥା ବାଦ୍ ଦିଅନ୍ତୁ, ମନସ୍ତାତ୍ତ୍ୱିକ ଗବେଷଣା ମଧ୍ୟ ତା'ର ନିଜସ୍ୱ ରୀତିରେ ଏହା ପ୍ରତିପାଦିତ କରୁଛି । କଳେବରହୀନ ସତ୍ତା ତା' ନିଜ ଆକାଂକ୍ଷିତ ପ୍ରତିକ୍ରିୟା 'ଉପଭୋଗ' କରିବାର ସୁଯୋଗ ପାଏ ନାହିଁ । ଜୀବିତ ମଣିଷ ତା'ର ମାନସିକ ଚେତନାରେ କ୍ରିୟା-ପ୍ରତିକ୍ରିୟାର ଯେଉଁ କଳ୍ପନା ପୋଷଣ କରୁଥାଏ, ସେ ନିୟମଧାରା ପରପାରିରେ ଅନୁସୃତ ହୁଏ ନାହିଁ । ୧୯୬୯ ମସିହା ଜୁଲାଇ ୧୬ ତାରିଖରେ ଲିଖିତ ଶ୍ରୀମାଙ୍କର ଏକ ପତ୍ର :

''ଏତକ ନିଶ୍ଚିତ ଭାବରେ ଜାଣିଥାଅ ଯେ ଆତ୍ମହତ୍ୟା ମଣିଷ ପକ୍ଷରେ ସର୍ବାଧିକ ନିର୍ବୋଧ କାମ; କାରଣ ଦେହର

ଅନ୍ତ ଚେତନାର ଅନ୍ତ ନୁହେଁ । ତୁମେ ଜୀବିତ ଥିବାବେଳେ ଯାହା ତୁମକୁ କଷ୍ଟ ଦେଉଥିଲା, ମୃତ୍ୟୁ ପରେ ତାହାହିଁ ତୁମକୁ କଷ୍ଟ ଦେଉଥିବ – କିନ୍ତୁ ଜୀବିତାବସ୍ଥାରେ ତୁମର ଯେମିତି ତୁମ ମନକୁ କଷ୍ଟରୁ ଦୂରେଇ ନେବାର ସମ୍ଭାବନା ଥାଏ, ସେ ସମ୍ଭାବନା ଟିକକ ନଥିବ !''

## ମନସ୍ତାତ୍ତ୍ୱିକ ଗବେଷଣାର ଏକ ନମୁନା :

ରେମଣ୍ଡ ମୁଡ଼ିଙ୍କର ''ଜୀବନ ଉତ୍ତାରୁ ଜୀବନ'' (*Life After Life*, by Raymond Moody) ନାମକ ବହି କେହି କେହି ପଢ଼ିଥିବେ । ସେ ଡାକ୍ତର ମହୋଦୟ ନିଜ ଗବେଷଣାର କ୍ଷେତ୍ରଭାବରେ ଏକ ଅଭିନବ ବିଷୟ ମନୋନୀତ କରିଥିଲେ । ବହୁଲୋକ ଅଛନ୍ତି, ଯେଉଁମାନେ ଚିକିତ୍ସା-ବିଜ୍ଞାନ ଅନୁସାରେ ମୃତ (clinically dead) ବୋଲି ଘୋଷିତ ହେବା ପରେ ମଧ୍ୟ ଅପ୍ରତ୍ୟାଶିତ ଭାବରେ ଜିଇଁ ଉଠନ୍ତି । ଡାକ୍ତର ମୁଡ଼ି ସେହିମାନଙ୍କୁ ଭେଟି ସେମାନଙ୍କ ଅଭିଜ୍ଞତା ଲିପିବଦ୍ଧ କରିଛନ୍ତି । ଯେଉଁମାନଙ୍କ ମୃତ୍ୟୁ ଅସ୍ୱାଭାବିକ ନଥିଲା – ଅର୍ଥାତ୍ ବୟସାଧିକ୍ୟ ବା ରୋଗବ୍ୟାଧି ଯେଉଁମାନଙ୍କ ମୃତ୍ୟୁର ହେତୁ, ସେମାନଙ୍କ 'ମୃତ୍ୟୁ' ପରବର୍ତ୍ତୀ ସାମୟିକ ଅଭିଜ୍ଞତା ଶାନ୍ତିମୟ, ଆସ୍ଥାମୟ । କିନ୍ତୁ ଯେଉଁମାନେ ଆତ୍ମହତ୍ୟା ଯୋଗେ ମରିଥିଲେ (ଅର୍ଥାତ୍ ଉଦ୍ୟମ କରିଥିଲେ), ସେମାନଙ୍କର ସେ ସାମୟିକ ଅଭିଜ୍ଞତା ବିଷାଦପୂର୍ଣ୍ଣ ।

## ଅପଶକ୍ତିର ମାୟାଜାଲ

ଅପେକ୍ଷାକୃତ ଗଭୀର ସତ୍ୟ ହେଲା, କେବେ କେବେ (ହୁଏତ ବହୁ କ୍ଷେତ୍ରରେ) ଏକ ଫାଜିଲ୍ ଦୁଷ୍ଟଶକ୍ତି ମଣିଷକୁ କବଳିତ କରିନିଏ । ତା' ପ୍ରଭାବରେ ଜଣେ ନିଜ ବିକ୍ରମ, ଆତ୍ମ-ବିଶ୍ୱାସ ଏବଂ ସର୍ବୋପରି ଦିବ୍ୟଶକ୍ତି ଉପରେ ଆସ୍ଥା ହରାଏ । କ୍ରମେ କ୍ରମେ ସେହି କୁଶକ୍ତିହିଁ ତା'ର ଜୀବନକୁ ନିୟନ୍ତ୍ରଣ କରେ । କେବେ କେବେ ସେ ଶକ୍ତି ତା'ର ଅଭିଭୂତ ଅବସ୍ଥାରେ ତା'କୁ ଦେଖାଦିଏ – ପରାମର୍ଶ ଦିଏ ମଧ୍ୟ ! ଏହାର ଏକ ନିର୍ଭୁଲ ଦୃଷ୍ଟାନ୍ତ କଥାବାର୍ତ୍ତା ଅବସରରେ ଶୁଣାଇଥିଲେ ଶ୍ରୀମା । ସେତେବେଳେ ସେ ଫ୍ରାନ୍ସରେ ଥିଲେ ।

ଏକ ଅଶରୀରୀ ସତ୍ତାସହ ଜଣେ ଭଦ୍ରଲୋକଙ୍କର ସମ୍ପର୍କ ସ୍ଥାପନ ହୋଇଯାଇଥାଏ । ଭଦ୍ରଲୋକ ଜଣେ ଓସ୍ତାଦ ଜୁଆଖେଳାଳି । ସେ ଅଶରୀରୀ ସତ୍ତାଟି ପ୍ରତିଥର ଭଦ୍ରଲୋକଙ୍କୁ କେଉଁ ସଂଖ୍ୟା ବାଜି ରଖିଲେ ସେ ଜିତିବେ ସେକଥା ବତାଇ ଦେଉଥାଏ । ଭଦ୍ରଲୋକ ତାହାହିଁ କରନ୍ତି ଏବଂ ଜିତି ଚାଲନ୍ତି ।

ଅଶରୀରୀ ସତ୍ତାଟିକୁ ସେ ପ୍ରାୟ ପୂଜା କରନ୍ତି । ତାହୁଁ ତାହୁଁ ସେ ହୋଇଗଲେ ବିପୁଳ ବିତ୍ତଶାଳୀ । ଅଶରୀରୀ ନିର୍ଭୁଲ ସଂକେତ ଦେଇ ଚାଲିଥାଏ । ସେ ଆହୁରି ଅଧିକ ଅର୍ଥ ଠୁଳ କରୁଥା'ନ୍ତି । ଅଶରୀରୀ ସହ ତାଙ୍କ ମିତ୍ରତା ସମ୍ପର୍କରେ ସେ ଗର୍ବଭରେ ବନ୍ଧୁମାନଙ୍କସହ ଗପନ୍ତି ମଧ୍ୟ । ଜଣେ ବନ୍ଧୁ ତାଙ୍କୁ ସେ ଅଭ୍ୟାସରୁ ଓହରି ଆସିବାକୁ ପରାମର୍ଶ ଦେଲେ; ତତ୍କ୍ଷଣାତ୍ ଭଦ୍ରଲୋକ ବନ୍ଧୁଟି ସହ ସମ୍ପର୍କ ଛିନ୍ନ କରିଦେଲେ ।

ଦିନେ ସେ ସତ୍ତା ଭଦ୍ରଲୋକଙ୍କୁ କହିଲା ସେ ତାଙ୍କର ସମସ୍ତ ବିତ୍ତ ଗୋଟାଏ ନିର୍ଦ୍ଦିଷ୍ଟ ସଂଖ୍ୟା ଉପରେ ବାଜି ଲଗାନ୍ତୁ । ଭଦ୍ରଲୋକ ନିଃସଙ୍କୋଚରେ ତାହାହିଁ କଲେ ।

କିନ୍ତୁ ସେଥର ସେ ହାରିଗଲେ । ଅର୍ଥାତ୍ ସେ ପର ମୁହୂର୍ତ୍ତରେ ବନିଗଲେ କପର୍ଦ୍ଦକ ଶୂନ୍ୟ ।

ବର୍ତ୍ତମାନ ସେ କରିବେ କ'ଣ ? ଅଶରୀରୀ ତାଙ୍କୁ ଦେଲା ଏହି ପରାମର୍ଶ : ''ଆଉ କ'ଣ କରନ୍ତ ? କର ଆତ୍ମହତ୍ୟା !''

ସେତେବେଳକୁ ଭଦ୍ରଲୋକଙ୍କର ନିଜସ୍ୱ ସତ୍ତା ନିଦ୍ରିତ ବା ମୂର୍ଚ୍ଛିତ । ଅଶରୀରୀହିଁ ତାଙ୍କର ପରିଚାଳକ । ସେ ନିଜକୁ ଗୁଳିକରି ପ୍ରାଣ ହରାଇଲେ !

ସମସ୍ତଙ୍କ କ୍ଷେତ୍ରରେ ସେ କୁ-ସତ୍ତାମାନେ ପ୍ରତ୍ୟକ୍ଷ ହୁଅନ୍ତି ନାହିଁ; କିନ୍ତୁ ପ୍ରଭାବ ବିସ୍ତାର କରି ଚାଲିଥା'ନ୍ତି । କ୍ରମେ କ୍ରମେ ବ୍ୟକ୍ତିର ଇଚ୍ଛାଶକ୍ତିକୁ ଅସାଡ଼ କରି ନିଜେ ସେ ସ୍ଥାନ ମାଡ଼ିବସନ୍ତି ଏବଂ ଆତ୍ମହତ୍ୟା ପଥରେ ଅଗ୍ରସର କରାଇ ନିଅନ୍ତି ।

ଭାଗବତ କରୁଣାରେ ବିଶ୍ୱାସୀ, ଆମ ସତ୍ତାର ଉତ୍ସ ଯେଉଁ ପରମ ଶକ୍ତି ସେଥିରେ ବିଶ୍ୱାସୀ, ଆଧ୍ୟାତ୍ମିକତାର ପ୍ରାଥମିକ ଅ, ଆ, କ, ଖ ସମ୍ପର୍କରେ ଆସିଥିବା ବ୍ୟକ୍ତି ଆତ୍ମହତ୍ୟାର କଳ୍ପନାଠାରୁ ବହୁଦୂରରେ ରହିବା ସ୍ୱାଭାବିକ ।

ଆତ୍ମହତ୍ୟା ନିଜ ଆତ୍ମା ପ୍ରତି ନିର୍ମମତା, ମାତାପିତାଙ୍କ ପ୍ରତି ଅପମାନ, ବାତାବରଣକୁ ବିଷାଦମୟ କରୁଥିବା ଯୋଗୁଁ ସମାଜ ପ୍ରତି ଅନ୍ୟାୟ ଏବଂ ସର୍ବୋପରି ଭଗବାନଙ୍କ ପ୍ରତି ଅକୃତଜ୍ଞତା ।

ସମ୍ଭବତଃ, ମୃତ୍ୟୁ ପରେ ସ୍ୱର୍ଗବାସୀ ହେବାର ସ୍ୱପ୍ନ ଦେଖୁଥିବା ସ୍ୱାର୍ଥପର ଧର୍ମାନ୍ଧମାନେ ଏବଂ କୌଣସି ବ୍ୟକ୍ତି ବା ପ୍ରତିଷ୍ଠାନକୁ ନିନ୍ଦିତ କରିବା ଉଦ୍ଦେଶ୍ୟରେ ଆତ୍ମହତ୍ୟାରେ ବ୍ରତୀ ହେଉଥିବା କ୍ରୋଧାନ୍ଧ ବ୍ୟକ୍ତିମାନେ ଅନ୍ୟ ସବୁପ୍ରକାର ଆତ୍ମଘାତୀଙ୍କ ତୁଳନାରେ ଅଧିକ ଉଦ୍‌ଭ୍ରାନ୍ତ ଏବଂ କୁଶକ୍ତି-ସମର୍ପିତ । ❖

# ଚେତନାର ବିକାଶ ଓ ବୃଦ୍ଧିହିଁ ସମାଧାନର ଏକମାତ୍ର ପନ୍ଥା

**ଶ୍ରୀ ପ୍ରପତ୍ତି**

ଜନୈକ ଗ୍ରୀକ୍ ଦାର୍ଶନିକ, ଡାୟୋଜିନିସ୍ ଦିନ ଦ୍ୱିପ୍ରହରବେଳେ ରାସ୍ତାରେ ଗୋଟିଏ ଲଣ୍ଠନ ଧରି ଯାଉଥିଲେ । କେତେକ ବନ୍ଧୁ ତାଙ୍କୁ ପ୍ରଶ୍ନ କଲେ ଦିନ ଦ୍ୱିପ୍ରହରରେ ଲଣ୍ଠନର କୌଣସି ଆବଶ୍ୟକତା ଅଛି କି ? ସେ ଉତ୍ତର ଦେଇ କହିଲେ, ''ମୁଁ ଚାରିଆଡ଼ ଦେଖୁଛି ଘୋର ଅନ୍ଧକାରରେ ପୂର୍ଣ୍ଣ । ସୁତରାଂ ଏ ଆଲୋକଟିର ଆବଶ୍ୟକତା ଅଛି ।'' କଥାଟିର ସାରମର୍ମ ହେଉଛି ଦିନ ଦ୍ୱିପ୍ରହର ହୋଇଥିଲେ ସୁଦ୍ଧା ଜନସାଧାରଣଙ୍କ ମଧ୍ୟରୁ ଅଜ୍ଞାନତାରୂପକ ଅନ୍ଧକାର ଯାଇ ନାହିଁ ବା ଚେତନାରେ ପ୍ରଦୀପ୍ତତା ଆସି ନାହିଁ; ଯଥାର୍ଥରେ କହିବାକୁ ଗଲେ ଚେତନାର ବିକାଶ ଓ ଅଭିବୃଦ୍ଧି ଘଟି ନାହିଁ ।

ବର୍ତ୍ତମାନ ପୃଥିବୀ ସେହିପରି ଘୋର ଅନ୍ଧକାର ଭିତରେ ଗତି କରୁଛି । ଚତୁର୍ଦ୍ଦିଗରେ ବିକ୍ଷୋଭ, ବିପର୍ଯ୍ୟୟ ଓ ବ୍ୟସ୍ତତା ବଢ଼ି ଚାଲିଛି । ସେଥିପାଇଁ ନାନା ପ୍ରକାର ହିଂସାକାଣ୍ଡ, ଦ୍ୱନ୍ଦ୍ୱ, କଳହ, ବିବାଦ ଓ ବିଶୃଙ୍ଖଳା ଦେଖା ଦେଉଛି । ମାନବ ଇତିହାସରେ ଏପରି ଏକ ସର୍ବବ୍ୟାପୀ ବିକ୍ଷୋଭ କେବେ ଦେଖା ଦେଇ ନଥିଲା । ସବୁ କ୍ଷେତ୍ରରେ ବିପର୍ଯ୍ୟୟ, ସବୁ କ୍ଷେତ୍ରରେ ବିକ୍ଷୋଭ – ବ୍ୟକ୍ତିଗତ ଓ ସାମାଜିକ ତଥା ବୃହତ୍ତର ମାନବ ସମାଜରେ ବି ଏହି ବିକ୍ଷୋଭ – ବଡ଼ ବିକଟ ରୂପ ଧାରଣ କରିଛି । ଅସ୍ତ୍ରଶସ୍ତ୍ରର ନିର୍ମାଣ ଲାଗି ଯେଉଁ ପ୍ରତିଯୋଗିତା ବୃହତ୍ ରାଷ୍ଟ୍ର (Super Powers)ମାନଙ୍କ କ୍ଷେତ୍ରରେ ଚାଲିଛି ତାହା ଶୁଣିଲେ ଲୋମ ଟାଙ୍କୁରି ଉଠେ । ଯଦି କୌଣସି କାରଣରୁ ଅନ୍ଧ ଓ ଅଜ୍ଞାନୀ ମନୁଷ୍ୟ ଏହି ଅସ୍ତ୍ରର ବ୍ୟବହାର କରେ ତେବେ ପୃଥିବୀରୁ ମନୁଷ୍ୟ ସମାଜ ଲୋପ ପାଇବ । ଏଥିପାଇଁ ସମସ୍ତଙ୍କ ଜୀବନରେ ଭୟ, ବିଷାଦ, କମ୍ପନ, ଜ୍ୱଳନ ବଢ଼ି ଚାଲିଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି । ଗୋଟିଏ ହେଲା ବିଧ୍ୱଂସକାରିଣୀ ଶକ୍ତି ଏବଂ ଅନ୍ୟଟି ହେଲା ସୃଷ୍ଟିକାରିଣୀ ଶକ୍ତି । ଏହି ପ୍ରତିଯୋଗିତାରେ କିଏ ଜିତିବ କହିବା ବଡ଼ କଠିନ ହୋଇ ପଡୁଛି । ବିଧ୍ୱଂସକାରିଣୀ ଶକ୍ତି ଚାହେଁ ଏହି ସୃଷ୍ଟିକୁ ସମୂଳେ ଧ୍ୱଂସ କରିଦେବାକୁ ଏବଂ ସୃଷ୍ଟିକାରିଣୀ ଶକ୍ତି ଚାହାନ୍ତି ଏ ପୃଥିବୀରେ ଏକ ନୂତନ ସୃଷ୍ଟି ପ୍ରତିଷ୍ଠା ପାଇଁ । ଏପରି ପ୍ରତିଯୋଗିତା ପୃଥିବୀ ଇତିହାସରେ କେବେ ଘଟି ନଥିଲା । ସହଜରେ ପରସ୍ପରକୁ କେହି ବାଟ ଛାଡ଼ି ଦେବାକୁ ଚାହୁଁ ନାହାନ୍ତି । ଦିନକୁ ଦିନ ଏହି ପ୍ରତିଯୋଗିତା ଏତେ ତୀବ୍ର ଆକାର ଧାରଣ କରୁଛି ଯେ ସେ ବିଷୟ ଚିନ୍ତା କଲେ ବଡ଼ ବିବ୍ରତ ଲାଗେ । ସେଥିପାଇଁ ସମସ୍ତେ ଖୋଜୁଛନ୍ତି ଏକ ସମାଧାନର ପଥ । ପ୍ରଶ୍ନ ହେଉଛି ଏହାପରେ କ'ଣ ହେବ ? କାହାକୁ ଆଶ୍ରୟ କରି ଆମେ ଚାଲିବା ? ଏହାର ଉତ୍ତର ସହଜରେ ମିଳୁ ନାହିଁ । ମନୁଷ୍ୟ ଚାହୁଁଛି ଯେମିତି ଅଛି ସେମିତି ରହିଥିବ ଏବଂ ତା' ପାଇଁ ଏକ ନୂଆ ପୃଥିବୀ ଗଢ଼ି ହୋଇଯିବ ।

ଗୋରୁ ଖୁରାରେ ଯେତିକି ପାଣି ଧରେ ତତ୍ତୁଲ୍ୟ ଏକ କ୍ଷୁଦ୍ର, ସୀମିତ ଏବଂ ସଂକୀର୍ଣ୍ଣ ଚେତନା ମଣିଷ ଭିତରେ ଅଛି । ଏହି ଚେତନାକୁ ଧରି ମଣିଷ ଏହି ବିପଦକୁ ଅତିକ୍ରମ କରିପାରିବ ନାହିଁ । ଅର୍ଦ୍ଧ ବିକଶିତ ମାନସ ଚେତନାରେ ବା ପାର୍ଥିବ ଚେତନାରେ କୌଣସି ସମାଧାନ ହୋଇ ପାରିବ ନାହିଁ । ଯଥାର୍ଥରେ କହିବାକୁ ଗଲେ ଏହି ସମାଧାନର ପଥ ମଣିଷ ଚେତନାର ବିକାଶ ଉପରେହିଁ ନିର୍ଭର କରୁଛି । ଏକ ସୀମିତ ଅନ୍ଧକାରମୟ ଅଜ୍ଞାନ ଚେତନାରେ କୌଣସି ସମାଧାନ କେବେ ଆସିପାରିବ ନାହିଁ । ବର୍ତ୍ତମାନ ଯେଉଁ ଆହ୍ୱାନ ଆସିଛି ତା'ର ସମ୍ମୁଖୀନ ହେବା ପାଇଁ ମନୁଷ୍ୟ ହାତରେ କିଛି ନାହିଁ । ଯଥାର୍ଥ ସମାଧାନ ରହିଛି ଚେତନାର ବିକାଶ, ତା'ର ଊର୍ଦ୍ଧ୍ୱାୟନବର୍ତ୍ତିତା ଓ ତା'ର ପ୍ରଦୀପ୍ତତା ଉପରେ । ଚେତନା-ବିକାଶର ସର୍ବୋଚ୍ଚ ପାହାଚ ଅର୍ଦ୍ଧବିକଶିତ ମନୋମୟ ଚେତନା ନୁହେଁ । ଏହାର ଊର୍ଦ୍ଧ୍ୱରେ ରହିଛି ଏକ ପ୍ରୋଜ୍ଜ୍ୱଳ, ପୂର୍ଣ୍ଣ ପ୍ରଦୀପ୍ତ, ସୁବିଶାଳ ଚେତନା । ଏହି ଚେତନାହିଁ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବା ପାଇଁ ସତତ ସଚେଷ୍ଟ । ଏହାହିଁ ଋତ-ଚିତ୍ ଦିବ୍ୟ-ଅତିମାନସ ଚେତନା, ଯେଉଁ ଚେତନାକୁ ଶ୍ରୀଅରବିନ୍ଦ ଦୀର୍ଘକାଳ ତପସ୍ୟା କରି ନିଜ ମଧ୍ୟରେ ଉତାରି ଆଣିଥିଲେ । ଏହି ଭୂମା ଚେତନାହିଁ ଚତୁର୍ଥ ସ୍ତରର । ବର୍ତ୍ତମାନ ଯେଉଁ ସୃଷ୍ଟି ଚାଲିଛି ସେଥିରେ ଚେତନାର ତିନୋଟି ବର୍ଗ ଯଥା ଭୌତିକ, ପ୍ରାଣିକ ଓ ମାନସିକ ଚେତନା ପ୍ରକାଶିତ ହୋଇଛି । ଏହାର ବହୁ ଊର୍ଦ୍ଧ୍ୱରେ ଚେତନାର ଚତୁର୍ଥ ବର୍ଗ ହେଲା ଅତିମାନସ ଚେତନା । ଏହାହିଁ ପରାର୍ଦ୍ଧର ଚେତନା । ଏପର୍ଯ୍ୟନ୍ତ

ଏ ଚେତନା ପୃଥିବୀପୃଷ୍ଠରେ ଅବତରଣ କରି ନଥିଲା । ବର୍ତ୍ତମାନ ଏହି ଚେତନାର ଅବତରଣ ଓ କ୍ରିୟା ଫଳରେ ଯେଉଁ ଘୋର ଯୁଦ୍ଧର ସୂତ୍ରପାତ ହୋଇଛି ତାକୁ ସହଜରେ ଏଡ଼ାଇ ଦେଇ ହେବ ନାହିଁ । କାରଣ ଯୁଦ୍ଧରତ ଏହି ଶକ୍ତିଦ୍ୱୟ କେହି କାହାକୁ ରାସ୍ତା ଛାଡ଼ିବାକୁ ନାରାଜ । ଏହି ସଭ୍ୟତା ଓ ଏହି ସଂସ୍କୃତିର କିଛି ଅଂଶ ହୁଏତ ଧ୍ୱଂସ ହୋଇ ଯାଇପାରେ । ଯାହା ଏହି ଉଚ୍ଚତର ଚେତନା ସହିତ ଯୁକ୍ତ ହୋଇପାରିବ ନାହିଁ; ତା'ର ବିନାଶ ଅବଶ୍ୟମ୍ଭାବୀ । ଏଥିପାଇଁ ଯେଉଁ ସଙ୍କଟ ଦେଖା ଦେଇଛି ତାହାକୁ ଚେତନାର ସଙ୍କଟ ବୋଲି କୁହାଯାଇ ପାରେ । ଅତଏବ ପୃଥିବୀ ସମସ୍ୟାର ସମାଧାନ ହେବ ଏହି ଚେତନା ସହିତ ଯୁକ୍ତ ହେବା ଏବଂ ତାକୁ ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ କ୍ରିୟା କରିବାକୁ ଦେବା ଫଳରେ ।

ଏଥିପାଇଁ ନାନା ଭାବରେ ପ୍ରତ୍ୟେକ ଦେଶରେ କିଛି ନା କିଛି ଲୋକ ଅଜ୍ଞାତସାରରେ ପ୍ରସ୍ତୁତ ହେଲେଣି । ଯେଉଁ ଅନାଗତ ଭବିଷ୍ୟତ୍ ଆସୁଛି ତାହା ଏକ ପ୍ରୋଜ୍ଜ୍ୱଳ ଭବିଷ୍ୟତ୍ । ଏକ ନୂତନ ଜଗତରେ ପ୍ରବେଶ କରିବାକୁ ହେବ । ମା'ଙ୍କର ଏ ସମ୍ପର୍କରେ ଗୋଟିଏ ବାଣୀ ହେଲା :

A new world, based on Truth and refusing the old slavery to falsehood, wants to take birth.

In all countries there are people who know it, at least feel it. To them we call :

"Will you collaborate ?"

ଅର୍ଥାତ୍ ''ଏକ ନୂତନ ଜଗତ୍ ଦିବ୍ୟସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ଜନ୍ମ ନେବାକୁ ଚାହେଁ । ଏହା ମିଥ୍ୟାର ପୁରାତନ ଦାସତ୍ୱ ସ୍ୱୀକାର କରିବାକୁ ଆଉ ଚାହେଁନି ।

ସବୁ ଦେଶରେ କିଛି ଲୋକ ଅଛନ୍ତି ଯେଉଁମାନେ ଏକଥା ଜାଣନ୍ତି, ଅନ୍ତତଃ ଅନୁଭବ କରୁଛନ୍ତି, ଆମ୍ଭେମାନେ ତାଙ୍କୁହିଁ ଆହ୍ୱାନ କରୁଛୁ :

''ତୁମେମାନେ ଏହି କାର୍ଯ୍ୟରେ ସହଯୋଗ କରିବ କି ?''

ଏହି ସହଯୋଗ ଯେତେ ଯେତେ ବଢ଼ି ଚାଲିବ ସେତେ ପରିମାଣରେ ଏହି ପୃଥିବୀ ଅଜ୍ଞାନ ଶକ୍ତି ହାତରୁ ରକ୍ଷା ପାଇବ । ଏହାହିଁ ସମାଧାନର ଏକମାତ୍ର ପନ୍ଥା । ❖

The present is the most important moment in life.

*12 February 1952* – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

ଦିଲୀପକୁମାର ରାୟଙ୍କ ବର୍ଣ୍ଣନା ନିମ୍ନମତେ :

୧୯୨୪ ସାଲ, ୨୫ ଜାନୁଆରୀ ସକାଳ, ବାରନ୍ଦାରେ ଶ୍ରୀଅରବିନ୍ଦ ଗୋଟିଏ ଚେୟାରରେ ବସିଥିଲେ । ପ୍ରଣାମ କରି ବସିଲି । ମଝିରେ ଟେବୁଲ ।

ସୌମ୍ୟ ପ୍ରଶାନ୍ତ ମୂର୍ତ୍ତି । ଏପରି ସ୍ଥିର, ଅତଳସ୍ପର୍ଶୀ ଶାନ୍ତିର ଆଭା ଆଉ କାହା ଆଖିରେ କେବେ ଦେଖି ନାହିଁ । ଶ୍ମଶ୍ରୁର ପ୍ରାଚୁର୍ଯ୍ୟ ନାହିଁ, କିନ୍ତୁ କେଶ କାନ୍ଧ ଉପରକୁ ପଡ଼ିଛି । ଦେହରେ ଖାଲି ଚାଦରଟିଏ, ପାଦ ଖାଲି । ମନରେ କେମିତି ଗୋଟିଏ ସଂଭ୍ରମର ଭାବ ଆସିଲା । ଛାତି ଦୁଲ୍‌ଦୁଲ୍ କରି ଉଠିଲା; ''ଯୋଗୀ !''

ଏହା ପୂର୍ବରୁ ମଠର ସନ୍ନ୍ୟାସୀ ଓ ଖୁବ୍ ବେଶୀରେ ଜଣେ, ଦୁଇ ଜଣ ତାନ୍ତ୍ରିକ ଦେଖିଛି, କିନ୍ତୁ ନିର୍ଜନ-ବିଳାସୀ ଯୋଗୀ, ତପସ୍ୱୀଙ୍କର ଏତେ ନିକଟକୁ କେବେ ଆସି ନାହିଁ, ବିଶେଷତଃ ଏପରି ଯୋଗୀ । ସେ ମୋ ସମ୍ବନ୍ଧରେ କିଛି କିଛି ସଂବାଦ ମଧ୍ୟ ରଖିଥିଲେ । ପରେ ଶ୍ରୀଅରବିନ୍ଦ ମୋ ପାଖକୁ ଲେଖିଥିଲେ ଯେ ସେ ମୋର ସଂଗୀତ ବିଷୟରେ ଶୁଣିଥିଲେ ଓ ମୋର ଉତ୍ସାହକୁ ସ୍ୱୀକୃତି ଦେଇଥିଲେ । କିନ୍ତୁ ସେ ସମୟରେ ମୁଁ ଟିକିଏ ବି ଭାବି ନଥିଲି ଯେ, ମୋ ସମ୍ବନ୍ଧରେ ତାଙ୍କର ବିନ୍ଦୁଏ ବି ଉତ୍ସାହ ରହିଛି ।

*

ଶ୍ରୀଅରବିନ୍ଦ ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ । କି ପ୍ରକାରର ଢେଉସବୁ ଜାଗିଉଠିଲା ମୋ ଭିତରେ, ପ୍ରକାଶ କରିପାରିବି ନାହିଁ । କେବଳ ଏତିକି କହିପାରେ, ସେପରି ଦୃଷ୍ଟି ଆଉ କେବେ ଆଖିରେ ପଡ଼ି ନାହିଁ । ଯାହାହେଉ, ପ୍ରାଣପଣେ ନିଜକୁ ସମ୍ଭାଳି ନେଇ କହିଲି, ''ମୁଁ ଜାଣିବା ପାଇଁ ଆସିଛି । ମୁଁ ଆପଣଙ୍କର ଯୋଗର ଦୀକ୍ଷା ପାଇ ପାରିବି କି ନା ।'' ଶ୍ରୀଅରବିନ୍ଦ ଶାନ୍ତ କଣ୍ଠରେ କହିଲେ, ''ମୋତେ ଆଗ ଖୋଲି କରି କୁହ, ଠିକ୍ ତୁମେ କ'ଣ ଚାହଁ, ଆଉ କାହିଁକି ତୁମେ ମୋ ଯୋଗରେ ଦୀକ୍ଷିତ ହେବାକୁ ଚାହୁଁଛ ?''

କ'ଣ ଚାହେଁ ? କାହିଁକି ବି ? ମୁଁ ନିଜେ କ'ଣ ଜାଣେ ଯେ ଖୋଲି କହିବି ? ଇଆଡୁ ସିଆଡୁ ଚିନ୍ତାସବୁକୁ କୌଣସିମତେ ଏକାଠି କରି କହିଲି, ''ଯଦି କହେ ଯେ ଆପଣ ମୋତେ ସାହାଯ୍ୟ କରି ପାରିବେ କି ନା, ଅର୍ଥାତ୍ ଜୀବନର ଲକ୍ଷ୍ୟ କ'ଣ, ତାହା କେବଳ ଜାଣିବାକୁ ନୁହେଁ, ପାଇବାକୁ ମଧ୍ୟ ଚାହେଁ ।''

''ଏ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେଁ ।'' ସେ ମୃଦୁ କଣ୍ଠରେ କହିଲେ । ''ମୁଁ ଏମିତି କିଛି ଈପ୍ସିତ ବସ୍ତୁର କଥା ଜାଣେନା, ଯାହା ସମସ୍ତଙ୍କର ଜୀବନର ଲକ୍ଷ୍ୟ ହିସାବରେ ସ୍ୱୀକୃତ ହୋଇପାରେ । ଜୀବନର ଲକ୍ଷ୍ୟ ଅନେକ ଓ ବିଚିତ୍ର ମଧ୍ୟ । ଯୋଗ-ପନ୍ଥୀମାନେ ନାନା ଲକ୍ଷ୍ୟ ନେଇ ଆସନ୍ତି, ଯୋଗ କରିବା ପାଇଁ । କେହି ଯୋଗ କରିବାକୁ ଚାହାନ୍ତି ଏ ଜୀବନରୁ ମୁକ୍ତି ପାଇବା ଲାଗି – ଯେମିତି ମାୟାବାଦୀମାନେ । ସେମାନେ କହନ୍ତି, ଇନ୍ଦ୍ରିୟର ଜଗତ୍ ହେଲା ମାୟା । କେହି କେହି ଯୋଗ ଚାହାନ୍ତି ପ୍ରେମ ବା ମୈତ୍ରୀର ଆକାଂକ୍ଷାରେ, କେହି ଚାହେଁ ଆନନ୍ଦ, କେହି ବା ଚାହାନ୍ତି ଦିବ୍ୟଶକ୍ତି, କେହି ଜ୍ଞାନ । ପ୍ରକୃତରେ ତୁମେ ପ୍ରଥମେ ମନସ୍ଥିର କରି ମୋତେ କୁହ, ତୁମେ କାହିଁକି ଯୋଗ କରିବାକୁ ଚାହୁଁଛ ।''

ବିପନ୍ନ କଣ୍ଠରେ କହିଲି, 'ମୁଁ ଜାଣିବାକୁ ଚାହେଁ, ଜୀବନର, ସଂସାରର ଅର୍ଥାତ୍ ନାନା ଅସଙ୍ଗତି ଓ ପରସ୍ପର ବିରୋଧିଭାବର – ଦୁଃଖ, ଦୈନ୍ୟ, ବ୍ୟାଧିର, କିଛି ମୀମାଂସା ଯୋଗରେ ମିଳେ କି ନାହିଁ ।'

– 'ଅନ୍ୟ ଭାଷାରେ କହିଲେ, ତୁମେ ଚାହଁ ଜ୍ଞାନ, ପ୍ରଜ୍ଞା ?'

– 'ହଁ, ନାଁ, କେବଳ ଜ୍ଞାନ ନୁହେଁ – ଆନନ୍ଦ ମଧ୍ୟ ଚାହେଁ ।'

– 'ଜ୍ଞାନ ଓ ଆନନ୍ଦ ତୁମେ ନିଶ୍ଚୟ ଯୋଗରେ ପାଇପାରିବ ।'

ଉତ୍ସାହ ପାଇ କହିଲି, 'ତା'ହେଲେ, ଆପଣଙ୍କ ପାଖରୁ ଦୀକ୍ଷା ପାଇବାର ଆଶା ରଖିବି ?'

ଶ୍ରୀଅରବିନ୍ଦ ସେହିପରି ଶାନ୍ତ କଣ୍ଠରେ କହିଲେ, ''ରଖିପାର, ଯଦି ଯୋଗର ସର୍ତ୍ତରେ ତୁମେ ରାଜି ଥାଅ ଓ ତୁମର ଯୋଗ ତୃଷ୍ଣା ପ୍ରବଳ ହୋଇଥାଏ ।''

– ''ଯୋଗର ସର୍ତ୍ତ କ'ଣ ଯଦି ଟିକିଏ ବୁଝାଇ କହନ୍ତେ, ଆଉ ଯୋଗ ତୃଷ୍ଣା – Call – କହିଲେ ଠିକ୍ କ'ଣ ବୁଝାଯାଏ ?''

ସେ ଉତ୍ତର ଦେବାକୁ ଯାଉଛନ୍ତି ଏମିତି ସମୟରେ ମୁଁ କହିଲି, ''ଆପଣଙ୍କର 'Yogic Sadhana' (ଯୋଗସାଧନା) ବହିଟିରେ ଆପଣ ନିଜକୁ ତାନ୍ତ୍ରିକ କହିଛନ୍ତି – ଅର୍ଥାତ୍ ମାୟାବାଦୀ ବୈଦାନ୍ତିକ ନୁହେଁ, ଲୀଳାବାଦୀ ସାଧକ । ଆପଣଙ୍କ 'The Life Divine' ବହିରେ ଆପଣ ଲେଖିଛନ୍ତି, ''ଭଗବାନଙ୍କ ଆବାହନରେ ନିଜକୁ ଚରିତାର୍ଥ କରିବାର ନାମ ହେଉଛି ମନୁଷ୍ୟତ୍ୱ । ଯାହା ଆମକୁ ଗୋଚର, ସେଥିରେ ଐକ୍ୟ ରହିଛି, ଏକଥା ସ୍ୱୀକାର କରି ମଧ୍ୟ ପ୍ରକାଶ ଲୀଳାର ବହୁମୁଖିତାକୁ ଆମକୁ ଅଙ୍ଗୀକାର କରିବାକୁ ପଡ଼ିବ । ଜୀବନର ପ୍ରକୃତ ସମସ୍ୟା ହେଲା ସଂହତି ଓ ସୁଷମାର ସମସ୍ୟା ।''

ଶ୍ରୀଅରବିନ୍ଦ କହିଲେ, ''ମୁଁ ଲୀଳାବାଦୀ, ଏକଥା ସତ୍ୟ । କିନ୍ତୁ ଏ ପ୍ରଶ୍ନ କାହିଁକି ?''

ମୋର ଜିଜ୍ଞାସା ଏଇ ଯେ, ''ଆପଣଙ୍କର 'ଯୌଗିକ ସାଧନ'ର ଯୋଗ କରିବାକୁ ଗଲେ, ଜୀବନଠାରୁ ପେନ୍‌ସନ୍ ନେଇ, ସମସ୍ତ ଐହିକ କର୍ମକୁ ଜଳାଞ୍ଜଳି ଦେଇ ଗୁହାପନ୍ଥୀ ସନ୍ନ୍ୟାସୀଙ୍କ ଭଳି ହେବାକୁ ପଡ଼ିବ ନାହିଁ ତ ? ଆପଣ ମାୟାବାଦୀ ନୁହନ୍ତି ବୋଲି ଟିକିଏ ଭରସା ହେଉଛି ମୋର ।''

ଶ୍ରୀଅରବିନ୍ଦ ଟିକିଏ ହସି କହିଲେ, ''ମୁଁ ମାୟାବାଦୀ ନୁହେଁ ଅବଶ୍ୟ, କିନ୍ତୁ 'ଯୌଗିକ ସାଧନ' ବହିଟିର ପ୍ରଣେତା ମୁଁ ନୁହେଁ ।''

''ତେବେ ?''

''ଅଟୋମ୍ୟାଟିକ୍ ଲେଖା କାହାକୁ କହନ୍ତି ଜାଣିଛ ?'' ଶ୍ରୀଅରବିନ୍ଦ କହିଲେ ।

''ପ୍ଲାନ୍‌ଚେଟ୍ ?''

– ''ଠିକ୍ ପ୍ଲାନ୍‌ଚେଟ୍ ନୁହେଁ । ମୁଁ କଲମ ଧରି ରହିଥାଏ, କୌଣସି ଶକ୍ତି ସେହି କଲମ ମାଧ୍ୟମରେ ବହିଟି ଲେଖି ଯାଉଥାଏ ।''

– ''ଏକଥା ଶୁଣିଛି ବି କାହାଠାରୁ । ପଚାରିପାରେ କି, ଆପଣ କାହିଁକି ଏ ଧରଣର ଲେଖା ଲେଖିବାକୁ ଗଲେ ?''

– ''ମୁଁ ସେସମୟରେ ଜାଣିବାକୁ ଚାହୁଁଥିଲି ଯେ, ଏ ଧରଣର ଘଟଣା ମାଧ୍ୟମରେ କେତେ ସତ୍ୟ ଅଛି, ଆଉ ଅନ୍ତର୍ଲୀନ ଚେତନାରେ କେତେ ଅଧିମାନସିକ ଇଙ୍ଗିତ ରହିଛି । କିନ୍ତୁ ସେକଥା ଥାଉ । ତୁମର ଅସଲ ପ୍ରଶ୍ନକୁ ଆସିବା । ପାର୍ଥିବ ସ୍ତରରେ ଯେଉଁସବୁ କର୍ମର ମୂଲ୍ୟ ତୁମ ପାଖରେ ରହିଛି, ସେ ସବୁକୁ ଛାଡ଼ିବାକୁ ହେବ, ଏପରି କିଛି କଥା ନାହିଁ । ତେବେ ସେ ସ୍ତରର ସବୁକିଛି ଆସକ୍ତିଠାରୁ ତୁମକୁ ମୁକ୍ତ ହେବାକୁ ପଡ଼ିବ – ତୁମେ କର୍ମଚକ୍ର ବାହାରେ ଥାଅ ବା ଭିତରେ ଥାଅ । କାରଣ ଏ ଆସକ୍ତିକୁ ତୁମେ ଯଦି ପାଳନ କରି ରଖିବ, ତା'ହେଲେ ଉପରର ଆଲୁଅ ତୁମ ମଧ୍ୟ ଦେଇ ତୁମ ପ୍ରକୃତିର ରୂପାନ୍ତର ସାଧନ କରିପାରିବ ନାହିଁ ।''

– ''ଏକଥାର ଅର୍ଥ କ'ଣ ମୋତେ ଦରଦ, ବନ୍ଧୁତ୍ୱ, ସ୍ନେହ, ଭଲ ପାଇବାର ଆସକ୍ତିକୁ ଛାଡ଼ିବାକୁ ହେବ ?''

– ''ତାହା ନୁହେଁ । ସ୍ନେହ, ଦରଦ, ବନ୍ଧୁତ୍ୱଠାରୁ ଦୂରରେ ରହିଲେ ଯେ ଭଗବାନଙ୍କ ପାଖକୁ ଯାଇହେବ, ଏମିତି କୌଣସି କଥା ନାହିଁ । ବରଂ ଓଲଟା – ଭଗବାନଙ୍କର ସାନ୍ନିଧ୍ୟ ଓ ଐକ୍ୟବୋଧ ଫଳରେ ସାଧକ ଯେଉଁ ଦିବ୍ୟଚେତନା ଲାଭ କରିବ, ତା'ର ଗୋଟିଏ ଆନୁଷଙ୍ଗିକ କଥା ହେଲା ଅନ୍ୟ ସମସ୍ତଙ୍କ ପାଖକୁ ଯିବା ଏବଂ ସେମାନଙ୍କ ସହିତ ଐକ୍ୟବୋଧ ଅନୁଭବ କରିବା । ମାୟାବାଦୀଙ୍କ ଯୋଗରେ ଓ ସନ୍ନ୍ୟାସ ଯୋଗରେ ଚରମ ଲକ୍ଷ୍ୟ ହେଉଛି ବନ୍ଧୁତ୍ୱ ଓ ସ୍ନେହର ସବୁ ରକମ ସମ୍ବନ୍ଧର ପରିହାର, ଏ ବିଶ୍ୱଜଗତର ଜୀବ ଓ ଅନ୍ୟ ସବୁକିଛି ଆସକ୍ତିଠାରୁ ମୁକ୍ତି, ଯାହାର ନାମ ମୋକ୍ଷ । ଯଦିଓ ସେଠାରେ ମଧ୍ୟ ଶେଷ ଆଡ଼କୁ ନିର୍ବାଣ ପୂର୍ବରୁ ଜୀବପ୍ରତି କରୁଣା ବା ଅନୁକମ୍ପାର ଭାବ ଆସେ; ଯେମିତି ବୌଦ୍ଧ ସାଧନାରେ । କିନ୍ତୁ ଅନ୍ୟ ସାଙ୍ଗରେ ଐକ୍ୟବୋଧ ବା ଅନ୍ୟ ପ୍ରତି ସ୍ନେହ, ଭଲପାଇବାର ବିଶ୍ୱଜନୀନ ଆନନ୍ଦ ହେଲା ଜୀବନମୁକ୍ତିର ଓ ସର୍ବାଙ୍ଗୀଣ ପରିଣତିର କଥା, ଆଉ ଏ ମୁକ୍ତି ଓ ପରିଣତି ହେଲା ପୂର୍ଣ୍ଣଯୋଗର ଲକ୍ଷ୍ୟ ।''

ମୁଁ କହିଲି, ''ମୋର ଗୋଟିଏ କଥା ଦୟାକରି ଶୁଣନ୍ତୁ । ଜୀବନ ମୋତେ ବରାବର ଖୁବ୍ ଭଲ ଲାଗେ । କିନ୍ତୁ ପିଲାଦିନେ, ତେର ବର୍ଷ ବୟସରେ ମୁଁ ଶ୍ରୀରାମକୃଷ୍ଣ ପରମହଂସଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲି । ମନରେ ଦୃଢ଼ ନିଶ୍ଚିତତା ଜନ୍ମିଲା ଯେ, ଈଶ୍ୱର ଦର୍ଶନହିଁ ମାନବଜୀବନର ଉଦ୍ଦେଶ୍ୟ । ବିଲାତ ଯାଇ ସେ ଦେଶର ଜାକଜମକରେ ପ୍ରଥମେ ଆଖି ଝଲସି ଗଲା । କିନ୍ତୁ

କ୍ରମେ ପୁଣି ସେଇ ପିଲାଦିନର ସ୍ୱର ଶୁଣିପାରିଲି । ମନେ ହେଲା, ଏସବୁ ନୁହେଁ, ଯଶଃ, ମାନ, ଧନ, ଜନ, ଖ୍ୟାତି, କର୍ମ, ସେବା, କଳା କିଛି ବି ନୁହେଁ । ଭଗବାନଙ୍କୁ ପାଇଲେହିଁ ଏସବୁର ଅର୍ଥ ଥାଏ, ନହେଲେ ସବୁ ଫାଙ୍କି, ଛାୟାବାଜି ।

''ଦେଶକୁ ଫେରି ଅଗଣିତ ବନ୍ଧୁତ୍ୱ କଲି । ବୋଧହୁଏ ଟଙ୍କା ପଇସା, ଅବସର ଓ ମିଶିବାର କ୍ଷମତା ଥିଲା ବୋଲି । କିନ୍ତୁ ଆଶ୍ଚର୍ଯ୍ୟ ଯେ 'ଆଧ୍ୟାତ୍ମିକ'' ଭାରତୀୟ ବନ୍ଧୁମାନଙ୍କ ମଧ୍ୟରେ କେହି ବି ଭଗବାନଙ୍କ ପାଇଁ ମୁଣ୍ଡ ଖେଳାଇବାର ଦେଖିଲି ନାହିଁ । ମୋର ଚିହ୍ନାଜଣାମାନଙ୍କ ମଧ୍ୟରେ ଭଗବାନଙ୍କୁ ଚାହିଁବାର ଦେଖିଲି କେବଳ ଜଣେ ଇଂରାଜୀ ବନ୍ଧୁଙ୍କୁ – ରୋନାଲ୍ଡ ଡିକ୍ସନ୍ । ସେହିଁ ପ୍ରଥମେ କହିଥିଲେ ଯେ ଆପଣ ଜଣେ ବଡ଼ ଯୋଗୀ । ଆପଣଙ୍କର ବହିଟି ମୋତେ ପଢ଼ାଇଲେ । ତା' ପରଠାରୁ ମନେ ହେଉଛି, ଯଦି ଦୀକ୍ଷା ପାଇବି ତେବେ ଏ ଦୁର୍ଗମ ପଥର ପଥିକ ହୋଇପାରେ, ନହେଲେ ଅସମ୍ଭବ । କିନ୍ତୁ ଏ ଆଡ଼େ ଜୀବନ ମୋତେ ଟାଣୁଛି । ଯେପରି ଧରନ୍ତୁ, କହୁଥିଲି, ସାମାଜିକ ଆଦାନ-ପ୍ରଦାନ, ବନ୍ଧୁତ୍ୱ, ସ୍ନେହ, ଭଲପାଇବା – ଏସବୁ । ପ୍ରଶ୍ନ ଆସେ ମନରେ, ଯୋଗ କରିବାକୁ ହେଲେ କ'ଣ ଏସବୁକୁ ଛାଡ଼ିବାକୁ ହେବ ? ମୁସ୍କିଲ ହେଉଛି ଯେ, ଏସବୁରେ ମନ ସନ୍ତୁଷ୍ଟ ହୁଏ ନାହିଁ, ଏସବୁକୁ ଛାଡ଼ିବାକୁ ହେବ ଶୁଣିଲେ ବାଧେ । କାହିଁକି, ବୁଝି ପାରେନି ।'' ଶ୍ରୀଅରବିନ୍ଦ ଖୁବ୍ ମନଦେଇ ଶୁଣିଲେ, ଶୁଣୁ ଶୁଣୁ ତାଙ୍କ ମୁହଁରେ ମୃଦୁ ହସ ଫୁଟି ଉଠିଲା । କିନ୍ତୁ କେତେ କରୁଣାରେ ଭରା ! କିଛିକ୍ଷଣ ମୋ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ରହିଲା ପରେ ଧୀର କଣ୍ଠରେ କହିଲେ, ''କ'ଣ ହୁଏ ଜାଣ ? ସାମାଜିକ ଆଦାନ-ପ୍ରଦାନ, ବନ୍ଧୁତ୍ୱ, ସ୍ନେହ, ଭଲପାଇବା, ଦରଦ, ଏହିସବୁର ଭିତ୍ତି ପ୍ରାଣଗତ – ଆଉ ଏସବୁର କେନ୍ଦ୍ର ହେଲା ଆମର ଅହଂବୁଦ୍ଧି । ଚରାଚର ମନୁଷ୍ୟ ପରସ୍ପରକୁ ଭଲପାଆନ୍ତି, ଆଉ ଜଣେ ମୋତେ ଭଲପାଉଛି, ଏହି ଅନୁଭବରେ ସୁଖ ଅଛି ବୋଲି । ଅନ୍ୟସାଙ୍ଗରେ ବନ୍ଧୁତ୍ୱ କଲେ ଆମର ଅହଂ ଯେ ଫୁଲି ଉଠେ, ସେଥିରେ ମନ ଖୁସି ହୁଏ ବୋଲି । ପ୍ରାଣଶକ୍ତିର ଆଦାନ-ପ୍ରଦାନରେ ଆମ ବ୍ୟକ୍ତିଗତ ସ୍ଥିତି ଖୋରାକ ପାଏ, ଉତ୍‌ଫୁଲ୍ଲ ହୋଇଉଠେ ବୋଲି । ତା' ଛଡ଼ା ଆହୁରି ସ୍ୱାର୍ଥ ଓ ସଂକୀର୍ଣ୍ଣ ଉଦ୍ଦେଶ୍ୟ ମଧ୍ୟ ମିଶି କରି ଥାଏ । ଅବଶ୍ୟ ଉଚ୍ଚତର ଆଧ୍ୟାତ୍ମିକ, ମାନସିକ ଓ ପ୍ରାଣିକ ଉପାଦାନ ମଧ୍ୟ ଥାଏ । କିନ୍ତୁ ଶ୍ରେଷ୍ଠ ନମୁନା ଭିତରେ ବି ମିଶ୍ରଣ ଥାଏ । ଏଥିପାଇଁ କ'ଣ ହୁଏ ନା, ଅନେକ ସମୟରେ ହୁଏତ ଦେଖାଯାଏ କାରଣ ବା ଅକାରଣରେ ସଂସାର, ଜୀବନ, ସମାଜ, ପ୍ରିୟ-ପରିଜନ, ଲୋକହିତୈଷୀ ହେବା – ସବୁକିଛି ବିସ୍ୱାଦ ଓ ଅତୃପ୍ତି ଆଣେ ମନରେ । ମନେରଖ, ଲୋକହିତୈଷୀ ହେବା ମଧ୍ୟରେ ଅହଂବୁଦ୍ଧି ବେଶ୍ ଆରାମରେ ବସବାସ କରିପାରେ ।

''କେବେ କେବେ ମଧ୍ୟ ଏ ବିତୃଷ୍ଣାର ମୂଳରେ ଧରା ଛୁଆଁ ଦେଲା ଭଳି କାରଣଟିଏ ଥାଏ । ଯେମିତି ଧର, ହୁଏତ ପ୍ରାଣର କୌଣସି ମୂଳ କାମନାଟି ଆଘାତ ପାଇଲା, କିଂବା ହୁଏତ ପ୍ରିୟଜନର ସ୍ନେହଠାରୁ ବଞ୍ଚିତ ହେଲା, କିଂବା ହଠାତ୍ ଦେଖିବାକୁ ମିଳିଲା ଯେ ଯେଉଁମାନଙ୍କୁ ଭଲ ପାଉଛ, ସେମାନଙ୍କୁ ଚିହ୍ନି ପାରି ନାହଁ ବା ମନୁଷ୍ୟକୁ ସଚରାଚର ଯାହା ଭାବି ଆସିଛ, ସେ ମୋଟେ ତାହା ନୁହେଁ । ଆହୁରି ଅନେକ କାରଣ ବି ଥାଇପାରେ । କିନ୍ତୁ ଅନେକ ସ୍ଥଳରେ ବିତୃଷ୍ଣା ଯେତେବେଳେ ଆସେ, ସେତେବେଳେ ଆମ ଅନ୍ତରଚେତନା ଏକପ୍ରକାର ଆଘାତ ପାଏ । ଯଦିଓ ଅନେକ ସମୟରେ ଅସ୍ପଷ୍ଟ ଭାବରେ ସେ ଆଭାସ ପାଏ ଯେ, ସେ ଏସବୁରୁ ଯାହା ଆଶା କରିଥିଲା, ତାହା ପାଇଲା ନାହିଁ । ଫଳରେ କେହି କେହି ବୈରାଗ୍ୟ ଆଡ଼କୁ ଝୁଙ୍କି ପଡ଼ନ୍ତି କଠୋର ଉଦାସୀନତାକୁ ମୋକ୍ଷର ଲକ୍ଷ୍ୟ ବୋଲି ଭାବି ନେଇ । ମୋର ପୂର୍ଣ୍ଣଯୋଗରେ ମୁଁ କହେ ଯେ ଏସବୁ ମିଶ୍ରଣକୁ ତଡ଼ି ଦେବାକୁ ହେବ । ଚେତନାକୁ ପ୍ରତିଷ୍ଠା କରିବାକୁ ହେବ ଏକ ଶୁଦ୍ଧତର ସ୍ତରରେ ଯେଉଁଠାରେ ଏହିସବୁ ଗ୍ଲାନିର ଛାୟା ନଥାଏ । ତା'ହେଲେହିଁ ସ୍ନେହ, ଭଲ ପାଇବା, ଦରଦ, ସତ୍ୟ, ଐକ୍ୟବୋଧ – ଏସବୁର ଏକ ନିର୍ଭେଜାଲ ଆନନ୍ଦର ପରିଚୟ ମିଳେ । ଯାହା ଆଧ୍ୟାତ୍ମିକ ଓ ସ୍ୱୟଂସିଦ୍ଧ । ଏହା ହେବା ଲାଗି ଅଦଳବଦଳ କରିବାକୁ ହେବ । ଯେପରିଭାବରେ ପ୍ରବୃତ୍ତିର ଲୀଳାଖେଳା ଚାଲୁଥିଲା, ସେସବୁ ଜାଗାରେ ପ୍ରକୃତ ''ମୁଁ''କୁ ସ୍ଥାପନ କରିବାକୁ ହେବ । ସେସବୁ ମଧ୍ୟରେ ସେ ନିଜସ୍ୱ ଢଙ୍ଗରେ ପ୍ରକାଶ କରିବ ଆତ୍ମୋପଲବ୍ଧିକୁ ବା ଭଗବାନଙ୍କୁ । ଯୋଗର ଭିତର କଥା ହେଲା ଏଇ । ତେଣୁ ଏହି ଆଦର୍ଶକୁ ତୁମକୁ ମାନିବାକୁ ପଡ଼ିବ ଏହା ଜାଣି ଯେ କୌଣସି ଭିତରେ ବାନ୍ଧି ହୋଇ ପଡ଼ିବା ଚଳିବ ନାହିଁ ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

# ମାନବସମାଜର ବିଭିନ୍ନ ଧର୍ମ

## ଖ୍ରୀଷ୍ଟଧର୍ମ (୧)

## ଶ୍ରୀପତି ଦାସ

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ''*Philosophy of Religion – An Approach to World Religion*'' ପୁସ୍ତକର ଅବଲମ୍ବନରେ ଲିଖିତ ।]

ଖ୍ରୀଷ୍ଟିଆନମାନେ ଯିଶୁଖ୍ରୀଷ୍ଟଙ୍କୁ ଦିବ୍ୟପିତା, ଅବତାର ଏବଂ ମାନବସମାଜର ମହାନ୍ ରକ୍ଷାକର୍ତ୍ତାରୂପେ ପୂଜା କରନ୍ତି । ବିଶ୍ୱାସ କରାଯାଏ ଯେ ସେ ବେଥଲ୍‌ହେମ୍‌ରେ ୨୫ ତାରିଖ ଡିସେମ୍ବର ମାସରେ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ଏକ କୁମାରୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ଯେତେବେଳେ ଯିଶୁଙ୍କର ବୟସ ବାର ବର୍ଷ ହୋଇଥିଲା, ସେତେବେଳେ ସେ ଜିଉ ପଣ୍ଡିତମାନଙ୍କର କଠିନ ଧର୍ମୀୟ ପ୍ରଶ୍ନ ସବୁର ଉତ୍ତର ଦେଇ ତାଙ୍କ ଦିବ୍ୟଜ୍ଞାନର ପ୍ରଦର୍ଶନ କରିଥିଲେ । ଜେରୁଜେଲମ୍‌ର ଏକ ଧର୍ମୀୟ ମେଳାରେ ସେ ଅସଂଖ୍ୟ ମେଷଙ୍କର ଜଘନ୍ୟ ହତ୍ୟା ଦେଖିବାକୁ ପାଇଲେ । ସେହି ମେଷମାନଙ୍କର ରକ୍ତ ଈଶ୍ୱରଙ୍କୁ ଅର୍ପଣ କରାଯାଉଥିଲା । ତେଣୁ ଯିଶୁଖ୍ରୀଷ୍ଟ ମନେକଲେ ଯେ ଜିଉମାନଙ୍କ ମଧ୍ୟରେ ସଂସ୍କାର ଆଣିବା ଏକାନ୍ତ ଆବଶ୍ୟକ ।

ଖ୍ରୀଷ୍ଟଧର୍ମରେ ଦୀକ୍ଷାଗ୍ରହଣ ସମୟରେ ସ୍ୱର୍ଗରୁ ଏକ ବାଣୀ ଶୁଣାଗଲା; ''ଖ୍ରୀଷ୍ଟ ହେଉଛନ୍ତି ମୋର ପ୍ରିୟପୁତ୍ର ଯାହାଙ୍କ ଉପରେ ମୁଁ ଅତିଶୟ ପ୍ରୀତ ।'' ଯେତେବେଳେ ଖ୍ରୀଷ୍ଟଙ୍କର ବୟସ ପ୍ରାୟ ୩୦ ବର୍ଷ ହୋଇଥିଲା ସେତେବେଳେ ସେ ଜନସାଧାରଣଙ୍କ ନିକଟରେ ଉପସ୍ଥିତ ହୋଇ ଗରିବ ଲୋକଙ୍କୁ ଧର୍ମୋପଦେଶ ଦେଉଥିଲେ, ରୋଗୀମାନଙ୍କୁ ସୁସ୍ଥ କରୁଥିଲେ, ସଇତାନମାନଙ୍କୁ ତାଙ୍କ ଅନୁଗ୍ରହରୁ ବଞ୍ଚିତ କରୁଥିଲେ, ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଉଥିଲେ, ବଧିରମାନଙ୍କୁ ଶ୍ରବଣଶକ୍ତି ଦେଉଥିଲେ, ମୃତମାନଙ୍କୁ ପୁନରୁଜ୍ଜୀବିତ କରୁଥିଲେ ଏବଂ ଏହିପରି ନାନା ଅସାଧାରଣ ଶକ୍ତି ପ୍ରଦର୍ଶନ କରିଥିଲେ । ତାଙ୍କର ବିଶ୍ୱାସଘାତକ ଅନୁସରଣକାରୀମାନଙ୍କ ଦ୍ୱାରା ଯିଶୁଖ୍ରୀଷ୍ଟ ନାସ୍ତିକ ବୋଲି ଦୋଷାରୋପ କରାଯାଇଥିଲା ଏବଂ ଶାସକଙ୍କ ନିକଟକୁ ଦଣ୍ଡିତ ହେବାକୁ ଅଣାଯାଇଥିଲେ । ଶାସକ ତାଙ୍କୁ କ୍ରୁଶବିଦ୍ଧ କରିଥିଲେ । ମୃତ୍ୟୁ ପରେ ତାଙ୍କର ଶିକ୍ଷା ଓ ଉପଦେଶ ସମଗ୍ର ପୃଥିବୀରେ ପ୍ରଚାରିତ ହୋଇଥିଲା । ତାଙ୍କର ଭକ୍ତମାନେ ତାଙ୍କୁ ଯିଶୁଖ୍ରୀଷ୍ଟ ବୋଲି କହୁଥିଲେ ଏବଂ ନିଜକୁ ଖ୍ରୀଷ୍ଟିଆନ ବୋଲି ନାମିତ କରିଥିଲେ ।

### ଯିଶୁଖ୍ରୀଷ୍ଟଙ୍କର ଶିକ୍ଷା :

ଯିଶୁଖ୍ରୀଷ୍ଟ ପୃଥିବୀର ଜଣେ ମହାନ୍ ଶିକ୍ଷାଦାତା ଥିଲେ । ତାଙ୍କର ଶୈଶବ କାଳରୁ ସେ ଈଶ୍ୱର-ଚେତନାରେ ବାସ କରୁଥିଲେ । ସେ ଦିବ୍ୟଜ୍ଞାନର, ପବିତ୍ରତା ଓ ନ୍ୟାୟର ଜୀବନ୍ତ ମୂର୍ତ୍ତି ଥିଲେ । ନିଜର ସ୍ୱାର୍ଥତ୍ୟାଗ ଓ ଉତ୍ସର୍ଗ ଦ୍ୱାରା ସକଳ ଦେଶର ଅଧ୍ୟାତ୍ମଚେତନା ପ୍ରାପ୍ତ ବ୍ୟକ୍ତିମାନଙ୍କୁ କିପରି ପବିତ୍ର ଜୀବନଯାପନ କରିବାକୁ ହୁଏ, କିପରି ଅନ୍ୟମାନଙ୍କ ନିମିତ୍ତ ନିଃସ୍ୱାର୍ଥପର କାର୍ଯ୍ୟ କରିବାକୁ ହୁଏ, ମାନବସମାଜର ମଙ୍ଗଳ ନିମିତ୍ତ ବଞ୍ଚିବା ଓ ଜୀବନକୁ କିପରି ଉତ୍ସର୍ଗ କରିବାକୁ ହୁଏ – ଏସବୁ ଶିକ୍ଷା ସେ ଦାନ କରିଥିଲେ ।

ଯିଶୁଖ୍ରୀଷ୍ଟଙ୍କ ଶିକ୍ଷାରେ ବଦାନ୍ୟତା, ସ୍ୱାର୍ଥତ୍ୟାଗ, ଆବେଗର ନିୟନ୍ତ୍ରଣ, ବିଶ୍ୱବ୍ୟାପୀ ପ୍ରେମ ଓ ଈଶ୍ୱର-ବିଶ୍ୱାସର ବୀଜ-ବପିତ ହୋଇଥିଲା । ଈଶ୍ୱରଙ୍କୁ ପିତା ବୋଲି ସମ୍ବୋଧନ କରିବା – ଯିଶୁଖ୍ରୀଷ୍ଟଙ୍କ ସକାଶେ ଓ ସମଗ୍ର ମାନବସମାଜ ସକାଶେ ଅତିଶୟ ସ୍ୱାଭାବିକ ଓ ମୂଲ୍ୟବାନ୍ ଥିଲା । ସେ କହୁଥିଲେ ''ସେ ନିଜେ ଓ ତାଙ୍କର ପିତା ହେଉଛନ୍ତି ଏକ ।''

ଯିଶୁଖ୍ରୀଷ୍ଟ ତାଙ୍କର କେତେକ ମୂଲ୍ୟବାନ୍ ଶିକ୍ଷାକୁ ପର୍ବତ ପ୍ରସ୍ତରରେ ଖୋଦନ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହି ଶିକ୍ଷା ହେଉଛି, ''ତୁମର ହୃଦୟ କଦାପି ଅଶାନ୍ତ ନହେଉ, ତୁମେ ଯେହେତୁ ଈଶ୍ୱରଙ୍କୁ ବିଶ୍ୱାସ କରୁଛ, ତେଣୁ ମୋ ଉପରେ ବିଶ୍ୱାସ ରଖ । ଈଶ୍ୱର ଯେ ମୋର ପିତା, ତାଙ୍କର ବହୁ ଆବାସ ରହିଛି ଯେଉଁଠାରେ ସେ ବାସ କରନ୍ତି । ସେସବୁକୁ ପ୍ରସ୍ତୁତ କରିବା ନିମିତ୍ତ ମୁଁ କାର୍ଯ୍ୟ କରୁଛି । ଯେତେବେଳେ ସବୁକିଛି ପ୍ରସ୍ତୁତ ହୋଇଯିବ ସେତେବେଳେ ସେ ଆସିବେ ଏବଂ ମୋ

ସହିତ ରହିବେ । ଯଦି ଏହା ହୋଇ ନଥା'ନ୍ତା, ତେବେ ଏକଥା ମୁଁ ତୁମ୍ଭମାନଙ୍କୁ ସ୍ପଷ୍ଟତଃ କହି ନଥା'ନ୍ତି ।''

''ଯଦି ପ୍ରକୃତରେ ତୁମର ବିଶ୍ୱାସ ରହିଛି ଏବଂ ତୁମର କୌଣସି ସନ୍ଦେହ ନାହିଁ, ତେବେ ତୁମେ ଅନେକ କିଛି କରିପାରିବ ।... ତୁମେ ଯେକୌଣସି ବସ୍ତୁ ପାଇପାରିବ ।... ଯଦି ତୁମର ବିଶ୍ୱାସ ଅଛି, ତେବେ ତୁମେ ପ୍ରାର୍ଥନା ଦ୍ୱାରା ଯେକୌଣସି ବସ୍ତୁ ପାଇପାରିବ ।''

''ଖାଦ୍ୟ, ପାନୀୟ ଓ ବସ୍ତ୍ର – ଏସବୁ ସକାଶେ ତୁମେ ବ୍ୟସ୍ତ ହୁଅ ନାହିଁ । କାରଣ ତୁମର ଏକ ଜୀବନ ଓ ଶରୀର ରହିଛି ଯାହା ଖାଦ୍ୟ ଓ ବସ୍ତ୍ର ଅପେକ୍ଷା ଅନେକ ବେଶୀ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଗାମୀ କାଲି ସକାଶେ ଜାଣିବାକୁ ଆଗ୍ରହୀ ହୁଅ ନାହିଁ । ଆଗାମୀ କାଲି ସକାଶେ ଈଶ୍ୱର ତୁମର ଯତ୍ନ ନେବେ ।''

### ଯିଶୁଖ୍ରୀଷ୍ଟଙ୍କ ଧର୍ମ ଓ ନୈତିକ ଉପଦେଶ :

୧. ଦରିଦ୍ରମାନେ ଆଧ୍ୟାତ୍ମିକତାର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି, କାରଣ ସେହିମାନଙ୍କ ସକାଶେହିଁ ସ୍ୱର୍ଗରାଜ୍ୟ ।

୨. ଯେଉଁମାନେ ଶୋକଗ୍ରସ୍ତ ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ଆଶ୍ୱାସନା ପ୍ରାପ୍ତ ହେବେ ।

୩. ଯେଉଁମାନେ ଦୁର୍ବଳ ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ପୃଥିବୀର ଉତ୍ତରାଧିକାରୀ ହେବେ ।

୪. ଯେଉଁମାନେ ନୈତିକତା ନିମିତ୍ତ କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି, କାରଣ ସେହିମାନେହିଁ ସନ୍ତୁଷ୍ଟ ହେବେ ।

୫. ଯେଉଁମାନେ ସହାନୁଭୂତିଶୀଳ ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ଦୟା ପ୍ରାପ୍ତ ହେବେ ।

୬. ଯେଉଁମାନେ ହୃଦୟରେ ପବିତ୍ର ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ପରମେଶ୍ୱରଙ୍କୁ ଦର୍ଶନ କରିବେ ।

୭. ଯେଉଁମାନେ ଶାନ୍ତି ପ୍ରତିଷ୍ଠା କରନ୍ତି ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ପରମେଶ୍ୱରଙ୍କ ପୁତ୍ର ହୋଇଥା'ନ୍ତି ।

୮. ଯେଉଁମାନେ ନ୍ୟାୟ ନିମିତ୍ତ ଉତ୍ପୀଡ଼ିତ ହୁଅନ୍ତି, ସେହିମାନେହିଁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । କାରଣ ସେହିମାନେହିଁ ସ୍ୱର୍ଗରାଜ୍ୟର ଅଧିକାରୀ ହୋଇଥା'ନ୍ତି ।

୯. ତୁମ୍ଭେମାନେ ସେତେବେଳେ ଆଶୀର୍ବାଦ ପ୍ରାପ୍ତ ହୁଅ, ଯେତେବେଳେ ଲୋକମାନେ ତୁମକୁ ତିରସ୍କାର କରନ୍ତି, ତୁମକୁ ଉତ୍ପୀଡ଼ନ କରନ୍ତି ଏବଂ ତୁମ ବିରୋଧରେ ମିଥ୍ୟାରେ ସକଳ ପ୍ରକାର ମନ୍ଦ କଥା କହନ୍ତି ।

୧୦. ଉତ୍‌ଫୁଲ୍ଲିତ ହୁଅ, ଆନନ୍ଦିତ ହୁଅ, କାରଣ ସ୍ୱର୍ଗରେ ତୁମର ପୁରସ୍କାର ଅତି ମହାନ୍ । କାରଣ ଯେଉଁମାନେ ତୁମ ସମ୍ମୁଖରେ ଥିବା ଧର୍ମ ପ୍ରବର୍ତ୍ତକମାନଙ୍କୁ ସେଥି ସକାଶେ ଉତ୍ପୀଡ଼ନ କରନ୍ତି, ସେହିମାନେହିଁ ଘୃଣ୍ୟ ହୁଅନ୍ତି ।

## ଖ୍ରୀଷ୍ଟଧର୍ମର ଦର୍ଶନ

### ଯିଶୁଖ୍ରୀଷ୍ଟ ଓ ପରମେଶ୍ୱର :

ଯିଶୁଖ୍ରୀଷ୍ଟ ଗୁରୁତ୍ୱ ଦେଇ କହିଛନ୍ତି ଯେ ପରମେଶ୍ୱର ହେଉଛନ୍ତି ବ୍ୟକ୍ତିଗତ । ଖ୍ରୀଷ୍ଟିଆନ ଧର୍ମଗ୍ରନ୍ଥ (Old Testament)ରେ ପରମେଶ୍ୱର ବ୍ୟକ୍ତିଗତ ଭାବେ କହିଛନ୍ତି ଯେ ''ଅନ୍ୟ ଯେକୌଣସି ବସ୍ତୁର ଅସ୍ତିତ୍ୱ ପୂର୍ବରୁ ପରମେଶ୍ୱରଙ୍କ ସହିତ ତାଙ୍କର ଅସ୍ତିତ୍ୱ ରହିଥିଲା । ସେ ସର୍ବଦା ଜୀବନ୍ତ ରହି ଆସିଛନ୍ତି ଏବଂ ନିଜେ ମଧ୍ୟ ପରମେଶ୍ୱର । ସେ ସବୁକିଛି ସୃଷ୍ଟି କରିଥିଲେ ଏବଂ ଏପରି କିଛି ନାହିଁ ଯାହାକୁ ସେ ସୃଷ୍ଟ କରି ନଥିଲେ । ତାଙ୍କ ସହିତ ରହିଛି ଚିରନ୍ତନ ଜୀବନ ଏବଂ ଏହି ଜୀବନ ସମଗ୍ର ମାନବସମାଜକୁ ଆଲୋକ ପ୍ରଦାନ କରେ । ତାଙ୍କର ଜୀବନ ହେଉଛି ଆଲୋକମୟ ଏବଂ ଅନ୍ଧକାର ମଧ୍ୟରେ ସେ କିରଣ ପ୍ରଦାନ କରନ୍ତି ଏବଂ ଅନ୍ଧକାର ଏହାକୁ କଦାପି ନିର୍ବାପିତ କରିପାରିବ ନାହିଁ ।''

ପରମେଶ୍ୱର ହେଉଛନ୍ତି ଏକ । ସେ ହେଉଛନ୍ତି ମୌଳିକ ଗତି ଓ ଉତ୍ସ ବା ମୂଳ କାରଣ । ପରମେଶ୍ୱର ବିଶ୍ୱକୁ ସୃଷ୍ଟି କରିବା ପୂର୍ବରୁ ଅନ୍ୟ କିଛି ନଥିଲା । ପରମେଶ୍ୱର ବିଶ୍ୱକୁ ସୃଷ୍ଟି କରିବାକୁ ଚାହିଁଲେ । ଏହି ବିଶ୍ୱ ଦେଶ ଓ କାଳ ମଧ୍ୟରେ ସୃଷ୍ଟ ହୋଇ ନଥିଲା; କିନ୍ତୁ ଦେଶ ଓ କାଳ ବିଶ୍ୱର ଅଂଶଭାବେ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିଲା । ତାଙ୍କ ଦ୍ୱାରା ସୃଷ୍ଟ ବିଶ୍ୱ ହେଉଛି ମଙ୍ଗଳମୟ । କାରଣ ପରମେଶ୍ୱର ହେଉଛନ୍ତି ଆନନ୍ଦମୟ, ଦୟାମୟ ଓ ନ୍ୟାୟବାନ୍ । ପରମେଶ୍ୱର ତାଙ୍କ ସୃଷ୍ଟିର ସକଳ ପ୍ରାଣୀଙ୍କୁ ଭଲପା'ନ୍ତି । ପରମେଶ୍ୱର ହେଉଛନ୍ତି କରୁଣାମୟ । ଯଦିଓ ପରମେଶ୍ୱର ମଙ୍ଗଳମୟ, ସର୍ବଜ୍ଞ ତଥାପି

ସେ ମନୁଷ୍ୟକୁ ତାହାର ଅପୂର୍ଣ୍ଣ ପ୍ରକୃତି ଓ ଦୁଃଖକଷ୍ଟର ପରିଣାମରୁ ନିବୃତ୍ତ କରାଇବା ପାଇଁ ଅକ୍ଷମ ହୋଇ ଥା'ନ୍ତି ।

ଉପରୋକ୍ତ ସକଳ ଗୁଣ ଊଣାଅଧିକେ ଯିଶୁଖ୍ରୀଷ୍ଟଙ୍କଠାରେ ଦେଖାଯାଏ । ସେ ପବିତ୍ର ଆତ୍ମା (Holy Spirit) ଓ ପବିତ୍ର ପିତାଙ୍କ (Holy Father) ସହ ସମକକ୍ଷ ଅଟନ୍ତି । ସାଧୁ ଜନ୍ (St. John)ଙ୍କ ଲିଖିତ ଖ୍ରୀଷ୍ଟ-ଧର୍ମବାଣୀରେ ଯିଶୁ କହିଛନ୍ତି, ''ମୋଠାରୁ ପରମ ପିତା ମହତ୍ତର'' । ପୁନଶ୍ଚ ସେହି ଧର୍ମବାଣୀରେ ଅନ୍ୟତ୍ର କହିଛନ୍ତି ଯେ ପବିତ୍ର ପିତାଙ୍କଠାରୁ ସେ ଏକ 'ଧର୍ମାଦେଶ' ପାଇଛନ୍ତି । ତାହା ହେଉଛି, ''ସେ ନିଜେ କିଛି କରିପାରିବେ ନାହିଁ ।'' ପୁନଶ୍ଚ ସେହି ଧର୍ମବାଣୀରେ କୁହାଯାଇଛି, ''ଯିଶୁ ଏବଂ ପବିତ୍ର ପିତା ଏକ ।'' ଈଶ୍ୱର ପିତା ହେଉଛନ୍ତି ସ୍ୱର୍ଗ ଓ ପୃଥିବୀର ସ୍ରଷ୍ଟା । ପରମେଶ୍ୱର ହେଉଛନ୍ତି ମାନବସମାଜର ପ୍ରାଣକର୍ତ୍ତା । ଗିର୍ଜାର ପୂଜା ଓ ଆରାଧନାର କେନ୍ଦ୍ର । ଯିଶୁଖ୍ରୀଷ୍ଟ ହେଉଛନ୍ତି ମୂର୍ତ୍ତିମନ୍ତ ପରମେଶ୍ୱର । କିନ୍ତୁ ଖ୍ରୀଷ୍ଟିଆନମାନେ ତାଙ୍କୁ ମନୁଷ୍ୟ ମୂର୍ତ୍ତି ଧାରଣ କରିଥିବା ଈଶ୍ୱର ବୋଲି ମନେ କରନ୍ତି, କାରଣ ଦିବ୍ୟତ୍ୱ ଅପେକ୍ଷା ଅବତାର-ଗ୍ରହଣ ହେଉଛି ଅଧିକ ମହାନ୍ । ସେ ଥିଲେ ଦିବ୍ୟପ୍ରେମ, ଦିବ୍ୟକରୁଣା ଓ ଦିବ୍ୟ-ମଙ୍ଗଳର ପୂର୍ଣ୍ଣ ଅଭିବ୍ୟକ୍ତି । କିନ୍ତୁ ଯିଶୁଖ୍ରୀଷ୍ଟ ପରମେଶ୍ୱର ନୁହନ୍ତି ।

ଇହୁଦୀମାନଙ୍କ ବର୍ଣ୍ଣିତ ଖ୍ରୀଷ୍ଟିଆନ ଧାରଣାରେ ପରମେଶ୍ୱରଙ୍କୁ ବିଚାର କରାଯାଇଛି ଅସୀମ, ଚିରନ୍ତନ, ସ୍ୱୟଂସ୍ଥିତ, ଯାହାକିଛି ରହିଛି, ସେସବୁର ସ୍ରଷ୍ଟାରୂପେ । ପରମେଶ୍ୱରଙ୍କୁ ଧାରଣା କରାଯାଇଛି, 'ପରମପ୍ରଭୁ', 'ମହାରାଜା' ଓ 'ପରମପିତା' ରୂପେ । ପରମେଶ୍ୱରଙ୍କ ମଙ୍ଗଳମୟତା, ପ୍ରେମ ଓ କରୁଣା ପ୍ରାୟ ସମାର୍ଥବୋଧକ ଏବଂ ଏସବୁର ମୁଖ୍ୟ ଗୁଣ ହେଉଛି ପ୍ରେମ । ଚିନ୍ତା ଓ କର୍ମରେ ସେ ହେଉଛନ୍ତି ପବିତ୍ର । ତେଣୁ ପରମେଶ୍ୱରଙ୍କୁ ଧାରଣା କରାଯାଇଛି ଅସୀମ, ଶାଶ୍ୱତ, ଅସୃଷ୍ଟ, ବ୍ୟକ୍ତିଗତ ସତ୍ୟ ଏବଂ ଯାହାକିଛି ଅବସ୍ଥିତ ସେସବୁର ସ୍ରଷ୍ଟାରୂପେ । ଯିଶୁଖ୍ରୀଷ୍ଟ ନିଜକୁ ପରମେଶ୍ୱର ରୂପେ କଦାପି ଦାବି କରି ନାହାନ୍ତି । ସେ ଈଶ୍ୱରଙ୍କ ସହିତ ନିଜର ଏକତ୍ୱ କଥା ପ୍ରଚାର କରିଛନ୍ତି ଏବଂ କହିଛନ୍ତି ଯେ ସେ ପରମେଶ୍ୱରଙ୍କ ପୁତ୍ର ।

**ଈଶ୍ୱରଙ୍କ ପ୍ରକଟିତ ଜ୍ଞାନ :**

ଏହା ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ କିଛି ସତ୍ୟ ଯାହା ମାନବସମାଜକୁ ପ୍ରଦତ୍ତ ହୋଇଥାଏ । ଏହି ଦୃଷ୍ଟିକୋଣରୁ ଏହା ସତ୍ୟର ଏକ ବିବରଣ ଓ ପରମେଶ୍ୱରଙ୍କ ଏକ ଆତ୍ମପ୍ରକାଶ ।

ପୁରାତନ ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ର ବାଇବେଲ (Old Testament)ରେ ଈଶ୍ୱର ନିଜକୁ ପ୍ରକଟ କରିଥିଲେ ଭୟାନକ ଭାବରେ । କିନ୍ତୁ ନୂତନ ଧର୍ମଶାସ୍ତ୍ର (New Testament)ରେ ସେ ନିଜକୁ ମଙ୍ଗଳମୟଭାବେ ପ୍ରକାଶ କରିଥିଲେ । ଧର୍ମୀୟ ସତ୍ୟର ଦିବ୍ୟ-ଘୋଷଣା ବିଶ୍ୱାସଯୋଗ୍ୟଭାବେ ବାଇବେଲରେ ପ୍ରକାଶିତ ହୋଇଛି ।

ଧର୍ମତତ୍ତ୍ୱରେ ବିଶ୍ୱାସ ସର୍ବଦା କେତେକ ଅବିଶ୍ୱାସ ଉପରେ ଆଧାରିତ ହୋଇଥାଏ । କିନ୍ତୁ ଏହାର ସାରାଂଶ ହେଉଛି ସତ୍ୟ । ଯେ କେହି ଏହି ସତ୍ୟ ପ୍ରତି ନିଷ୍ଠାବାନ୍ ହୁଅନ୍ତି, ତାଙ୍କଠାରେହିଁ ଏହା ପ୍ରକାଶିତ ହୋଇଥାଏ । ଐଶ୍ୱରିକ ପରିପ୍ରକାଶ କେବଳ ଧର୍ମୀୟ ଅଭିଜ୍ଞତା ମଧ୍ୟରେ ଆବଦ୍ଧ ନୁହେଁ । ଏହା ମାନବ-ଜ୍ଞାନର ଏକ ପ୍ରଗତି ଏବଂ ବାସ୍ତବରେ ସକଳ ମାନବୀୟ ବିକାଶରେ ଯଥା : ବିଜ୍ଞାନ, କଳା, ନୈତିକତା, ଧର୍ମ ବା ସାଧାରଣ କ୍ରିୟାକଳାପରେ ମଧ୍ୟ ଏହା ପ୍ରକାଶିତ ହୋଇଥାଏ । କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଧର୍ମୀୟ ଅଭିଜ୍ଞତା ହେଉଛି ସେହି ଅଭିଜ୍ଞତା ଯେତେବେଳେ ପରମେଶ୍ୱର ମନୁଷ୍ୟ ମଧ୍ୟରେ ନିଜକୁ ପ୍ରକାଶ କରନ୍ତି ଏକ ଉଚ୍ଚତମ ସ୍ତରରେ ।

**ପରିତ୍ରାଣର ଅବସ୍ଥା :**

ମୁକ୍ତ ଅବସ୍ଥା ହେଉଛି ରକ୍ଷା କରିବାର ଅବସ୍ଥା । ଏହା ହେଉଛି ଯିଶୁଖ୍ରୀଷ୍ଟଙ୍କ ଦ୍ୱାରା ମାନବସମାଜକୁ ତାହାର ପାପ ଓ ଲୋଭରୁ ମୁକ୍ତି ପ୍ରଦାନର ଅବସ୍ଥା । ଯିଶୁଖ୍ରୀଷ୍ଟ ଥିଲେ ମାନବସମାଜର ରକ୍ଷାକାରୀ ଓ ତ୍ରାଣକର୍ତ୍ତା । ତ୍ରାଣକାର୍ଯ୍ୟର ପ୍ରଥମ ଆବଶ୍ୟକତା ହେଉଛି ପାପୀକୁ କ୍ଷମା କରିବା ଓ ପାପମୟ ଜୀବନକୁ ତ୍ୟାଗ କରିବା ଏବଂ ପ୍ରେମ, ସେବା ଓ ବନ୍ଧୁତାର ଜୀବନକୁ ଗ୍ରହଣ କରିବା । ଦ୍ୱିତୀୟ ସ୍ତର ହେଉଛି ଆତ୍ମାର ଉପଶମ । ଏହା ଉଭୟ ଭୌତିକ ଓ ମାନସିକ କ୍ଷେତ୍ରରେ ହୋଇପାରେ । ଆତ୍ମାର ଶୁଦ୍ଧୀକରଣ ଉପରେହିଁ ମୁକ୍ତି ନିର୍ଭର କରେ । ସେହି ପ୍ରେମ ନିମିତ୍ତ ଈଶ୍ୱରଙ୍କୁ ଶ୍ରଦ୍ଧା ଓ ପାପୀକୁ କ୍ଷମା ବ୍ୟତୀତ ଈଶ୍ୱର ପ୍ରେମ ଅସମ୍ଭବ । ଏପରି ମୁକ୍ତି ନିମିତ୍ତ ଦିବ୍ୟ-କରୁଣା ଓ ପ୍ରେମ ଏକାନ୍ତ ଆବଶ୍ୟକ । ଏହା ପ୍ରାର୍ଥନା, ଆରାଧନା, ଧ୍ୟାନ ଓ ଦିବ୍ୟପ୍ରେମ ମଧ୍ୟଦେଇ ଲାଭ କରାଯାଇପାରେ ।

(କ୍ରମଶଃ) ✤

# 'ତୁମେ ସାହାଯ୍ୟ କରିବ କି ?'

## ଶ୍ରୀ ବିମଳ ପ୍ରସନ୍ନ ଦାସ

୧୯୭୦ ମସିହାରେ ଦିବ୍ୟଜନନୀଙ୍କ ନବ ବର୍ଷର ବାର୍ତ୍ତାଥିଲା, ''The world is prepering for a big change. Will you help?'' (MCW Vol-15, page 175) । ଅର୍ଥାତ୍ ''ପୃଥିବୀ ଏକ ବିପୁଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି, ତୁମେ ସାହାଯ୍ୟ କରିବ କି ?'' ପ୍ରତ୍ୟେକ ବର୍ଷ ଆରମ୍ଭରେ ନୂଆ ବାଣୀ ବା ବାର୍ତ୍ତା ଦେଇ ମା' ସମଗ୍ର ପୃଥିବୀ, ମାନବଜାତି ଓ ଆଗତ ନୂତନ ବର୍ଷଟି ଉପରେ ପ୍ରେମ ଓ ଆଶିଷର କଲ୍ୟାଣମୟୀ ଧାରା ଢାଳି ଦିଅନ୍ତି । ଏହି ସବୁ ବାଣୀ ସେମାନଙ୍କ ମଧ୍ୟରେ ଦିବ୍ୟ-ସତ୍ୟ ନିମନ୍ତେ ଯେଉଁ ଆସ୍ପୃହା, ସଂକଳ୍ପ ଓ ଶକ୍ତିର ଜାଗ୍ରତ୍ କରାନ୍ତି, ସେ ସବୁ ଦିବ୍ୟ-ରହସ୍ୟର ଗଭୀରତା କିଏ କଳ୍ପନା କରି ପାରିବ ? ସେହି ଦିବ୍ୟ-ବାଣୀର ତାତ୍ପର୍ଯ୍ୟ ଉପରେ ଆଲୋଚନା ବି ମାନୁଷୀ ଚେତନାର ବହୁ ଊର୍ଦ୍ଧ୍ୱରେ ।

ପ୍ରଥମେ ଦେଖାଯାଉ ପରିବର୍ତ୍ତନ କହିଲେ ଆମେ କ'ଣ ବୁଝୁ । ସାଧାରଣତଃ ବାହାରର କେତେକ ପରିବର୍ତ୍ତନକୁ ଆମେ ଯଥାର୍ଥ ପରିବର୍ତ୍ତନ ବୁଝିଥାଉ । ଏହା ହୁଏତ ପାରିବେଶିକ, ଅର୍ଥନୈତିକ, ସାମାଜିକ, ରାଜନୈତିକ ଅଥବା ଭୌଗୋଳିକ, ସାଂସ୍କୃତିକ, ଐତିହାସିକ ଏପରି କେତେକ ଅବସ୍ଥା ବ୍ୟବସ୍ଥାର ସ୍ଥିତି ମଧ୍ୟରେ ସୀମିତ । ସୃଷ୍ଟିର ଆରମ୍ଭରୁ ଅବଧି କେତେ ଧର୍ମ, କେତେ ସଭ୍ୟତା, କେତେ ଯୁଦ୍ଧର ଜୟ-ପରାଜୟ ଜନିତ ଉତ୍ଥାନ ପତନ ଘଟିଗଲାଣି । କିନ୍ତୁ ଏସବୁ ସତ୍ତ୍ୱେ ବୋଧହୁଏ ଆଦିମ ଯୁଗର ମଣିଷ ଏବଂ ଆଜିର ତଥାକଥିତ ସଭ୍ୟ ଶିକ୍ଷିତ ମଣିଷ ମଧ୍ୟରେ କିଛି ମୌଳିକ ପରିବର୍ତ୍ତନ ହୋଇଥିବା ପରି ମନେ ହୁଏ ନାହିଁ । ଠିକ୍ ଏହି କଥା ସବୁଜ ଅରଣ୍ୟର ମାୟାଲୋକ ମଧ୍ୟରେ ଶାଲ୍ୱ ବଂଶର ବନବାସୀ ରାଜକୁମାର 'ସତ୍ୟବାନ୍' ମଦ୍ରରାଜ ନନ୍ଦିନୀ 'ସାବିତ୍ରୀ'ଙ୍କୁ କହିଥିଲେ । ଅତୀତର ସେ ମଣିଷକୁ ହିଂସା, ଈର୍ଷା, ଦ୍ୱେଷ, ମୋହ, ମାୟା, ଲୋଭ ଇତ୍ୟାଦି ଅପଶକ୍ତି ଯେପରି କବଳିତ କରିଥିଲା ଆଜି ବି ସେହି ଅନ୍ଧକାର ଶକ୍ତିର ଅଖଣ୍ଡ ଆଧିପତ୍ୟ ଓ ଅତ୍ୟାଚାର ଅକ୍ଷୁଣ୍ଣ ରହିଛି । ଜରାଜୀର୍ଣ୍ଣ ଏବଂ ମୃତ୍ୟୁ ହାତରେ ମଣିଷ ଏବେ ବି ଅସହାୟ ।

କିନ୍ତୁ ଦିବ୍ୟଜନନୀ ଯେଉଁ ପରିବର୍ତ୍ତନ କଥା କହିଛନ୍ତି, ତାହା ମଣିଷର ସ୍ୱଭାବ ଓ ପ୍ରକୃତିର ପରିପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିପାଦିତ କରେ । ଏହାର ଅନିବାର୍ଯ୍ୟତାକୁ ଦର୍ଶାଇ 'ଋଷି ଶ୍ରୀଅରବିନ୍ଦ କହିଛନ୍ତି ଏ ନୂତନ ପଦକ୍ଷେପ ପ୍ରକୃତରେ ଗୋଟିଏ ଜଗତରୁ ଆଉ ଗୋଟିଏ ଜଗତକୁ ପରିବର୍ତ୍ତନର ସୋପାନ । କାରଣ ଆଜି ପର୍ଯ୍ୟନ୍ତ ସମସ୍ତ ସୃଷ୍ଟି ନିମ୍ନ ଗୋଲାର୍ଦ୍ଧର ଅନ୍ତର୍ଭୁକ୍ତ, ଯାହା ଅଜ୍ଞାନ ଦ୍ୱାରା ପରିଚାଳିତ ଏବଂ ତା'ର ଭିତ୍ତି ହେଉଛି ନିଶ୍ଚେତନା । ଏହି ସ୍ଥିତିର ପରିବର୍ତ୍ତନ ହୋଇ ଅନ୍ୟ ଜଗତଟି ଠିକ୍ ତା'ର ଓଲଟା ରୂପ ନେବ । ଅର୍ଥାତ୍ ଯଥାର୍ଥରେ ହେବ ଏକ ନୂତନ ଜଗତ୍ ।''

''And he also says that it will truly be the changing of one world into another, for so far the whole creation belonged to what he calls "the lower hemisphere" as we know it, which is governed by Ignorance and based upon the Inconscient, whereas the other one will be a complete reversal, the sudden appearance of something which will belong to quite a different world, and which instead of being based on Ignorance will be based upon Truth. That is why it will truly be a new world.''

(MCW, Vol-9, page. 158) - 24 July 1957

କିନ୍ତୁ ଏ ପରିବର୍ତ୍ତନକୁ ଗ୍ରହଣ କରିବାରେ ଆମର ସମସ୍ୟା ହେଉଛି ଏହି ଯେ ବର୍ତ୍ତମାନ ଆମରି ଭିତରେ ଏକ ସଙ୍ଗରେ ରହିଛି ଉଭୟ ପୁରାତନ ଏବଂ ନୂତନ ପୃଥିବୀ । ଭଗବାନଙ୍କ ସହିତ ପ୍ରକୃତ ସହଯୋଗିତାର ଅର୍ଥ ହେଉଛି ଆମ ଭିତରୁ ପୁରାତନ ପୃଥିବୀର ଅପସାରଣ ଏବଂ ନୂତନ ଯୁଗର ଅବସ୍ଥାପନ । ଏଥି ନିମନ୍ତେ ମା' କହିଛନ୍ତି —''ଏ ନୂତନ ଜଗତରେ ପହଞ୍ଚିବା ପାଇଁ ବିଭିନ୍ନ ପଥ ରହିଛି । ସେଥିରୁ ଗୋଟିଏ ବାଟ ହେଉଛି :

୧. ବର୍ତ୍ତମାନ ଜଗତ୍ ସମ୍ପର୍କରେ ସମ୍ପୂର୍ଣ୍ଣ ବିରକ୍ତ ହୋଇ ଜଣେ (thoroughly disgusted) ବାହାରି ଆସିବା ପାଇଁ ଏବଂ ତା'ଠାରୁ ଭିନ୍ନ ଅନ୍ୟ କିଛି ଲାଭ କରିବା ନିମନ୍ତେ ତୀବ୍ର ଭାବରେ ଅଭୀପ୍ସା କରିବା ।

୨. ଆଉ ଗୋଟିଏ ବାଟ ଯାହା ଅଧିକ ନିଶ୍ଚିତ । ତାହା ହେଉଛି ଏକ ବିରକ୍ତିକର ଜଗତ୍ ଅପେକ୍ଷା ଅଧିକ ସତ୍ୟ, ଶିବ ଓ ସୁନ୍ଦର କିଛି ଆମର ସମୀପବର୍ତ୍ତୀ ହେଉଥିବାର ଉପଲବ୍ଧି କରିବା ।

୩. ଫଳତଃ ବର୍ତ୍ତମାନର ପରିସ୍ଥିତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଦୃଢ଼ ସଂକଳ୍ପ ସହ ନୂତନ ଜଗତ୍ ଆଡ଼କୁ ଆଗେଇ ଚାଲିବା । ଏହାକୁ ଅନିବାର୍ଯ୍ୟ ସତ୍ୟ ଭାବରେ ଗ୍ରହଣ କରିନେବାହିଁ ମୀମାଂସା । ଦୃଢ଼ ବିଶ୍ୱାସ ରଖିବାକୁ ହେବ ଯେ ଆଗାମୀ କାଲିର ଏହାହିଁ ଅନିବାର୍ଯ୍ୟ ସତ୍ୟ ଓ ବାସ୍ତବ ରୂପ । କୌଣସି ପ୍ରତିବନ୍ଧକ ଏହି ଗତିଧାରାକୁ ପ୍ରତିହତ କରିବା ଅବାନ୍ତର । ଏହି ସତ୍ୟ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ତୀବ୍ର ଭାବରେ କ୍ରିୟାରତ ।

ମା'ଙ୍କର ଏହି ଅନୁପମ ଉକ୍ତିଟି ଭିତରେ ରହିଛି ବିପୁଳ ସମ୍ଭାବନା, ମହାନ୍ ଭରସା, ଅସରନ୍ତି ଆଶ୍ୱାସନା ଏବଂ ଏକ ଅପ୍ରତିହତ ଆନନ୍ଦର ଆହ୍ୱାନ । ଏହାକୁ ନିରନ୍ତର ସ୍ମରଣ କରି ପରିବର୍ତ୍ତିତ ସମୟରେ କିପରି ସକ୍ରିୟ ଭାବରେ ଆମେ ସଂପୃକ୍ତ ଓ ସଚେତନ ରହିପାରିବା ସେ ଦିଗରେ ମା'ଙ୍କର ପ୍ରେରଣାପୂର୍ଣ୍ଣ ବାଣୀ ଆମର ବଳିଷ୍ଠ ଆୟୁଧ ଓ ଶକ୍ତି ।

ମା' ଆହୁରି ସ୍ପଷ୍ଟ କରି କହିଛନ୍ତି ''ପ୍ରଧାନ କଥା ହେଉଛି ଏହି ବିଷୟଟିକୁ ସର୍ବଦା ସ୍ମରଣ ରଖିବା ଏପରିକି ଯେତେବେଳେ ଏ ସମ୍ପର୍କରେ ତୁମର କୌଣସି ନିର୍ଦ୍ଦିଷ୍ଟ ଅନୁଭୂତି ନଥାଏ, ସେତେବେଳେ ମଧ୍ୟ ତୁମେ ନିଜ ଭିତରେ ଏ ସମ୍ପର୍କରେ ଏକ ଦୃଢ଼ ଓ ଗଭୀର ବିଶ୍ୱାସ ରଖିବା ଉଚିତ । ଏହାକୁ ନିରନ୍ତର ସ୍ମରଣ ରଖିବାକୁ ହେବ, ମନେ ପକାଇବାକୁ ହେବ ଯେପରି ଏହି ବିଷୟଟି ସର୍ବଦା ସ୍ମରଣରେ ରଖି ତୁମେ ଶୋଇବାକୁ ଯାଅ ଏବଂ ପୁଣି ନିଦରୁ ଉଠି ଏହି ଅନୁଭୂତିର କଥାହିଁ ମନେ ପକାଅ । ତୁମେ ଏଥିରେ ଅଂଶ ଗ୍ରହଣ କରିପାରିବ, ତୁମେ ସ୍ୱୟଂ ଏହି ନୂତନ ପୃଥିବୀ ହୋଇ ଉଠିପାରିବ ।''

ସେହି ନବବର୍ଷ ବାଣୀରେ ମା' ଯାହା କହିଛନ୍ତି, ''ତୁମେ ସାହାଯ୍ୟ କରିବ କି ?'' ସେ ସମ୍ପର୍କରେ ଏକ ପ୍ରଶ୍ନ ହେଲା କିପରି ଭାବରେ ଆମେ ସାହାଯ୍ୟ କରିପାରିବୁ ? ମା' ଉତ୍ତରରେ କହିଥିଲେ, ''The best way of helping is to let the Consciousness that has come down upon earth work in you for transformation.''

(MCW, 9th Janary 1970, Vol-15, page. 181)

ଅର୍ଥାତ୍, ''ସାହାଯ୍ୟର ସର୍ବୋତ୍ତମ ପଥ ହେଲା ପୃଥିବୀ ଉପରେ ଯେଉଁ ଚେତନା ଉତରି ଆସିଛି, ତା'କୁ ତୁମ ଭିତରେ ରୂପାନ୍ତରର କାର୍ଯ୍ୟ କରିବା ପାଇଁ ଛାଡ଼ିଦିଅ ।''

ଆମକୁ ମନେ ରଖିବାକୁ ହେବ ଯେ ସତ୍ୟ ଏକ ପଥହୀନ ସାମ୍ରାଜ୍ୟ । ✤

ଭଗବାନଙ୍କ ବ୍ୟତୀତ ଅନ୍ୟ କେଉଁଠାରୁ କିଛି ସହାୟତା ଖୋଜ ନାହିଁ । ଭଗବାନଙ୍କ ବ୍ୟତୀତ ଅନ୍ୟ କେଉଁଥିରେ କିଛି ସନ୍ତୋଷ ଖୋଜ ନାହିଁ । ଭଗବାନଙ୍କ ବ୍ୟତୀତ ଅନ୍ୟ କାହାଠାରୁ ତୁମ ପ୍ରୟୋଜନର ପରିପୂରଣ ଖୋଜ ନାହିଁ । – କେବେ ନୁହେଁ, ଆଦୌ କୌଣସି କିଛି ପାଇଁ ନୁହେଁ । ତୁମର ସମସ୍ତ ପ୍ରୟୋଜନ କେବଳ ଭଗବାନଙ୍କ ଦ୍ୱାରାହିଁ ପୂରଣ ହୋଇ ପାରିବ । ଯେତେବେଳେ, ଯେଉଁଠି ତୁମର ଯାହା ଆବଶ୍ୟକ ତାହା ପୂରଣ କରିବା ପାଇଁ କେବଳ ସେହିଁ ସମର୍ଥ । ଯଦି ତୁମେ ଆଉ କାହାଠାରୁ କୌଣସି ସନ୍ତୋଷ, ସମର୍ଥନ, ସହାୟତା ବା ଆନନ୍ଦ.... ବା ଭଗବାନ୍ ଜାଣନ୍ତି, ଆଉ କିଛି ଖୋଜିବାକୁ ଚେଷ୍ଟା କର ତା'ହେଲେ ଦିନେ ନା ଦିନେ ତୁମେ ମୁହଁ ମାଡ଼ି ପଡ଼ିବ ଏବଂ ତାହା ବରାବର ପୀଡ଼ା ଦିଏ, ଏପରିକି କେତେକ ସମୟରେ ଅତ୍ୟଧିକ ଯନ୍ତ୍ରଣାଦାୟକ ହୁଏ ।

– ଶ୍ରୀମା

ସାଧନା-ପରମ୍ପରା

# ଯୋଗବାଶିଷ୍ଠ ରାମାୟଣ

## (୭)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ପ୍ରହ୍ଲାଦଙ୍କର ଆତ୍ମଜ୍ଞାନଲାଭ

(*ପୂର୍ବ ପ୍ରକାଶିତ ଉତ୍ତାରୁ ...*)

ପ୍ରହ୍ଲାଦ କହିଲେ – ଏହି ଜଗତ୍ ହେଲା ଓଁକାରରୂପୀ ଆତ୍ମା । ସେ ସୂର୍ଯ୍ୟଙ୍କ ଅନ୍ତରରେ ଥାଇ ସୂର୍ଯ୍ୟଙ୍କୁ ପ୍ରକାଶ କରିଛନ୍ତି; ଅଗ୍ନିକୁ ଉଷ୍ଣ, ଜଳକୁ ଦ୍ରବ କରିଛନ୍ତି । ସେ ସ୍ଥିର ହୋଇ ମଧ୍ୟ ଗତିଶୀଳ, ପୁଣି ଗତିଶୀଳ ହୋଇ ମଧ୍ୟ ସ୍ଥିର । ସେ କର୍ମଫଳ ଭୋକ୍ତା ହେଲେ ମଧ୍ୟ ଭୋଗକାଳରେ ପୁଣି ନିର୍ଲିପ୍ତଭାବେ ଅବସ୍ଥାନ କରନ୍ତି । ସେ କ୍ରମାନୁସାରେ ଜନ୍ମଗ୍ରହଣ କରନ୍ତି ସତ, କିନ୍ତୁ ପୁଣି ବ୍ରହ୍ମାଙ୍କଠାରୁ ତୃଣ ପର୍ଯ୍ୟନ୍ତ ଏହି ଚତୁର୍ଦ୍ଦଶ ଭୁବନକୁ ସାନ୍ନିଧ୍ୟମାତ୍ରେ ପରିଚାଳନା କରୁଛନ୍ତି । ସେ ବାୟୁ ଅପେକ୍ଷା ମଧ୍ୟ ଗତିଶୀଳ, ପୁଣି ସ୍ଥାଣୁ ଅପେକ୍ଷା ମଧ୍ୟ ନିଶ୍ଚଳ, ଆକାଶ ଅପେକ୍ଷା ନିର୍ଲେପ । ବାୟୁ ଦ୍ୱାରା ଯେପରି ବୃକ୍ଷ ଓ ପଲ୍ଲବ ସ୍ପନ୍ଦିତ ହୁଏ, ସେହିପରି ସେ ସମସ୍ତଙ୍କ ମନକୁ ଚଞ୍ଚଳ କରୁଛନ୍ତି । ପୁଣି ଏହି ଆତ୍ମା ଇନ୍ଦ୍ରିୟଗଣଙ୍କୁ ପରିଚାଳିତ କରୁଛନ୍ତି । ସେ କେଉଁଠି ଦୀନଭାବାପନ୍ନ ହୋଇ କର୍ମ କରୁଛନ୍ତି, କେଉଁଠି ସମ୍ରାଟଙ୍କ ପରି ନିଜଠାରେ ଅବସ୍ଥିତ ଥାଇ ବିଷୟ ଭୋଗ କରୁଛନ୍ତି । ଏହି ଆତ୍ମାହିଁ ଅନ୍ୱେଷ୍ଟବ୍ୟ, ଧାତବ୍ୟ ଓ ସ୍ତୋତବ୍ୟ । ତାଙ୍କୁ ଅନ୍ୱେଷଣପୂର୍ବକ ପ୍ରାପ୍ତ ହେଲେ ଜରା-ମରଣସ୍ୱରୂପ ମୋହରୁ ନିଷ୍କୃତି ମିଳେ । ସେ ଜ୍ଞାନ ଦ୍ୱାରା ଲଭ୍ୟ । ଦେହରୂପ ପଦ୍ମକୋଷରେ ଏହି ଆତ୍ମା ଭ୍ରମର ରୂପେ ଅବସ୍ଥାନ କରୁଛନ୍ତି । ତାଙ୍କୁ ଉଚ୍ଚ ସ୍ୱରରେ ଡାକିବାକୁ ହୁଏନା; ନିଜ ଶରୀର ମଧ୍ୟରେ ତାଙ୍କୁ ଦେଖିବାକୁ ହୁଏ । ପ୍ରଣବ ଉଚ୍ଚାରଣପୂର୍ବକ ସ୍ମରଣ କଲେ ସେ ଉପସ୍ଥିତ ହୋଇଥା'ନ୍ତି । ଧନୀ ବ୍ୟକ୍ତିର ଯେପରି ଅହଂକାର ଓ ଅନ୍ୟ ପ୍ରତି ଅବଜ୍ଞା ଥାଏ, ସର୍ବସମ୍ପତ୍ତିଶାଳୀ ଏହି ଆତ୍ମାଙ୍କଠାରେ ସେହିପରି ଅହଂକାର ନାହିଁ ଏବଂ ସେ କାହାକୁ ଅବଜ୍ଞା କରନ୍ତି ନାହିଁ । ପୁଷ୍ପରେ ଗନ୍ଧ ଓ ତିଳରେ ତୈଳ ପରି ସେ ଶରୀର ମଧ୍ୟରେ ରହିଛନ୍ତି । ଆତ୍ମା ହୃଦୟସ୍ଥିତ ଚୈତନ୍ୟରୂପ ହେଲେ ମଧ୍ୟ ଅବିଚାରବଶତଃ ତାଙ୍କୁ ଜଣା ଯାଏନା । ପୁଣି ବିଚାର ବଳ ଦ୍ୱାରା ଯେତେବେଳେ ତାଙ୍କୁ ଜଣାଯାଏ ସେତେବେଳେ ଅପହୃତ ଧନ ପୁନଃପ୍ରାପ୍ତ ହେବା ପରି ପରମ ଆନନ୍ଦ ଲାଭ ହୋଇଥାଏ । ପରମବନ୍ଧୁ ଏହି ଆତ୍ମା ଉପଲବ୍ଧ ହେଲେ ଦିବ୍ୟଦୃଷ୍ଟି ଆବିର୍ଭୂତ ହୋଇଥାଏ ଏବଂ ସେହି ଦିବ୍ୟଦୃଷ୍ଟି ପ୍ରଭାବରେ ସେତେବେଳେ ଜରାମରଣ ଦୂରୀଭୂତ ହୁଏ, ସମସ୍ତ ବନ୍ଧନ ଛିନ୍ନ ହୁଏ, ଯାବତୀୟ ଶତ୍ରୁବର୍ଗ ଧ୍ୱଂସପ୍ରାପ୍ତ ହୁଅନ୍ତି ଏବଂ ଆଶା ଓ ମନକୁ କୌଣସି ବିଷୟରେ ଧାବିତ କରେନା । ଆତ୍ମାଙ୍କୁ ଦେଖିଲେ ସମଗ୍ର ଜଗତ୍ ଦୃଷ୍ଟ ହେଲା; ତାଙ୍କ ତତ୍ତ୍ୱ ଶ୍ରବଣ କଲେ ସବୁ ଶୁଣା ହେଲା; ତାଙ୍କୁ ସ୍ପର୍ଶ କଲେ ସମସ୍ତ ଜଗତ୍ ସ୍ପର୍ଶ କରାହେଲା । କାରଣ,

ଆତ୍ମାଙ୍କର ବିଦ୍ୟମାନତାବଶତଃହିଁ ଏହି ବିଶ୍ୱ ବର୍ତ୍ତମାନ ରହିଅଛି । ଏହି ଆତ୍ମା ଜାଗ୍ରତ୍ ଥାଇ ସୁପ୍ତ ବ୍ୟକ୍ତିମାନଙ୍କୁ ରକ୍ଷା କରନ୍ତି, ବିବେକହୀନ ବ୍ୟକ୍ତିମାନଙ୍କୁ ଦୁଃଖ ଦିଅନ୍ତି, ବିପଦାପନ୍ନ ବ୍ୟକ୍ତିମାନଙ୍କୁ ବିପଦରୁ ମୁକ୍ତ କରନ୍ତି ଏବଂ ଯେଉଁମାନେ ଅନାତ୍ମଭାବେ ଈଶ୍ୱରଙ୍କ ଉପାସନା କରନ୍ତି, ସେମାନଙ୍କୁ ଅଭୀଷ୍ଟଫଳ ଦାନ କରନ୍ତି । ସଂସାରର ସ୍ଥିତିବିଧାନାର୍ଥ ଏହି ଆତ୍ମା ଜୀବଭାବେ ସଜ୍ଜିତ ହୋଇ ଲୋକଲୋକାନ୍ତରରେ ଭ୍ରମଣ କରୁଛନ୍ତି । ଭୋଗ୍ୟ ବିଷୟରେ ବିକଶିତ ହେଉଛନ୍ତି, ଅଳଙ୍କାର ଓ ବସ୍ତ୍ରାଦିର ଶୋଭା ସମ୍ପାଦନ କରୁଛନ୍ତି । ଆତ୍ମା ନିଜ ଦ୍ୱାରା ନିଜକୁ ସର୍ବରୂପେ ଜାଣୁଛନ୍ତି । ଯେଉଁଠି ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟ ଓ ମାନସିକ ବ୍ୟାପାର ରହିଛି, ସେହିଠାରେହିଁ ଆତ୍ମା ଅଛନ୍ତି; ଇନ୍ଦ୍ରିୟ ଓ ମନ ଦ୍ୱାରା ଯେଉଁ ବସ୍ତୁ ପ୍ରକାଶ ପାଇଥାଏ, ସେହି ପ୍ରକାଶହିଁ ହେଲା ଆତ୍ମାଙ୍କ ସ୍ୱଭାବ । ଏହିପରି ଗୁଣସମ୍ପନ୍ନ ଆତ୍ମା ଦେବଗଣଙ୍କ ପର୍ଯ୍ୟନ୍ତ ପ୍ରକାଶସମ୍ପନ୍ନ କରି ରଖିଛନ୍ତି ଏବଂ ଏହି ଆତ୍ମାହିଁ ନିତ୍ୟ ଓ ଶିବସ୍ୱରୂପ । ମୁଁ ହେଲି ଏହି ଆତ୍ମା; ତଦ୍‌ଭିନ୍ନ ମୋର ଆଉ ଯେଉଁସବୁ ପରିଚୟ, ତାହା କେବଳ କଳ୍ପନା । ଧୂଳି ଯେପରି ଆକାଶକୁ ବିଲୁପ୍ତ କରିପାରେନା, ସେହିପରି ଏହି ଆତ୍ମସ୍ୱରୂପ । ମୋ ସହିତ କୌଣସି କିଛିର ସମ୍ପର୍କ ନାହିଁ । ସୁତରାଂ ଶରୀରର ସୁଖଦୁଃଖ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ହେଲି ସର୍ବବିଧ ଭାବର ଅତୀତ; ସୁତରାଂ କେହି ମୋର ବନ୍ଧନ ଘଟାଇ ପାରିବ ନାହିଁ । ଆକାଶ ସହିତ କାହାର କୌଣସି ସମ୍ପର୍କ ଘଟେ କି ? ସୁତରାଂ ଦେହ ଛିନ୍ନବିଚ୍ଛିନ୍ନ ହେଲେ ମଧ୍ୟ ଆକାଶୋପମ — ଦେହୀର ତହିଁରେ କ୍ଷତି କ'ଣ ? ଏହି ମନ ନିରର୍ଥକ ଉଦିତ ହୋଇଅଛି । ତତ୍ତ୍ୱଜ୍ଞାନ ବଳରେ ଯଦି ଏହି ଜଡ଼ ସ୍ୱଭାବ ମନ ବିଲୀନ ହୁଏ, ତହିଁରେ ମୋର କିଛି କ୍ଷତି ନାହିଁ । ଯାହାର ବାସନା ଥାଏ, ତାକୁଇ ମନ କୁହାଯାଏ । ପୂର୍ବେ ମୋର ଏହିପରି ମନ ଥିଲା, ଏବେ ମୋର ଆଉ ନାହିଁ; କାରଣ ଏକ୍ଷଣି ମୋର ଅନ୍ତରରେ କେବଳ ପରମ ଆନନ୍ଦହିଁ ବିରାଜମାନ । ଏତେକାଳ ଅଜ୍ଞାନରୂପ ଶତ୍ରୁ ମୋତେ ନିପୀଡ଼ିତ କରିଅଛି; ମୋର ବିବେକରୂପ ଧନ ଅପହରଣ କରିଅଛି । ଏକ୍ଷଣି ଆତ୍ମରୂପୀ ଭଗବାନ୍ ବିଷ୍ଣୁଙ୍କ ଅନୁଗ୍ରହରେ ସେହି ଧନ ମୁଁ ଉଦ୍ଧାର କରିଅଛି । ମୋର ମୋହ ଅପଗତ ହୋଇଛି; ବିବେକରୂପ ଧନଲାଭ କରି ମୁଁ ପରମ ଐଶ୍ୱର୍ଯ୍ୟ ଲାଭ କରିଅଛି । ମୁଁ ଶମ, ନିୟମ, ସ୍ତୁତି ଓ ପ୍ରଣାମ ଦ୍ୱାରା ଆତ୍ମରୂପୀ ଭଗବାନଙ୍କୁ ଲାଭ କରିଅଛି । ହେ ଈଶ୍ୱର ! ଆପଣଙ୍କୁ ଦର୍ଶନ କରି ମୋର ଅହଂକାର ସୂର୍ଯ୍ୟୋଦୟରେ ଚୋର ପରି ପଳାୟନ କରିଅଛି । ବୃକ୍ଷରୁ ଅଜଗର ସର୍ପ ପ୍ରସ୍ଥାନ କଲେ ବୃକ୍ଷ ଯେପରି ସ୍ୱସ୍ତି ଅନୁଭବ କରେ, ଅହଂକାରସ୍ୱରୂପ ପିଶାଚ ଦୂରୀଭୂତ ହେବାରୁ ମୁଁ ମଧ୍ୟ ସେହିପରି ଶାନ୍ତିଲାଭ କରିଅଛି । ଆଶା ରୂପକ ମରୀଚିକା ବିଲୁପ୍ତ ହେବାରୁ ମୋ' ଅନ୍ତର ଏକ୍ଷଣି ସୁଶୀତଳ ହୋଇଅଛି । ଆତ୍ମବିଚାର ଦ୍ୱାରା ଆତ୍ମା ପରିମାର୍ଜିତ ହେଲେ ଦୁଃଖ, ମୋହ, ଆଶା, ମନୋବେଦନା କିଛି ଆଉ ରହିପାରେନା । ଅହଂକାରର ବିଦ୍ୟମାନତାବଶତଃ ସ୍ୱର୍ଗ-ନର୍କ, ମୁକ୍ତି-ବନ୍ଧନ ପ୍ରଭୃତି ଭ୍ରାନ୍ତି ଜନ୍ମିଥାଏ । କାରଣ, ଚିତ୍ରଫଳକ ଥିଲେ ଚିତ୍ରାଙ୍କନର ଚେଷ୍ଟା ହୁଏ; ଆକାଶରେ ଚିତ୍ର ଅଙ୍କିତ କରିବାକୁ କେହି ଉଦ୍‌ଯୁକ୍ତ ହୁଏନା । ହେ ଆତ୍ମନ୍ ! ଅହଂକାରଶୂନ୍ୟ ଅନ୍ତରରେ ସ୍ୱଚ୍ଛ ଆନନ୍ଦ ସରୋବର ରୂପୀ ମୁହିଁ ତୁମେ; ସେହି ତୁମକୁ ମୁଁ ନମସ୍କାର କରୁଛି । ହେ ଆତ୍ମନ୍ ! ଇନ୍ଦ୍ରିୟଗଣ କ୍ଷୀଣ ହେଲେ ଯେଉଁ ଆନନ୍ଦସାଗରର ଉଦୟ ହୁଏ ସେହି ଆନନ୍ଦ ସାଗରର ସ୍ୱରୂପ ତୁମେ ହେଲ ମୁଁ; ତୁମକୁ ମୁଁ ବାରଂବାର ନମସ୍କାର କରୁଛି । ଅହଂକାର ବିଲୀନ ହେଲେ, ଦିକ୍‌ଦାବାଗ୍ନି ପ୍ରଶମିତ ହେଲେ, ଯେଉଁ ଆନନ୍ଦ ରୂପ ନିଶ୍ଚଳ ପର୍ବତ ବିରାଜମାନ ଥାଏ, ସେହି ଆନନ୍ଦପର୍ବତରୂପୀ ମୋତେ ନମସ୍କାର । ଯାହାଙ୍କଠାରେ ଆନନ୍ଦରୂପ ପଦ୍ମ ପ୍ରସ୍ଫୁଟିତ, ଚିନ୍ତାରୂପ ତରଙ୍ଗ ପ୍ରଶାନ୍ତ, ହେ ଆତ୍ମନ୍ ! ମୋର ସେହି ମାନସ ସରୋବରର ହଂସସ୍ୱରୂପ ତୁମକୁ ବାରଂବାର ନମସ୍କାର କରୁଛି । ବୁଦ୍ଧି ଓ ବୁଦ୍ଧି ବୃତ୍ତିରେ ପ୍ରତିବିମ୍ବିତ ଚୈତନ୍ୟ ଯେଉଁ ହଂସର ପକ୍ଷଦ୍ୱୟ, ସକଳ ମାନସ ସରୋବରର ହଂସରୂପୀ ସେହି ଆତ୍ମାଙ୍କୁ ବାରଂବାର ପ୍ରଣାମ କରୁଛି । ଶମାଦି ଗୁଣସମ୍ପନ୍ନ ମନ ଦ୍ୱାରା କାମାଗ୍ନି-ସନ୍ତପ୍ତ ମନକୁ ମୁଁ ପରାଭୂତ କରିଅଛି । ଇନ୍ଦ୍ରିୟ ଦ୍ୱାରା ଇନ୍ଦ୍ରିୟକୁ, ମନ ଦ୍ୱାରା ମନକୁ ଏବଂ ଅହଂକାର ଦ୍ୱାରା ଅହଂକାରକୁ ପରାଜିତ କରି, ମୁଁ ତଦବଶିଷ୍ଟ ଚିନ୍ମାତ୍ରରୂପେ ଜୟଯୁକ୍ତ ହୋଇଅଛି । ହେ ଆତ୍ମନ୍ ! ଶ୍ରଦ୍ଧା ଦ୍ୱାରା ଅଶ୍ରଦ୍ଧାକୁ, ବିଚାରଶାଳିନୀ ବୁଦ୍ଧି ଦ୍ୱାରା ଦୁର୍ବୁଦ୍ଧିକୁ ଏବଂ ତୃଷ୍ଣାହୀନତା ଦ୍ୱାରା ତୃଷ୍ଣାକୁ ଅତିକ୍ରମ କରି ତୁମେ ସତ୍ୟସ୍ୱରୂପ ହୋଇଅଛ; ତୁମକୁ ବାରଂବାର ନମସ୍କାର । କି ଆଶ୍ଚର୍ଯ୍ୟ ! ଏତେ କାଳ ମୁଁ କ'ଣ ଥିଲି ! ବୃଥା ଅହଂକାରରେ ଆବଦ୍ଧ ହୋଇ ଏତେଦିନ ମୁଁ କି କଷ୍ଟ ଭୋଗ କରିଛି ! ଆଜି ମୁଁ ପ୍ରକୃତ ଜ୍ଞାନ ଲାଭ କରି ନୂତନ ଜନ୍ମ ପ୍ରାପ୍ତ ହେଲି । କାରଣ, ଅହଂକାରରୂପ ମହାମେଘରୁ ମୁଁ ଏକାବେଳେ ନିର୍ମୁକ୍ତ ହୋଇ ଆତ୍ମାଙ୍କୁ ଲାଭ କଲି । ମୁଁ ଭଗବାନ୍ ଆତ୍ମାଙ୍କୁ ଦେଖିଲି, ତତ୍ତ୍ୱତଃ ଜାଣିଲି, ଅନୁଭବ କଲି, ଲାଭ

କଲି । ଆଜି ମୁଁ ଅଦ୍ୱୟ ଚିଦ୍‌ରୂପ ମହେଶ୍ୱରଙ୍କୁ ପାଇଅଛି । ସୁତରାଂ ମୋର ଅଜ୍ଞାନରୂପ ଜଡ଼ତା ଦୂରୀଭୂତ ହେଲା ।

ପ୍ରହ୍ଲାଦ କହିଲେ – ହେ ଭଗବାନ୍ ! ଭାଗ୍ୟବଶତଃ ମୁଁ ଆଜି ଆପଣଙ୍କୁ ଲାଭ କରିଅଛି । ଏହି ତ୍ରିଜଗତରେ ଆପଣଙ୍କ ଛଡ଼ା ମୋର ଆଉ କିଏ ବନ୍ଧୁ ଅଛି ? ଆପଣ ଯେତେଦିନ ଉପଲବ୍ଧ ନ ହୁଅନ୍ତି, ସେତେଦିନ ଆପଣଙ୍କ ଅଭକ୍ତମାନଙ୍କୁ ଆପଣହିଁ ମୃତ୍ୟୁରୂପେ ଗ୍ରାସ କରନ୍ତି । ପକ୍ଷାନ୍ତରରେ ଆପଣଙ୍କ ଭକ୍ତଗଣଙ୍କୁ ଆପଣ ରକ୍ଷା କରନ୍ତି । ସେମାନଙ୍କ ହୃଦୟରେ ଥାଇ ଆପଣ ଆପଣଙ୍କ ସ୍ତବ କରନ୍ତି, ସେମାନଙ୍କ ନିକଟକୁ ଆପଣ ଗନ୍ତା ହୋଇ ଗମନ କରନ୍ତି । ଏହିପରି ଭକ୍ତଗଣଙ୍କର ସର୍ବବିଧ ବ୍ୟବହାର ଆପଣହିଁ ସମ୍ପନ୍ନ କରନ୍ତି । ସେହି ଆପଣଙ୍କୁ ମୁଁ ଆଜି ଲାଭ କଲି । ହେ ପ୍ରଭୋ ! ଆପଣ ନିଜର ସତ୍ତା ଦ୍ୱାରା ସମଗ୍ର ବିଶ୍ୱ ବ୍ୟାପ୍ତ କରିଅଛନ୍ତି । ହେ ସର୍ବଜନହିତକାରିନ୍ ! ପୂର୍ବେ ଆପଣଙ୍କଠାରେ ଓ ମୋ'ଠାରେ ଅତିଶୟ ବ୍ୟବଧାନ ଥିଲା । ଏକ୍ଷଣି ତାହା ଦୂରୀଭୂତ ହୋଇ ଆପଣ ସମୀପସ୍ଥ ହୋଇ ଅଛନ୍ତି । ଆପଣ ଆଉ କୁଆଡ଼େ ପଳାୟନ କରିପାରିବେ ? ହେ ବାନ୍ଧବ ! ଆଜି ମୁଁ କୃତକୃତ୍ୟ ହୋଇଅଛି । ଏହି ଜଗତର କର୍ତ୍ତା ଓ ଭର୍ତ୍ତା ଆପଣଙ୍କୁ ମୁଁ ନମସ୍କାର କରୁଛି । ଆପଣ ଚକ୍ର ଓ ପଦ୍ମଧାରୀ ନିର୍ମଳ ଆତ୍ମା – ଆପଣଙ୍କୁ ନମସ୍କାର । ଆପଣଙ୍କଠାରେ, ମୋ'ଠାରେ ଯେଉଁ ପାର୍ଥକ୍ୟ, ତାହା ହେଲା ଜଳ ଓ ଜଳ ତରଙ୍ଗ ପରି । ଏହି ତରଙ୍ଗ ବୈଚିତ୍ର୍ୟ ରୂପେ ଆପଣ ସର୍ବତ୍ର ପ୍ରକାଶ ପାଉଛନ୍ତି । ସୁତରାଂ ଅନନ୍ତରୂପେ ପ୍ରକାଶମାନ ଆପଣଙ୍କୁ ନମସ୍କାର । ଏତେକାଳ ଆପଣ 'ମୁଁ' ଭାବାପନ୍ନ ହୋଇ ମୋ ଦ୍ୱାରା ପରିଚାଳିତ ହୋଇଛନ୍ତି । ତଦ୍ଦ୍ୱାରା ଆପଣଙ୍କ ଜ୍ଞାନ ଓ ଐଶ୍ୱର୍ଯ୍ୟ ତିରୋହିତ ହୋଇ, ଅସତ୍ ପଥରେ ଗମନପୂର୍ବକ କେତେ ଜନ୍ମରେ କେତେ ଦୁଃଖ ଉପସ୍ଥିତ ନହୋଇଛି ଏବଂ ସେଥିପାଇଁ ମୁଁ ମଧ୍ୟ ଆପଣଙ୍କୁ ଲାଭ କରିପାରି ନାହିଁ । ହେ ଦେବ ! ଆପଣଙ୍କ ବ୍ୟତୀତ ଏହି ଜଗତର ସତ୍ତାହିଁ ଅସିଦ୍ଧ । କାରଣ, ଆପଣଙ୍କୁ ପ୍ରାପ୍ତ ହେଲେ ଏହି ସମଗ୍ର ଜଗତ୍ ପ୍ରାପ୍ତ ହୋଇଥାଏ । ହେ ଦେବ ! ଆଜି ମୁଁ ଆପଣଙ୍କୁ ଦେଖିଅଛି, ଲାଭ କରିଅଛି; ଆପଣ ଯେ ଯଥାର୍ଥ ବସ୍ତୁ, ତାହା ବୁଝିଅଛି ଏବଂ ମୋ ଦ୍ୱାରା ଦୃଷ୍ଟ ଓ ଗୃହୀତ ହୋଇ ଆପଣ ମଧ୍ୟ ମୋହ ନିର୍ମୁକ୍ତ ହୋଇଛନ୍ତି । ହେ ଦେବ ! ଆପଣ ତ ନିଜେହିଁ ସାକ୍ଷାତ୍ ଦର୍ଶନ; ତେବେ ଆପଣ ମୋ କର୍ତ୍ତୃକ ଦୃଷ୍ଟ ହେବେ ନାହିଁ କାହିଁକି ? ଆପଣ ତ ନିଜେହିଁ ସ୍ପର୍ଶ; ତେବେ ମୋ ଦ୍ୱାରା ସୃଷ୍ଟ ହେବେ ନାହିଁ କାହିଁକି ? ଶବ୍ଦ ଶୁଣି ଯିଏ ଅନ୍ତରରେ ଶବ୍ଦ ଶକ୍ତି ପ୍ରଦାନ କରନ୍ତି, ସେ କି ଦୂରରେ ଅବସ୍ଥିତ ହୋଇପାରନ୍ତି ? ମଧୁର ଓ ଅମ୍ଳ ପ୍ରଭୃତି ରସ ଜିହ୍ୱାରେ ସଂସ୍ପୃଷ୍ଟ ହେବାମାତ୍ରେ ଯିଏ ଆସ୍ୱାଦଗମ୍ୟ ହୁଅନ୍ତି, ତାଙ୍କୁ କିଏ ଆସ୍ୱାଦ କରି ନାହିଁ ? ଯିଏ ଘ୍ରାଣରୂପ ହସ୍ତ ଦ୍ୱାରା କୁସୁମଗନ୍ଧ ଗ୍ରହଣ କରନ୍ତି, ସେ ତ ସମସ୍ତଙ୍କର କରତଳଗତ । ବେଦ ଓ ବେଦାନ୍ତାଦି ସର୍ବଶାସ୍ତ୍ରରେ ଯିଏ ପରିଚିତ, ସେହି ଆତ୍ମାଙ୍କୁ ଥରେ ଜାଣିପାରିଲେ ଆଉ କ'ଣ କିଏ ତାଙ୍କୁ ଭୁଲିପାରିବ ? ଯେଉଁସବୁ ଦୈହିକ ଭୋଗରେ ପୂର୍ବେ ମୋର ପ୍ରବୃତ୍ତି ଥିଲା, ହେ ଦେବ ! ଆପଣ ମୋର ନୟନଗୋଚର ହେବାରୁ ବର୍ତ୍ତମାନ ଆଉ ସେହିସବୁ ଭୋଗରେ ମୋର ସ୍ପୃହା ନାହିଁ । ଆପଣହିଁ ସୂର୍ଯ୍ୟଙ୍କୁ ତେଜସ୍ୱୀ ଓ ଚନ୍ଦ୍ରଙ୍କୁ ଶୀତଳ କରିଛନ୍ତି । ଆପଣଙ୍କ ଇଚ୍ଛାରେ ପର୍ବତସକଳ ଗୁରୁ ଏବଂ ଧରିତ୍ରୀ ସର୍ବଂସହା ହୋଇଛନ୍ତି । ଆପଣ ବାୟୁ ପ୍ରଭୃତିକୁ ଧାରଣ କରିଛନ୍ତି ଏବଂ ଆପଣଙ୍କ ଇଚ୍ଛାରେ ପର୍ବତସକଳ ଗୁରୁ ଏବଂ ଧରିତ୍ରୀ ସର୍ବଂସହା ହୋଇଛନ୍ତି । ଆପଣ ବାୟୁ ପ୍ରଭୃତିକୁ ଧାରଣ କରିଛନ୍ତି ଏବଂ ଆପଣଙ୍କ ଇଚ୍ଛାରେ ଆକାଶ ଆକାଶରୂପେ ପ୍ରକାଶ ପାଉଅଛି । ଭାଗ୍ୟକ୍ରମେ ଆପଣ ଆଜି 'ମୁଁ' ହୋଇଛନ୍ତି ଏବଂ ମୁଁ ମଧ୍ୟ 'ଆପଣ' ହୋଇଅଛି; ଅତଏବ ମୁଁ ଆପଣ ଓ ଆପଣ ମୁଁ ଅଟୁ । ହେ ଦେବ ! ସୌଭାଗ୍ୟବଶତଃ ଆଜି ଆଉ ଆପଣଙ୍କଠାରେ ଓ ମୋଠାରେ କୌଣସି ଭେଦ ନାହିଁ । ମୁଁ ଏବଂ ଆପଣ ଏହି ଦୁଇ ଶବ୍ଦ ଆପଣଙ୍କର ବୋଧକ । କାରଣ, ମୁଁ ହେଲି କାର୍ଯ୍ୟ ଆତ୍ମା ଏବଂ ଆପଣ ହେଲେ କାରଣ ଆତ୍ମା । ସୁତରାଂ ଏହି ଶବ୍ଦକୁ ମୁଁ ନମସ୍କାର କରୁଛି; ରୂପବିବର୍ଜିତ, ସୁତରାଂ ସମସ୍ୱରୂପ ମୋତେ ନମସ୍କାର । ହେ ବ୍ରହ୍ମନ୍ ! ଦିକ୍ ଓ କାଳ ପ୍ରଭୃତି ଦ୍ୱାରା ଅନବଚ୍ଛିନ୍ନ, ସାକ୍ଷୀସ୍ୱରୂପ, ନିରାକାର, ମୋ ରୂପ ଆତ୍ମାଙ୍କଠାରେ ଆପଣ ସଂସ୍ଥିତ । ଏହି ଯେଉଁ ବିକ୍ଷୋଭିତ ମନ, ଇନ୍ଦ୍ରିୟ, ପ୍ରାଣପଞ୍ଚକ ଓ ଦେହ, ଏମାନଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ବହୁକାଳ ପରେ ପ୍ରକୃତ ମୁଁ ହୋଇ ନିଜକୁ ଲାଭ କଲି । କଳ୍ପ ଅବସାନରେ ଯେପରି ଜଗତର ଲୟ ହୁଏ, ସେହିପରି ବହୁକାଳ ପରେ ମୋର ଭ୍ରମ ବିଲୀନ ହେଲା । ମୁଁ ଦୀର୍ଘ ସଂସାର ପଥରେ ବୁଲିବୁଲି ଶ୍ରାନ୍ତ ହୋଇଥିଲି; ଏକ୍ଷଣି ମୁଁ ବିଶ୍ରାମ ଲାଭ କଲି । ସମସ୍ତଙ୍କ ଅତୀତ ଓ ସକଳରୂପଧାରୀ ଆପଣଙ୍କୁ ବାରଂବାର ନମସ୍କାର କରେ । ହେ ଆତ୍ମନ୍ ! ପୁଷ୍ପରେ ସୁଗନ୍ଧ ପରି ଆପଣ ସକଳ ଦେହରେ ବର୍ତ୍ତମାନ । ଅହଂକାର ଶୂନ୍ୟ ହୋଇ ମଧ୍ୟ ଆପଣ

ହିଂସା କରୁଛନ୍ତି, ରକ୍ଷା କରୁଛନ୍ତି, ଦାନ କରୁଛନ୍ତି ଓ ସ୍ପର୍ଦ୍ଧା ପ୍ରକାଶ କରୁଛନ୍ତି । ହେ ଈଶ୍ୱର ! ଆପଣଙ୍କ ମାୟା ଅତୀବ ବିଚିତ୍ର । କ୍ଷୁଦ୍ର ବୀଜ ମଧ୍ୟରେ ଯେପରି ବିଶାଳ ବୃକ୍ଷ ବର୍ତ୍ତମାନ ଥାଏ, ସେହିପରି ଅଣୁରୂପୀ ଆପଣଙ୍କ ମଧ୍ୟରେ ଏହି ବିରାଟ ଜଗତ୍ ସର୍ବଦା ବିଦ୍ୟମାନ ଅଛି । ଆକାଶମଣ୍ଡଳରେ ଯେପରି ମେଘସକଳ ହସ୍ତୀ, ଅଶ୍ୱ ପ୍ରଭୃତି ଆକାରରେ ଦୃଷ୍ଟ ହୋଇଥାଏ, ହେ ଦେବ ! ଆପଣ ମଧ୍ୟ ସେହିପରି ସଂକଳ୍ପବଳରେ ନାନା ବସ୍ତୁ ଆକାରରେ ଦୃଷ୍ଟ ହୋଇଥା'ନ୍ତି । ଆପଣହିଁ ପଦାର୍ଥସକଳର ବୋଧା, ଇନ୍ଦ୍ରିୟର କର୍ମସମ୍ପାଦକ, ପ୍ରାଣବାୟୁର ଚାଳୟିତା, ଚିତ୍ତରୂପ ହସ୍ତୀର ମନଧାରା, ବୁଦ୍ଧିର ପ୍ରକାଶକ ଓ ଉତ୍ତାପର କାରଣ । ଆପଣଙ୍କର ଏହି ସକଳ ତତ୍ତ୍ୱବାଣୀ ଆପଣହିଁ ଉପସଂହୃତ କରିନିଅନ୍ତି ବୋଲି ଅନ୍ତର୍ହିତ ହୁଏ; ପୁଣି ଆପଣଙ୍କ ଇଚ୍ଛାରେ ଏହିସବୁ ବାଣୀ ଅନ୍ୟତ୍ର ପ୍ରକାଶ ପାଏ । ମୁଁ, ତୁମେ, ଇଏ, ସିଏ, ଏହିସବୁ ବାକ୍ୟ ଦ୍ୱାରା ଲୀଳାପରାୟଣ ଆପଣ ନିଜକୁହିଁ ନିଜେ ପରିଚିତ କରୁଛନ୍ତି, ଏବଂ ଏହି ଅସଂଖ୍ୟ ପ୍ରାଣୀ ଆକାରରେ ଆପଣ ନିଜେ ପ୍ରକାଶ ପାଉଛନ୍ତି । ଆପଣ ଯେତେବେଳେ ଏହି ଶରୀର ପରିତ୍ୟାଗ କରନ୍ତି, ସେତେବେଳେ ଏହା କାଷ୍ଠ ପରି ଭୂତଳରେ ଲୁଣ୍ଠିତ ହୁଏ । ସୂର୍ଯ୍ୟ ଉଦିତ ହେଲେ, ଅନ୍ଧକାର ସହିତ ଯେପରି ନକ୍ଷତ୍ରାଦିର ପ୍ରଭା ମଧ୍ୟ ବିଲୁପ୍ତ ହୁଏ, ଆପଣଙ୍କ ଉଦୟରେ ସେହିପରି ସୁଖ-ଦୁଃଖର ପ୍ରକାଶ ମଧ୍ୟ ବିଲୁପ୍ତ ହୋଇଥାଏ । ଅଳ୍ପକାଳସ୍ଥାୟୀ ଏହି ସୁଖଦୁଃଖାଦି ମିଥ୍ୟା ହେଲେ ମଧ୍ୟ ଆପଣଙ୍କ ଅନୁଗ୍ରହରେ ପ୍ରକାଶ ପାଏ; ପୁଣି ଆପଣ ଦର୍ଶନପଥରେ ଉପସ୍ଥିତ ହେବା ମାତ୍ରେ ସେମାନେ ବିଲୀନ ହୁଅନ୍ତି । ହେ ଅନନ୍ତରୂପ ଓ ନାମରେ ପରିଚିତ ଆତ୍ମନ୍ ! ଆପଣ ବିବେକହୀନମାନଙ୍କର ହୃଦୟରେ ଯେଉଁ ଯେଉଁ ରୂପରେ ପ୍ରକାଶ ପାଇଥାଆନ୍ତି, ସେହିସବୁ ରୂପର ମୁଁ ବର୍ଣ୍ଣନା କରିବି ନାହିଁ । କାରଣ, ସେହିସବୁ ବର୍ଣ୍ଣନା ଦ୍ୱାରା ମୋ ଅନ୍ତରରେ ତଜ୍ଜାତୀୟ ବାସନା ଉଦ୍‌ବୁଦ୍ଧ ହୋଇପାରେ । ହେ ଈଶ ! ଆପଣ ଏହି ବ୍ରହ୍ମାଣ୍ଡ ଅପେକ୍ଷା ମହାନ୍, ଆପଣଙ୍କର ଜୟ ହେଉ । ହେ ଜାତ ! ହେ ଅଜାତ ! ହେ ଜେୟ ! ହେ ଅଜେୟ ! ହେ କ୍ଷତ ! ହେ ଅକ୍ଷତ ! ହେ ଭାବ ! ହେ ଅଭାବ ! ଆପଣଙ୍କର ଜୟ ହେଉ । ମୁଁ ଯଥାର୍ଥ ଜ୍ଞାନଲାଭ କରିଅଛି, ମୁଁ ବିଜୟୀ ହୋଇଅଛି; ମୋତେ ନମସ୍କାର, ଆପଣଙ୍କୁ ନମସ୍କାର ।

*

ବଶିଷ୍ଠ କହିଲେ — ଏହିପରି କହି ଭଗବାନ୍ ବିଷ୍ଣୁ କ୍ଷୀରୋଦସାଗରକୁ ପ୍ରସ୍ଥାନ କରିବାରୁ, ସ୍ୱର୍ଗରେ ଇନ୍ଦ୍ର ଓ ପାତାଳରେ ଦାନବରାଜ ପ୍ରହ୍ଲାଦ ନିରୁଦ୍‌ବିଗ୍ନ ଭାବେ ରାଜତ୍ୱ କରିବାକୁ ଲାଗିଲେ । ହେ ରାମ ! ମୁଁ ଏବେ ତୁମ ନିକଟରେ ପ୍ରହ୍ଲାଦଙ୍କ ଆତ୍ମବୋଧଲାଭ କଥା କହିଲି । ଯେଉଁମାନେ ପ୍ରହ୍ଲାଦଙ୍କ ଏହି ତତ୍ତ୍ୱଜ୍ଞାନଲାଭ ବିଷୟ ଏକାଗ୍ରଚିତ୍ତରେ ବିଚାର କରିବେ, ଦୁଷ୍କୃତିସମ୍ପନ୍ନ ହେଲେ ମଧ୍ୟ ସେମାନେ ଅଚିରେ ଆତ୍ମଜ୍ଞାନ ଲାଭ କରିବେ । ସାଧାରଣ ବିଚାରବଳ ଦ୍ୱାରା ଯେତେବେଳେ ଦୁଷ୍କୃତରାଶି କ୍ଷୟପ୍ରାପ୍ତ ହୁଏ, ସେତେବେଳେ ଏହି ଯୋଗ ବାକ୍ୟ ବିଚାର କଲେ ଦୁଷ୍କୃତି ଧ୍ୱଂସକରି ପରମପଦ ପ୍ରାପ୍ତ ହେବେ ନାହିଁ କାହିଁକି ?

ରାମ କହିଲେ — ବ୍ରହ୍ମଙ୍କଠାରେ ବିଲୀନ ମହାତ୍ମା ପ୍ରହ୍ଲାଦଙ୍କ ମନ ପାଞ୍ଚଜନ୍ୟ ଶଙ୍ଖଧ୍ୱନିରେ କିପରି ପୁଣି ଉଦ୍‌ବୁଦ୍ଧ ହେଲା, ତାହା ମୋତେ କୁହନ୍ତୁ ।

ବଶିଷ୍ଠ କହିଲେ — ହେ ଅନଘ ! ମୁକ୍ତି ଦ୍ୱିବିଧ; ସଦେହ ମୁକ୍ତି ଓ ବିଦେହ ମୁକ୍ତି । ବିଷୟରେ ଅନାସକ୍ତ ହୋଇ ମାତ୍ର କର୍ତ୍ତବ୍ୟବୁଦ୍ଧିରେ ଯେଉଁ ବ୍ୟକ୍ତି ଇଷ୍ଟ ଓ ଅନିଷ୍ଟ, ଉଭୟ କର୍ମ ସମଭାବେ ସମ୍ପନ୍ନ କରନ୍ତି, ସେ ଜୀବନ୍ମୁକ୍ତ ବା ସଦେହମୁକ୍ତ । ହେ ରାମ ! ତାଦୃଶ ଜୀବନ୍ମୁକ୍ତ ବ୍ୟକ୍ତି ଶରୀର କ୍ଷୟ ପରେ ଯେଉଁ ଅବସ୍ଥା ଲାଭକରନ୍ତି, ତାହାର ନାମ ବିଦେହ ମୁକ୍ତି । ଜୀବନ୍ମୁକ୍ତ ବ୍ୟକ୍ତିଗଣଙ୍କ ହୃଦୟ ଭର୍ଜିତ ବୀଜ ପରି; ସୁତରାଂ ପୁନର୍ଜନ୍ମର ଅଙ୍କୁରହୀନ ଯେଉଁ ବାସନା ଥାଏ, ସେହି ବାସନା ଦ୍ୱାରା ସେମାନେ ସମାଧିରୁ ଉତ୍‌ଥିତ ହୋଇଥା'ନ୍ତି । ହେ ମହାବାହୋ ! ପ୍ରହ୍ଲାଦ ମଧ୍ୟ ପାଞ୍ଚଜନ୍ୟ ଶଙ୍ଖ ଧ୍ୱନିରେ ଉଦ୍‌ବୁଦ୍ଧ, ସେହି ବିଶୁଦ୍ଧ ବାସନା ଦ୍ୱାରା ସମାଧି ମଧ୍ୟରୁ ବ୍ୟୁତ୍‌ଥିତ ହୋଇଥିଲେ । ବିଶେଷତଃ ଭଗବାନ୍ ହରି ସର୍ବଭୂତଙ୍କର ଆତ୍ମା । ସେ ଯେତେବେଳେ ପ୍ରହ୍ଲାଦଙ୍କ ସମାଧିଭଙ୍ଗ ବିଷୟରେ ଇଚ୍ଛାକଲେ, ସେତେବେଳେ ତାଙ୍କର ସେହି ଇଚ୍ଛା ତତ୍‌କ୍ଷଣାତ୍ ସଫଳ ହେଲା । ଯେଉଁ ବ୍ୟକ୍ତି ଆତ୍ମସାକ୍ଷାତ୍କାର ଲାଭକରନ୍ତି, ବାସୁଦେବଙ୍କୁ ମଧ୍ୟ ସେ ଆତ୍ମରୂପରେ ଦେଖିବାକୁ ପାଆନ୍ତି । ହେ ରାଘବ ! ଏହିପରି ବିଚାର ପ୍ରଭାବରେ ତୁମେ ଶାଶ୍ୱତ ଆତ୍ମାଙ୍କୁ ଲାଭକରି ପାରିବ ।

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ) ✥

অন্তরাল জগত্

# ବାରଟି ଇନ୍ଦ୍ରିୟ

## ଶ୍ରୀମା

*ପ୍ରଶ୍ନ : ବାରଟି ଇନ୍ଦ୍ରିୟ କ'ଣ ?*

ଆମ୍ଭମାନଙ୍କୁ ପାଞ୍ଚଗୋଟି ଇନ୍ଦ୍ରିୟ ଦିଆହୋଇଛି, ନୁହେଁ କି ? ସେ ଯାହାହେଉ ଆଉ ଗୋଟିଏ ଇନ୍ଦ୍ରିୟ ଅଛି ଯାହାର କି ଯଥାର୍ଥରେ ଚେତନା ସହିତ ସମ୍ପର୍କ ରହିଛି । ତୁମକୁ ଏକଥା କୁହାଯାଇଛି କି ନାହିଁ ମୁଁ ଜାଣେ ନାହିଁ । କିନ୍ତୁ ଜଣେ ବ୍ୟକ୍ତି ଯେ'କି ଅନ୍ଧ, ଉଦାହରଣସ୍ୱରୂପ ଯେ'କି ଦେଖିପାରେ ନାହିଁ, ସେ କିଛି ଦୂରରେ ଥିବା ଏକ ପଦାର୍ଥକୁ ନ ଛୁଇଁ ମଧ୍ୟ ଏକପ୍ରକାର ବିକଶିତ ଇନ୍ଦ୍ରିୟବୋଧ ଦ୍ୱାରା ଜାଣିପାରେ ଯାହାକି ସ୍ପର୍ଶ ନୁହେଁ କାରଣ ସେ ତାହା ଉପଲବ୍ଧି କରେ ନାହିଁ, ତାହା ଦୃଷ୍ଟିଶକ୍ତି ନୁହେଁ କାରଣ ସେ ତାକୁ ଦେଖେ ନାହିଁ, କିନ୍ତୁ ତାହା ଏକ ସଂଯୋଗ – ଏପରି ଏକ ଜିନିଷ ଯାହା ଶୁଣିବା ବିନା, ଦେଖିବା ବିନା, କିଂବା ଛୁଇଁବା ବିନା ତା'କୁ ସଂପର୍କ-ସ୍ଥାପନ କରିବାରେ ସାହାଯ୍ୟ କରେ । ଆମ୍ଭେମାନେ ଯେଉଁସବୁ ଇନ୍ଦ୍ରିୟକୁ ଅଭ୍ୟାସବଶତଃ ବ୍ୟବହାର କରିଥାଉ ତାହା ବ୍ୟତୀତ ଏହା ହେଉଛି ସବୁଠାରୁ ଉନ୍ନତ ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଅନ୍ୟତମ । ଆଉ ଗୋଟିଏ ଇନ୍ଦ୍ରିୟ ଅଛି : ଏକପ୍ରକାର ନିକଟରୁ ଜାଣିପାରୁଥିବା ଇନ୍ଦ୍ରିୟ : ଯେତେବେଳେ ବ୍ୟକ୍ତି କୌଣସି ପଦାର୍ଥର ପାଖକୁ ଆସେ ସେ ଅନୁଭବ କରେ ଯେପରିକି ସେ ତାକୁ ଛୁଇଁ ପାରୁଛି । ଅନ୍ୟ ଏକ ଇନ୍ଦ୍ରିୟ ଅଛି ଯାହାକି ଶାରୀରିକ ହେଲେ ମଧ୍ୟ ବହୁଦୂରରେ ଥିବା ଘଟଣାବଳୀ ସହିତ ତୁମକୁ ସମ୍ପର୍କିତ କରାଏ; ଏହା ହେଉଛି ଏକପ୍ରକାର ଶାରୀରିକ ଇନ୍ଦ୍ରିୟ କାରଣ ଏହା ଜଡ଼ ଜଗତର ଅଟେ, ଏହା ସଂପୂର୍ଣ୍ଣରୂପେ ମନସ୍ତରର ନୁହେଁ : ସେଠାରେ ଏକ ପ୍ରକାର ଇନ୍ଦ୍ରିୟବୋଧ ଥାଏ । କେତେକ ବ୍ୟକ୍ତି ଅଛନ୍ତି ଯାହାଙ୍କର ବହୁଦୂରରେ ଘଟୁଥିବା ଘଟଣାବଳୀ ବିଷୟରେ ଏକ ପ୍ରକାର ଅନୁଭବ ହୋଇଥାଏ । ତୁମେ ଭୁଲିଯାଅ ନାହିଁ ଯେ ଦୈହିକ ଚେତନାରେ ଅନେକ ପ୍ରକାର ସ୍ତର ଥାଏ : ତାହା ହେଲା ଦୈହିକ ପ୍ରାଣ ଏବଂ ଦୈହିକ ମନ ଯାହା ପୂରାପୂରି ଭୌତିକ ନୁହେଁ । ଜଡ଼ସ୍ତରରେ ଦୂରଦୃଷ୍ଟି ହେଉଛି ମଧ୍ୟ ଏକ ଭୌତିକ ଚେତନା ।... ତେଣୁ ଆମର ଏପରି କିଛି ଅଛି ଯାହାକି ଅଳ୍ପଦୂରରେ ଦେଖିପାରେ, ଆଉ କିଛି ଅଛି ଯାହାକି ଖୁବ୍ ଦୂରରେ ଘଟୁଥିବା ଜିନିଷ ଦେଖିପାରେ ଏବଂ ଆଉ କିଛି ଅଛି ଯାହାକି ଆଗରେ କ'ଣ ଘଟିବ ତାହା ମଧ୍ୟ ଜାଣିପାରେ; ଏ ସବୁ ମିଶିଲେ ତିନିଟି ହେଉଛି । ଏମାନେ ହେଉଛନ୍ତି ଆମ ଇନ୍ଦ୍ରିୟର ଏକ ପ୍ରକାର ଉନ୍ନତ ଅବସ୍ଥା । ଉଦାହରଣସ୍ୱରୂପ ଦୂରରେ ଥାଇ ଶୁଣିବା – କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ବହୁଦୂରରୁ ଗୋଳମାଳର ଶବ୍ଦ ଶୁଣିପାରନ୍ତି, ଯେଉଁମାନେ କି ଦୂରରୁ ବାସନା ବାରିପାରନ୍ତି । ଏସବୁ ହେଉଛି ଏହି ଇନ୍ଦ୍ରିୟମାନଙ୍କର ଏକପ୍ରକାର ପରିପୂର୍ଣ୍ଣତା ।

*ପ୍ରଶ୍ନ : ପାଣିର ସନ୍ଧାନ ପାଇବା ପାଇଁ କେଉଁ ଇନ୍ଦ୍ରିୟକୁ ବ୍ୟବହାର କରାଯାଏ ?*

ବିଭିନ୍ନ ବ୍ୟକ୍ତିଙ୍କ ପକ୍ଷରେ ଉପଲବ୍ଧି ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । କେତେକଙ୍କ ପାଇଁ ଏପରି ହୁଏ ଯେ ଯେପରିକି ସେମାନେ ପାଣି ଦେଖିପାରୁଥିଲେ; ଅନ୍ୟମାନଙ୍କ ପାଇଁ ଯେପରିକି ସେମାନେ ପାଣିର ବାସନା ପାଉଥିଲେ; ଏବଂ ଆହୁରି କେତେକଙ୍କ ପାଇଁ ଏହା ମାନସିକ ସ୍ତରରୁ ଏକପ୍ରକାର ସହଜାତ ଜ୍ଞାନ; କିନ୍ତୁ ଏହା ଏକ ଶାରୀରିକ ଅନୁଭୂତି ନୁହେଁ, ଏହା ଏକ ପ୍ରକାର ପ୍ରତ୍ୟକ୍ଷ ଜ୍ଞାନ ପରି । ଏଠାରେ ଜଣେ ବ୍ୟକ୍ତି ଥିଲେ ଯେକି କହୁଥିଲେ ସେ ବାସନା ବାରି ପାଣି କେଉଠି ପଡ଼ିବ ଜାଣିପାରୁଥିଲେ; ତାଙ୍କର ଗୋଟିଏ ଯନ୍ତ୍ର ଥିଲା । କିନ୍ତୁ ତାହା କେବଳ ଏକ ବାହାନା ... ଏହା ଏକ ଛଡ଼ ପରି ଯାହାକି ବଙ୍କା ହୋଇଯାଏ; ତୁମେ ଯେତେଦୂର ନିଷ୍କ୍ରିୟ ହେବାକୁ ଚେଷ୍ଟା କରନା କାହିଁକି, ତୁମର ଯେତେବେଳେ ଅନୁଭୂତି ହେବ ଯେ ସେଠାରେ କିଛି ନା କିଛି ଅଛି ସେତେବେଳେ ତୁମେ ସର୍ବଦା ସାମାନ୍ୟ ଗତି କରିବ । ମୁଁ ଏପରି ପରୀକ୍ଷା ବହୁତ ଥର କରିଛି : ତୁମେ ଛଡ଼ଟିକୁ ଜଣକୁ ଦିଅ, ତାକୁ ଚାଲିବାକୁ କୁହ; ତୁମେ ନୀରବ ଥାଅ, ସେ ବ୍ୟକ୍ତିଟି ମଧ୍ୟ ନୀରବ ରହୁ, ସମସ୍ତ ଏକାଗ୍ରତା ସହିତ ନୀରବ ରହ; ତା'ପରେ ହଠାତ୍ ତୁମେ ଦୃଢ଼ତାର ସହିତ ଚିନ୍ତାକର : ''ଏହିଠାରେ ପାଣି ଅଛି ଏବଂ ଗୋଟିଏ ପାଦ ଡେଇଁପଡ଼ । ଏହା ଦ୍ୱାରା ଛଡ଼ଟି ସାମାନ୍ୟ ହଲିଯାଏ – ଏଥିରୁ ପରିଷ୍କାର ଜଣାପଡ଼ୁଛି ଯେ ଏହା ହେଉଛି ତୁମେ ପାଇଥିବା ସୂଚନା । କୌଣସି ଧାରଣା ନ ଥାଇ କେବଳ

ପରୀକ୍ଷା କରିବା ନିମନ୍ତେ ମୁଁ ଥରେ ଏପରି ଭାବିଥିଲି; କିନ୍ତୁ ଛଡ଼ ଧରିଥିବା ବ୍ୟକ୍ତିର ହାତରେ ଥିବା ଛଡ଼ଟି ତଳକୁ ଚାଲି ଆସିଥିଲା; ସେ ତା'ର ଅବଚେତନାରେ ଏପରି ସୂଚନା ପାଇଥିଲା ।

*ପ୍ରଶ୍ନ : ଯଦି ବ୍ୟକ୍ତି ଯଥେଷ୍ଟ ନୀରବ ରହେ, ତେବେ ସ୍ନାୟୁମାନେ କ'ଣ ଜଳର ସ୍ପନ୍ଦନ ପାଇ ପାରନ୍ତି ?*

କିନ୍ତୁ ପାଣି ସେଠାରେ ନ ଥିଲା ! ମୁଁ ହେଉଛି ସେହି ବ୍ୟକ୍ତି ଯିଏକି **ଭାବୁଥିଲା** ଯେ ସେଠାରେ ପାଣି ଅଛି (ସେଠାରେ ପାଣି ଥାଇପାରେ, ମୁଁ ଜାଣି ନଥିଲି, ମୁଁ ସେମାନଙ୍କୁ ଖୋଳିବାକୁ କିଂବା ଦେଖିବାକୁ  କହି ନଥିଲି) । କିନ୍ତୁ ଏହା ପରୀକ୍ଷା ଦ୍ୱାରା ପ୍ରମାଣିତ ହେଲା ଯେ ମୋର ଚିନ୍ତାଧାରାହିଁ ଛଡ଼ ଧରିଥିବା ଲୋକର ଅଙ୍ଗୁଳିକୁ ପ୍ରଭାବିତ କରିଥିଲା, ଏବଂ ସେ ଛଡ଼ଟି ତଳକୁ ନଇଁ ଆସିଥିଲା ।... ତୁମେ ଅବଶ୍ୟ କହିପାର ସେଠାରେ ପାଣି ଥିଲା ବୋଲି ମୁଁ ଏପରି ଚିନ୍ତା କରିଥିଲି ।

*ପ୍ରଶ୍ନ : ଅନେକ ପଶୁ ଅଛନ୍ତି ଯେଉଁମାନଙ୍କର କି ବହୁତ ଉନ୍ନତ ଧରଣର ଇନ୍ଦ୍ରିୟ ରହିଛି । ନୁହେଁ କି ?*

ଓଃ ! ହଁ ଅନେକ ପଶୁ ଅଛନ୍ତି ଯେଉଁମାନେ କି ଆମ୍ଭମାନଙ୍କଠାରୁ ବହୁତ ଉନ୍ନତ ।

*ପ୍ରଶ୍ନ : ମୁଁ ଗୋଟିଏ ହାତୀକୁ ଜାଣିଥିଲି ଯେ କି ଆମେ ବାଘ ଶିକାର କରୁଥିବାବେଳେ ଆମ୍ଭମାନଙ୍କୁ ସିଧା ପାଣି ପାଖକୁ ନେଇଯାଇଥିଲା ।*

ପଶୁମାନଙ୍କର ମଣିଷଙ୍କ ଅପେକ୍ଷା ଅଧିକ ଉନ୍ନତ ଇନ୍ଦ୍ରିୟଜ୍ଞାନ ରହିଛି । ଉଦାହରଣସ୍ୱରୂପ ଗୋଟିଏ କୁକୁର ଯେପରି ପଦାଙ୍କ ଅନୁସରଣ କରେ, ମଣିଷ ସେପରି କରିପାରିବ କି ? ଏହା ମୁଁ ତୁମକୁ ଚ୍ୟାଲେଞ୍ଜ କରୁଛି ।

ଏହାର ଅର୍ଥ ହେଲା ବକ୍ରାକାର ବିବର୍ତ୍ତନ ଧାରାରେ ପଶୁମାନେ (ଯେଉଁମାନେକି ଆମ୍ଭମାନଙ୍କ ସଦୃଶ) ଏବଂ ଯାହାଙ୍କୁ କି ଆମ୍ଭେମାନେ ''ଉନ୍ନତତର'' ପଶୁ ବୋଲି କହିଥାଉ, ସେମାନେ ସେହି ଜାତିର ପଶୁମାନଙ୍କର ଜୀବନୀ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହୋଇଥା'ନ୍ତି, ଯାହାକି ଏକ ଉନ୍ନତ ସଚେତନ ଚେତନା । ମହୁମାଛି, ପିମ୍ପୁଡ଼ି ଏହି ପ୍ରକାର ଜୀବନଶକ୍ତିକୁ ମାନି ଚଳନ୍ତି ଯାହାରକି ଏକ ସ୍ୱତନ୍ତ୍ର ଗୁଣଧର୍ମ ରହିଛି । ଯାହାକୁ ପଶୁମାନଙ୍କର ପ୍ରବୃତ୍ତି ବୋଲି କୁହାଯାଏ । ତାହା ହେଉଛି ସେହି ଜାତିର ପ୍ରାଣୀମାନଙ୍କର ଜୀବନୀ ଶକ୍ତି ପ୍ରତି ଆଜ୍ଞାନୁବର୍ତ୍ତିତା, ଯାହାକି ଜାଣିଥାଏ କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ । ଏହିପରି ଅନେକ ଉଦାହରଣ ରହିଛି । ତୁମେ ଗାଈକୁ ଗୋଟିଏ ଘାସ ପଡ଼ିଆରେ ଛାଡ଼ିଦିଅ । ସେ ଚାରିଆଡ଼େ ବୁଲିବ, ଶୁଙ୍ଘିବ, ଏବଂ ହଠାତ୍ ପୁଳାଏ ଘାସ ଖାଇବାକୁ ଆରମ୍ଭ କରିବ । ତା'ପରେ ପୁଣି ସେ ବୁଲିବ, ଶୁଙ୍ଘିବ, ଏବଂ ଆଉ ପୁଳାଏ ଘାସ ଖାଇବ ଏବଂ ଏହିପରି ଚାଲିଥିବ । ଏପରି ଅବସ୍ଥାରେ କୌଣସି ଗାଈ ବିଷାକ୍ତ ଘାସ ଖାଇବାର କେହି କେବେ ଜାଣିଛ କି ? କିନ୍ତୁ ଗୋଟାଏ ଗୁହାଳରେ ଏ ବିଚରା ପଶୁକୁ ବନ୍ଦକରି ରଖ, ତା' ସାମନାରେ କିଛି ଘାସ ଥୋଇ ଦିଅ, ସେ ବିଚରା ପ୍ରାଣୀଟି ଯେକି ତା'ର ସ୍ୱାଭାବିକ ପ୍ରବୃତ୍ତି ହରାଇଥାଏ, କାରଣ ବର୍ତ୍ତମାନ ତା'କୁ ମଣିଷକୁ (କ୍ଷମା କରିବ) ମାନିବାକୁ ପଡୁଛି, ସେ ଅନ୍ୟାନ୍ୟ ଘାସ ସହିତ ବିଷାକ୍ତ ଘାସ ମଧ୍ୟ ଖାଏ । ଆମର ଏଠାରେ ତିନୋଟି ଏହିପରି ଘଟଣା ଘଟିଯାଇଛି, ଯେଉଁଥିରେକି ତିନୋଟି ଗାଈ ବିଷାକ୍ତ ଘାସ ଖାଇ ମରିଗଲେ । ଏହି ହତଭାଗ୍ୟ ପଶୁମାନେ ଅନ୍ୟ ପଶୁମାନଙ୍କ ଭଳି ମଣିଷର ପ୍ରାଧାନ୍ୟ ପ୍ରତି ଏକ ପ୍ରକାର ସମ୍ମାନ (ଯାହାକୁ କି ମୁଁ କହିପାରେ ନ୍ୟାୟସଙ୍ଗତ ନୁହେଁ) ଦେଖାଇ ଥାଆନ୍ତି – ଯଦି ଗାଈ ସାମନାରେ ମଣିଷ ବିଷାକ୍ତ ଘାସ ରଖି ତାକୁ ଖାଇବାକୁ କହେ ତେବେ ସେ ଖାଇଦିଏ । କିନ୍ତୁ ତାକୁ ଯଦି ଛାଡ଼ି ଦିଆଯାଏ ଅର୍ଥାତ୍ ତାକୁ ନିଜକୁ ଓ ତା'ର ଜାତିର ଜୀବନୀ ଶକ୍ତିକୁ ଯଦି ବାଧା ଦିଆ ନଯାଏ ତେବେ ତାହା ସେ କେବେହେଁ କରିବ ନାହିଁ । ସବୁ ପଶୁମାନେ ଯେଉଁମାନେ କି ମଣିଷର ଅତି ନିକଟବର୍ତ୍ତୀ ସେମାନେ ତାଙ୍କର ନିଜସ୍ୱ ପ୍ରବୃତ୍ତି ହରାଇ ଥାଆନ୍ତି, କାରଣ ମଣିଷ ସେମାନଙ୍କୁ ବିନା ପରିଶ୍ରମରେ ଖାଇବାକୁ ଖାଦ୍ୟ ଓ ରହିବାକୁ ବାସସ୍ଥାନ ଦେଉଥିବାରୁ ମଣିଷ ପ୍ରତି ସେମାନଙ୍କର ଏକ ଭକ୍ତିପୂର୍ଣ୍ଣ ଶ୍ରଦ୍ଧା ଥାଏ – ଏବଂ କିଛିଟା ଭୟ ମଧ୍ୟ ଥାଏ । କାରଣ ସେମାନେ ଜାଣନ୍ତି ସେମାନଙ୍କୁ ମଣିଷ ଯାହା କରିବାକୁ କହେ, ଯଦି ସେମାନେ ନ କରିବେ ତେବେ ସେମାନେ ମାଡ଼ ଖାଇବେ !

ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ସେମାନେ ସେମାନଙ୍କର ନିଜସ୍ୱ ଶକ୍ତି ହରାଇ ବସନ୍ତି । ଉଦାହରଣସ୍ୱରୂପ ମେଣ୍ଢା ଜଗୁଥିବା କୁକୁର ଯେକି ମଣିଷଠାରୁ ଦୂରରେ ମେଣ୍ଢାପଲ ସହିତ ରହିଥାଏ (ସେ ମଝିରେ ମଝିରେ ଘରକୁ ଆସେ ଏବଂ ତା'ର ମୁନିବକୁ ଭଲଭାବରେ ଜାଣିଥିଲେ ମଧ୍ୟ ତାକୁ ଅଧିକାଂଶ ସମୟ ଦେଖେ ନାହିଁ) ଯଦି ସେହି କୁକୁରକୁ ସାପ କାମୁଡ଼େ ତାହା ହେଲେ ସେ ଗୋଟାଏ କୋଣରେ ପଡ଼ି କ୍ଷତ ଜାଗାକୁ ଚାଟିଥାଏ ଏବଂ ସେ ଭଲହେବା ପର୍ଯ୍ୟନ୍ତ ଆଉ ଯାହା କିଛି ଦରକାର ତାହା

କରିଥାଏ । ସେହି କୁକୁର ଯଦି ତୁମ ପାଖରେ ରହିଥାଏ, ତା'କୁ ସାପ କାମୁଡ଼ିଲେ ସେ ନୀରବରେ ମରିଥାଏ ।

ମୋର ଗୋଟିଏ ଖୁବ୍ ସୁନ୍ଦର ବିଲେଇ ଥିଲା, ପୂରାପୂରି ଭଦ୍ର, ଗୋଟିଏ ଚମତ୍କାର ବିଲେଇ । ସେ ଏହି ଘର ଭିତରେ ଜନ୍ମ ହୋଇଥିଲା ଏବଂ ବିଲେଇମାନଙ୍କର ଯେଉଁ ପ୍ରକାର ଅଭ୍ୟାସ ଥାଏ, ତା'ର ମଧ୍ୟ ତାହା ଥିଲା, ଅର୍ଥାତ୍ ଯଦି କିଛି ସେଠାରେ ଚାଲୁଥାଏ ସେ ତାହା ସାଙ୍ଗରେ ଖେଳୁଥିଲା । ଏହିପରି ଥରେ ଘର ଭିତରେ ଗୋଟିଏ ବଡ଼ କଙ୍କଡ଼ାବିଛା ଚାଲୁଥିଲା; ଅଭ୍ୟାସବଶତଃ  ବିଲେଇଟି କଙ୍କଡ଼ାବିଛା ସହିତ ଖେଳିବାକୁ ଲାଗିଲା । ଏବଂ କଙ୍କଡ଼ାବିଛା ତାକୁ ଦଂଶନ କଲା । କିନ୍ତୁ ସେ ବିଲେଇଟି ଅତି ଅସାଧାରଣ ଥିଲା । ସେ ମୋ ପାଖକୁ ଏକରକମ ମୁମୂର୍ଷୁ ଅବସ୍ଥାରେ ଆସିଲା । କିନ୍ତୁ ତା'ର ପଞ୍ଝାଟିକୁ, ଯେଉଁଠାରେ କି ସେ କାମୁଡ଼ା ଖାଇଥିଲା, ତାହା ମୋତେ ଦେଖାଇଥିଲା – ସେ ଜାଗାଟି ବେଶ୍ ଫୁଲିଯାଇଥିଲା । ମୁଁ ସେହି ସୁନ୍ଦର ବିଲେଇଟିକୁ ଗୋଟିଏ ଟେବୁଲ ଉପରେ ରଖି ଶ୍ରୀଅରବିନ୍ଦଙ୍କୁ ଡାକିଲି । ତାଙ୍କୁ ମୁଁ କହିଲି, ''କିକିକୁ କଙ୍କଡ଼ାବିଛା କାମୁଡ଼ିଛି । ତାକୁ ଭଲ କରିବାକୁ ହେବ'' । ବିଲେଇଟି ତା'ର ବେକ ଦେଖାଇ ଦେଲା ଏବଂ ଶ୍ରୀଅରବିନ୍ଦଙ୍କ ଆଡ଼କୁ ଚାହିଁ ରହିଲା । ତା'ର ଆଖି ଛଳଛଳ ଦେଖାଯାଉଥିଲା । ଶ୍ରୀଅରବିନ୍ଦ ତା' ସାମନାରେ ବସିଥିଲେ ଏବଂ ତାକୁ ମଧ୍ୟ ଚାହିଁଥିଲେ । ତା'ପରେ ଆମେ ଦେଖିବାକୁ ପାଇଲୁ ସେ ଛୋଟ ବିଲେଇଟି କ୍ରମଶଃ ଭଲ ହେବାକୁ ଲାଗିଲା । ଘଣ୍ଟାଏ ସେଠି ଶୋଇ ରହିବା ପରେ ସେ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ଡେଇଁକରି ସେଠାରୁ ଦଉଡ଼ି ପଳାଇଲା ।... ସେ ସମୟରେ ଶ୍ରୀଅରବିନ୍ଦ ଯେଉଁ ରୁମ୍‌ରେ ଶୋଉଥିଲେ, ସେଠାରେ ନିୟମିତ ଧ୍ୟାନ କରିବାର ଅଭ୍ୟାସ ମୋର ଥିଲା । (ଯେଉଁ  ରୁମ୍ କି ବର୍ତ୍ତମାନ 'କ' ବ୍ୟବହାର କରୁଛନ୍ତି) ଏବଂ ପ୍ରତିଦିନ ନିୟମିତରୂପେ ସେହି ଏକପ୍ରକାର ଲୋକମାନେ ଧ୍ୟାନ ପାଇଁ ଆସୁଥିଲେ । ସବୁକିଛି ବ୍ୟବସ୍ଥା କରାଯାଉଥିଲା; କିନ୍ତୁ ସେଠାରେ ଗୋଟିଏ ଆର୍ମଚେୟାର ଥିଲା, ଯାହା ଉପରେ କି ଏହି ବିଲେଇଟି ସର୍ବଦା ବସି ରହୁଥିଲା ! ଆଉ କେହି ସେଥିରେ ବସିବା ପାଇଁ ସେ ଅପେକ୍ଷା କରୁ ନ ଥିଲା । ସେ ନିଜେ ପ୍ରଥମେ ସେଠାରେ ବସିପଡୁଥିଲା । ଶୋଇଲାବେଳେ ବିଲେଇମାନେ ଯେପରି ରହନ୍ତି ସେ ତାହା କରୁ ନ ଥିଲା : ସେ ଧ୍ୟାନସ୍ଥ ହୋଇ ରହୁଥିଲା, ସେ ତା'ପରେ ଉଠି ପଡୁଥିଲା । ନିଶ୍ଚିତରୂପେ ସେ କିଛି ଦିବ୍ୟସ୍ୱପ୍ନ ଦେଖୁଥିଲା । ଏବଂ ସେ ମଧ୍ୟ ଅଳ୍ପ ଅଳ୍ପ ଶବ୍ଦ କରୁଥିଲା । ସେ ଗଭୀର ଧ୍ୟାନସ୍ଥ ରହୁଥିଲା । ସେ ଘଣ୍ଟା ଘଣ୍ଟା ଧରି ଏହିପରି ଅବସ୍ଥାରେ ରହୁଥିଲା । ଯେତେବେଳେ ଏହି ଅବସ୍ଥାରୁ ସେ ସାଧାରଣ ଅବସ୍ଥାକୁ ଫେରି ଆସୁଥିଲା ସେତେବେଳେ ସେ ଖାଇବାକୁ ଇଚ୍ଛା କରୁ ନ ଥିଲା । ତାକୁ ଉଠେଇ ଦିଆହେଉଥିଲା ଏବଂ ଖାଇବାକୁ ଦିଆଯାଉଥିଲା । କିନ୍ତୁ ସେ ଖାଉ ନ ଥିଲା ! ସେ ତା'ର ଚୌକି ଉପରକୁ ଚାଲି ଯାଉଥିଲା । ଏବଂ ପୁଣି ଥରେ ଧ୍ୟାନସ୍ଥ ହେଉଥିଲା ! ଗୋଟିଏ ଛୋଟ ବିଲେଇ ପକ୍ଷରେ ଏହା ବହୁତ ବିପଜ୍ଜନକ ମନେ ହେଉଥିଲା । ... କିନ୍ତୁ ସେ ଗୋଟିଏ ସାଧାରଣ ବିଲେଇ ନ ଥିଲା ।

ମୋ କଥା ଶେଷ କରିବାକୁ ଯିବା ପୂର୍ବରୁ ମୁଁ କହୁଛି ଯେ ଯଦି ଗୋଟିଏ ପଶୁକୁ ମଣିଷଠାରୁ ଦୂରରେ ରଖି ତା'ର ସାଧାରଣ ଅବସ୍ଥାରେ ଛାଡ଼ିଦିଅ ସେ ତା'ର ଜାତିର ପ୍ରଧାନ ଗୁଣକୁ ମାନି ଚଳିଥାଏ । ତାହାର ଏକ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ଥାଏ ଏବଂ ସେ କୌଣସି ବୋକାମି କରେ ନାହିଁ । କିନ୍ତୁ ତୁମେ ତାକୁ ଯଦି ନେଇଯାଅ ଏବଂ ତୁମ ପାଖରେ ରଖ, ତା'ହେଲେ ସେ ତା'ର ପ୍ରବୃତ୍ତିକୁ ହରାଇ ବସେ, ଏବଂ ସେତେବେଳେ ତୁମକୁହିଁ ତା'ର ଯତ୍ନ ନେବାକୁ ପଡ଼େ । କାରଣ ସେ ତା'ପରେ ଜାଣିପାରେ ନାହିଁ ତାକୁ କ'ଣ କରିବାକୁ  ହେବ ବା ହେବ ନାହିଁ । ମୁଁ ଗୋଟିଏ ପରୀକ୍ଷା କରିବା ପାଇଁ  ବିଲେଇଙ୍କ ବିଷୟରେ ଆଗ୍ରହୀ ଥିଲି । ଏହାକୁ ଏକ ପ୍ରକାର ବିପରୀତ ରୂପ-ଗୁଣ ପରିବର୍ତ୍ତନ କୁହାଯାଇପାରେ ଅର୍ଥାତ୍ ମୃତ୍ୟୁ ପରେ ଆତ୍ମାର ଅନ୍ୟ ଏକ ଶରୀରକୁ ଗମନ ବିଷୟରେ ପରୀକ୍ଷା କରି ଦେଖିବା ପାଇଁ ଯେ ଏହା ତାଙ୍କର ପଶୁ ହିସାବରେ ଶେଷ ଜନ୍ମ କି ନୁହେଁ ଏବଂ ସେମାନେ ପରବର୍ତ୍ତୀ ଜୀବନରେ ମାନବ-ଶରୀରରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି କି ନାହିଁ । ଏହି ପରୀକ୍ଷା ସମ୍ପୂର୍ଣ୍ଣରୂପେ ସଫଳ ହୋଇଥିଲା । ମୋ ପାଖରେ ତିନୋଟି ସଂପୂର୍ଣ୍ଣ ଜ୍ୱଳନ୍ତ ଉଦାହରଣ ରହିଥିଲା; ମାନବ ଶରୀରରେ ପ୍ରବେଶ କରିବା ପାଇଁ ଯଥେଷ୍ଟ ସଚେତନ ଥିବା ଚୈତ୍ୟସତ୍ତା ସହିତ ସେମାନେ ତାଙ୍କର ଶରୀରତ୍ୟାଗ କରିଥିଲେ । କିନ୍ତୁ ସାଧାରଣତଃ ମଣିଷମାନେ ଏପରି କରନ୍ତି ନାହିଁ; ସେମାନେ ଯାହା କରିଥା'ନ୍ତି ତଦ୍ୱାରା ସେମାନେ ପଶୁମାନଙ୍କର ଚେତନା କିଂବା କହିବାକୁ ଗଲେ ପ୍ରବୃତ୍ତିକୁ ନଷ୍ଟ କରିଦିଅନ୍ତି ।

(M.C.W.. Vol. 4, pp.234 - 239)        ୨୨ ମାର୍ଚ୍ଚ, ୧୯୫୧

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ

ଶେଷ ପୃଷ୍ଠା :

# କାମଟିରେ ପୂରା ମନଦେବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସେ ପରିବାରରେ ଜ୍ୟେଷ୍ଠ ହୁଅନ୍ତୁ ବା ଶିକ୍ଷକ, ଆଦର୍ଶବାଦୀ ନେତା ବା ସିଦ୍ଧ ମହାପୁରୁଷ ହୁଅନ୍ତୁ, ସମସ୍ତଙ୍କଠାରୁ ଗୋଟିଏ ଉପଦେଶ ବରାବର ଶୁଣିବାକୁ ମିଳିଥାଏ ଯେ ଯେଉଁ କାମଟି କରନା କାହିଁକି, ତାହାକୁ ପୂରା ମନ ଦେଇ କର । ଏହା ଶୁଣିବାରେ ଆମେ ଏତେ ଅଭ୍ୟସ୍ତ ହୋଇଗଲୁଣି ଯେ ଏହି କଥାଗୁଡ଼ିକ ଭିତରେ କେତେ ଗଭୀରତା, କେତେ ନିଗୂଢ଼ ତାତ୍ପର୍ଯ୍ୟ, ଏପରିକି କେତେ ନୂତନତ୍ୱ ରହିଛି, ତାହା ଠିକ୍ ରୂପେ ଆମେ ହୃଦୟଙ୍ଗମ କରିପାରୁନା । କେବଳ ନିଷ୍ଠାର ସହ ଏହାର ଆଚରଣହିଁ ଆମକୁ ପ୍ରତ୍ୟକ୍ଷ ଦେଖାଇଦେବ ପୂରା ମନଦେଇ କାମ କରିବାର ଏହି ପୁରୁଣା ଉପଦେଶ, ଆମ ଆଗରେ ନୂଆ ଜ୍ଞାନ ଓ ସମ୍ଭାବନାର କେତେ ନୂଆ ଦ୍ୱାର ଖୋଲି ଦେଉଛି ।

ଯଦି କେହି କୁହେ ଯେ ଯତ୍ନ ଓ ଆନ୍ତରିକତାର ସହ ପୂରା ମନ ଦେଇ କାମଟିଏ କରିଲେ, ତାହା ଫଳରେ ଯେଉଁ ସଚେତନତାର ବିକାଶ ହେବ ତାହା ସାଧାରଣ କର୍ମକୁ ଧୀରେ ଧୀରେ କର୍ମଯୋଗର ପର୍ଯ୍ୟାୟକୁ ଉଠାଇ ନେବ, ତେବେ ତହିଁରେ ଅତ୍ୟୁକ୍ତି କିଛି ନାହିଁ । କାରଣ କର୍ମଯୋଗର ପ୍ରଧାନ କଥା ହେଲା କାମନା ଓ କର୍ମଫଳ ତ୍ୟାଗ । ଯଦିଓ କାମନାରୁହିଁ ସାଧାରଣ କର୍ମଟିଏ ଆରମ୍ଭ ହୋଇଥାଏ ଓ ତହିଁରେ ଫଳ ପ୍ରାପ୍ତିର ଆଶା ଥାଏ, କିନ୍ତୁ ଯେତେବେଳେ ଜଣେ ପୂରା ମନ ଦେଇ କାମଟି କରେ, ଯେତେବେଳେ ସେ ତହିଁରେ ପୂରାପୂରି ନିମଗ୍ନ ହୋଇଯାଏ, ତହିଁରେ ସମ୍ପୂର୍ଣ୍ଣ ଏକନିଷ୍ଠ ଓ ଏକାଗ୍ର ହୋଇଯାଏ, ସେତେବେଳେ ସେ କର୍ମ ପଛରେ କ'ଣ କାମନା ରହିଛି ବା ଭବିଷ୍ୟତରେ ତହିଁରୁ କ'ଣ ଫଳ ମିଳିବ, ତାହା ଭାବିବା ପାଇଁ ତା'ର ଅବକାଶ ନଥାଏ, ଏପରିକି ମନ ଦେଇ କାମ କରୁଥିବା ସମୟରେ ସେ ସେଗୁଡ଼ିକୁ ଭୁଲି ମଧ୍ୟ ଯାଏ । ଚେତନାର ଏହି ଅବସ୍ଥାହିଁ ତାକୁ ଯେ ଧୀରେ ଧୀରେ ଯଥାର୍ଥ କର୍ମଯୋଗ ଦିଗରେ ଅନ୍ତତଃ ସେଥିପାଇଁ ପ୍ରସ୍ତୁତି ଦିଗରେ ଆଗେଇ ନିଏ, ଏହା ସବୁମନ୍ତେ ସମ୍ଭବ । ସର୍ବୋପରି ଭଗବତ୍ କୃପା ଯାହା ଜୀବମାନଙ୍କୁ ଭଗବାନଙ୍କ ଆଡ଼କୁ ଆକର୍ଷଣ କରିବା ପାଇଁ ନିତ୍ୟ କ୍ରିୟାଶୀଳ, ତାହା କୌଣସି ଆଧାରର ଯୋଗ୍ୟତା, ବିକାଶ ଓ ସମ୍ଭାବନା ପ୍ରତି କେବେହେଲେ ଉଦାସୀନ ରହି ନପାରେ ।

ବୌଦ୍ଧ ଶାସ୍ତ୍ର ମହାଗୋପାଳ ସୂତ୍ରରୁ ଗୃହୀତ ଗୌତମ ବୁଦ୍ଧଙ୍କ ଜୀବନରୁ ଗୋଟିଏ ଘଟଣାର ବର୍ଣ୍ଣନା ଏବେ ପଢୁଥିଲି, ବୁଦ୍ଧ ଯେକି ମନ ସମେତ ସମସ୍ତ ଚେତନାକୁ ମହାଶୂନ୍ୟରେ ବିଲୀନ କରିଦେଇ ଜୀବନ ଓ ସଂସାରର ନିର୍ବାଣ ଖୋଜୁଥିଲେ, ସେ ପୁଣି ପୂରା ମନଦେଇ କାମ କରିବା ଉପରେ କେତେ ଗୁରୁତ୍ୱ ଦେଇଛନ୍ତି । ବୁଦ୍ଧ ଯେତେବେଳେ ନିରଞ୍ଜନା ନଦୀ ତଟରେ ଗଭୀର ତପସ୍ୟାରେ ରତ ଥିଲେ, ସେତେବେଳେ ସ୍ୱସ୍ତି ନାମରେ ଜଣେ ଛୋଟ ବାଳକ ମଇଁଷି ଚରାଉ ଚରାଉ ପିପ୍ପଳ ବୃକ୍ଷ ତଳେ ଧ୍ୟାନମଗ୍ନ ବୁଦ୍ଧଙ୍କୁ ଦେଖି ମୁଗ୍ଧ ଓ ବିସ୍ମୟ, ବିମୂଢ଼ ହୋଇ ଯାଇଥିଲା । ତାଙ୍କୁ ଦର୍ଶନ କରିବା ମାତ୍ରକେ ସେ ଏପରି ସତେଜ ଓ ପ୍ରଫୁଲ୍ଲ ଅନୁଭବ କରିଥିଲା ଯେ ବୁଦ୍ଧଙ୍କ ଧ୍ୟାନ ଭଙ୍ଗ ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲା ଓ ତାହା ପ୍ରତି ତାଙ୍କର ମିଷ୍ଟ ଭାଷଣ ଓ ବନ୍ଧୁତ୍ୱପୂର୍ଣ୍ଣ ଆଚରଣରେ ବିହ୍ୱଳ ହୋଇଯାଇ ତାଙ୍କର ସେବା ରୂପେ କୁଶ ଘାସ କାଟି ତାଙ୍କ ପାଇଁ କୁଶାସନ ତିଆରି କରି ଦେଉଥିଲା । ପରେ ନିଜ ପ୍ରତିଶ୍ରୁତି ଅନୁସାରେ ବୁଦ୍ଧ ତାକୁ ନିଜ ସଂଘରେ ଗ୍ରହଣ କରିଥିଲେ ଓ ପୁତ୍ର ରାହୁଳ ସଙ୍ଗେ ଏକତ୍ର ରହିବାର ବ୍ୟବସ୍ଥା କରିଥିଲେ ।

ଥରେ ସମବେତ ଭିକ୍ଷୁ ମଣ୍ଡଳୀକୁ ସାଧନା ସମ୍ପର୍କରେ ପ୍ରବଚନ ଦେବା ବେଳେ ସେ ଏହି ମଇଁଷି ଚରାଉଥିବା ବାଳକଟିର ଦୃଷ୍ଟାନ୍ତ ରଖି କହିଲେ, ''ଆଜି ମୁଁ ତୁମମାନଙ୍କୁ ମଇଁଷିମାନଙ୍କ ପାଳନ ଓ ରକ୍ଷଣାବେକ୍ଷଣ ସମ୍ପର୍କରେ କିଛି କହିବି । ମଇଁଷି ଚରାଉଥିବା ଜଣେ ଉତ୍ତମ ବାଳକ ଜାଣେ ତା'ର କାମ କ'ଣ ଓ ପୂରା ମନ ଦେଇ ସେ ତାହା ସମ୍ପନ୍ନ ମଧ୍ୟ କରେ । ସେ ତା'ର ମଇଁଷିମାନଙ୍କୁ ପ୍ରତ୍ୟେକଟିକୁ ଚିହ୍ନେ ଓ ପ୍ରତ୍ୟେକଟିର ସ୍ୱଭାବ ପ୍ରକୃତି ଜାଣେ । ଘାସପୂର୍ଣ୍ଣ ନିରାପଦ ସ୍ଥାନରେ ସେମାନଙ୍କୁ ଚରାଏ, ଯତ୍ନର ସହ ସେମାନଙ୍କୁ ଘଷି ମାଜି ପରିଷ୍କାର କରେ, ସେମାନଙ୍କ ଶରୀରରେ କ୍ଷତ ହେଲେ ତାହା ଶୁଖିବାର ଯତ୍ନ ନିଏ, ଧୂଆଁ ଦେଇ ମଶାମାନଙ୍କୁ ଘଉଡ଼ାଇ ଦିଏ । ମଇଁଷିମାନଙ୍କୁ ସେ ଭଲପାଏ, ନିରାପଦରେ ନଦୀ ପାର କରାଇବା ପାଇଁ ନଦୀର ଅଗଭୀର ସ୍ଥାନ ଖୋଜି ବାହାର କରେ । ସେମାନଙ୍କ ଖାଇବା ପାଇଁ ତାଜା ଘାସ କାଟି ସାଇତି ରଖେ ଓ

ପିଇବା ପାଇଁ ପାଣି ସଂଗ୍ରହ କରେ । ବୟୋଜ୍ୟେଷ୍ଠ ମଇଁଷିମାନଙ୍କୁ ଏପରି ତାଲିମ ଦିଏ ଯେପରିକି ସେମାନେ ତରୁଣ ମଇଁଷିମାନଙ୍କର ଆଦର୍ଶ ହୋଇପାରିବେ ।''

ତା'ପରେ ଭିକ୍ଷୁମାନଙ୍କୁ ଉଦ୍‌ବୋଧନ ଦେଇ ବୁଦ୍ଧ କହିଲେ ମଇଁଷିଆଳ ବାଳକଟି ପରି ଜଣେ ଭିକ୍ଷୁ ତା'ର ଶରୀରର ପ୍ରତ୍ୟେକଟି ଉପାଦାନକୁ ଚିହ୍ନିବା ଆବଶ୍ୟକ । ଉକ୍ତ ବାଳକ ଯେପରି ପ୍ରତ୍ୟେକଟି ମଇଁଷିର ସ୍ୱଭାବ ପ୍ରକୃତି ଜାଣେ, ସେହିପରି ଜଣେ ଭିକ୍ଷୁ ଜାଣିବା ଉଚିତ ତା'ର ଶରୀର, ବାକ୍ୟ ଓ ମନର କେଉଁ ଆଚରଣଗୁଡ଼ିକ ଠିକ୍ ଓ ସମୀଚୀନ ଓ କେଉଁଗୁଡ଼ିକ ଭୁଲ୍ ଓ ଅସମୀଚୀନ । ମଇଁଷିଆଳ ବାଳକ ତା'ର ମଇଁଷିମାନଙ୍କୁ ଯତ୍ନର ସହ ଘଷି ଧୋଇ ପରିଷ୍କାର କରିବା ପରି ଜଣେ ଭିକ୍ଷୁ ତା'ର ମନର କାମନାବାସନା, ଆସକ୍ତି, କ୍ରୋଧ ଓ ବିଦ୍ୱେଷ ଆଦିକୁ ଦୂର କରି ନିଜର ଚେତନାକୁ ନିର୍ମଳ ଓ ପରିଷ୍କାର ରଖିବା ଉଚିତ ।

ମଇଁଷିମାନଙ୍କ ଚାଲିବା ପାଇଁ ନିରାପଦ ପଥ ହେଉଛି ଯାହା କଣ୍ଟକାକୀର୍ଣ୍ଣ ହୋଇ ନଥିବ । କଣ୍ଟକ ଦ୍ୱାରା କ୍ଷତ ବିକ୍ଷତ ହେଲେ ଗୋଟିଏ ମଇଁଷି ରୋଗ ଯନ୍ତ୍ରଣା ଭୋଗି ମୃତ୍ୟୁ ମୁଖରେ ପଡ଼ିପାରେ । ସେହିପରି ଜଣେ ଭିକ୍ଷୁ କାମ, କ୍ରୋଧ, ଲୋଭ ଓ ମୋହ ରୂପକ କଣ୍ଟକ ଦ୍ୱାରା କ୍ଷତ ବିକ୍ଷତ ହୋଇ ଶେଷରେ ନିର୍ବାଣ ଲାଭରୁ ବଞ୍ଚିତ ହୋଇପାରେ । ମଇଁଷିଆଳ ତା'ର ମଇଁଷିମାନଙ୍କ ଯତ୍ନ ନେବା ପରି ଭିକ୍ଷୁ ତା'ର ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ଶରୀର ଓ ମନ ଆଦି ଇନ୍ଦ୍ରିୟର ଏପରି ଯତ୍ନ ନେବା ଉଚିତ ଯେପରିକି ସେଗୁଡ଼ିକ ଆଉ କାମନା ଓ ମୋହ ଦ୍ୱାରା କ୍ଷତ ବିକ୍ଷତ ଓ ବିପଥଗାମୀ ନ ହୁଅନ୍ତି । ନିରାପଦ ପଥ ଖୋଜି ଭିକ୍ଷୁମାନେ ସେହିସବୁ ପଥ ଏଡ଼ାଇ ଚାଲନ୍ତି ଯାହା ଯଶଖ୍ୟାତି, ଧନ ସମ୍ପଦ ପାଇଁ କାମନାର ଉଦ୍ରେକ କରେ । ମଇଁଷିଆଳ ଯେପରି ଧୂଆଁ ଦେଇ ମଶାମାନଙ୍କୁ ଘଉଡ଼ାଇ ଦିଏ ସେହିପରି ଭିକ୍ଷୁମାନେ ଚେତନାରେ ସର୍ବଦା ସଜାଗ ଓ ସତର୍କ ରହି ବିରୋଧିଶକ୍ତି ଓ ରିପୁମାନଙ୍କ ଆକ୍ରମଣକୁ ଘଉଡ଼ାଇ ଦେବା ଆବଶ୍ୟକ । ମଇଁଷିଆଳ ଯେପରି ନଦୀପାର ହେବାକୁ ତା'ର ମଇଁଷିମାନଙ୍କ ପାଇଁ ନଦୀର ଅଗଭୀର ସ୍ଥାନର ସନ୍ଧାନ କରେ, ସେହିପରି ଭିକ୍ଷୁମାନେ ବୌଦ୍ଧ ଧର୍ମର ଚାରିଟି ମହାନ୍ ସତ୍ୟକୁ ଆଶ୍ରୟ କରି ଜୀବନର ଖର ସ୍ରୋତକୁ ଅତିକ୍ରମ କରିବା ଉଚିତ । ସର୍ବୋପରି ମଇଁଷିଆଳ ତା'ର ମଇଁଷିମାନଙ୍କୁ ଭଲପାଏ, ସେହିପରି ଭିକ୍ଷୁମାନେ ସେମାନଙ୍କ ଧ୍ୟାନର ଶାନ୍ତି ଓ ଆନନ୍ଦକୁ ଭଲ ପାଇବା ଉଚିତ ।

ତା'ପରେ ବୁଦ୍ଧ ଦଶ ବର୍ଷ ତଳେ ସେତେବେଳର ଏଗାର ବର୍ଷ ବୟସ୍କ ଏହି ମଇଁଷିଆଳ ବାଳକଟିକୁ ଭେଟିଥିବା ଓ ତା'ଠାରୁ ମଇଁଷିମାନଙ୍କ ପାଳନ ଓ ରକ୍ଷଣାବେକ୍ଷଣର ଏହି କଥାଗୁଡ଼ିକ ଶିଖିବା କଥା କହିଥିଲେ । ସେଠାରେ ଉପସ୍ଥିତ ଥିବା ସ୍ୱସ୍ତି ଏହା ଶୁଣି ଆନନ୍ଦରେ ବିଭୋର ହୋଇ ଯାଇଥିଲେ । ଶେଷରେ ବୁଦ୍ଧ କହିଥିଲେ ସ୍ୱସ୍ତି ଜଣେ ଉତ୍ତମ ମଇଁଷିଆଳ ବାଳକ ଥିଲା ଓ ଭବିଷ୍ୟତରେ ଜଣେ ଉତ୍ତମ ଭିକ୍ଷୁ ହେବ ।

ଏହି କାହାଣୀଟି ସୂଚିତ କରେ ଯେ ନାବାଳକ ସ୍ୱସ୍ତି ନିଜର କାମଟିକୁ ପୂରା ମନ ଦେଇ କରୁଥିବା ଯୋଗୁଁ ବୁଦ୍ଧଙ୍କର କୃପା ଦୃଷ୍ଟି ଆକର୍ଷଣ କରିଥିଲା ଓ ନିଜକୁ ଦିବ୍ୟଚେତନା ପ୍ରତି ଖୋଲି ଦେବା ପାଇଁ ସମର୍ଥ ହୋଇ ଥିଲା । ଆମେ ନିଜକୁ ପଚାରିବା ଉଚିତ ଆମକୁ ଦିଆଯାଇଥିବା କାମଗୁଡ଼ିକୁ ଆମେ କେତେ ପୂରା ମନ ଦେଇ କରୁଛୁ । ଏହି 'ପୂରା ମନ ଦେବା'ହିଁ ପ୍ରଧାନ କଥା । କାମଟିଏ କରୁଥିବୁ ଅଥଚ ଆମର ମନ ଏଣେତେଣେ ଘୂରି ବୁଲୁଥିବ, ଏପରିକି ନିଜକୁ ପ୍ରବୋଧ ଦେଉଥିବୁ ଆମେ ତ ନିଜକୁ ସମର୍ପଣ କରି ଦେଇଛୁ, ତେଣିକି କାମଟି ଅଧାପନ୍ତରିଆ ହେଲେ ଆମର ଚାରା କ'ଣ ? ପ୍ରକୃତରେ ସମ୍ପୂର୍ଣ୍ଣ ମନ ଧ୍ୟାନ ଦେଇ ଆମେ ଯଦି ନିଜକୁ ସମର୍ପଣ କରିଦେଉ ତେବେ ସବୁକିଛି କାମ ଆହୁରି ପୂର୍ଣ୍ଣ, ଆହୁରି ନିର୍ଭୁଲ ଓ ତ୍ରୁଟିହୀନ ହେବାକୁ ବାଧ୍ୟ । କାରଣ ସେତେବେଳେ ଆମ ଭିତର ଦେଇ ମା'ଙ୍କ ଶକ୍ତିହିଁ କାମଟି କରିଯାଏ । ଆମେ ହୋଇଉଠୁ ନିମିତ୍ତ ଓ ଯନ୍ତ୍ରମାତ୍ର । କିନ୍ତୁ ସେଥିପାଇଁ ଆବଶ୍ୟକ ହେଲା ପୂରା ମନ ଦେଇ, ସମଗ୍ର ସତ୍ତା ଦେଇ, ନିଜକୁ ପୂରା ଭୁଲିଯାଇ ମା'ଙ୍କ କାମ ରୂପେ କାମଟି କରିବା । ❖

In the Ashram, negligence in work is treachery.

(MCW. Vol. 13, p. 163) – The Mother

ଆଶ୍ରମରେ କର୍ମର ଅବହେଳାକୁ ବିଶ୍ୱାସଘାତକତା କୁହାଯିବ ।

୧୫ ମାର୍ଚ୍ଚ, ୧୯୬୯ – ଶ୍ରୀମା

# ଶ୍ରୀତନୁ-ସ୍ମାରକ (Relics) ସମ୍ପର୍କରେ
# ଜରୁରୀ ଜ୍ଞାତବ୍ୟ ବିଷୟ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଭାଷା ଦ୍ୱାରା ପ୍ରକାଶ ସମ୍ଭବପର ନୁହେଁ । ଏହା ସୁଗଭୀର ବିଶ୍ୱାସ, ଭକ୍ତି ତଥା ସାଧନା ଯୋଗେ ଉପଲବ୍ଧି-ସାପେକ୍ଷ ।

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ । ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ସେ ପ୍ରୟୋଜନବୋଧ କଲେ ତାହାକୁ ଆଶ୍ରମ ଟ୍ରଷ୍ଟକୁ ସମର୍ପଣ କରିପାରନ୍ତି ।

ଏହି ମହତ୍ତମ ଐଶ୍ୱର୍ଯ୍ୟର ଏବଂ ଏହାର ସଂସ୍ଥାପନ (Enshrinement) ଭଳି ଅନୁଷ୍ଠାନର ଗୁରୁତ୍ୱ ଏବଂ ଗାମ୍ଭୀର୍ଯ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ଆନୁଗତ୍ୟ-ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିବେ ବୋଲି ଆମେ ଆଶା କରିବା ସ୍ୱାଭାବିକ ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

Vol. LX, No. 1, NAVAJYOTI – 21 February 2017, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା

# ମାତୃରଚନାବଳି

**(୧୭ଶ ଖଣ୍ଡ)**




ବହୁପ୍ରତୀକ୍ଷିତ ମାତୃରଚନାବଳି (ମା'ଙ୍କର ଆଉ କେତୋଟି ଉତ୍ତର) ଶ୍ରୀମାଙ୍କର ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳାର ଇଂରାଜୀ ୧୭ଶ ଖଣ୍ଡ (More Answers from the Mother) ପ୍ରକାଶ ପାଇଲା । ଆଶାକରୁ ଏହାକୁ ପାଠକରି ସମସ୍ତ ମାତୃପ୍ରେମୀ ଉପକୃତ ହେବେ ।

୪୯୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ (ହାଡ୍‌ବୋଡ୍‌ ବନ୍ଧେଇ ସହ) : (ଟ. ୨୬୫/-) ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**

୬୦ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୭ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨